# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୬/୨୦୨୨ (୧୮ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 16/2022 Page 18 ₹ 7.00 | ★★★★★★

୪୮ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-





**ଟ୍ରେନ୍ ବାତିଲ ଯୋଗୁ ଛାତ୍ରଙ୍କ ପାଇଁ ଟ୍ୟାକ୍ସି ବୁକ୍ କଲା ରେଲୱେ**

ଗୁଜରାଟର ଜଣେ ଛାତ୍ର ଟିକେଟ୍ ବୁକ୍ କରିଥିବା ଏକ ଟ୍ରେନ୍ ବାତିଲ ହେବା ଯୋଗୁ ଭାରତୀୟ ରେଳପଥ ତାଙ୍କ ପାଇଁ ଟ୍ୟାକ୍ସି ଯୋଗାଡ଼ କରିଛି। ଆଇଆଇଟି ମାଡ୍ରାସ୍ ଛାତ୍ର ସତ୍ୟମ ଗାଢ଼ଭି କଲେଜ ଯିବା ପାଇଁ ଏକତାନଗରରୁ ଭଦୋଦରା ଯିବାକୁ ଥିବା ଏକ ଟ୍ରେନ୍‌ରେ ଟିକେଟ କରିଥିଲେ। ତେବେ ବର୍ଷା ଯୋଗୁ ଟ୍ରେନ୍ ବାତିଲ ହୋଇଯାଇଥିଲା। ରେଲ୍‌ୱେ ନିଜ ଆଡ଼ୁ ସତ୍ୟମଙ୍କ ପାଇଁ ଏକ କ୍ୟାବ କରି ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥିଲା। ସେଠାରୁ ସେ ଚେନ୍ନାଇ ଯାଇଥିଲେ। ସତ୍ୟମ ଏକ ଭିଡିଓ ଟୁଇଟ କରି ରେଲ୍‌ୱେକୁ ଧନ୍ୟବାଦ ଦେଇଛନ୍ତି।

# ଜାତୀୟ/ଅନ୍ତର୍ଜାତୀୟ



ଥାଇଲାଣ୍ଡର ନାଖୋନ ନାୟୋକ ପ୍ରଦେଶସ୍ଥିତ ଖାଓ ୟାଇ ଜାତୀୟ ଉଦ୍ୟାନର ଏକ ଖାଲରେ ଖସିପଡ଼ିଥିବା ହାତୀ ଶାବକ ଉଠିବା ପାଇଁ ଉଦ୍ୟମ କରୁଛି।

## ଏଲନ୍ ମସ୍କଙ୍କ ତିନି ବର୍ଷୀୟା ସାବତ ଭଉଣୀ



ଜନା ବେଜୁଇଦେନହୁଟ୍

**ୱାଶିଂଟନ୍, ୧୫।୭:** ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ଏଲନ୍ ମସ୍କଙ୍କର ଜଣେ ୩ ବର୍ଷୀୟା ଭଉଣୀ ଅଛନ୍ତି। ଏଲନଙ୍କ ୭୬ ବର୍ଷୀୟ ବାପା ଏରୋଲ ମସ୍କଙ୍କ ଔରସରୁ ଜନ୍ମିତ ଉକ୍ତ ଶିଶୁକନ୍ୟାଙ୍କ ମା' ହେଉଛନ୍ତି ବିଶ୍ୱର ଏହି ସବୁଠୁ ଧନୀବ୍ୟକ୍ତିଙ୍କ ସାବତ ଭଉଣୀ। ଜନା ବେଜୁଇଦେନହୁଟ୍‌ଙ୍କ ବୟସ ୩୫, ଯିଏ କି ଏରୋଲଙ୍କ ସାବତ ଝିଅ। ଜନା ତାଙ୍କ ସାବତ ପିତାଙ୍କଠାରୁ ୪୧ ବର୍ଷ ସାନ। ୨୦୧୯ରେ ନିଜ ସାବତ ଝିଅ ସହ ସମ୍ବନ୍ଧରୁ ଦ୍ୱିତୀୟ ଗୁପ୍ତ ସନ୍ତାନ ଜନ୍ମ ହୋଇଥିବା ବିଷୟ ପ୍ରଘଟ କରି ଏରୋଲ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ଏଲନଙ୍କ ବାପା ଏରୋଲ ମସ୍କ ଦକ୍ଷିଣ ଆଫ୍ରିକାରେ ଜଣେ ଇଞ୍ଜିନିୟର। ବ୍ରିଟେନର ଏକ ପତ୍ରିକାକୁ ସାକ୍ଷାତ୍‌କାର ଦେଇ ଏରୋଲ କହିଛନ୍ତି, 'ଆମେ ଏ ପୃଥିବୀରେ ବସବାସ କରୁଛୁ କେବଳ ପ୍ରଜନନ ପାଇଁ'। ଏରୋଲ ଏବଂ ଜନାଙ୍କ ପ୍ରଥମ ଶିଶୁପୁତ୍ର ଇଲିଅଟ୍ ରଶ୍ ୨୦୧୭ରେ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ଏଲନ୍‌ଙ୍କ ମା' ମାୟେ ହେଲ୍‌ଡମ୍ୟାନ୍ ମସ୍କଙ୍କୁ ଏରୋଲ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହେବା ପରେ ସେ ହିଡେ ବେଜୁଇଦେନହୁଟ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହିଡେ ଏବଂ ଏରୋଲଙ୍କ ସମ୍ପର୍କରୁ ୨ ସନ୍ତାନ ଜନ୍ମ ନେଇଥିଲେ। ହିଡେଙ୍କ ଏକ ଅନ୍ୟ ସମ୍ପର୍କରୁ ଜନାଙ୍କ ଜନ୍ମ। ୧୮ ବର୍ଷ ଧରି ଏକାଠି ରହିବା ପରେ ଏରୋଲ ଓ ହିଡେଙ୍କ ବିବାହ ବିଚ୍ଛେଦ ହୋଇଥିଲା। ତେବେ ଏରୋଲ ତାଙ୍କ ସାବତ ଝିଅ ଜନାଙ୍କ ଲାଳନପାଳନରେ ସାହାଯ୍ୟ କରିଥିଲେ। ୨୦୧୭ରେ ଜନା ପ୍ରଥମ ଗର୍ଭ ଧାରଣ କରିଥିବା ଖବର ଜଣାପଡ଼ିବା ପରେ ଏହାକୁ ନେଇ ଏଲନ ଏବଂ ଏରୋଲଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏଲନ ଏବଂ ତାଙ୍କ ପରିବାର ଏହାକୁ ପସନ୍ଦ କରୁ ନ ଥିଲେ ବୋଲି ଏରୋଲ କହିଛନ୍ତି।

**ସାବତ ଝିଅ ସହ ସମ୍ପର୍କରୁ ଜନ୍ମିତ ଶିଶୁକୁ ନେଇ ମୁହଁ ଖୋଲିଲେ ଏରୋଲ୍ ମସ୍କ**





## ଭଗତ ସିଂଙ୍କୁ ଆତଙ୍କବାଦୀ କହିଲେ ପଞ୍ଜାବ ଏମ୍‌ପି

**ଚଣ୍ଡିଗଡ଼, ୧୫।୭:** ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କୁ ଆତଙ୍କବାଦୀ କହି ବିବାଦକୁ ଆସଛନ୍ତି ପଞ୍ଜାବ ଏମ୍‌ପି ତଥା ଶିରୋମଣି ଅକାଳୀ ଦଳ ନେତା ସିମ୍ରନଜିତ୍ ସିଂ ମାନ୍। ସିମ୍ରନ୍‌ଜିତ କହିଛନ୍ତି, 'ଭଗତ ସିଂ ଇଂଲିଶ ନୌସେନାର ଜଣେ ଯୁବ ଅଫିସର ଏବଂ ଜଣେ ଅମୃତଧାରୀ ଶିଖ୍ କନଷ୍ଟେବଲଙ୍କୁ ହତ୍ୟା କରିଥିଲେ। ସେତେବେଳେ ସେ ନ୍ୟାଶନାଲ ଆସେମ୍ବ୍ଲିକୁ ବୋମାମାଡ଼ କରିଥିଲେ। ଏବେ କୁହନ୍ତୁ ଭଗତ ସିଂ ଜଣେ ଆତଙ୍କବାଦୀ କି ନୁହେଁ'। ସିମ୍ରନ୍‌ଜିତଙ୍କ ଏଭଳି ମନ୍ତବ୍ୟକୁ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନିନ୍ଦା କରିଛି। ଦେଶ ପାଇଁ ପ୍ରାଣବଳି ଦେଇଥିବା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ଅପମାନିତ କରିଛନ୍ତି ଏବଂ ଏହାଦ୍ୱାରା ଦେଶବାସୀଙ୍କ ଭାବନା ଆହତ ହୋଇଛି। ତେଣୁ ସିମ୍ରନ୍‌ଜିତ ତୁରନ୍ତ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଏଏପି ପକ୍ଷରୁ ଟୁଇଟ୍ କରାଯାଇଛି।



## ନିର୍ଦ୍ଦେଶକ ପ୍ରତାପ ପୋଥେନଙ୍କ ପରଲୋକ



**ଥିରୁଭାନନ୍ତପୁରମ୍, ୧୫।୭:** ମାଲୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ତଥା ନିର୍ଦ୍ଦେଶକ ପ୍ରତାପ ପୋଥେନ(୬୯)ଙ୍କ ଶୁକ୍ରବାର ସକାଳେ ଚେନ୍ନାଇସ୍ଥିତ ବାସଭବନରେ ପରଲୋକ ଘଟିଛି। ୪ ଦଶନ୍ଧିର ଫିଲ୍ମ କ୍ୟାରିୟର ମଧ୍ୟରେ ସେ ଶତାଧିକ ମାଲୟାଲମ, ତାମିଲ, ତେଲୁଗୁ ଓ ହିନ୍ଦୀ ଫିଲ୍ମରେ ଅଭିନୟ କରିବା ସହ ଅନେକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଥମେ ଅଭିନେତ୍ରୀ ରାଧିକାଙ୍କୁ ସେ ବିବାହ କରିଥିଲେ। ତାଙ୍କଠାରୁ ଅଲଗା ହେବାପରେ ସେ ଅନ୍ୟତ୍ର ବାହା ହୋଇଥିଲେ।

# କାଲିର ନାୟକ ଆଜି ଖଳନାୟକ

## ମହିନ୍ଦା, ବାସିଲଙ୍କୁ ଶ୍ରୀଲଙ୍କା ଛାଡ଼ିବା ମନା



ମହିନ୍ଦା ରାଜପାକ୍ସେ | ଗୋଟାବାୟା ରାଜପାକ୍ସେ | ବାସିଲ୍ ରାଜପାକ୍ସେ

**କଲମ୍ବୋ, ୧୫।୭**

ଶ୍ରୀଲଙ୍କାର ସାମ୍ପ୍ରତିକ ଦୁର୍ଦ୍ଦଶା ପାଇଁ କାହାକୁ ଦାୟୀ କରାଯିବ? ୨୦୦୫ରେ ମହିନ୍ଦା ରାଜପାକ୍ସେ ପ୍ରଥମେ ରାଷ୍ଟ୍ରପତି ନିର୍ବାଚିତ ହେବା ପରଠୁ ଦ୍ୱୀପରାଷ୍ଟ୍ରର ରାଜନୀତିରେ ଆଧିପତ୍ୟ ବିସ୍ତାର କରିଥିବା ପ୍ରଭାବଶାଳୀ ରାଜପାକ୍ସେ ପରିବାରକୁ? ମହିନ୍ଦାଙ୍କୁ ତୃତୀୟ ଥର ରାଷ୍ଟ୍ରପତି ହେବାରେ ବାଧା ଦେଇଥିବା ସମ୍ବିଧାନ ସଂଶୋଧନକାରୀ ତାଙ୍କ ଭାଇ ଗୋଟାବାୟା ରାଜପାକ୍ସେଙ୍କୁ? ନା ଏହି ପରିବାରର ନେତୃତ୍ୱକୁ ସହୃଦୟେ ଗ୍ରହଣ କରିନେଇଥିବା ସିଂହଳୀ ବୌଦ୍ଧ ମତଦାତାଙ୍କୁ? ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ପଳାୟନ କରିବା ପରେ ଶ୍ରୀଲଙ୍କାର ରାଜନୈତିକ ବିଶ୍ଳେଷକମାନେ ଏବେ ଏଭଳି ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛନ୍ତି। କାରଣ ଏକଦା ଶ୍ରୀଲଙ୍କାର 'ତ୍ରାଣକର୍ତ୍ତା' ବିବେଚନା କରାଯାଉଥିବା ରାଜପାକ୍ସେ ଭ୍ରାତା ଏବେ ଲୋକଚକ୍ଷୁରେ ଖଳନାୟକ ପାଲଟିଯାଇଛନ୍ତି। ଇତିମଧ୍ୟରେ ବିବାଦୀୟ 'ରାଜପାକ୍ସେ' ପରିବାରକୁ ଶୁକ୍ରବାର ଆଉ ଏକ ବଡ଼ ଝଟ୍‌କା ଲାଗିଛି।

ବିଦାୟୀ ନେତା ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ସିଙ୍ଗାପୁର ପଳାୟନ କରିବା ପରେ ତାଙ୍କ ଦୁଇଭାଇଙ୍କ ବିଦେଶ ଗସ୍ତ ଉପରେ କଟକଣା ଲଗାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଓ ପ୍ରାକ୍ତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ ଜୁଲାଇ ୨୮ ପର୍ଯ୍ୟନ୍ତ ଦେଶ ଛାଡ଼ି କୁଆଡ଼େ ଯାଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଅନ୍ତରୀଣ ରାୟ ଦେଇଛନ୍ତି। ଗତ ମେ' ୯ରେ ଦେଶର ଆର୍ଥିକ ସଙ୍କଟ ପାଇଁ ମହିନ୍ଦାଙ୍କୁ ଦାୟୀ କରି ବିକ୍ଷୋଭକାରୀମାନେ ତାଙ୍କ ଘର ଓ ଅଫିସକୁ ଟାର୍ଗେଟ କରିଥିଲେ। ଏହା ପରେ ମହିନ୍ଦା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏକ ଅଜ୍ଞାତ ସ୍ଥାନରେ ଅଛନ୍ତି। ଆତ୍ମନିର୍ବାସନରେ ଥିବା ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଦୁଇଭାଇଙ୍କ ବିଦେଶ ଗସ୍ତ ଉପରେ କଟକଣା ଜାରି କରାଯାଉ ବୋଲି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଶ୍ରୀଲଙ୍କା (ଟିଆଇଏସ୍ଏଲ୍) ଏବଂ ଅନ୍ୟ ୩ ଆବେଦନକାରୀ ପିଟିଶନ ଦାଏର କରିଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଗୋଟାବାୟାଙ୍କୁ ଶାସକ ଦଳର ପ୍ରଶଂସା

ଦ୍ୱୀପରାଷ୍ଟ୍ରର ଶାସକ ଶ୍ରୀଲଙ୍କା ପୋଦୁଜନ ପେରାମୁନା ପାର୍ଟି (ଏସ୍ଏଲ୍‌ପିପି) ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ କାର୍ଯ୍ୟକୁ ପ୍ରଶଂସା କରିଛି। ଦେଶରେ ଦୀର୍ଘ ୩୦ ବର୍ଷ ଧରି ଚାଲିଥିବା ତାମିଲ ଇଲମ୍ ବିଦ୍ରୋହୀଙ୍କ ଉଗ୍ରବାଦର ଅବସାନ ଘଟାଇବାରେ ଗୋଟାବାୟାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଏସ୍ଏଲ୍‌ପିପି ପକ୍ଷରୁ କୁହାଯାଇଛି। ଦଳର ସାଧାରଣ ସମ୍ପାଦକ ସାଗର କରିୟାୱାସମ୍ କାମଚଳା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛି।

## ଶପଥ ନେଲେ ରାନିଲ



ଶ୍ରୀଲଙ୍କାର ୭୩ ବର୍ଷୀୟ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ଶୁକ୍ରବାର ଦେଶର କାମଚଳା ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜୟନ୍ତ ଜୟସୁରିୟା ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୂଆ ଦାୟିତ୍ୱ ନେବା ପରେ ରାନିଲ ରାଷ୍ଟ୍ରପତିଙ୍କୁ ସମ୍ବୋଧନ ପାଇଁ ଉଦ୍ଦିଷ୍ଟ ହିଜ୍ ଏକ୍ସେଲେନ୍ସି (ମହାମହିମ) ଶବ୍ଦ ଉଚ୍ଚାରଣକୁ ନାପସନ୍ଦ କରିଛନ୍ତି। ଏଥିସହ ଦେଶର ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ନିଜ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରେ ରହି ଶ୍ରୀଲଙ୍କାକୁ ଋଣବୋଝରେ ବୁଡ଼ାଇଦେବା ପରେ ସୃଷ୍ଟ ଆର୍ଥିକ ସଙ୍କଟକୁ ନେଇ ଦେଶରେ ସବୁଠୁ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହାକୁ ନେଇ ଗୋଟାବାୟା ଦେଶ ଛାଡ଼ି ପଳାୟନ କରିଛନ୍ତି। ସେ ସିଙ୍ଗାପୁରରେ ପହଞ୍ଚିବା ପରେ ଗୁରୁବାର ରାତିରେ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନାଙ୍କ ନିକଟକୁ ନିଜ ଇସ୍ତଫାପତ୍ର ଇ-ମେଲ୍ ଜରିଆରେ ପଠାଇଥିଲେ। ଆସନ୍ତା ସପ୍ତାହରେ ଗୋଟାବାୟାଙ୍କ ଉତ୍ତରାଧିକାରୀ ନିର୍ବାଚନ ହେବା ଯାଏ ରାନିଲ ଏହି ଦାୟିତ୍ୱ ତୁଲାଇବେ। ଇତିମଧ୍ୟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଶ୍ରୀଲଙ୍କା ସ୍ଥିତି ଉପରେ ନଜର ରଖିଛି। ସ୍ଥିତି ସ୍ୱାଭାବିକ ହେଲେ ଯଥାଶୀଘ୍ର ସମ୍ଭବ ବେଲ୍‌ଆଉଟ୍ ପ୍ୟାକେଜ୍ ପ୍ରଦାନ ପାଇଁ ଆଲୋଚନା କରାଯିବ ବୋଲି ଆଇଏମ୍ଏଫ୍ କହିଛି।

**'ମହାମହିମ' ସମ୍ବୋଧନକୁ ନା**

## ୨୦ ହଜାର ଟପିଲା ଦୈନିକ ସଂକ୍ରମଣ

**ନୂଆଦିଲ୍ଲୀ, ୧୫।୭:** ଦେଶରେ ପୁଣି କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୨୦,୦୩୮ ଜଣ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବାବେଳେ ଦିନକରେ ୪୭ ଜଣ ପ୍ରାଣ ହରାଇଛନ୍ତି। ଫଳରେ ମୋଟ ସଂକ୍ରମଣ ୪,୩୭,୧୦,୦୨୭କୁ ବୃଦ୍ଧି ପାଇଛି। ସକ୍ରିୟ ମାମଲା ବଢ଼ି ୧,୩୯,୦୭୩ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୫,୬୦୪କୁ ବୃଦ୍ଧିପାଇଛି। ଦୈନିକ ପଜିଟିଭିଟି ହାର ୪.୪୪% ରହିଛି। 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣା ବୁଷ୍ଟର ଡୋଜ ପ୍ରଦାନ ଆରମ୍ଭ ହୋଇଛି। ୭୫ ଦିନ ପର୍ଯ୍ୟନ୍ତ ଏହି ଟିକାକରଣ ଜାରି ରହିବ।

## କାନ୍ଥ ଭୁଶୁଡ଼ି ୫ ମୃତ

**ନୂଆଦିଲ୍ଲୀ ୧୫।୭**

ଦିଲ୍ଲୀର ଆଲିପୁର ଅଞ୍ଚଳ ନରେଲାରେ ଏକ ନିର୍ମାଣାଧୀନ ଗୋଦାମ ଘର କାନ୍ଥ ଭୁଶୁଡ଼ି ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳୁ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ଗୋଦାମ ମାଲିକ ଶକ୍ତି ସିଂ ଓ କଣ୍ଟ୍ରାକ୍ଟର ସିକନ୍ଦରଙ୍କୁ ଗିରଫ କରିଛି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୋକବ୍ୟକ୍ତ କରିଛନ୍ତି।

## ହିନ୍ଦୁଧର୍ମ ସହନଶୀଳ

**ଜୁବୈରଙ୍କୁ ଜାମିନ ପ୍ରଦାନବେଳେ କୋର୍ଟଙ୍କ ଟିପ୍ପଣୀ**



**ନୂଆଦିଲ୍ଲୀ ୧୫।୭:** ହିନ୍ଦୁଙ୍କ ଧର୍ମୀୟ ଭାବନାକୁ ଆଘାତ ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କୁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହିନ୍ଦୁ ଧର୍ମ ସର୍ବପୁରାତନ ଧର୍ମ ମଧ୍ୟରୁ ଅନ୍ୟତମ ଏବଂ ସବୁଠୁ ସହନଶୀଳ। ପଟିଆଲା ହାଉସ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ଦେବେନ୍ଦର କୁମାର ଜାଙ୍ଗଲା ଜାମିନ ରାୟବେଳେ ଟିପ୍ପଣୀ ଦେଇଥିଲେ। ହିନ୍ଦୁ ଧର୍ମକୁ ଅନୁସରଣ କରୁଥିବା ବ୍ୟକ୍ତିଙ୍କଠାରେ ମଧ୍ୟ ବହୁ ସହନଶକ୍ତି ରହିଛି। ଫଳରେ ଅନେକ ଅନୁଷ୍ଠାନ, ସଙ୍ଗଠନ ସମେତ ଏହି ଧର୍ମର ଲୋକେ ଦେବଦେବୀଙ୍କ ନାଁରେ ଗର୍ବର ସହ ପିଲାଙ୍କ ନାମ ରଖିଥାନ୍ତି ବୋଲି ଜଜ୍ କହିଛନ୍ତି। ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜୁବୈରଙ୍କୁ ଜାମିନ ମିଳିଛି।

## ୧୪ ଥର ଗର୍ଭପାତ କରାଇଥିଲେ ପ୍ରେମିକ

**ନୂଆଦିଲ୍ଲୀ ୧୫।୭**

**ବିବାହ ପାଇଁ ମନା କରିବାରୁ ପ୍ରେମିକାଙ୍କ ଆତ୍ମହତ୍ୟା**



ପ୍ରେମିକ ଜୋରଜବରଦସ୍ତି ଗର୍ଭପାତ କରାଇବା କାରଣରୁ ଦିଲ୍ଲୀର ଜଣେ ୩୩ ବର୍ଷୀୟା ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଗତ ୫ ତାରିଖରେ ଜଇତପୁର ଅଞ୍ଚଳରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ତାଙ୍କ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି। ସମ୍ପୃକ୍ତା ମହିଳା ପ୍ରେମିକଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ ଏବଂ ତାଙ୍କ ସହ ଶାରୀରିକ ସମ୍ପର୍କ ଥିବା କଥା ଉକ୍ତ ନୋଟରେ ରହିଛି।

ପୋଲିସ ସୂଚନା ଅନୁସାରେ, ପ୍ରେମିକ ଜଣକ ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରନ୍ତି। ମହିଳା ଜଣକ ବିବାହିତ ହୋଇଥିବାବେଳେ ୬/୭ ବର୍ଷ ହେବ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ। ସେ ଗର୍ଭବତୀ ହେବା ପରେ ପ୍ରେମିକ ବାରମ୍ବାର ତାଙ୍କ ଗର୍ଭପାତ କରାଉଥିଲେ। ପ୍ରାୟ ୧୪ ଥର ସେ ଜବରଦସ୍ତି ପ୍ରେମିକାଙ୍କ ଗର୍ଭପାତ କରାଇଥିବା ଜଣାପଡ଼ିଛି। ପରେ ଯୁବକ ଜଣକ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ମହିଳା ଚରମ ପନ୍ଥା ଆପଣାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବଳାତ୍କାର, ଆତ୍ମହତ୍ୟା କରିବାକୁ ଉସୁକାଇବା ଅଭିଯୋଗରେ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ପୂର୍ବାହ୍ନ ୯.୩୦ରେ ଶୁଣାଣି କଲେ ଜଷ୍ଟିସ୍ ଲଳିତ

**ନୂଆଦିଲ୍ଲୀ, ୧୫।୭**



ସୁପ୍ରିମକୋର୍ଟରେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ମାମଲାଗୁଡ଼ିକର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିନ୍ତୁ ଶୁକ୍ରବାର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆସନ୍ତା ଅଗଷ୍ଟରେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ହେବାକୁ ଯାଉଥିବା ଜଷ୍ଟିସ୍ ୟୁ.ୟୁ. ଲଳିତ ପୂର୍ବାହ୍ନ ୯ଟା ୩୦ରେ ଏକ ମାମଲାର ଶୁଣାଣି କରି ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଜଷ୍ଟିସ୍ ଲଳିତଙ୍କ ଅଧ୍ୟକ୍ଷତା ତଥା ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ କୋର୍ଟ ନମ୍ବର ୨ରେ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ଶୁଣାଣି କରିଥିବାବେଳେ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରହତୋଗି ଖୁସି ବ୍ୟକ୍ତ କରିଥିଲେ। ଏନେଇ ଜଷ୍ଟିସ୍ ଲଳିତ କହିଥିଲେ, ଯଦି ସ୍କୁଲ ପିଲାମାନେ ସକାଳ ୭ଟାରେ ପାଠ ପଢ଼ିବାକୁ ଯାଇପାରୁଛନ୍ତି ତେବେ ବିଚାରପତି ଓ ଆଇନଜୀବୀମାନେ ସେମାନଙ୍କ କାମ ୯ଟାରେ କାହିଁକି ଆରମ୍ଭ କରିପାରିବେ ନାହିଁ। ସୁପ୍ରିମକୋର୍ଟ ୯ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବା ପରେ ବିରତି ନେଇ ଅପରାହ୍ନରେ ପୁଣି ଚାଲିପାରିବ। ଏପରି କଲେ ଆଇନଜୀବୀମାନେ ସନ୍ଧ୍ୟାରେ ଅଧିକ କାମ କରିପାରିବେ ବୋଲି ଜଷ୍ଟିସ୍ ଲଳିତ ପ୍ରସ୍ତାବ ଦେଇଛନ୍ତି। ପ୍ରକାଶ ଯେ, ବର୍ତ୍ତମାନର ସିଜେଆଇ ଏନ୍.ଭି. ରମନା ଆସନ୍ତା ଅଗଷ୍ଟ ୨୭ରେ ଅବସର ନେବେ। ତାଙ୍କ ସ୍ଥାନରେ ଜଷ୍ଟିସ୍ ଲଳିତ ସିଜେଆଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସିଜେଆଇ ରୂପେ ସେ ନଭେମ୍ବର ୮ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇପାରିବେ।

**ଯଦି ପିଲାମାନେ ସକାଳ ୭ଟାରେ ସ୍କୁଲ ଯାଇପାରୁଛନ୍ତି...**

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୬/୨୦୨୨ | Bhubaneswar, Saturday, July 16/2022 | ପୃଷ୍ଠା-୧




## ସିନ୍ଧୁ ସେମିଫାଇନାଲରେ

ପି. ଭି. ସିନ୍ଧୁ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୬ ୦୬

## ରିଆଲିଟି ଶୋ'ରେ ଆମିର

ଫିଲ୍ମ 'ଲାଲ୍ ସିଂ ଚଢ଼ା'ର ପ୍ରମୋଶନ ପାଇଁ ପ୍ରଥମ ଥର ଲାଗି ବଲିଉଡ୍ ଅଭିନେତା ଆମିର ଖାନ ରିଆଲିଟି ଶୋ'ରେ ଅଂଶ ଗ୍ରହଣ କରିଛନ୍ତି।






ଭୁବନେଶ୍ୱରର ଲୋକସେବା ଭବନଠାରେ ଶୁକ୍ରବାର ଚେସ୍ ଅଲିମ୍ପିଆଡ୍ ରିଲେ ଟର୍ଚ୍ଚ ହସ୍ତାନ୍ତର ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେସ୍ ଗୋଟି ଚାଳନା କରୁଛନ୍ତି।

# 'ଦେଶ ପାଇଁ ଗର୍ବର ମୁହୂର୍ତ୍ତ'

- ପଦ୍ମିନୀଙ୍କୁ ଚେସ୍ ଅଲିମ୍ପିଆଡ୍ ରିଲେ ଟର୍ଚ୍ଚ ହସ୍ତାନ୍ତର କଲେ ମୁଖ୍ୟମନ୍ତ୍ରୀ
- ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଚେସ୍‌କୁ ପ୍ରୋତ୍ସାହିତ କରାଯିବ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

୭୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଭାରତରେ ଚେସ୍ ଅଲିମ୍ପିଆଡ୍ ଆୟୋଜନ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ଭାରତ ଚେସ୍‌ର ଉତ୍ପତ୍ତି ସ୍ଥଳ। ଅତୀତରେ ଚେସ୍‌କୁ ସତରଞ୍ଜ ଭାବେ ଖେଳାଯାଉଥିଲା। ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ାରେ ଓଡ଼ିଶା ଭଲ ପ୍ରଦର୍ଶନ କରି ଆସୁଛି। ଅନେକ ଓଡ଼ିଆ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ସାଉଁଟୁଛନ୍ତି। ଓଡ଼ିଶାରେ ୨୦୧୬ରେ ବିଶ୍ୱ କନିଷ୍ଠ ଚେସ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ଏହି ଖେଳ ପାଇଁ ବିଶେଷ କ୍ରୀଡ଼ା ଭିତ୍ତିଭୂମି କିମ୍ବା ସରଞ୍ଜାମର ଆବଶ୍ୟକତା ନାହିଁ। ରାଜ୍ୟରେ ଏହି କ୍ରୀଡ଼ାର ପ୍ରସାର ପାଇଁ ପ୍ରୋତ୍ସାହିତ କରାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ପେସାଦାର ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ଚେସ୍ ଅଲିମ୍ପିଆଡ୍ ମଶାଲକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିବାବେଳେ ଲୋକସେବା ଭବନରେ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେ ଓଡ଼ିଶାରେ ଚେସ୍‌ର ବିକାଶ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି ରିଲେ ଟର୍ଚ୍ଚକୁ ଲୋକସେବା ଭବନକୁ ଆଣିଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ଚେସ୍ ତାରକା ପଦ୍ମିନୀ ରାଉତଙ୍କୁ ହସ୍ତାନ୍ତର କରିଥିଲେ। ଓଡ଼ିଶାକୁ ମଶାଲ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି।

ଚେସ୍ ଅଲିମ୍ପିୟାଡ ମଶାଲ କିଟ୍ କନ୍‌ଭେନଶନ-ପୁରୀ-କୋଣାର୍କ ସୂର୍ଯ୍ୟ ମନ୍ଦିର ପରିକ୍ରମା କରି ଭୁବନେଶ୍ୱର ବିମାନବନ୍ଦରକୁ ବାହୁଡ଼ିବ। ସେଠାରୁ ରାୟପୁର ଅଭିମୁଖେ ଯିବ। ସୂଚନାଯୋଗ୍ୟ, ଶୁକ୍ରବାର ସକାଳୁ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ମଶାଲକୁ ସ୍ୱାଗତ କରାଯାଇଥିଲା। ସେଠାରୁ ବିରାଟ ଶୋଭାଯାତ୍ରାରେ ମଶାଲକୁ ରାଜ୍ୟ ଅତିଥି ଭବନକୁ ନିଆଯିବା ପରେ ଲୋକସେବା ଭବନରେ ପହଞ୍ଚିଥିଲା। ସୂଚନାଯୋଗ୍ୟ, ଆସନ୍ତା ୨୮ରୁ ତାମିଲନାଡୁ ମହାବଲ୍ଲିପୁରମ୍‌ରେ ଚେସ୍ ଅଲିମ୍ପିୟାଡ୍ ଅନୁଷ୍ଠିତ ହେବ। ଏଥିରେ ୧୮୮ ଦେଶ ଭାଗ ନେବେ। ଓଡ଼ିଶାରୁ ପଦ୍ମିନୀଙ୍କ ସମେତ ୬ ଜଣ ଅଂଶଗ୍ରହଣ କରିବେ। ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ୩ ମୃତ, ୨ ଗୁରୁତର

### ଭାଲୁକୁ ମାରିଦେଲେ ଲୋକେ

**ନୂଆପଡ଼ା ଅଫିସ/ ଖଡ଼ିଆଳ,୧୫।୭(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଲଖନା ଥାନା ଅନ୍ତର୍ଗତ ସମରସିଂ ଗ୍ରାମ ନିକଟ ଜଙ୍ଗଲରେ ଶୁକ୍ରବାର ଭାଲୁ ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ସମରସିଂ ଗ୍ରାମର ରବି ରଣ(୩୦), ନକୁଳ ମାଝି (୫୮) ଓ ରତନ ମାଝି (୬୨)। ସକାଳୁ ସେମାନେ ଉକ୍ତ ଜଙ୍ଗଲ ନିକଟ ବିଲକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଭାଲୁ ଆକ୍ରମଣ କରିବାରୁ ୨ଜଣ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ମିଳିତ ଆକ୍ରମଣରେ ଭାଲୁର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆହତ ୨ଜଣ କୁନା ମାଝି (୨୩) ଓ ପରମେଶ୍ୱର ମାଝି(୨୫)ଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ଆଜିର ସମ୍ପାଦକୀୟ**

ମଠୁଆଙ୍କୁ ଜାଗା ନାହିଁ

# ଲଗାତର ପ୍ରଶ୍ନପତ୍ର ଲିକ୍

## ପରୀକ୍ଷା ବାତିଲ: ୫ ହଜାର ଛାତ୍ରୀଛାତ୍ର ପ୍ରଭାବିତ

### ସମ୍ବଲପୁର ବିଶ୍ୱବିଦ୍ୟାଳୟ

- କୁଚିଣ୍ଡା ସରକାରୀ ଏଡେଡ୍ କଲେଜ ଅଧ୍ୟାପକଙ୍କୁ ନୋଟିସ
- ସାଇବର ଥାନାରେ ଅଭିଯୋଗ, ବଦଳିବ ପ୍ରଶ୍ନପତ୍ର
- ୧୯ରେ ଏଜୁକେଶନ, ୨୨ରେ ଫିଜିକ୍ସ ପରୀକ୍ଷା ପାଇଁ ପୁଣି ଦିନଧାର୍ଯ୍ୟ
- ଘଣ୍ଟାକ ପୂର୍ବରୁ ମେଲ୍ କରାଯିବ ସାନି ପ୍ରଶ୍ନପତ୍ର

**ସମ୍ବଲପୁର,୧୫।୭(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଦ୍ୱାରା ପରିଚାଳିତ ଯୁକ୍ତ୩ ଶେଷବର୍ଷ ପରୀକ୍ଷାର ପ୍ରଶ୍ନପତ୍ର ଲଗାତର ଦ୍ୱିତୀୟ ଦିନ ପାଇଁ ଲିକ୍ ହୋଇଛି। ଗୁରୁବାର ଯୁକ୍ତ୩ ଶେଷବର୍ଷ ଏଜୁକେଶନ ଅନର୍ସ ପରେ ଶୁକ୍ରବାର ଫିଜିକ୍ସ ଅନର୍ସ (ଷ୍ଟାଟିଷ୍ଟିକାଲ ମେକାନିକ) ପ୍ରଶ୍ନପତ୍ର ସର୍ବସାଧାରଣରେ ପ୍ରଘଟ ହୋଇଛି। ଏହା ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟ ଅଧୀନ ୨୦୫ କଲେଜରେ ପରୀକ୍ଷା ବାତିଲ କରିଦିଆଯାଇଛି। ଫଳରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ଏହାସହ ଏସ୍‌ୟୁ ପକ୍ଷରୁ ଏକ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯାଉଛି। ପ୍ରଶ୍ନପତ୍ର ତିଆରି ହୋଇଥିବା ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ପ୍ରଶ୍ନପତ୍ର ତିଆରି ଦାୟିତ୍ୱରେ ଥିବା କୁଚିଣ୍ଡା ସରକାରୀ ଅନୁଦାନପ୍ରାପ୍ତ କଲେଜର ଫିଜିକ୍ସ ଅଧ୍ୟାପକଙ୍କୁ ନୋଟିସ୍ କରାଯିବା ପରେ ସେ ଆସି ଲିଖିତ ଭାବେ ଜଣାଇଛନ୍ତି। ଶନିବାର ପୁଣି ଉକ୍ତ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ସହ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପଟେ ପ୍ରଶ୍ନପତ୍ର ସେଟ୍ ଦାୟିତ୍ୱରେ ଥିବା ଏସ୍‌ୟୁର ଅଧ୍ୟାପକ ଓ ଅଧିକାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଏଥିରେ ଯାହାର ଲିଙ୍କ୍ ଥିବା ଜଣାପଡ଼ିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାତିଲ ହୋଇଥିବା ଏଜୁକେଶନ ପରୀକ୍ଷା ଜୁଲାଇ ୧୯ ଓ ଫିଜିକ୍ସ ପରୀକ୍ଷା ଜୁଲାଇ ୨୨ରେ ଅନୁଷ୍ଠିତ ହେବ ବୋଲି କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ସୂଚନା ଦେଇଛନ୍ତି।

କୁଳପତି ମିତ୍ତଲ ଆହୁରି କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏ ନେଇ ବୁର୍ଲା ଥାନାରେ ଅଭିଯୋଗ କରାଯାଇଛି। ସାଇବର ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ଦୁଇଟି ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ନୋଟିସ୍ କରାଯାଇଛି। ଆଗକୁ ବାକି ରହିଥିବା ସମସ୍ତ ବିଷୟର ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯିବ। ପୁଣିଥରେ ପ୍ରଶ୍ନପତ୍ର ତିଆରି କରାଯିବ। ତାହାକୁ ପରୀକ୍ଷାର ୧ଘଣ୍ଟା ପୂର୍ବରୁ ବିଭିନ୍ନ କଲେଜକୁ ମେଲ୍ କରାଯିବ। ସେମାନେ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରି ସୁବିଧାରେ ପରୀକ୍ଷା କରିପାରିବେ। ଘଟଣାକୁ ନେଇ ସବୁ ଦିଗରୁ ତଦନ୍ତ କରାଯାଉଛି। କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଶ୍ଚିତ ଭାବେ ଗ୍ରହଣ କରାଯିବ ବୋଲି କୁଳପତି ମିତ୍ତଲ କହିଛନ୍ତି।



### ମାନସିକ ଚାପରେ ପରୀକ୍ଷାର୍ଥୀ

ପ୍ରଶ୍ନପତ୍ର ଲିକ୍ ଯୋଗୁ ପୂର୍ବାହ୍ନ ୯ ଟା ୫୩ ମିନିଟରେ ଫିଜିକ୍ସ ପରୀକ୍ଷା ବାତିଲ ହେବା ନେଇ ସୂଚନା ଆସିଥିଲା। ପରୀକ୍ଷା ଦେବା ପାଇଁ ପିଲାମାନେ ବସିଥିବା ବେଳେ ଶେଷ ମୁହୂର୍ତ୍ତରେ ବାତିଲ ନେଇ ସୂଚନା ଦିଆଯାଇଥିଲା। ଏହା କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ସମସ୍ୟା ବୋଲି ବିଶ୍ୱବିଦ୍ୟାଳୟ ଅଧୀନ କେସେଇବାହାଲ କଲେଜ ପ୍ରିନ୍ସିପାଲ ଦୟାସାଗର ପ୍ରଧାନ କହିଛନ୍ତି। ଧମାର ମା' ଝାଡ଼େଶ୍ୱରୀ କଲେଜ ଛାତ୍ରୀ ଜୋସ୍ନାମୟୀ ନାଏକ କହିଛନ୍ତି, ପରୀକ୍ଷା ପାଇଁ ପ୍ରସ୍ତୁତ ରହିଥିଲି। ପରୀକ୍ଷା ହଲରେ ପ୍ରଶ୍ନପତ୍ର ଦିଆଯାଇଥିଲା। ଏହାକୁ ପଢୁଥିବା ସମୟରେ ଲିକ୍ ହୋଇଥିବା କହି ଫେରାଇ ନିଆଗଲା। ହଠାତ୍ ଏହା ଶୁଣି ଆମେ ବିଶ୍ୱାସ କରି ପାରି ନ ଥିଲୁ। ଶେଷରେ ବାଧ୍ୟ ହୋଇ ପରୀକ୍ଷା ହଲ୍‌ରୁ ବାହାରି ଆସିଥିଲୁ। ପରୀକ୍ଷା ଦେବା ପାଇଁ ଆଉଥରେ ପ୍ରସ୍ତୁତି କରିବାକୁ ହେବ ବୋଲି ସେ କହିଥିଲେ।

## ଏନ୍‌ଆଇଆର୍‌ଏଫ୍‌ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ

- ଶ୍ରେଷ୍ଠ ୧୦୦ରେ ସ୍ଥାନ ପାଇଲାନି ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ
- ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ
- ବିଶ୍ୱବିଦ୍ୟାଳୟ ବର୍ଗରେ ୮୮ତମ ସ୍ଥାନରେ ଉତ୍କଳ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ବା ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ପ୍ରକାଶ ପାଇଛି। ସାମଗ୍ରିକ ଭାବେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମାନ୍ୟତା ପାଇଥିବାବେଳେ ଏହି ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ସୋଆ ବିଶ୍ୱବିଦ୍ୟାଳୟ ୩୦ତମ ର୍‍ୟାଙ୍କରେ ଥିବାବେଳେ ୩୪ତମ ସ୍ଥାନରେ କିଟ୍, ୩୯ରେ ରାଉରକେଲା ଏନ୍‌ଆଇଟି ଓ ୬୫ତମ ସ୍ଥାନରେ ଭୁବନେଶ୍ୱର ଆଇଆଇଟି ରହିଛି। ତେବେ ଶ୍ରେଷ୍ଠ ୧୦୦ ତାଲିକାରେ ରାଜ୍ୟ ସରକାରଙ୍କ କୌଣସି ବି ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ୧୦୧-୧୫୦ ମଧ୍ୟରେ ରହିଛି। ମହାବିଦ୍ୟାଳୟ ବର୍ଗରେ ଓଡ଼ିଶାକୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ରାଜ୍ୟର ☞ପୃଷ୍ଠା-୨

# କଟକରେ ମହିଳାଙ୍କ ଗଳା କାଟିଲେ

**କଟକ ଅଫିସ, ୧୫।୭**

କଟକ ଜିଲା ଲାଲବାଗ ଥାନା ଅଧୀନ ଓଡ଼ିଆବଜାରସ୍ଥିତ କୁତାଖାଇ ଗଳିର ଏକ ଘରେ ଶୁକ୍ରବାର ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା କରାଯାଇଛି। ସେ ହେଲେ ବି. ଗୁଣାବତୀ(୪୫)। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦେଇଛି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୬୪/୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, କୁତାଖାଇ ଗଳିର ଉକ୍ତ ଘରେ ବି. ଆପାରାଓ, ସ୍ତ୍ରୀ ଗୁଣାବତୀ ଓ ପୁଅ ରବି ରହୁଥିଲେ। ଆପାରାଓ ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାମ କରୁଥିବାବେଳେ ରବି ବ୍ୟାଙ୍କ କର୍ମଚାରୀ। ସବୁଦିନ ଭଳି ସେମାନେ କାର୍ଯ୍ୟକୁ ଯାଇଥିବାବେଳେ ଗୁଣାବତୀ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଗୁଣାବତୀଙ୍କ ଗଳାକୁ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମଧ୍ୟାହ୍ନରେ ଆପାରାଓ କାମରୁ ଫେରି ଘରକୁ ଖାଇବାକୁ ଆସିଥିଲେ। ହେଲେ ଘର ଭିତରେ ଗୁଣାବତୀଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ପାଖକୁ ଯିବାରୁ ତାଙ୍କ ଗଳା ଧାରୁଆ ଅସ୍ତ୍ରରେ କଟାଯାଇଥିଲା। ଏ ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୁଣାବତୀଙ୍କୁ ହତ୍ୟା କରାଯାଇଥିଲେ ମଧ୍ୟ ତାଙ୍କ ଘରୁ କୌଣସି ଜିନିଷ ଚୋରି ହୋଇ ନ ଥିବା ଜଣାପଡିଛି। ସେହିପରି ଗୁଣାବତୀଙ୍କର ସାହିପଡିଶା ସହିତ ବାଦବିବାଦ ନ ଥିବା ତଦନ୍ତବେଳେ ଜଣାପଡିଛି। ତେବେ କିଏ ଓ କାହିଁକି ମହିଳାଙ୍କୁ ହତ୍ୟା କଲା ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଆପାରାଓ ପୋଲିସ ☞ପୃଷ୍ଠା-୨



ବି. ଗୁଣାବତୀ

# ସ୍ତ୍ରୀଙ୍କ ପ୍ରେମିକଙ୍କୁ ଚଳନ୍ତା ଟ୍ରେନରେ ହତ୍ୟା

**ବ୍ରହ୍ମପୁର ଅଫିସ,୧୫।୭/ ଗଞ୍ଜାମ(ଡି.ଏନ୍.ଏ.)**

ପରକୀୟା ପ୍ରୀତିକୁ ନେଇ ଜଣେ ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ତାଙ୍କ ସ୍ତ୍ରୀଙ୍କ ପ୍ରେମିକଙ୍କୁ ଚଳନ୍ତା ଟ୍ରେନ୍‌ରେ ଛୁରି ଭୁସି ହତ୍ୟା କରିଛନ୍ତି। ଗଞ୍ଜାମ ଜିଲା ଦେଇ ଯାଉଥିବା ଚେନ୍ନାଇ-ହାୱଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏହି ଘଟଣା। ସରକାରୀ ରେଲ୍‌ୱେ ପୋଲିସ (ଜିଆର୍‌ପି) ଅଭିଯୁକ୍ତଙ୍କୁ କାବୁ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଜାମୁଣିଆ ଥାନା ଅନ୍ତର୍ଗତ ତାଲଚେରସରାଇ ଗ୍ରାମର ପ୍ରସନ୍ନଜିତ ଗରାଇ(୪୦) ବୋଲି ବ୍ରହ୍ମପୁର ଜିଆର୍‌ପି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ଦାଶ ସୂଚନା ଦେଇଛନ୍ତି। ଅଭିଯୁକ୍ତ ତାଲଚେରସରାଇ ଗ୍ରାମର ରାଜୀବ ଗରାଇ(୩୫)ଙ୍କୁ ପୋଲିସ ଅଟକ ରଖିଛି।

ସୂଚନା ଅନୁଯାୟୀ, ରାଜୀବ ଏବଂ ପ୍ରସନ୍ନଜିତ ଦୁଇ ବନ୍ଧୁ। ରାଜୀବ ତାଙ୍କ ସ୍ତ୍ରୀ ବନ୍ଦନା ଗରାଇ ଏବଂ ଶ୍ୱଶୁର ପଲାନା ଗରାଇଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗତ ପ୍ରାୟ ଏକ ସପ୍ତାହ ହେଲା ଚେନ୍ନାଇ ଯାଇଥିଲେ। ସେମାନଙ୍କ ସହିତ ପ୍ରସନ୍ନଜିତ ମଧ୍ୟ ଯାଇଥିଲେ। ପ୍ରସନ୍ନଜିତ ପୂର୍ବରୁ ଚେନ୍ନାଇ ଯାଇଥିବାରୁ ସେଠାରେ ସହଯୋଗ କରିବା ପାଇଁ ରାଜୀବ ତାଙ୍କୁ ସାଙ୍ଗରେ ନେଇଥିଲେ। ଚେନ୍ନାଇରେ ସମସ୍ତେ ଏକ ଲଜ୍‌ରେ ରହିଥିଲେ। ସେଠାରେ ରହଣି ସମୟରେ ବନ୍ଦନା ଓ ପ୍ରସନ୍ନଜିତଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବା ରାଜୀବ ଜାଣିବାକୁ ପାଇଥିଲେ। ରାଜୀବଙ୍କ ଅନୁପସ୍ଥିତିରେ ସେମାନେ ଏକାଠି ବୁଲାବୁଲି କରୁଥିଲେ। ରାଜୀବ ଏହାର ପ୍ରତିବାଦ କରିବାରୁ ପ୍ରସନ୍ନଜିତଙ୍କ ସହିତ ତାଙ୍କର ପ୍ରବଳ ଯୁକ୍ତିତର୍କ ହୋଇଥିଲା। ସେହିଦିନଠାରୁ ରାଜୀବ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ମେଡିକାଲ କାମ ସରିବା ପରେ ଗୁରୁବାର ସମସ୍ତେ ଚେନ୍ନାଇ-ହାୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲେ। ଟ୍ରେନଟି ଶୁକ୍ରବାର ଅପରାହ୍ନରେ ଛତ୍ରପୁର ରିକାପଲ୍ଲୀ ଦେଇ ଯାଉଥିବା ବେଳେ ପୁଣି ସ୍ତ୍ରୀ ଓ ପ୍ରସନ୍ନଜିତଙ୍କୁ ଏକାଠି ଦେଖି ରାଜୀବ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେ ତାଙ୍କ ବ୍ୟାଗରୁ ଏକ ଛୁରି ବାହାର କରି ପ୍ରସନ୍ନଜିତଙ୍କ ପେଟରେ ବାରମ୍ବାର ଭୁସିଥିଲେ। ଏହା ଦେଖି ଟ୍ରେନ୍‌ରେ ଯାତ୍ରୀମାନେ ଆତଙ୍କିତ ହୋଇ ପଡ଼ିଥିଲେ। ଯାତ୍ରୀଙ୍କ ପାଟିତୁଣ୍ଡ ଶୁଣି ସୁରକ୍ଷା ଦାୟିତ୍ୱରେ ଥିବା ରେଲ୍‌ୱେ ପୋଲିସ ସେଠାରେ ପହଞ୍ଚି ରାଜୀବଙ୍କୁ କାବୁ କରିଥିଲା। ଟ୍ରେନ୍‌ଟି ଗଞ୍ଜାମ ରେଲଷ୍ଟେଶନରେ ଅଟକିଥିଲା। ରକ୍ତାକ୍ତ ଅବସ୍ଥାରେ ପ୍ରସନ୍ନଜିତଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ☞ପୃଷ୍ଠା-୨



ଅଭିଯୁକ୍ତ ରାଜୀବ ଗରାଇ

**ଆଜିର ମନ୍ତବ୍ୟ**
ବିରୋଧୀ ଦଳଗୁଡ଼ିକ ମୋତେ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଅନେକ ଥର ଫୋନ୍ କରିଥିଲି। ମୁଁ ସହଯୋଗ ମାଗିବି ଜାଣି ସେ ଥରୁଟିଏ ହେଲେ ବି ମୋ ସହ କଥା ହେବାକୁ ଚାହିଁଲେନି। **-ଯଶୱନ୍ତ ସିହ୍ନା, ବିରୋଧୀଙ୍କ ରାଷ୍ଟ୍ରପତି ପ୍ରାର୍ଥୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ଦ୍ୟନ୍ତେ ଧନୁ ବଙ୍କା,**
**ଚନ୍ଦ୍ର ବଙ୍କା ଦିନେ ଦିନେ,**
**ତେନ୍ତୁଳି ସର୍ବଦା ବଙ୍କା,**
**ମୂର୍ଖ ବଙ୍କା ସବୁଦିନେ।**

ଗୁଣ ଚଢ଼ାଇଲାବେଳେ ଧନୁ ବଙ୍କା ହୁଏ। ପକ୍ଷ ଅନୁସାରେ ଚନ୍ଦ୍ରର କ୍ଷୟ ବୃଦ୍ଧି ଘଟିଥାଏ। ତେନ୍ତୁଳି ମୂଳରୁ ବଙ୍କା ଥାଏ। ସେହିପରି ମୂର୍ଖ ବ୍ୟକ୍ତି ସବୁଦିନେ ସେହିଭଳି ଅବୁଝା ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗଣ୍ଠିଆ କାହାର ଘଇତା**
**ନା, ଦାରୀ କାହାର ମାଇପ?**

ଗଣ୍ଠିଆ ବା କୃପଣ ସ୍ୱଭାବ ବ୍ୟକ୍ତି ହାତରୁ ପଇସାଟିଏ ମଧ ଛାଡିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲ ମନ୍ଦ ବୁଝିବାରେ ଅବହେଳା କରିଥାଏ। ସେହିପରି ପତ୍ନୀ ଏକ ପତିବ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେମାନେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କାଶୀପୁର ଝାଡ଼ାବାନ୍ତି ଅଣାୟତ୍ତ


ଡାକ୍ତରଖାନାରେ ଚିକିତ୍ସାଧୀନ ଆକ୍ରାନ୍ତମାନେ।

- **୨ଦିନରେ ୬ ମୃତ, ୩୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ**
- **ଆରମ୍ଭରୁ ଗୁରୁତ୍ୱ ଦେଲାନି ସ୍ୱାସ୍ଥ୍ୟ ବିଭାଗ**
- **ସ୍ଥିତି ଗମ୍ଭୀର ହେବାପରେ ପହଞ୍ଚିଲା ଡାକ୍ତରୀ ଟିମ୍**

**ରାୟଗଡ଼ା ଅଫିସ,୧୫।୭**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ ହେଉଛି। ୨ଦିନ ମଧ୍ୟରେ ୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ଟିକିରି ଅଞ୍ଚଳର ଧୋବା ମାଝିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିଲା। ଦିନକ ମଧ୍ୟରେ ଆଉ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିପରି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କାଶୀପୁର, ରାୟଗଡ଼ା ଏବଂ କୋରାପୁଟରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ୫ ମୃତକ ହେଲେ ଗୋବରୀଘାଟି ଗ୍ରାମର କହ୍ନେଇ ମାଝି, ଟିକିରି ଝୋଡ଼ିଆସାହିର ସରୋଜିନୀ ଝୋଡ଼ିଆ, ଅଞ୍ଜ ଝୋଡ଼ିଆ, ରଜନୀ ଝୋଡ଼ିଆ ଏବଂ ଦୁଡୁକାବାହାଲର ସବିତା ନାଏକ।

ପରିତାପର ବିଷୟ ହେଲା ରବିବାରଠାରୁ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ ହୋଇଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ମୃତ୍ୟୁ ସଂଖ୍ୟା ବଢ଼ିବା ପରେ ରାୟଗଡ଼ା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି। ସିଡିଏମ୍ଓଙ୍କ ନିର୍ଦ୍ଦେଶରେ ଏଡିଏମ୍ଓ ଡା. ଭି.ଏଲ୍.ଏନ୍ ରାଜୁଙ୍କ ନେତୃତ୍ୱରେ ସ୍ଥାନୀୟ ବିଡିଓ ଦେବାଶିଷ କର, ଡା. ଆର୍. ରାବଣା ରାଓଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଟିକିରି ଝୋଡ଼ିଆ ସାହିରେ ପହଞ୍ଚି ସ୍ଥିତି ଆନୁଧ୍ୟାନ କରିଛନ୍ତି। ତେବେ ପରିସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏଭଳି ସ୍ଥିତିରେ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମାତ୍ର ୨ରୁ ୩ ଥର ଝାଡ଼ାବାନ୍ତି ହୋଇ ଲୋକଙ୍କ ଜୀବନ ଚାଲିଯାଉଛି।

ପ୍ରତ୍ୟେକ ବର୍ଷ କାଶୀପୁର ଅଞ୍ଚଳରେ ଝାଡ଼ାବାନ୍ତିରେ ଲୋକଙ୍କ ଜୀବନ ଯାଉଛି। ତଥାପି ଏହାର କାରଣ କିମ୍ବା ସ୍ଥାୟୀ ପ୍ରତିକାରର ବାଟ ବାହାରିପାରୁନାହିଁ। ଏ ନେଇ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ନେତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସେମାନଙ୍କ ମଳ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ୪୮ ଘଣ୍ଟା ପରେ ରିପୋର୍ଟ ଆସିବ। ଏହା ହଇଜା କିମ୍ବା କଲେରା ତାହା ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସେହିପରି ଉପଜିଲାପାଳ ଭୀମସେନ ଶବରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ୧୭ ଜଣ ଅବ୍‌ଜରଭେସନରେ ଅଛନ୍ତି। ୬ ମୃତକଙ୍କ ମଧ୍ୟରୁ ଜଣଙ୍କ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣଙ୍କ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସ୍ଥିତି ଅନୁଧ୍ୟାନ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ସମସ୍ୟା ବଢ଼ାଉଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ଲୋକେ ଏବେ ସ୍ଥାନୀୟ କ୍ୱାକ୍ ଉପରେ ଭରସା କରୁଛନ୍ତି। ଏହି କାରଣରୁ ଲୋକେ ମୃତ୍ୟୁ ମୁଖରେ ପଡୁଥିବା ଅଞ୍ଚଳବାସୀ କହିଛନ୍ତି। ଝାଡ଼ାବାନ୍ତି ସମସ୍ୟା ବଢ଼ିବା ପରେ ଗୁରୁବାର ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ଏଠାରେ କାମଚଳା ଦାୟିତ୍ୱ ଦିଆଯାଇଛି। ତେବେ ମୃତ୍ୟୁ ସଂଖ୍ୟା ବଢ଼ିବା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ହଜାରେ ଟପିଲା ସଂକ୍ରମଣ

**୩ ଦିନରେ ଦୁଇଗୁଣ**



**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ କରୋନା ଭୂତାଣୁ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛି। କ୍ରମାଗତ ଭାବେ ଆକ୍ରାନ୍ତ ସଂଖ୍ୟା ବଢ଼ି ଚାଲିଛି। ବିଶେଷକରି ଜୁଲାଇ ମାସର ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ମାତ୍ର କେଇଟା ଦିନରେ ଦୈନିକ ଆକ୍ରାନ୍ତ ସଂଖ୍ୟା ହଜାରେ ଟପିଛି। ୩ ଦିନରେ ଡବଲ୍ ହେଉଛି ସଂକ୍ରମଣ। ସେପଟେ ଶିଶୁଙ୍କ ସଂକ୍ରମଣ ବି ଶହେ ଛୁଇଁଛି। ମଙ୍ଗଳବାର ରାଜ୍ୟରୁ ୫୦୯ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ବୁଧବାର ୭୪୩, ଗୁରୁବାର ୮୦୪ ସଂକ୍ରମିତ ବାହାରିଥିବାବେଳେ ଗତ ୨୪ ଘଣ୍ଟାରେ ୧,୦୪୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୬୦୯ଜଣ ଓ ସ୍ଥାନୀୟ ସଂକ୍ରମିତ ୪୩୪ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୧୦୦ ଜଣ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୩୫ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୨୦୫, ସୁନ୍ଦରଗଡ଼ ୧୦୬, ସୋନପୁର ୩୨, ସମ୍ବଲପୁର ୩୧, ପୁରୀ ୨୮, ମୟୂରଭଞ୍ଜ ୨୮, ଜଗତ୍‌ସିଂହପୁର ୨୨, ବାଲେଶ୍ୱର ୨୦, ନୟାଗଡ଼ ୧୯, ଯାଜପୁର ୧୮, କେନ୍ଦ୍ରାପଡ଼ା ୧୫, ବୌଦ୍ଧ ୧୩, ଝାରସୁଗୁଡ଼ା ୧୨, କଳାହାଣ୍ଡି ୧୦ ଓ ଗଜପତିରୁ ୧୦ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କରେ ରହିଥିବାବେଳେ ଦୁଇଟି ଜିଲାରୁ କୌଣସି ସଂକ୍ରମିତ ବାହାରିନାହାନ୍ତି। ତେବେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୭,୧୭୫ରେ ପହଞ୍ଚିଛି। ରାଜ୍ୟରେ ବଢୁଥିବା ସଂକ୍ରମଣ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସଂକ୍ରମଣ ଯେତେ ବଢୁଛି ତା'ସହ ପଜିଟିଭ୍ ରେଟ୍ ବି ବଢୁଛି। ଏହା ଗ୍ରହଣ କରିବାକୁ ପଡ଼ିବ। କିନ୍ତୁ ପୂର୍ବ ଲହରଗୁଡ଼ିକ ଅପେକ୍ଷା ବଢ଼ିବା ହାର କମ୍ ରହିଛି। ସେହିଭଳି ହସ୍ପିଟାଲାଇଜେଶନ ରେଟ୍ ଏତେ ଉଦ୍‌ବେଗଜନକ ନୁହେଁ। ସମୁଦାୟ ପଜିଟିଭ କେସ୍‌ରୁ ୧.୧% ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲରେ ପର୍ଯ୍ୟାପ୍ତ ବେଡ୍ ଅଛି। ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ, ଯେତେବେଳେ ଦରକାର ପଡ଼ିବ ବ୍ୟବସ୍ଥାକୁ ବଢ଼ାଯିବ। ତେବେ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ରାଜ୍ୟରେ ପଜିଟିଭିଟି ହାର ବୃଦ୍ଧିକୁ ଦେଖି ସରକାର ସ୍କୁଲ କଲେଜ ବନ୍ଦ ନିଷ୍ପତ୍ତି ନେବେ। ଯେ ପର୍ଯ୍ୟନ୍ତ ସେଭଳି ପରିସ୍ଥିତି ନ ଉପୁଜିଛି ସବୁ ବନ୍ଦ କରିଦେବା ଠିକ୍ ହେବ ନାହିଁ। ଏ ବିଷୟରେ ରାଜ୍ୟ ସରକାର ଠିକ୍ ସମୟରେ ନିଷ୍ପତ୍ତି ନେବେ। ଦେଶର ଅନ୍ୟ ସ୍ଥାନରେ ମଧ ସଂକ୍ରମଣ ବଢୁଛି। ପୂର୍ବରୁ ମଧ ଅନ୍ୟ ରାଜ୍ୟଗୁଡ଼ିକରେ ଯେବେ ବଢ଼ିଥାଏ, ତା'ର କିଛିଦିନ ବ୍ୟବଧାନରେ ଓଡ଼ିଶାରେ ବଢ଼ିବା ଆରମ୍ଭ ହୁଏ। ତେଣୁ ଥରେ ବଢ଼ିବା ଆରମ୍ଭ ହେଲେ କିଛିଦିନ ନିଶ୍ଚିତ ଭାବରେ ବଢ଼ିବ। ଯେତେବେଳେ ପାଣ୍ଡେମିକ ବଢ଼େ, କିଛିଦିନ ବଢ଼ିଲା ପରେ ସ୍ଥିରତା ଆସେ ଏବଂ ତାପରେ ହ୍ରାସ ପାଏ। ବର୍ତ୍ତମାନ ଆମେ ସଂକ୍ରମଣର ଊର୍ଦ୍ଧ୍ୱମୁହାଁ ସ୍ଥିତିରେ ଅଛନ୍ତି। ଏହାର ସ୍ଥିରତା କେବେ ଆସିବ ଏବେଠାରୁ କହି ହେବ ନାହିଁ। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସର୍ଭେଲାନ୍ସକୁ ଆହୁରି ଜୋରଦାର କରାଯିବ। ସବୁ ଦିନର ପରିସଂଖ୍ୟାନକୁ ଅନୁଧ୍ୟାନ କରି ସରକାର ନିଷ୍ପତ୍ତି ନେଉଛନ୍ତି। ସ୍କୁଲ, ଭିଡ଼ ହେଉଥିବା ଜାଗା ଉପରେ ଫୋକସ୍ ଦିଆଯିବ। ଆତଙ୍କିତ ହୁଅନ୍ତୁ ନାହିଁ କିମ୍ବା ଅବହେଳା କରନ୍ତୁ ନାହିଁ। ଏବେ ଘରେ ଘରେ ଥଣ୍ଡା ଜ୍ୱର ଦେଖିବାକୁ ମିଳୁଛି। ତେଣୁ ଲକ୍ଷଣ ଆସିଲେ, ତୁରନ୍ତ ଟେଷ୍ଟ କରାନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ଏବଂ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଧାର୍ମିକ କାର୍ଯ୍ୟ ସମ୍ପାଦନ, ଦେବଦର୍ଶନ ପାଇଁ ଇଚ୍ଛା ଜାଗ୍ରତ ହେବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**
ଆଜି ଯେତେ ଭଲ କରିବା ପାଇଁ ଚାହିଁଲେ ମଧ ସମୟ, ପରିବେଶ ଓ ପରିସ୍ଥିତି ତାହା କରାଇ ଦେବନାହିଁ। ଉଚ୍ଚସ୍ତରର ବନ୍ଧୁଙ୍କ ଦେଖା ମିଳିବ, କିନ୍ତୁ ଦି'ପଦ କଥା ହୋଇପାରିବେ ନାହିଁ। ଆତ୍ମୀୟମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
ନିକଟତମ ବ୍ୟକ୍ତିମାନଙ୍କ ସାହାଯ୍ୟ ନ ପାଇଲେ ମଧ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଆକସ୍ମିକ ଭାବରେ ଯୋଜନା ନ ଥାଇ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ପ୍ରଶଂସିତ ହେବେ।

**କର୍କଟ**
ଅନାବଶ୍ୟକ ଖର୍ଚ୍ଚ ବଢ଼ିବା ସାଙ୍ଗକୁ ମାନସିକ ସନ୍ତୁଳନ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ର ହେବ। ପ୍ରତ୍ୟୁଷ ଯାତ୍ରା ସମୟରେ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ପ୍ରଭୃତିରେ ସମସ୍ୟା ଆଂଶିକ ସମାଧାନ ହୋଇପାରିବ।

**ସିଂହ**
ପାରିପାର୍ଶ୍ୱିକ ପରିସ୍ଥିତି ଓଲଟା ରହିବା ହେତୁ ଯାହା ଭାବିବେ ତାହା କରିପାରିବେ ନାହିଁ। ପରିସ୍ଥିତିବଶତଃ ବିଭିନ୍ନ ସମସ୍ୟା ରହିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ଆଲୋଚନା ସଭା, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା**
ମାନସିକ ଅସ୍ଥିରତା ଅନୁଭବ କଲେ ମଧ କାମ ସାମାନ୍ୟ ବ୍ୟତିକ୍ରମ ଭିତରେ ସମ୍ପନ୍ନ ହେବ। ଦୃଢ଼ ପଦକ୍ଷେପ ନେଇ ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅଫିସ୍‌ରେ କୌଣସି ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**
ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଧ ଆଜି କୌଣସି ଅସୁବିଧା ହେବ ନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏ ସମାଧାନ ହୋଇଯିବ। ସୁଯୋଗ ବିଭିନ୍ନ ଦିଗରୁ ଆସିବ ଏବଂ ଆବଶ୍ୟକତା ମଧ ପୂରଣ ହେବ । ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ହେତୁ ଆନନ୍ଦ ଅନୁଭବ କରିବେ।

**ବିଛା**
କର୍ମକ୍ଷେତ୍ରରେ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ବିଶୃଙ୍ଖଳିତ ରହିବ। ସ୍ୱାସ୍ଥ୍ୟସମସ୍ୟା ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ରକାଶନ, ପ୍ରଶାସନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ। ପରୋକ୍ଷ ଶତ୍ରୁତା ହେତୁ କୌଣସି ଦୀର୍ଘମିଆଦୀ କାମ ସକାଶେ ଚିନ୍ତିତ ରହିପାରନ୍ତି।

**ଧନୁ**
ନୂତନ ଯୋଜନାକୁ ସାକାର କରିବାକୁ ଚେଷ୍ଟା କରିବେ। କିନ୍ତୁ ଗ୍ରହମାନଙ୍କ କୁପ୍ରଭାବରେ ଆଜି ବିବାଦୀୟ ପରିସ୍ଥିତିରେ ଅପମାନିତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ପାରିବେ ନାହିଁ। ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଟିର କଥା ଶୁଣିବାକୁ ବେଳ ପାଇବେ ନାହିଁ। ଅସାବଧାନତାବଶତଃ କୌଣସି ଜିନିଷ ହଜିଯିବ କିନ୍ତୁ ଅଳ୍ପ ସମୟ ପରେ ମଧ ପାଇଯିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିପାରେ ।

**କୁମ୍ଭ**
ସକାଳୁ ସକାଳୁ ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଜମିଜମା, କଳକାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**
ପାରିବାରିକ ଓ ଲୋକ ସମର୍ଥନ ଆପଣଙ୍କ ପଛରେ ରହିଥିବା କାରଣରୁ ସମସ୍ୟା ମୁକ୍ତ ହେବେ। ଆକସ୍ମିକ ଭାବରେ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲି ପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।


# classifieds Everyday
0674-2580101, 2549302

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73936

ଭୁବନେଶ୍ୱରରେ ଏକ ଲକ୍ଷରେ ପ୍ଲଟ୍ ସୁନ୍ଦରପଦାରେ କିଣନ୍ତୁ। Mob: 7978783341, 9438054314, 9178265078, 8895296342. D-1007

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

## PURCHASE

Wanted land in Bhubaneswar based on sharing & marketing. 9937816565, 8249017091. D-967

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278

to-let

Office for rent at CRP Square, Amrita Shopping Arcade. 1st Floor. Area 300sqft. Fully furnished with AC, Latrine, Bath & 24 hours water supply. Contact:7978225862, 9437037329. D-1010

5000 Sqft. ground floor office cum godown space available for rent at Gautam Nagar, Bhubaneswar near Kalpana Square. Contact: 9776117523. D-71349

healthcare

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly open full body massage ladies & gents available. 8093726714. D-73620

**One hour any therapy by expert therapist @999 only. 9078484455.** D-73621

All types hair cutting, body massage by smart lady room services available. Contact: 9938582450. D-71346

Newly open full body massage ladies and gents. 8327740003, 8093860513. D-73937

Refreshing your mind and body with the best therapy, 7873794731. D-872

Newly opened full body massage center by expert therapist. 7381172169. D-73622

Full body massage in homely atmosphere all therapy. Mob.- 8114881641. D-73415

**Relax, Refresh your body, Mind at Saikrupa Spa with best therapies. 8984068077.** D-980

## LOST

ମୁଁ ଶ୍ରୀମତୀ ମମତା ପାଇକରାୟ, ସ୍ୱା- ପ୍ରଶାନ୍ତ ପାଇକରାୟ ମୋର ସଂଯୁକ୍ତ ଦଲିଲ ନଂ.-1963/2007 ଏବଂ 2358/2007 ଏବଂ ପଟ୍ଟା, ତା 02.06.2021 ଯାହା ମମତା ପାଇକରାୟଙ୍କ ନାମରେ ରହିଥିବା ଦଲିଲଟି ହଜିଯାଇଛି। କେହି ଯଦି ଉକ୍ତ ଦଲିଲଟିକୁ ଠାବ କରନ୍ତି ବା ପାଆନ୍ତି ଦୟାକରି ସୁରେଶ ଚନ୍ଦ୍ର ତ୍ରିପାଠୀ (ଓକିଲ)ଙ୍କୁ ସମ୍ପର୍କ କରିବାକୁ ଅନୁରୋଧ। ମୋବାଇଲ- 9238648167. D-1011

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### କଟକରେ ମହିଳାଙ୍କ ...

ପ୍ରଥମ ପୃଷ୍ଠାରୁ...

ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସିପି ତାପସ ପ୍ରଧାନ କହିଛନ୍ତି, ମହିଳାଙ୍କ ଗଳା କାଟି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ତେବେ କିଏ ଏହି ମହିଳାଙ୍କୁ ହତ୍ୟା କଲା ଓ ଏହା ପଛର କାରଣ କ'ଣ ସେ ଦିଗରେ ତଦନ୍ତ କରାଯାଉଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ।

### ଏନ୍‌ଆଇଆର୍‌ଏଫ୍‌ରେ...

କୌଣସି ସରକାରୀ କିମ୍ବା ଘରୋଇ ମହାବିଦ୍ୟାଳୟ ଏହି ବର୍ଗରେ ସ୍ଥାନ ପାଇପାରିନାହାନ୍ତି। ତେବେ ବିଶ୍ୱବିଦ୍ୟାଳୟ ବର୍ଗରେ ଶ୍ରେଷ୍ଠ ୧୦୦ରେ ଓଡ଼ିଶାର ୩ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିବା ବେଳେ ଗୋଟିଏ ସରକାରୀ ଶିକ୍ଷାନୁଷ୍ଠାନ ରହିଥିବା ଜଣାପଡ଼ିଛି। ସୋଆ ବିଶ୍ୱବିଦ୍ୟାଳୟ ୧୬ତମ ସ୍ଥାନରେ ଥିବାବେଳେ କିଟ୍ ୨୦ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ୮୮ ତମ ସ୍ଥାନରେ ରହିଛି। ଇଞ୍ଜିନିୟରିଂରେ ଏନ୍‌ଆଇଟ୍ ରାଉରକେଲାକୁ ୧୫, ସୋଆକୁ ୨୭, ଭୁବନେଶ୍ୱର ଆଇଆଇଟି ୩୬, କିଟ୍ ୪୨ ଓ ସିଭି ରମଣ କଲେଜକୁ ୯୮ ତମ ର୍ୟାଙ୍କ୍ ମିଳିଛି। ସ୍ୱାସ୍ଥ୍ୟ ଶିକ୍ଷାରେ ଶ୍ରେଷ୍ଠ ୫୦ରେ ସୋଆ ୧୮, ଭୁବନେଶ୍ୱର ଏମ୍ସ ୨୬, କିଟ୍ ୩୦ ଓ ଏସ୍‌ସିବି ୪୪ତମ ସ୍ଥାନରେ ରହିଛି। ଗବେଷଣା ଶିକ୍ଷାନୁଷ୍ଠାନ ବର୍ଗରେ ଶ୍ରେଷ୍ଠ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଉରକେଲା ଏନ୍‌ଆଇଟି ୨୪ତମ ର୍ୟାଙ୍କରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୩୭, ସୋଆ ୪୫ ଓ କିଟ୍ ୪୭ତମ ସ୍ଥାନ ହାସଲ କରିଛି। ସୂଚନାଯୋଗ୍ୟ, ଦେଶରେ ଉଚ୍ଚଶିକ୍ଷାର ମାନବୃଦ୍ଧି ତଥା ଏକ ସୁସ୍ଥ ପ୍ରତିଯୋଗିତାମୂଳକ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ପ୍ରତିବର୍ଷ ଏନ୍‌ଆଇଆର୍‌ଏଫ୍ ଏଭଳି ର୍ୟାଙ୍କିଙ୍ଗ୍ ଘୋଷଣା କରିଥାଏ। ଶିକ୍ଷାନୁଷ୍ଠାନରେ ପାଠପଢ଼ା, ଭିତ୍ତିଭୂମି, ଗବେଷଣା, ଶିକ୍ଷାର ମାନ, ଶିକ୍ଷାର ବାତାବରଣ, ଛାତ୍ରୀଛାତ୍ରଙ୍କ ସଫଳତା ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟଗୁଡିକୁ ୧୧ଟି ବର୍ଗରେ ରାଙ୍କିଙ୍ଗ୍ କରାଯାଇଥାଏ।

### ସ୍ତ୍ରୀଙ୍କ ପ୍ରେମିକଙ୍କୁ ...

ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ତ୍ରୀଙ୍କ ସହିତ ଅନୈତିକ ସମ୍ପର୍କ ରଖିବାରୁ ପ୍ରସନ୍ନଜିତଙ୍କୁ ହତ୍ୟା କଲେ ବୋଲି ରାଜୀବ ସ୍ୱୀକାର କରିଥିବା ପୋଲିସ କହିଛି। ଏ ନେଇ ଜିଆରପି ପୋଲିସ ନଂ.୪୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା ଛୁରିକୁ ଜବତ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୫୭,୮୨,୧୦୬ | ୬୩,୮୨,୯୦୭ | ୫୩,୭୨,୪୭,୦୭୯ |
| ଭାରତ | ୪,୩୭,୧୦,୦୨୭ | ୫,୨୫,୬୦୪ | ୪,୩୦,୪୫,୩୫୦ |
| ଓଡ଼ିଶା | ୧୨,୯୭,୧୭୫ | ୯୧୨୮(+୫୩) | ୧୨,୮୩,୬୮୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସ୍କୁଲ ଯାଇ ଘରକୁ ଫେରିପାରିଲେନି ୧୪ ଛାତ୍ରୀଛାତ୍ର

**ବୌଦ୍ଧ, ୧୫।୭(ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ଡିଗିସିରା ଗ୍ରାମର ୧୪ ଛାତ୍ରୀଛାତ୍ର ଗୁରୁବାର ସ୍କୁଲକୁ ଯାଇ ଘରକୁ ଫେରିପାରି ନ ଥିଲେ। ଅପରାହ୍ଣରେ ସ୍କୁଲରୁ ଘରକୁ ଫେରୁଥିବାବେଳେ ଲକ୍ଷ୍ମୀନାଳରେ ଉଚ୍ଛୁଳା ପାଣି ପ୍ରବାହିତ ହେଉଥିବାରୁ ନାଳ ପାରିହୋଇ ନ ପାରି ଅଟକି ଯାଇଥିଲେ। ତେଣୁ ନାଳ ପାର୍ଶ୍ୱରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ଗ୍ୟାରେଜରେ ରାତିରେ ରହିବାକୁ ବାଧ୍ୟ ହୋଇଥିଲେ। ଶୁକ୍ରବାର ସକାଳୁ ନାଳରେ ପାଣି କମିବା ପରେ ସେମାନଙ୍କ ସମ୍ପର୍କୀୟ ଗ୍ୟାରେଜକୁ ଆସି ଛାତ୍ରୀଛାତ୍ରଙ୍କୁ କାନ୍ଧରେ ବୋହି ନାଳ ପାରକରି ଘରକୁ ନେଇଥିଲେ।

ହରଭଙ୍ଗା ବ୍ଲକର ହେଡକ୍ୱାର୍ଟର ପଞ୍ଚାୟତ ବାଣୀଭୂଷଣପୁର ହୋଇଥିଲେ ବି ଉକ୍ତ ପଞ୍ଚାୟତର କେତେକ ଗ୍ରାମକୁ ଏବେବି ଠିକ୍ ଭାବେ ରାସ୍ତା ନାହିଁ। ସେଥିମଧ୍ୟରେ ଡିଗିସିରା ଅନ୍ୟତମ। ଗ୍ରାମରେ ପାଖାପାଖି ୧୦୦ରୁ ଅଧିକ ଗରିବ ପରିବାର ବସବାସ କରନ୍ତି। ଗ୍ରାମଟି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡ଼ରେ ଥିଲେ ମଧ୍ୟ ଗାଁକୁ ଯିବାକୁ ହେଲେ ଲକ୍ଷ୍ମୀନାଳ ପାରହେବାକୁ ପଡ଼ିଥାଏ। ଗ୍ରାମବାସୀ ନାଳ ପାରି ହେବା ପରେ ହିଁ ଦୈନନ୍ଦିନ ସାମଗ୍ରୀ କିଣିବା ପାଇଁ ବଜାରକୁ ଯାଆନ୍ତି। ପିଲାମାନେ ମଧ୍ୟ ପାଠପଢ଼ିବାକୁ ବାହାରକୁ ଯାଇଥାନ୍ତି। ଗ୍ରାମରେ କୌଣସି ବିଦ୍ୟାଳୟ ନ ଥିବାରୁ ପିଲାମାନେ ନିକଟସ୍ଥ ଯାଜପୁରଠାରେ ଥିବା ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଜଙ୍ଗଲ ରାସ୍ତାରେ ଯାଇ ପାଠ ପଢୁଥିବାବେଳେ ଉଚ୍ଚ ଶିକ୍ଷା ପାଇଁ ପୁରୁଣାକଟକ କିମ୍ବା ଚାରିଛକ ଉପରେ ନିର୍ଭର କରିଥାନ୍ତି। ପୁରୁଣାକଟକ କିମ୍ବା ଚାରିଛକ ଆସିବାକୁ ହେଲେ ଉକ୍ତ ନାଳ ପାର ହେବାକୁ ପଡ଼ିଥାଏ। ସବୁଦିନ ପରି ଗୁରୁବାର ଗ୍ରାମର ୧୪ ଛାତ୍ରୀଛାତ୍ର ପୁରୁଣାକଟକକୁ ପାଠ ପଢିବାକୁ ଆସିଥିଲେ। କିନ୍ତୁ ବିଦ୍ୟାଳୟ ଛୁଟି ପରେ ଘରକୁ ଫେରିବା ସମୟରେ ବର୍ଷା ଯୋଗୁ ଲକ୍ଷ୍ମୀନାଳରେ ଉଚ୍ଛୁଳା ପାଣି ପ୍ରବାହିତ ହୋଇଥିଲା। ତେଣୁ ଛାତ୍ରୀଛାତ୍ର ଘରକୁ ଫେରିପାରି ନ ଥିଲେ।

ପ୍ରକାଶ ଯେ, ବର୍ଷାଦିନେ ନାଳ ଯୋଗୁ ଗ୍ରାମର ଛାତ୍ରୀଛାତ୍ରଙ୍କ ଅଧାଦିନ ପାଠପଢିବା ବନ୍ଦ ହୋଇଯାଇଥାଏ। ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଛାତ୍ରୀଛାତ୍ରଙ୍କୁ ପରିବାର ଲୋକେ କାନ୍ଧେଇ ଘରକୁ ନେଉଛନ୍ତି।

**■ ବର୍ଷା ଯୋଗୁ ନାଳରେ ଉଚ୍ଛୁଳା ପାଣି ପ୍ରବାହିତ ହେବାରୁ ଅଟକି ଗଲେ**

**■ ରାତିରେ ଗ୍ୟାରେଜରେ ରହିଲେ ଛାତ୍ରୀଛାତ୍ର**

# ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

କରୋନାର ବର୍ଦ୍ଧିତ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଟିକାକରଣକୁ ତ୍ୱରାନ୍ୱିତ କରିଛନ୍ତି। ପ୍ରଥମ, ଦ୍ୱିତୀୟ ଡୋଜ୍ ପରେ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ବରିଷ୍ଠ ନାଗରିକ ଓ ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଥିଲା। ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷ ବର୍ଗଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ରାଜ୍ୟର ୨,୩୨୦ ଟିକାକରଣ କେନ୍ଦ୍ରରେ ଏହି ଟିକା ଦିଆଯାଉଥିବାବେଳେ କେବଳ ଭୁବନେଶ୍ୱରରେ ୧୯ଟି କେନ୍ଦ୍ରର ବ୍ୟବସ୍ଥା ହୋଇଛି। ଏହି ବୟସ ବର୍ଗରେ ୨ କୋଟି ୬୫ ଲକ୍ଷରୁ ଉର୍ଦ୍ଧ୍ୱ ଟିକା ନେବାକୁ ଅଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୮ରୁ ୫୯ ବର୍ଷ ବର୍ଗରେ ଏ ପର୍ଯ୍ୟନ୍ତ ୧ ଲକ୍ଷ ୫୨ ହଜାର ପ୍ରିକଶନ ଡୋଜ୍ ନେଇଛନ୍ତି। ଉଭୟ ଅନ୍‌ଲାଇନ୍ ଓ ଅନ୍‌ସାଇଟ୍ ପଞ୍ଜୀକରଣ କରି ଟିକା ନେଇପାରିବେ। ରାଜ୍ୟରେ ୧୩ ଲକ୍ଷ ଡୋଜ୍ ଟିକା ମହଜୁଦ ରହିଛି। ଏହାପରେ ଅଧିକ ଟିକା ଯୋଗାଇଦେବାକୁ କେନ୍ଦ୍ରକୁ ଅନୁରୋଧ କରାଯିବ। ସବୁ ଲୋକଙ୍କୁ ଟିକାକରଣ ପାଇଁ କେନ୍ଦ୍ର ସଂଖ୍ୟାକୁ ମଧ ୩,୦୦୦ରୁ ଅଧିକ କରାଯିବ। ଶିକ୍ଷାନୁଷ୍ଠାନରେ କ୍ୟାମ୍ପ କରି ଟିକା ଦେବାକୁ ବ୍ୟବସ୍ଥା ହୋଇଛି। ଏହି ଟିକାକରଣ ୭୫ଦିନ ଧରି ଚାଲିବ। ଲୋକମାନେ ଆଗ୍ରହ ଦେଖାଇଲେ ଅଧିକ ଲୋକଙ୍କ ଟିକାକରଣ କରାଯାଇପାରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

**ରାଜ୍ୟରେ ୧୩ଲକ୍ଷ କୋଭିଡ୍ ଟିକା ମହଜୁଦ**



# ମୟୂରଭଞ୍ଜରେ ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ଦାୟିତ୍ୱ କେନ୍ଦ୍ରର

## ନିର୍ଦ୍ଦେଶ ଦେବାକୁ ମନାକଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ ୧୫।୭**

ମୟୂରଭଞ୍ଜ ଜିଲାରେ ବ୍ରିଟିଶ ଶାସନ ଅମଳ ତଥା ୧୯୪୦ ମସିହାର ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରି ସେଠାରେ ବିମାନବନ୍ଦର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। କେନ୍ଦ୍ର ସରକାର ଟ୍ରାଫିକ୍ ଓ ଅନେକ କଥା ବିଚାରକୁ ନେଇ ଏକ ବିମାନବନ୍ଦର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥାନ୍ତି ବୋଲି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୁବ୍ରମଣ୍ୟମ୍ ପ୍ରସାଦଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି।

ଦିଲ୍ଲୀ ହାଇକୋର୍ଟରେ ପୂର୍ବରୁ ଏକ ପିଟିଶନ ଦାଏର ହୋଇଥିଲା। ଆବେଦନକାରୀ ଜଣେ ଆଇନଜୀବୀ। ସେ ନିଜ ପିଟିଶନରେ ଦର୍ଶାଇଥିଲେ ଯେ, ୧୯୪୦ରେ ଓଡ଼ିଶାର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍‌ରେ ଏହି ଏୟାରଷ୍ଟ୍ରିପ୍ ନିର୍ମିତ ହୋଇଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଏହାକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେଠାରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ବିମାନବନ୍ଦରର ଆବଶ୍ୟକ ଥିବାରୁ କେନ୍ଦ୍ର ସରକାର ଉକ୍ତ ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରି ଏକ ଏୟାରପୋର୍ଟ ନିର୍ମାଣ କରନ୍ତୁ। ହାଇକୋର୍ଟ ଏ ନେଇ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପିଟିଶନରେ ନିବେଦନ କରାଯାଇଥିଲା। ହେଲେ ଏଥିପାଇଁ ଅଦାଲତ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଭାରତ ସରକାରଙ୍କ ଦାୟିତ୍ୱ। ସେଠାରେ ବିମାନବନ୍ଦରର ଆବଶ୍ୟକତା ଅଛି କି ନାହିଁ ଏବଂ ଏୟାରପୋର୍ଟ ନିମନ୍ତେ ସମସ୍ତ ମାନଦଣ୍ଡ ପୂରଣ ହେଉଛି କି ନା ତାହା ଯାଞ୍ଚକରି କେନ୍ଦ୍ର ସରକାର ଓ ବେସମାରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ଦିଗରେ ପଦକ୍ଷେପ ନେଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।






"ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ । -ଶ୍ରୀଅରବିନ୍ଦ



# ମଠୁଆଙ୍କୁ ଜାଗା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେବାନିବୃତ୍ତ ବୟସ ପୂର୍ବରୁ ଅବସର(ପ୍ରିମାଚ୍ୟୁର ରିଟାୟରମେଣ୍ଟ) ଦେବା ଲାଗି କେନ୍ଦ୍ରର ବ୍ୟବସ୍ଥା ରହିଛି। ତାହାକୁ ଲକ୍ଷ୍ୟ କରି ଦିଲ୍ଲୀ ସରକାର ସେଭଳି ବାଟ ଆପଣାଇଛନ୍ତି। ନିକଟରେ ଦିଲ୍ଲୀ ସରକାରଙ୍କ ଅର୍ଥ ବିଭାଗ ଅବସର ନେବାକୁ ଥିବା ଏବଂ ପ୍ରଦର୍ଶନ ଭଲ ନ ଥିବା ଆକାଉଣ୍ଟ କ୍ୟାଡର ଅଧିକାରୀମାନଙ୍କ କ୍ୟାରିୟରକୁ ନେଇ ନିୟମିତ ବ୍ୟବଧାନରେ ସମୀକ୍ଷା କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛି। ଏହି ବାବୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଅବସର ଦେବା ଉଦ୍ଦେଶ୍ୟରେ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଜଣାପଡ଼ିଛି ଯେ, ଦିଲ୍ଲୀର ଲ୍ୟୁଟନାଣ୍ଟ ଗଭର୍ନର ବିନୟ କୁମାର ସକ୍‌ସେନାଙ୍କ ସମେତ ସମସ୍ତେ ଏହି ଯୋଜନାକୁ ଗ୍ରହଣ କରିଛନ୍ତି। ଏହି ବିଷୟକୁ ସକ୍‌ସେନା ଗମ୍ଭୀରତାର ସହ ନେଇଛନ୍ତି ଏବଂ ଦିଲ୍ଲୀ ସରକାରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କର ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଉ ବୋଲି ଚାହିଁଛନ୍ତି। ବ୍ୟବସ୍ଥାରେ କାର୍ଯ୍ୟକରୁଥିବା ମାନ୍ଦା ବା ମଠୁଆ ଏବଂ ବାଧା ସୃଷ୍ଟିକାରୀ ଅଧିକାରୀମାନଙ୍କୁ ସଫା କରିବା ଲାଗି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ସେ ଚାହୁଁଥିବା ସ୍ପଷ୍ଟ ହୋଇଛି। ଆକାଉଣ୍ଟ କ୍ୟାଡର ଅଧିକାରୀ, ଡେପୁଟି କମ୍ପ୍ରୋଲର ଅଫ୍ ଆକାଉଣ୍ଟସ୍, ସିନିୟର ଆକାଉଣ୍ଟସ୍, ଆକାଉଣ୍ଟ ଅଧିକାରୀ ଏବଂ ସହକାରୀ ଆକାଉଣ୍ଟ ଅଧିକାରୀ ଯେଉଁମାନେ ଡିଓପିଟିର ପ୍ରିମାଚ୍ୟୁର ରିଟାୟରମେଣ୍ଟ ନିୟମ ଅଧୀନରେ ରହୁଛନ୍ତି, ସେମାନଙ୍କ ରିପୋର୍ଟ ଦାଖଲ କରିବା ଲାଗି ସମସ୍ତ ମୁଖ୍ୟ ବିଭାଗଗୁଡ଼ିକୁ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ ରିପୋର୍ଟ ଉପରେ ଏକ ସମୀକ୍ଷା କମିଟି ଯାଞ୍ଚ କରିବ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବ। ତେବେ ଏହି ନିଷ୍ପତ୍ତିରେ ପ୍ରଭାବିତ ହେବାକୁ ଥିବା ବାବୁମାନେ କିଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସେ ସମ୍ପର୍କରେ ଏଯାବତ କିଛି ଜଣାପଡ଼ିନାହିଁ।

### ଚମକିବେ କାନ୍ତ

ଭାରତର ଜି ୨୦ ଟିମ୍ ମୁଖ୍ୟ ଭାବେ ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତଙ୍କ ନିଯୁକ୍ତି ପରେ ଏହା ଅଧିକ ଶକ୍ତିଶାଳୀ ହୋଇଛି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଅତ୍ୟଧିକ କାର୍ଯ୍ୟଚାପର କାରଣ ଦର୍ଶାଇ ଦାୟିତ୍ୱରୁ ଓହରି ଯିବା ପରେ ତାଙ୍କ ସ୍ଥାନରେ କାନ୍ତ ନିଯୁକ୍ତ ହୋଇଛନ୍ତି। କାନ୍ତଙ୍କୁ ଏଭଳି ଦାୟିତ୍ୱ ମିଳିବ ବୋଲି କେହି ବିଶ୍ୱାସ କରି ନ ଥିଲେ। ତାଙ୍କୁ କୌଣସି ଏକ ରାଜ୍ୟର ଗଭର୍ନର କରାଯିବାର ସୂଚନା ମିଳୁଥିଲା, କିନ୍ତୁ ସରକାର କାନ୍ତଙ୍କ ପାଇଁ ଏକ ଉତ୍ତମ ଯୋଜନା କରିଥିଲେ ବୋଲି ଏବେ ସ୍ପଷ୍ଟ ହେଲା। ତଥାପି ଚଳିତ ବର୍ଷ ଶେଷ ଆଡକୁ ଜି୨୦ରେ ଭାରତ ଅଧ୍ୟକ୍ଷତା କରିବ ବୋଲି ଆଶା କରାଯାଉଥିବା ଏବଂ ଆସନ୍ତା ବର୍ଷ ଜି୨୦ ସମ୍ମିଳନୀ ଆୟୋଜନ କରିବା ପାଇଁ ପ୍ରସ୍ତୁତ ହେବାର ଠିକ୍ ପୂର୍ବରୁ ଏହା ଏକ ସମୟୋପଯୋଗୀ ପଦକ୍ଷେପ। କାନ୍ତ ଏବେ ପୂର୍ବତନ ବୈଦେଶିକ ସଚିବ ତଥା ଭାରତର ମୁଖ୍ୟ ଜି୨୦ ସଂଯୋଜକ ଶ୍ରୀଙ୍ଗଲାଙ୍କ ସହିତ ଯୋଗଦେବେ। ଜି୨୦ ପାଇଁ ଭାରତ ଏକ ପୂର୍ଣ୍ଣକାଳୀକ ମୁଖ୍ୟ ଆବଶ୍ୟକ କରୁଥିବା ଏବଂ ଗୋଏଲ ବିଭିନ୍ନ ମନ୍ତ୍ରଣାଳୟ ଓ ସଂସଦୀୟ ଦାୟିତ୍ୱଗୁଡ଼ିକରେ ବ୍ୟସ୍ତ ରହିଥିବା ଯୋଗୁ ଏଭଳି ସ୍ଥିତିରେ ଅନ୍ୟମାନଙ୍କ ମଧ୍ୟରେ କାନ୍ତ ହିଁ ଯୋଗ୍ୟ । ଏନ୍‌ଡିଏ ସରକାର ଏବଂ ପରେ ନୀତି ଆୟୋଗର ଦୀର୍ଘଦିନ ଧରି ନୀତି ବିଶେଷଜ୍ଞ ଭାବେ କାର୍ଯ୍ୟ କରିବା ପରେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରକାଶିତ ବା ଚମକିବା ଲାଗି କାନ୍ତଙ୍କର ଏହା ଏକ ଅଭିଯାନ। କାନ୍ତଙ୍କ ଭଳି ଆଇଏଏସ୍ ଏବଂ ଶ୍ରୀଙ୍ଗଲା ପରି ଆଇଏଫ୍ଏସ୍ ଯୋଡ଼ି ରଣନୀତିକ ଫୋରମରେ ବୈଶ୍ୱିକ ସଙ୍କଟ ସୁଧୁରିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ସମୟରେ ବେଶ୍ ଉପଯୋଗୀ ହେବ।

### ଅଗ୍ନିହୋତ୍ରୀ ବିଦା ହେଲେ

ଏକ ତ୍ୱରିତ ପଦକ୍ଷେପରେ କେନ୍ଦ୍ର ନ୍ୟାଶନାଲ ହାଇ-ସ୍ପିଡ୍ ରେଲ୍ କର୍ପୋରେଶନ ଲିମିଟେଡ(ଏନ୍‌ଏଚ୍‌ଏସ୍‌ଆର୍‌ସିଏଲ୍) ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତୀଶ ଅଗ୍ନିହୋତ୍ରୀଙ୍କୁ ଚାକିରିରୁ ବିଦା କରିବା ପରେ ରାଜେନ୍ଦ୍ର ପ୍ରସାଦଙ୍କୁ ଅତିରିକ୍ତ ଏମ୍‌ଡି ଦାୟିତ୍ୱ ପ୍ରଦାନ କରିଛି। ପ୍ରସାଦ ଏବେ ଏନ୍‌ଏଚଏସ୍‌ଆର୍‌ସିଏଲ୍ ପ୍ରୋଜେକ୍ଟସ୍‌ର ନିର୍ଦ୍ଦେଶକ ରହିଛନ୍ତି। ଏନ୍‌ଡିଏ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବୁଲେଟ୍ ଟ୍ରେନ୍ ପ୍ରୋଜେକ୍ଟକୁ ଏହି କମ୍ପାନୀ କାର୍ଯ୍ୟକାରୀ କରୁଛି। ଯଦିଓ ସରକାର ଅଗ୍ନିହୋତ୍ରୀଙ୍କ ଚାକିରି ଶେଷ କରିବାର କାରଣ ଦର୍ଶାଇନାହାନ୍ତି, ତଥାପି ବିଶ୍ୱାସ କରାଯାଉଛି ଯେ, ତାଙ୍କ ବିରୋଧରେ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଯୋଗୁ ତାଙ୍କ ଏମ୍‌ଡି ପଦବୀ ଅସ୍ଥିର ହୋଇଯାଇଥିଲା। କୌତୂହଳର କଥା, ଚାକିରି ଶେଷ ହେବା ଭଳି କର୍ପୋରେଶନରେ ଏମ୍‌ଡି ଭାବେ ତାଙ୍କ ନିଯୁକ୍ତି ମଧ୍ୟ ଆହୁରି ନାଟକୀୟ ଥିଲା। ୨୦୧୮ରେ ୧୯୮୨ ବ୍ୟାଚ୍‌ର ଇଣ୍ଡିଆନ୍ ରେଲୱେ ସର୍ଭିସ ଅଧିକାରୀ ଅଗ୍ନିହୋତ୍ରୀଙ୍କୁ ଅବସର ପରେ ଏନ୍‌ଏଚ୍‌ଏସଆର୍‌ସିଏଲ୍‌ର ମୁଖ୍ୟ ଭାବେ ସରକାର ନିଯୁକ୍ତ କରିଥିଲେ। ସେତେବେଳେ କୁହାଯାଇଥିଲା ଯେ, ବିଜ୍ଞାପିତ ବୟସ ମାନଦଣ୍ଡ ଅନୁଯାୟୀ ଅଗ୍ନିହୋତ୍ରୀ ସେହି ପଦବୀ ପାଇଁ ଯୋଗ୍ୟ ନୁହନ୍ତି। ତଥାପି ଅନ୍ୟ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ପଛରେ ପକାଇ ସେ ନିଯୁକ୍ତି ପାଇଥିଲେ ବି ତାଙ୍କ ପତନ ଶୀଘ୍ର ହୋଇଛି। ମୋଦି ସରକାରଙ୍କ ପାଇଁ ବୁଲେଟ ଟ୍ରେନ ଏକ ସମ୍ମାନଜନକ ପ୍ରୋଜେକ୍ଟ ହୋଇଥିବାରୁ ଏହାକୁ ସଫଳତାର ସହ ଶେଷ କରିବା ଲାଗି ଦାୟିତ୍ୱ ବହନ କରିଥିବା ଅଧିକାରୀମାନଙ୍କ ଉପରେ କୌଣସି ଅଭିଯୋଗକୁ ସରକାର ସହ୍ୟ କରିବେ ନାହିଁ ବୋଲି ଅଗ୍ନିହୋତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ସ୍ପଷ୍ଟ କରିଦେଲେ।

Email: dilipcherian@gmail.com

# ଯାହାକୁ ଯେତେ...



ଅକ୍ଷୟ କୁମାର ମିଶ୍ର

ଆମ ରାଜ୍ୟର ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏ ବର୍ଷ ୫ ଲକ୍ଷ ୮୫ ହଜାର ୭୩୦ ଛାତ୍ରୀଛାତ୍ର ୩ ହଜାର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଏଥିରୁ ୫ ଲକ୍ଷ ୧୭ ହଜାର ୮୪୭ ଜଣ ପାସ୍ କରିଛନ୍ତି ଅର୍ଥାତ୍ ୯୦.୫୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ୮୬୯୯ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ବୋର୍ଡ ତରଫରୁ ପ୍ରକାଶ କରାଯାଇଛି। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୩ ହଜାର ୮ଜଣ ପିଲା ଗ୍ରେଡ୍ A ପାଇଛନ୍ତି। ୧୧୭୦ଟି ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଯଦି ପୂର୍ବବର୍ଷ ପରି ହୁଏ ତେବେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ତରଫରୁ A-1 ପାଇଥିବା ପିଲାମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ସ୍ୱତନ୍ତ୍ର ମଞ୍ଚ କରାଯାଇ ଏମାନଙ୍କୁ ପ୍ରେରଣା ଦିଆଯିବ। ଆମେ ସଭିଏ ଚାହିଁବା ଏମାନେ ଆଗକୁ ବଢ଼ନ୍ତୁ। ଭବିଷ୍ୟତରେ ଆହୁରି ଭଲ କରନ୍ତୁ। ରାଜ୍ୟର ବିକାଶରେ ଅଂଶୀଦାର ହୁଅନ୍ତୁ। ଦେଶ ପାଇଁ ଶ୍ରେଷ୍ଠ ମାନବ ସମ୍ବଳର ପରିଚୟ ସୃଷ୍ଟି କରନ୍ତୁ।

ତେବେ ଏହି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କିଛି ଗୁଞ୍ଜରଣ ଶୁଣିବାକୁ ମିଳୁଛି। ଲୋକେ କୁହାକୁହି ହେଉଛନ୍ତି, ପରୀକ୍ଷା ଫଳ ଯେମିତି ହୋଇଛି କେହି ଅସନ୍ତୋଷ ବ୍ୟକ୍ତ କରିପାରିବେ ନାହିଁ। ଯଦି କେହି ଅସନ୍ତୋଷ ପ୍ରକାଶ କରେ ତେବେ ତା' ପାଇଁ ଉତ୍ତର ହେଲା 'ଯାହାକୁ ଯେତେ ମିଛୁଟାରେ ଗୋଡ଼ କଚାଡୁ କେତେ।' କାହିଁକି ନା ଏ ବର୍ଷ ୮୧୧୯ ଜଣ A-1 ଅର୍ଥାତ୍ 90 ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଛନ୍ତି। ସର୍ବକାଳୀନ ରେକର୍ଡକୁ ଏହା ଅତିକ୍ରମ କରିଯାଇଛି। ଆମେ ଯଦି ବିଗତ ବର୍ଷଗୁଡ଼ିକର ପରୀକ୍ଷା ଫଳ ଉପରେ ନଜର ପକାଇବା ତେବେ କିଛି ସନ୍ଦେହ ଆସିବ ହିଁ ଆସିବ। ସଭିଏ ଜାଣିଛନ୍ତି କରୋନା କାରଣରୁ ୨୦୨୧ରେ ମାଟ୍ରିକ୍ ପରୀକ୍ଷା ହୋଇପାରି ନ ଥିଲା। ଶିକ୍ଷକମାନେ ପଠାଇଥିବା ନମ୍ବରକୁ ଭିତ୍ତିକରି ଫଳ ପ୍ରକାଶ ପାଇଥିଲା, ଯେଉଁଥିରେ ପାସ୍‌ହାର ଥିଲା ୯୭.୮୯ ପ୍ରତିଶତ ଓ A-1 ପାଇଥିଲେ ୨୬୫୬ ଜଣ। ୨୦୨୦ ଓ ୨୦୧୯ରେ (ଯେଉଁ ଦୁଇ ବର୍ଷ ଓଏମ୍‌ଆର ନ ଥାଇ ପରୀକ୍ଷା ହୋଇଥିଲା) ପାସ୍‌ହାର ଯଥାକ୍ରମେ ୭୮.୭୬ ଓ ୭୦.୭୮ ପ୍ରତିଶତ ଥିଲା। ଏହି ଦୁଇ ବର୍ଷ A-1 ପାଇଥିବା ପିଲାଙ୍କ ସଂଖ୍ୟା ଏକ ହଜାରରୁ କମ୍ ଥିଲା। ପୁଣି ୨୦୧୮ ଓ ୨୦୧୭ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବୋର୍ଡ ପରୀକ୍ଷାରେ ଯଥାକ୍ରମେ ୯୨.୪୭ ଓ ୮୫.୨୮ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ସତ କିନ୍ତୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ପିଲାଙ୍କ ସଂଖ୍ୟା ସୀମିତ ଥିଲା। ବିଗତ ବର୍ଷଗୁଡ଼ିକର ପରୀକ୍ଷା ଫଳକୁ ନେଇ ବିଚାର କଲେ ପରୀକ୍ଷାରେ ଓଏମ୍‌ଆର ବ୍ୟବହାର ପରୀକ୍ଷା ଫଳରେ ପରିମାଣାତ୍ମକ ବୃଦ୍ଧିରେ ଯେ ସହାୟକ ହୋଇଛି ଏଥିରେ ସନ୍ଦେହ ନାହିଁ। ଯାହାବି ହେଉ ମାଟ୍ରିକ ପାସ୍ କରିବାର ଦକ୍ଷତା ନ ଥିବା ପିଲାଟି ହାତରେ ପାସ୍ ସାର୍ଟିଫିକେଟ ଖଣ୍ଡିଏ ଧରାଇଦେବା ଯେତିକି ଦୋଷାବହ ନୁହେଁ ମେଧାଶକ୍ତି ନ ଥାଇ କାହାକୁ ମେଧାବୀ ତାଲିକାରେ ଅନ୍ତର୍ଭୁକ୍ତ କରିଦେବା ଅତ୍ୟନ୍ତ ମାରାତ୍ମକ।



ଆଲୋଚ୍ୟ ବିଷୟ ପାଲଟିଛି ହଠାତ୍ କ'ଣ ହେଲା ଯେ ଆମ ରାଜ୍ୟର ମାଟ୍ରିକ୍ ପରୀକ୍ଷାର ମେଧା ତାଲିକା ଏମିତି ପୃଥୁଳକାୟ ହୋଇଗଲା ? କାହା ହାତରେ ଏ କୁହୁକ ବାଡ଼ି ? ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ନା ବୋର୍ଡ ନା ସରକାର ହାତରେ ? ଅଭିଭାବକ ବିସ୍ମିତ। ଅଧିକାଂଶ ଛାତ୍ରୀଛାତ୍ର ଗଣମାଧ୍ୟମ ସମ୍ମୁଖରେ ମତ ରଖୁଛନ୍ତି ସେମାନେ ଯେତିକି ଆଶା କରିଥିଲେ ତା'ଠାରୁ ଅଧିକ ନମ୍ବର ଆସିଛି। ଶିକ୍ଷକମାନେ କୁହାକୁହି ହେଉଛନ୍ତି ଏମିତି କେମିତି ହେଲା। ଯିଏ B-1 ପାଇବା କଥା ନୁହେଁ ସେ A-1 ପାଇଛି। କିଛି କହୁଛନ୍ତି, "ଆରେ ଭାଇ ଖାଲି କ'ଣ ସେତିକି, ମୋ ବିଦ୍ୟାଳୟରେ ଯିଏ ଶ୍ରେଣୀ ପରୀକ୍ଷାରେ ସବୁବେଳେ ପ୍ରଥମ ହେଉଥିଲା ତା'ଠାରୁ ପଞ୍ଚମରେ ରହୁଥିବା ପିଲାଟି ଟପିଯାଇଛି। ଏବେ ସିନା ବଡ଼ ଅଫିସରଙ୍କୁ କୈଫିୟତ ଦେବାକୁ ପଡ଼ିବନି ହେଲେ ନିଜ ବିବେକକୁ ଆମେ ଉତ୍ତର ଦେଇପାରୁନୁ।" ବୋର୍ଡର ଉତ୍ତର ହେଲା ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିପାଇଁ ଏତେ ତର୍ଜମା କାହିଁକି? ସିବିଏସ୍‌ଇ ଓ ଆଇସିଏସ୍‌ଇ ପରୀକ୍ଷା ଫଳକୁ ଦେଖି ତ କେହି ପ୍ରଶ୍ନ ଉଠାଉ ନାହାନ୍ତି? ସେମାନଙ୍କ ପିଲା ଶତପ୍ରତିଶତ ନମ୍ବର ରଖିଲେ ବି କେହି କିଛି କହୁନାହାନ୍ତି। ଅଥଚ ଆମ ବୋର୍ଡ ଯଦି ଉତ୍ତମ ପ୍ରଦର୍ଶନ କଲା ତେବେ ଜିରାରୁ ଶିରା ବାଛିବା ଆରମ୍ଭ ହୋଇଗଲା। ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ହେଲା ପିଲାମାନେ ମନ ଲଗାଇ ପଢ଼ିଛନ୍ତି। ଶିକ୍ଷକମାନେ ମଧ୍ୟ କଠିନ ପରିଶ୍ରମ କରିଛନ୍ତି। ଅନ୍‌ଲାଇନ ପାଠପଢ଼ା ସହାୟତା ଦେଇଛି। ଏମିତି ଫଳ ମିଳିଛି। କିନ୍ତୁ ଯାହା ଜଣାପଡୁଛି ବୋର୍ଡ ଆଉ ଯେମିତି ଏକ ସ୍ୱୟଂଶାସିତ ସଂସ୍ଥା ହୋଇ ରହିନାହିଁ।

ଏ ପ୍ରକାର ଉତ୍ତମ ପରୀକ୍ଷା ଫଳକୁ ଦେଖି ଯେକେହି ଈର୍ଷା କରୁଛି, ଏହା ବିଚାର କରିବା ଠିକ୍ କଥା ନୁହେଁ। ଆମ ପିଲାଙ୍କର ଇଂଲିଶ୍ ବା ସାହିତ୍ୟରେ ପୂର୍ଣ୍ଣ ନମ୍ବର ରଖିବାର ଦକ୍ଷତା ନାହିଁ। ଯଦି କେହି କହନ୍ତି, ତାହା ସେମାନଙ୍କ ହେୟ ମନୋଭାବ ବୋଲି ଧରିନିଆଯାଇପାରେ। କଥା ହେଉଛି, କିଛି ଅସଂଗତି ପଦାକୁ ଆସୁଛି, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଥମ କଥାଟି ହେଲା କିଛି ପ୍ରଶ୍ନର ଉତ୍ତର ଦୀର୍ଘମୂଳକ ହୋଇଥିବା ବେଳେ ଇଂଲିଶ୍ ଓ ସାହିତ୍ୟରେ ଶତପ୍ରତିଶତ ନମ୍ବର ରଖିବା ସହଜ ନୁହେଁ। ଗୋଟିଏପଟେ କୁହାଯାଉଛି ବିଦ୍ୟାଳୟରେ ଶିକ୍ଷକ ନ ଥିବା ଯୋଗୁ ସଂସ୍କୃତ ଶିକ୍ଷକ ଇଂଲିଶ ପଢ଼ାଉଛନ୍ତି। ଖେଳ ଶିକ୍ଷକ ବାଧ୍ୟହୋଇ ସାହିତ୍ୟ ପଢ଼ାଉଛନ୍ତି। ଅଥଚ ପରୀକ୍ଷାରେ ଶହେରୁ ଶହେ।

ଚଳିତ ବର୍ଷ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ଚାରୋଟି ଫର୍ମେଟିଭ ଆସେସ୍‌ମେଣ୍ଟ ହେଲା ସମେଟିଭ ଆସେସ୍‌ମେଣ୍ଟ - ୧ ପିଲାମାନେ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାଦେଲେ । ସମେଟିଭ ଆସେସ୍‌ମେଣ୍ଟ - ୨(ବାର୍ଷିକ ପରୀକ୍ଷା) ବେଳକୁ ନିୟମର ପରିବର୍ତ୍ତନ ଘଟିଲା ଓ ଯେଉଁଠି ପରୀକ୍ଷା କେନ୍ଦ୍ର ହେଲା ସେହି ସ୍କୁଲର ପିଲା ସେହି କେନ୍ଦ୍ରରେ ପରୀକ୍ଷା ଦେଲେ । କିନ୍ତୁ ହେଲା କ'ଣ ? ଗତବର୍ଷ ଯେତିକି ପିଲା A-1 ଗ୍ରେଡ୍ ପାଇଥିଲେ ତା'ର ତିନିଗୁଣ ପିଲା ସେହି ସଫଳତା ପାଇଛନ୍ତି। ଏହା ନିଶ୍ଚୟ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ପାଇଁ ଖୁସିର ଖବର। ଏହି ସଫଳତାର ଧାରାବାହିକତା ରହିଲେ ହେଲା। ଶୁଣାଯାଏ ସମେଟିଭ ଆସେସ୍‌ମେଣ୍ଟ-୧, ଯାହା ପ୍ରତି ବିଷୟରେ ୫୦ ନମ୍ବର ସଂକ୍ଷିପ୍ତ ପ୍ରଶ୍ନ ପୁଣି ଓଏମ୍‌ଆର ମାଧ୍ୟମରେ କରାଯାଇଥିଲା। ସେଥିରେ ଯେଉଁ ପରୀକ୍ଷାର୍ଥୀ ଯେତେ ନମ୍ବର ରଖିଥିଲେ ତାହାକୁ ଦୁଇଗୁଣ କରିଦେଇ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ଏହା ଯଦି ସତ୍ୟ ହୋଇଥାଏ ତେବେ ଦୁର୍ଭାଗ୍ୟଜନକ। ଏମିତି ତ୍ରୁଟିପୂର୍ଣ୍ଣ ପଦ୍ଧତି ଆପଣେଇବା ଆଦୌ ବିଜ୍ଞାନସମ୍ମତ ନୁହେଁ। ଫର୍ମେଟିଭ ଆସେସ୍‌ମେଣ୍ଟ ଓ ସମେଟିଭ ଆସେସ୍‌ମେଣ୍ଟ-୨କୁ ଗୁରୁତ୍ୱ ନ ଦେବା ମସ୍ତବଡ଼ ଭୁଲ।

ନମ୍ବରକୁ ଦେଖି ଭବିଷ୍ୟତ ମାର୍ଗ ନିର୍ଦ୍ଧାରଣ କରିବା ଉଚିତ୍ ହେବନାହିଁ। ପ୍ରକୃତ ମେଧାବୀ ସିଏ, ଯାହାର ସୃଜନଶୀଳ କ୍ଷମତା ଥାଏ ଅନନ୍ୟ। ଯିଏ ଯେତେ ନମ୍ବର ରଖିଥାଉନା କାହିଁକି ସେଥିପ୍ରତି ଗୁରୁତ୍ୱ ନ ଦେଇ ସମସ୍ତ ପିଲା କେମିତି ନିଜ ଭବିଷ୍ୟତ ଗଠନରେ ବ୍ରତୀ ହେବେ ଏବଂ ଭଲ ମଣିଷ ହେବେ ସେହି ପ୍ରେରଣା ଓ ପରାମର୍ଶ ଦେବା ଆବଶ୍ୟକ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା,
ମୋ: ୭୦୦୮୦୭୩୫୯୯

# ଈର୍ଷାକୁ ଜାଣ କି



ଆରତି ମହାନ୍ତି

ଈର୍ଷା ହେଉ କି ଲୋଭ କିମ୍ବା ଘୃଣା-ଏଗୁଡ଼ିକ ଦେଖାଦେବା ମାତ୍ରକେ ଯଦି ସେଗୁଡ଼ିକ ତୁମକୁ ଯନ୍ତ୍ରଣା ଦେଇଥାଏ ବୋଲି ଜାଣିଯାଅ ତେବେ ସେଥିରୁ ଅକ୍ଳେଶରେ ବାହାରି ଯାଇପାରିବ। ମନରେ ଜାତ ହେଉଥିବା ଈର୍ଷା ହେଉ କି ଘୃଣା କିମ୍ବା କ୍ରୋଧ ପ୍ରତି ସଙ୍ଗେ ସଙ୍ଗେ ସତର୍କ ରହି ତାକୁ ହୃଦୟଙ୍ଗମ କଲେ ସେସବୁରୁ ମୁକ୍ତି ମିଳିପାରିବ। ତମେ କୁହ -'ମୁଁ ରାଗିଗଲି ଏମିତି ହୋଇଗଲା ଏଣିକି ଆଉ ରାଗିବି ନାହିଁ । କିମ୍ବା ଭାବ 'ଆରେ ଏଥିରେ ମୋର ପାପ ହବ ଆଉ ମୁଁ ଈର୍ଷା କରିବି ନାହିଁ।' ହେଲେ ତାହା କ'ଣ ତମକୁ ଛାଡ଼ିଦିଏ ? ସମୟକାଳ, ପରିସ୍ଥିତି ଉତ୍ତେଜନା ଦେଖି ତୁମ ଅଜାଣତରେ ସେ ତା' ମୁହଁ ବାରମ୍ବାର ଦେଖାଏ। ଟିକେ ଭାବି ଦେଖ ତ-ସେଇଟା କ'ଣ ତୁମେ ନିଜେ ନୁହଁ? ଅବା ସେଇଟା କଣ ତୁମ 'ସ୍ୱ'ରୁ ଅଲଗା ? ସେମିତି ତୁମର କ୍ରୋଧ, ଘୃଣା, ଲୋଭ କ'ଣ ତୁମ ଭିତରେ ମିଶି ରହି ନ ଥାଏ ? ମଣିଷର ଚେତନା ତ ସେସବୁକୁ ନେଇ ଗଢ଼ା ହୋଇଛି। କଥାଟା ହେଲା ସେସବୁ ଗୁଣ ଆମ ଭିତରେ ଥାଏ ଆଉ ବେଳକାଳ ଦେଖି ଉତ୍ତେଜନା ଯୋଗୁ ମାତିଉଠେ।

ଆମ ଭିତରେ 'ଚେତନା' ଅଛି। ଆମର କାମଦାମ, ଭାବନା, ଚିନ୍ତା ସବୁ ସେଇ ଚେତନା ଭିତରେ ହିଁ ରହିଥାଏ। ଯଦି ଆମେ କହୁ ଆମେ ନିଜେ ହେଉଛୁ ସେଇ ଚେତନାର ବିଷୟବସ୍ତୁ ତେବେ ସେତକ ବୁଝିବାରେ କିଛି ଅସୁବିଧା ନାହିଁ। ଆମେ କହିଲେ ଆମ ଚେତନାକୁ ବୁଝାଏ, ପୁଣି ଚେତନା କହିଲେ ଆମ କାମଦାମର ଅନୁଭବ ଆଦି ସବୁ। ତେଣୁ ହୃଦୟଙ୍ଗମ କରିବା ଦରକାର ଯେ ଚେତନା ଆଉ ଚେତନାର ବିଷୟବସ୍ତୁ ଅଲଗା ନୁହଁ। ସେଇ ଚେତନାର ବିଷୟବସ୍ତୁ ପ୍ରତି ଜଣେ ସତର୍କ ରହି ଦେଖି ଚାଲିଲେ ଅନ୍ୟ କାହାରି ସାହାଯ୍ୟ ଦରକାର ପଡ଼େ ନାହିଁ। ଅତି ସାଧାରଣ ଜିନିଷ ଭିତରେ ଛପି ରହିଥାଏ ଅମୂଲ୍ୟ ଶିକ୍ଷାର ଭଣ୍ଡାର। ଏହା ହିଁ ହେଉଛି ପ୍ରତ୍ୟକ୍ଷ ଜ୍ଞାନ-ତାହା ହେଉଛି ନିଜଠୁ ଶିଖିବା। ଆମେ ମନକୁ ସତର୍କ ଓ ସଚେତନ ରହି ଏହା ଲକ୍ଷ୍ୟକରି ପାରିବୁ କି? ଏପରି ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ଯେକୌଣସି ଜିନିଷର ସତ୍ୟତା ଫୁଟିଉଠେ। ଯାହାସବୁ ତୁମ ଆଖି ଆଗରେ ଘଟି ଚାଲିଛି ଏ ସବୁ କଥାକୁ ସ୍ମୃତି ଭାବରେ ସାଇତି ନ ରଖି ତତ୍‌କ୍ଷଣାତ୍ ସାମ୍ନାସାମ୍ନି ହୁଅ । ପଛକୁ ରଖି ବସିଥିଲେ ଜୀବନ ସରିଯିବ ପଛକେ ତୁମେ କଦାପି ନିଜ ଆତ୍ମଜ୍ଞାନ ଲାଭ କରିପାରିବ ନାହିଁ।

କ୍ରୋଧ, ଈର୍ଷା କି ଘୃଣା ତୁମଠୁ ଅଲଗା ନୁହଁ, ଅର୍ଥାତ୍ ଦୁଇଟା ଏକା ଜିନିଷ, ଏଇ ଉପଲବ୍ଧି ଆସିଗଲେ ଆଉ ମୁଁ ଓ ଈର୍ଷା ବୋଲି ଦୁଇଟା ନ ଥାଏ । ତୁମକୁ ଯଦି କେହି ପ୍ରଶ୍ନ କରେ ଈର୍ଷା ବା କ୍ରୋଧକୁ ଜାଣ କି? ସେତେବେଳେ ତୁମେ ହୁଏତ କୌଣସି ବହି କି ଧର୍ମପୁସ୍ତକ କି ଅନ୍ୟ କାହାଠାରୁ ସେ ବିଷୟରେ ଶୁଣିଥିବା କିଛି କଥା ବର୍ଣ୍ଣନା କରିବାକୁ ବାହାରିପଡ଼। କିନ୍ତୁ ତୁମେ ଏ କଥାଟାକୁ ନିଜେ ଜାଣିଛ, ଶିଖିଛ ବୋଲି ତ କଦାପି କହିପାରିବ ନାହିଁ । କାରଣ ତାହା ହେଉଛି ପରୋକ୍ଷ ଜ୍ଞାନ-ପ୍ରତ୍ୟକ୍ଷ ଜ୍ଞାନ ନୁହେଁ, ଅର୍ଥାତ୍ ଅନ୍ୟର ଉପଲବ୍ଧିକୁ ବିଚାର କରି, ବିଶ୍ଳେଷଣ କରି, ମସ୍ତିଷ୍କରେ ସ୍ମୃତି ରୂପେ ସାଇତି ରଖିଥାଅ ଓ ତାକୁ ଅନୁସରଣ କରି କରି ଜୀବନର ଦିନଗୁଡ଼ିକ କଟାଇବାକୁ ଚେଷ୍ଟା କରି ଚାଲିଥାଅ। ଫଳରେ ସେଠି ଦୁଇଟା ବିଭାଗ ଦେଖାଦିଏ। ଗୋଟିଏ ହେଉଛି ତୁମେ ଯିଏକି ଚେଷ୍ଟା କରୁଥାଅ, ଆଉ ଅନ୍ୟଟି ତୁମେ ଆଉ କିଛି ହବାକୁ ଚେଷ୍ଟା ଚଳାଇଥାଅ। ଏଇ ଦୁଇଟା ବିଭାଗ ଭିତରେ ଅବିରତ ଯେଉଁ ସଂଘର୍ଷ ଲାଗିଥାଏ ସେଇଟା ହିଁ ହେଉଛି ଦୁଃଖଯନ୍ତ୍ରଣା।



ଶିଖିବା ଲାଗି କୌଣସି ଧର୍ମଗ୍ରନ୍ଥ କି ଗୁରୁଙ୍କର ଦରକାର ପଡ଼େ ନାହିଁ। ମଣିଷର ସ୍ୱୀୟ ମନ ହେଉଛି ଶିକ୍ଷାର ଅସୀମ ପାରାବାର। ଯିଏ ନିଜକୁ ନିଜେ ଉଭୟ ଶିଷ୍ୟ ଓ ଗୁରୁ ଅବସ୍ଥାରେ ରଖି ଶିଖିବାକୁ ଆରମ୍ଭ କରେ ତା'ର ଜୀବନ ହିଁ ତା'ର ଗୁରୁ ହୋଇଯାଏ। ଯିଏ କହେ 'ମୁଁ କିଛି ଜାଣି ନାହିଁ, ସେ ସରଳ, ନିଷ୍କପଟ ମନରେ ଶିଖିବାରେ ଲାଗେ। ଏକ ସତ୍ୟ ଘଟଣା। ଜଣେ ବୃଦ୍ଧ ବ୍ରାହ୍ମଣ ତାଙ୍କର ଏକମାତ୍ର ପୁଅ ଉପରେ ଭରସା କରି ରହିଥିଲେ। ପୁଅକୁ ନାନା ଶ୍ଳୋକ, ସ୍ତୋତ୍ର ଆଦି ଶିଖାଇ ଜଣେ ନୈଷ୍ଠିକ ବ୍ରାହ୍ମଣ କରିବାରେ ତାଙ୍କ ପରିଶ୍ରମ ଥିଲା ଅତୁଳନୀୟ। ପୁଅ ମଧ୍ୟ ଜଣେ ଜ୍ଞାନୀ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ପ୍ରତିଦିନ ସକାଳୁ ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣିଦେବା ବେଳକୁ ନାନା ଶ୍ଳୋକ ଆବୃତ୍ତି କରି ମହାପାତକରୁ ରକ୍ଷାକରିବା ପାଇଁ ବାରମ୍ବାର ଆହ୍ୱାନ କରୁଥିଲେ। କିନ୍ତୁ ଅତି ରାଗୀ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ନିଜ ବୃଦ୍ଧ ପିତାଙ୍କୁ ଗାଳିଗୁଲଜ କରୁଥିଲେ। ଫଳରେ ସେ ଶେଷ ବୟସରେ ଏକ ଆକସ୍ମିକ ଦୁର୍ଘଟଣାର ଶିକାର ହୋଇ ପ୍ରାୟ ପଙ୍ଗୁ ହୋଇ ଦୁଃଖରେ କାଳ କାଟୁଥିଲେ। ସ୍ତ୍ରୀ ଓ ଏକମାତ୍ର ପୁଅ ତାଙ୍କୁ ସଦାସର୍ବଦା ଅବଜ୍ଞା କରୁଥିଲେ। ସେଥିପାଇଁ ସେ ମାନସିକ ଯନ୍ତ୍ରଣାର ଶିକାର ହେଉଥିଲେ। କିନ୍ତୁ ତାଙ୍କର ଅନ୍ୟ କର୍ମଗୁଡ଼ିକ ଧାର୍ମିକ ଥିବାରୁ ଅନ୍ୟମାନେ ତାଙ୍କର ସେବା କରିବାକୁ ଆସୁଥିଲେ। ବାସ୍ତବରେ ଏପରି ଘଟଣା ତ ଆମ ଜୀବନରେ କେତେ କେତେ ଦେଖିବାକୁ ମିଳେ। ନିଜର ପାପ ଧ୍ୱଂସ କରିବା ଲାଗି ଇଷ୍ଟ ଦେବତାଙ୍କୁ ଯେତେ ଆବାହନ କଲେ ମଧ୍ୟ କେହି କ'ଣ ତା' ନିଜ କୃତକର୍ମକୁ ଉଦ୍ଧାର ପାଇପାରେ? ମନ ଭିତରେ କୁଭାବନା ଆସିବାକୁ ନ ଦେବା ହେଉଛି ପ୍ରକୃତ ସାଧନା। ମଣିଷ ସଚେତନ ନ ରହିଲେ କୁକର୍ମ କରିପାରେ। କର୍ମର ଭିତର ବାହାର ବୋଲି କିଛି ନାହିଁ। ତେଣୁ ଯେତେବେଳେ ଜଣେ ନିଜ ଭିତରେ ଈର୍ଷା, ଘୃଣା କିମ୍ବା କ୍ରୋଧକୁ ଦେଖି ତତ୍‌କ୍ଷଣାତ୍ ବାହାରି ଆସିପାରେ ଓ ସଦାବେଳେ ସଚେତନ ରହି ସେଥିରୁ ବିରତ ହୁଏ-ସେଇ ବ୍ୟକ୍ତି ହିଁ କର୍ମମୁକ୍ତ ହୋଇଯାଏ।

ଶ୍ରୀରାମ ନଗର, ଭୁବନେଶ୍ୱର
ମୋ: ୯୬୯୨୦୯୮୦୫୪

## ଏଇ ଭାରତରେ

ଏଥର ବର୍ଷସାରା ତାଜା ଆମ୍ବ ଖାଇବାକୁ ମିଳିବ। ଏହା ସମ୍ଭବ ହୋଇଛି ରାଜସ୍ଥାନ କୋଟାର ୫୫ ବର୍ଷୀୟ କୃଷକ ଶ୍ରୀକ୍ରିଷ୍ଣ ସୁମନଙ୍କ ଦ୍ୱାରା। ସୁମନ ନିଜସ୍ୱ ଉଦ୍ୟମ ଓ ଗବେଷଣା ମାଧ୍ୟମରେ ନୂଆ କିସମର ଆମ୍ବ ଉତାରିପାରିଛନ୍ତି। ଏହି ଆମ୍ବ ବର୍ଷକୁ ତିନଥର ଫଳୁଛି। ଏକାଦଶ ଯାଏ ପଢିଥିବା ସୁମନ ୧୯୯୮ରେ ଆମ୍ବ ଉପରେ ଗବେଷଣା ଆରମ୍ଭ କରି ୧୦ ବର୍ଷ ପରେ 'ସଦାବାହାର ଆମ୍ବ' ଗଛ ଉତାରିବାରେ ସକ୍ଷମ ହୋଇଥିଲେ। ପରେ ସୁମନ କଲମୀ ପଦ୍ଧତିରେ ଅଧିକ ଗଛ ସୃଷ୍ଟି କରି ଚାଷ ଆରମ୍ଭ କରିଥିଲେ। ଏହି ଆମ୍ବ ଉତାରିବାରେ ସଫଳ ହେବା ପରେ ରାଜସ୍ଥାନର ଉଦ୍ୟାନ ବିଭାଗ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଥିଲା ଓ ସମୁନଙ୍କ କାର୍ଯ୍ୟରେ ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା। ରାଜସ୍ଥାନର କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ ଏହି କିସମ ଆମ୍ବକୁ ସଦାବାହାର ନାମରେ ପେଟେଣ୍ଟ କରି ଏହାର ସବୁ ଶ୍ରେୟ ଓ ଚାଷର ଅଧିକାର ସୁମନଙ୍କୁ ଦେଇଥିଲା। ପରେ ସୁମନ ଚାଷ କରି ବର୍ଷକୁ ଆମ୍ବରୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହାବାଦ୍ ସେ ଚାରା କରି ବିକ୍ରି କରୁଛନ୍ତି। ମୋଟରେ ଆମ୍ବ ଓ ଚାରାରୁ ସେ ଗତ ପାଞ୍ଚ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ପାଇଛନ୍ତି। ଏହି ଗଛ ଅତି ବେଶିରେ ୧୫ ଫୁଟ୍ ବଢୁଛି। ବର୍ଷକୁ ତିନିଥରରେ ମୋଟ ୧୦୦ରୁ ୧୫୦ କେଜି ଆମ୍ବ ଫଳୁଛି। ପ୍ରତିଟି ଆମ୍ବ ୨୫୦ରୁ ୩୦୦ ଗ୍ରାମ୍ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୭

- ଇଣ୍ଡୋନେସିଆର ସୁମାତ୍ରା ପ୍ରଦେଶ ଅନ୍ତର୍ଗତ ତୁବା ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବାରୁ ୬୦ ମୃତ।
- ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ଲାଗି ତାମିଲ ସିନେମାର ଖ୍ୟାତନାମା ଅଭିନେତା ଶିବାଜୀ ଗଣେଶନଙ୍କୁ ମର୍ଯ୍ୟାଦାପୂର୍ଣ୍ଣ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ।
- ଯାଜପୁର ଜିଲା ଦୁବୁରୀଠାରେ ୨.୫ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ମୁମ୍ବାଇର ଉତ୍ତମ ଷ୍ଟିଲ୍ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ।

-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 3 | 6 | | | | |
| 6 | | | | | 8 | | | |
| | | 9 | 5 | 1 | | 3 | | |
| | 3 | 1 | | | | | | |
| | 7 | | | 8 | | 2 | | |
| | | | 9 | | | | | 4 |
| 5 | 6 | | | 2 | | | | 9 |
| | | | | | 5 | 8 | 7 | |
| | 2 | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 1 | 6 | 8 | 4 | 7 | 2 |
| 2 | 1 | 4 | 7 | 9 | 5 | 6 | 3 | 8 |
| 7 | 6 | 8 | 2 | 4 | 3 | 1 | 9 | 5 |
| 5 | 4 | 3 | 6 | 8 | 1 | 7 | 2 | 9 |
| 1 | 8 | 2 | 4 | 7 | 9 | 5 | 6 | 3 |
| 6 | 9 | 7 | 5 | 3 | 2 | 8 | 4 | 1 |
| 8 | 7 | 5 | 3 | 2 | 4 | 9 | 1 | 6 |
| 9 | 2 | 6 | 8 | 1 | 7 | 3 | 5 | 4 |
| 4 | 3 | 1 | 9 | 5 | 6 | 2 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ବନ୍ଧୁ ଶାଗୁଣା ଆଉ ନାହାନ୍ତି

ମହାଶୟ,

କାଳଚକ୍ର ପ୍ରଭାବରେ କେତେ କ'ଣ ଘଟିଯାଏ। ସୃଷ୍ଟିର ବିବର୍ତ୍ତନ ପ୍ରକ୍ରିୟାରେ କେତେ ପ୍ରାଣୀଙ୍କର ଜନ୍ମ ହୋଇଛି, ପୁଣି ସମ୍ପୂର୍ଣ୍ଣ ଭାବେ ବିନାଶ ହୋଇଛି। ଅତୀତରେ ଡାଇନୋସର ଭଳି ଜୀବର ବିଲୋପ ଘଟିଛି। ବୃହତ୍ତାକାୟ ହସ୍ତୀ ମ୍ୟାମଥ୍‌ର ବି ବିନାଶ ଘଟିଛି। ମ୍ୟାମଥ ବର୍ତ୍ତମାନର ହାତୀଠାରୁ ବହୁଗୁଣରେ ବଡ଼। ମ୍ୟାମଥ ହେଲା ପ୍ରାଗୈତିହାସିକ ଯୁଗର ହାତୀ। ଡାଇନୋସର ଚାଲିଲେ ତା' ମୁହଁ କୁଆଡ଼େ ତାଳଗଛକୁ ବାଜେ। ସେ ଜୀବ ଥିଲେ ମଣିଷ ଘରୁ ବାହାରି ପାରନ୍ତାନି। ଈଶ୍ୱରଙ୍କ ସୃଷ୍ଟିରେ ଏମିତି କେତେରକମର ଜୀବ ଜନ୍ମ ହୋଇଛନ୍ତି, କେତେ ବିନାଶ ହୋଇଛନ୍ତି, ହିସାବ ଦେଇହେବନି। ହେଲେ ବର୍ତ୍ତମାନ ଏକ ଉପକାରୀ ପକ୍ଷୀକୁ ଦେଖିବାକୁ ମିଳୁନି। ଏ ଉପକାରୀ ପକ୍ଷୀ ହେଲା ପରିବେଶର ବନ୍ଧୁ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ ଶାଗୁଣା। ଗୋରୁ ମଇଁଷିଙ୍କ ମୃତଦେହକୁ ଏମାନେ ଖାଇ ପରିଷ୍କାର କରିଦିଅନ୍ତି। ଫଳରେ ପରିବେଶ ବିଶୁଦ୍ଧ ହୋଇଥାଏ। ପୂତି ଗନ୍ଧମୟ ଦ୍ୱାରା ମଣିଷ ଶ୍ୱାସରୁଦ୍ଧ ହୁଏନି। ଏବେ ଗାଁରେ ଶାଗୁଣାମାନେ ମୋ ଜାଣିବାରେ ଦଶବର୍ଷ ହେଲାଣି ଦେଖିବାକୁ ମିଳୁନାହାନ୍ତି। ଯାହା ଜଣାପଡୁଛି ସେମାନଙ୍କ ବଂଶ ଲୋପ ପାଇଗଲାଣି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଡାର୍‌ଉଇନଙ୍କ ବିବର୍ତ୍ତନବାଦ ବୋଧହୁଏ ସଫଳ ହୋଇଛି। ନନ୍ଦନକାନନରେ ଶାଗୁଣା ବଂଶ ବିସ୍ତାର ପାଇଁ ଯେତେ ଚେଷ୍ଟା କରାଗଲେ ମଧ୍ୟ ସଫଳ ହେଉନି। ଗୋରୁଙ୍କ ଶରୀରରେ ଥିବା କୀଟନାଶକ ଓ ଔଷଧ ପ୍ରଭାବରେ ଶାଗୁଣା ବଂଶର ବିନାଶ ଘଟୁଛି ବୋଲି କୁହାଯାଉଛି।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାତୁଣୀ ସମୁଦ୍ରରେ ଭାସିଯିବା ଶୁଣି ଜେଜେମା'ଙ୍କ ଜୀବନ ଗଲା

**ବାଲେଶ୍ୱର ଅଫିସ, ୧୫।୭:** ବାଲେଶ୍ୱର ଜିଲା ଚାନ୍ଦିପୁର ମେରାଇନ ଥାନା ମିର୍ଜାପୁର ଗ୍ରାମର ସେକ୍ ଫାରୁକ୍‌ଙ୍କ ନାବାଳିକା ଝିଅ ଶୁକ୍ରବାର ଚାନ୍ଦିପୁରଠାରେ ସମୁଦ୍ରରେ ଭାସିଯିବା ଖବର ଶୁଣିବା ପରେ ତାଙ୍କ ଜେଜେମା' ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ପୂର୍ବାହ୍ନରେ ଝିଅଟି ସମୁଦ୍ରରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ। ଅପରାହ୍ନରେ ମେରାଇନ ଥାନା ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ନାତୁଣୀଙ୍କ ମୃତ୍ୟୁ ଖବର ପାଇବା ପରେ ଜେଜେମା' ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଇଥିଲେ।

# ପୁରୀରେ ପ୍ଲାନେଟାରିୟମ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରିଥିବାବେଳେ ଏବେ ଏଥିରେ ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ। ପୁରୀ ଜିଲାର ସିଦ୍ଧମହାବୀର ମୌଜା ୟୁନିଟ୍-୩ରେ ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟାରିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ୨୫ରୁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପୁରୀକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ, ଛାତ୍ରୀଛାତ୍ର ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲାନେଟାରିୟମ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ବିଜ୍ଞାନ କେନ୍ଦ୍ର ପୁରୀକୁ ଆସୁଥିବା ପର୍ଯ୍ୟଟକ, ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନଙ୍କୁ ଜଗନ୍ନାଥ ସଂସ୍କୃତି, ସାମୁଦ୍ରିକ ସମ୍ପଦ, ପୁରାତନ ବିଜ୍ଞାନ, ମନ୍ଦିର ଐତିହ୍ୟ, ବିଜ୍ଞାନ ଆଦି ବିଷୟରେ ସୂଚନା ପ୍ରଦାନ କରିବ। ବିଜ୍ଞାନ ବିଷୟରେ ଲୋକମାନଙ୍କୁ ଜ୍ଞାନ ଦେବା ସହ ରାଜସ୍ୱ ବୃଦ୍ଧିରେ ମଧ୍ୟ ସହାୟକ ହେବ। ଏହାଛଡ଼ା ଭୁବନେଶ୍ୱର ଉପକଣ୍ଠରେ ଏକ ବିଜ୍ଞାନ ସହର (ସାଇନ୍ସ ସିଟି) ସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୩୦ ଏକର ଜମି ଚିହ୍ନଟ ହୋଇଛି। ନ୍ୟାଶନାଲ କାଉନ୍‌ସିଲ ଅଫ୍ ସାଇନ୍ସ ମ୍ୟୁଜିୟମକୁ ପ୍ରସ୍ତାବ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଭୁବନେଶ୍ୱରରେ ସାଇନ୍ସ ସିଟି

- ସାତକୋଶିଆରେ ବାୟୋସ୍ପିୟର ମ୍ୟୁଜିୟମ୍
- ସବୁ ଜିଲାରେ ପ୍ରତିଷ୍ଠା ହେବ ସାଇନ୍ସ ପାର୍କ

ସେହିପରି କଟକ ଜିଲା ଆଠଗଡ଼ ନିକଟ ସାତକୋଶିଆଠାରେ ଆଞ୍ଚଳିକ ଜାତୀୟ ବାୟୋସ୍ପିୟର ମ୍ୟୁଜିୟମ ନିର୍ମାଣ କରାଯିବ। ଏଥିଲାଗି ଜାଗା ଚିହ୍ନଟ ଚାଲିଛି। ମହାନଦୀ ଉପତ୍ୟକାରେ ଥିବା ସାତକୋଶିଆକୁ ୧୯୭୬ରେ ମିଳିଥିଲା ଅଭୟାରଣ୍ୟ ମାନ୍ୟତା। ୨୦୦୭ରେ ଏହାକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାବେ ଘୋଷଣା କରାଯାଇଥିଲା। ଦେଶର ଶ୍ରେଷ୍ଠ ଜୈବବିବିଧତା ମଣ୍ଡଳ ମଧ୍ୟରୁ ଅନ୍ୟତମ ସାତକୋଶିଆ ଅଭୟାରଣ୍ୟ ଅନୁଗୋଳ, କଟକ, ନୟାଗଡ଼ ଏବଂ ବୌଦ୍ଧ ଆଦି ୪ଟି ଜିଲା ପରିବ୍ୟାପ୍ତ। ଏଠାରେ ସାତକୋଶିଆ ଗଣ୍ଡ, ବାଇସିପାଲି ସାଙ୍କ୍‌ଚୁଆରି, ଟିକରପଡ଼ା ନେଚର କ୍ୟାମ୍ପ, ଭାଗମୁଣ୍ଡା ବନାଞ୍ଚଳ, ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ, ଛୋଟକେଇ, ତରଭା, ଭାଗମୁଣ୍ଡା ବନାଞ୍ଚଳ, ପୁରଣାକୋଟ ପାହାଡ, କୁଆଁରିଆ ଡ୍ୟାମ୍, କଣ୍ଟିଲୋ ନୀଳମାଧବ ମନ୍ଦିର ଇତ୍ୟାଦି ରହିଛି। ସାତକୋଶିଆ ବାୟୋସ୍ପିୟର ମ୍ୟୁଜିୟମ ହେଲେ ଛାତ୍ରୀଛାତ୍ର, ଗବେଷକମାନେ ଗବେଷଣା ପାଇଁ ସୁବିଧା ସୁଯୋଗ ପାଇପାରିବେ। ଜୈବ ପର୍ଯ୍ୟଟନର ବିକାଶ ହେବା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ରାଜ୍ୟର ୩୦ ଜିଲାରେ ବିଜ୍ଞାନ କେନ୍ଦ୍ର/ପ୍ଲାନେଟାରିୟମ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏବେ ଭୁବନେଶ୍ୱର ଓ ବୁର୍ଲାରେ ୨ ପ୍ଲାନେଟାରିୟମ ରହିଛି। ଆସନ୍ତା ଅଗଷ୍ଟ ୧୫ କିମ୍ବା ଅକ୍ଟୋବର ୨ରେ ରାୟଗଡ଼ାରେ ନିର୍ମାଣାଧୀନ ପ୍ଲାନେଟାରିୟମ ଉଦ୍‌ଘାଟନ ହେବ। ସେହିପରି ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, ରାଉରକେଲା, ବାରିପଦା ଏବଂ କେନ୍ଦୁଝରଠାରେ ନିର୍ମାଣ ହେଉଥିବା ବିଜ୍ଞାନକେନ୍ଦ୍ରଗୁଡ଼ିକର ଖୁବ୍‌ଶୀଘ୍ର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଇଂଲିଶ ପୁସ୍ତକ ଲେଖି ଚର୍ଚ୍ଚାରେ ଓଡ଼ିଆ ଯୁବକ



ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟରେ ଯୁବ ଲେଖକ ପିୟୁଷ ତାଙ୍କ ଲିଖିତ ପୁସ୍ତକ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୫।୭**

ଛାତ୍ର ଜୀବନରେ ଇଂଲିଶ ପୁସ୍ତକ ଲେଖି ଚର୍ଚ୍ଚାକୁ ଆସିଛନ୍ତି ଓଡ଼ିଆ ଯୁବକ ପିୟୂଷ ପ୍ରତୀକ ମହାନ୍ତି। ପିଲାଟି ବେଳୁ ସେ ଲେଖିବାର ଆଗ୍ରହ ରଖିଥିଲେ ହେଁ, ଲକ୍‌ଡାଉନ୍ ସୁଯୋଗ ଦେଇଥିଲା। ୨୦୨୦ ଲକ୍‌ଡାଉନ ସମୟରେ ପିୟୂଷ ଲେଖା ଆରମ୍ଭ କରିଥିଲେ। ତାଙ୍କ ଲେଖା, ପୁସ୍ତକକୁ ପାଠକୀୟ ଆଦୃତି ମିଳିଛି। ଲେଖା ପାଇଁ ଜାତୀୟସ୍ତରରେ 'ଇଲାଇଟ ବୁକ୍ ଆୱାର୍ଡ, ରାଇଟର ଇଂକ୍ ଆୱାର୍ଡ, ସ୍ୱେକ୍ଟମ୍ ଆୱାର୍ଡ ପ୍ରଭୃତି ସେ ପାଇଛନ୍ତି। ପିୟୂଷ ଇତିମଧ୍ୟରେ 'ଟାଇମ୍ସ ଇନ୍ ସରସନ', 'ଓଡିଶୀ ଅଫ୍ ମିସ୍ ଆପ୍ରିହେନସନ', 'କସମସ୍ ଅଫ ୟୁଟୋପିଆ', 'ଥ୍ରୀଏଲ ବୋରିସ୍', 'ଡୁ ଉଇ ରିଅଲି ଅଣ୍ଡରଷ୍ଟାଣ୍ଡ୍' ବହି ଲେଖିଛନ୍ତି। ଏହିପରି ଲେଖା ଜାରି ରଖି ଜାତୀୟସ୍ତରରେ ଓଡ଼ିଶାର ପରିଚୟ ସୃଷ୍ଟି ପାଇଁ ତାଙ୍କର ଲକ୍ଷ୍ୟ ରହିଛି। ଅଧୁନା ପିୟୂଷ ଏସ୍‌ଭି ନିରତାରରେ ୪ର୍ଥ ବର୍ଷ ଛାତ୍ର। ପିୟୂଷ, ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ଭେଟି ତାଙ୍କ ଲିଖିତ ପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପାଦକ ଖୁସିବ୍ୟକ୍ତ କରିବା ସହିତ ଲେଖା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଯୋଡ଼ାର ମାନସ ରଞ୍ଜନ ମହାନ୍ତି ଓ ସିମୀ ମହାନ୍ତିଙ୍କର ସେ ଜ୍ୟେଷ୍ଠପୁତ୍ର।

# ଭିଜିଲାନ୍ସ ଅଧିକାରୀଙ୍କ ନାମରେ ଚିଟ୍‌ଫଣ୍ଡ ଠକେଇ ମାମଲା

**ବାଲେଶ୍ୱର ଅଫିସ, ୧୫।୭**

ଅର୍ଥଲଗାଣ ସଂସ୍ଥାରେ ଟଙ୍କା ଲଗାଇବା ଲାଗି ଲୋକଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗରେ ବାଲେଶ୍ୱର ଜିଲା ଭିଜିଲାନ୍ସ କୋର୍ଟରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟରଙ୍କ ପରିବାର ସମେତ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଏବଂ ୩ଜଣ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଏନେଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳର ସୁମନ୍ତୀ ରାଉତ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଜ୍ ସୁନୀତା ବିଶ୍ୱାଳ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ରାସଗୋବିନ୍ଦପୁର ଥାନାରେ ମାମଲା ରୁଜୁ ସହ ତୁରନ୍ତ ପଦକ୍ଷେପ ନେବାକୁ ଥାନାର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୧ କରୋନା ମହାମାରୀ ସମୟରେ ବାଲେଶ୍ୱର ଭିଜିଲାନ୍ସ କୋର୍ଟ ସବ-ଇନ୍ସପେକ୍ଟର ରାମଚନ୍ଦ୍ର ମହାଲିକ, ସ୍ତ୍ରୀ ଓ ପୁଅ ନାମରେ 'କ୍ରାଉଡ୍ ୱାନ୍' ନାମକ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲେ। ନିଜକୁ ଭିଜିଲାନ୍ସର ଉଚ୍ଚ ପଦାଧିକାରୀ ଭବେ ମିଥ୍ୟା ପରିଚୟ ଦେଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଉକ୍ତ ସଂସ୍ଥାରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଇଥିଲେ। ଏପରିକି ପ୍ରତି ୩ ମାସରେ ଜମାକାରୀମାନଙ୍କୁ ବିନା ପରିଶ୍ରମରେ କୋଟି କୋଟି ଟଙ୍କା ପାଇବାର ଲୋଭ ଦେଖାଇ ନଗଦ ଜମାରାଶି ଆଦାୟ କରିଥିଲେ। କରୋନା ବେଳେ ସାରା ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚନ୍ଦ୍ରପୃଷ୍ଠରେ ଭର୍ଚ୍ୟୁଆଲ ଲ୍ୟାଣ୍ଡ ଯୋଗାଇବା ସହ ଲକ୍ଷ ଲକ୍ଷ ଟଙ୍କା ଆୟ କରିବା ଲୋଭ ଦେଖାଇ କ୍ରାଉଡ୍ ୱାନ୍ କମ୍ପାନୀ ନାମରେ ଲୋକଙ୍କ ପାଖରୁ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଟଙ୍କା ଜମା କରିବାର ପ୍ରତି ୩ ମାସରେ ଜମାକାରୀଙ୍କୁ ଲାଭାଂଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଦେଢ଼ ବର୍ଷ ଧରି ଜମାକାରୀମାନଙ୍କୁ କୌଣସି ଲାଭ ଦେଇନାହାନ୍ତି। ଜମାକାରୀମାନେ ବାରମ୍ବାର ମହାଲିକଙ୍କୁ କହୁଥିଲେ ମଧ୍ୟ ସେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିଲେ। ମହାଲିକ ଓ ତାଙ୍କର ସହଯୋଗୀଙ୍କ ପଛରେ ଗୋଡ଼ାଇ ନିରାଶ ହେବା ପରେ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ। ଜମାକାରୀ ସୁମନ୍ତୀ ରାଉତ ରାସଗୋବିନ୍ଦପୁର ଥାନା ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଯାଇ ବିଫଳ ହେବା ପରେ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ଆଇସିସି କେସ୍ ନଂ. ୦୬/୨୦୨୨ (ଦଫା -୨୯୪/୧ ୨୦(ବି)/୧୬୮/୧୭୦/୨୨୩/୪୧ ୬/୪୧୭/୪୧୮/୪୧୯/୪୨୦/୩ ୫୪/୫୦୬/୫୦୦/୩୪ )ଅନୁଯାୟୀ ଜଜ୍ ମୁଦାଲାଙ୍କ ବିରୋଧରେ ମାମଲା ରୁଜୁ ଆଦେଶ ଦେଇଥିବା ଜଣାଯାଇଛି।



ସ୍ତ୍ରୀଙ୍କ ସହ ଭିଜିଲାନ୍ସ ସବ୍‌ଇନ୍ସପେକ୍ଟର ରାମଚନ୍ଦ୍ର ମହାଲିକ।

# ଏସ୍‌ସିବିକୁ ରିପୋର୍ଟ ମାଗିଲେ ରାଜ୍ୟ ସରକାର

କିଡ୍‌ନୀ ପ୍ରତିରୋପଣ ବିଫଳତା

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

କଟକ ଏସ୍‌ସିବି ମେଡିକାଲରେ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବା କିଡ୍‌ନୀ ପ୍ରତିରୋପଣ ବିଫଳତାକୁ ନେଇ ରାଜ୍ୟ ସରକାର ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଡିଏମ୍‌ଇଟି ରମାରମଣ ମହାନ୍ତି ଏସ୍‌ସିବି ଡିନ୍ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ତୁରନ୍ତ ରିପୋର୍ଟ ଦେବାକୁ କହିଛନ୍ତି। ଏସ୍‌ସିବି କାହିଁକି ସୁଧାଂଶୁଙ୍କ କିଡ୍‌ନୀ ପ୍ରତିରୋପଣ ହୋଇ ପାରିଲା ନାହିଁ ସେନେଇ ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବ୍ରେନ୍ ଡେଡ୍ ଘୋଷିତ ୫ ବର୍ଷର ଶିଶୁପୁତ୍ର ସୁଧାଂଶୁ ଶେଖର ଲେଙ୍କାଙ୍କ ଦୁଇ କିଡ୍‌ନୀକୁ ପ୍ରତିରୋପଣ ପାଇଁ କଟକ ଏସ୍‌ସିବିକୁ ପଠାଯାଇଥିଲା। କିନ୍ତୁ ସେଠାରେ କାହାଠାରେ ପ୍ରତିରୋପଣ କରାଯାଇ ପାରି ନ ଥିଲା। ଫଳରେ ଉକ୍ତ କିଡ୍‌ନୀ ପୁଣି ଭୁବନେଶ୍ୱର ଫେରଆସିଥିଲା। ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଗୋଟିଏ କିଡ୍‌ନୀ ପ୍ରତିରୋପଣ କରାଯାଇଥିବାବେଳେ ଆଉ ଗୋଟିଏ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଥିଲା।

# ୧୫ ଓଏଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟ ସରକାର ଶୁକ୍ରବାର ଓଏଏସ୍ ସ୍ତରରେ ଏକ ଅଦଳବଦଳ କରିଛନ୍ତି। ମୋଟ୍ ୧୫ ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କୋଷାଗୁମୁଡ଼ାର ପୂର୍ବତନ ବିଡିଓ ଅକ୍ଷୟମିତା କାର୍ତ୍ତିକଙ୍କୁ ନାରାୟଣପାଟଣା ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ଝରିଗାଁ ପୂର୍ବତନ ବିଡିଓ ଦେବେନ୍ଦ୍ର ବାହାଦୁର ସିଂହ ଧାରୁଆଙ୍କୁ ପଟ୍ଟାଙ୍ଗୀ ତହସିଲଦାର ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଡାବୁଗାଁ ତହସିଲଦାର ଥିବା ସନ୍ଧ୍ୟା ସମର୍ଥଙ୍କର ଲମତାପୁଟ ବିଡିଓ ଭାବେ ବଦଳି ହୋଇଛନ୍ତି। ସେହିପରି ଲମତାପୁଟ ବିଡିଓ ଦାୟିତ୍ୱରେ ଥିବା ଭବାନୀ ଶଙ୍କର ମିଶ୍ରଙ୍କୁ ଡାବୁଗାଁ ତହସିଲଦାର, ତରଭା ବଡିଓ ବିନୟ କୁମାର ପଟେଲଙ୍କୁ ରେଙ୍ଗାଲି ବିଡିଓ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ତରଭାକୁ ବଦଳି ହୋଇଛି। ଏହାସହ ରାଜଗାଙ୍ଗପୁର ତହସିଲଦାର ଶରତ କୁମାର ବାଗଙ୍କୁ କୋରାପୁଟ ଉପଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। କୁନ୍ଦ୍ରା ବିଡିଓ ସ୍ନେହପ୍ରଭା ମାଝିଙ୍କୁ କୋଟପାଡ଼ ଏବଂ ଲଖନପୁର ବିଡିଓ ସଞ୍ଜୀବ କୁମାର ପଟେଲଙ୍କୁ କୁନ୍ଦ୍ରାକୁ ବଦଳି କରାଯାଇଛି। କୋଟପାଡ଼ ବିଡିଓ ଦାଶରଥି ସରାବୁଙ୍କୁ ଗଜପତି (ନୂଆଗଡ଼) ତହସିଲଦାର, ଜଳ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ଅନୁସଚିବ ସତ୍ୟଜିତ ସାହୁଙ୍କୁ ସତ୍ୟବାଦୀ ବିଡିଓ ଭାବେ ନୂଆ ଦାୟିତ୍ୱ ମିଳିଛି। ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରାଙ୍କୁ ଡେପୁଟି କଲେକ୍ଟର ଭାବେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଦିଆଯାଇଛି। ସେହିପରି କଣାସର ଅତିରିକ୍ତ ତହସିଲଦାର ସହଦେବ ସାହୁଙ୍କୁ ବିରିଡ଼ି ତହସିଲଦାର, ଝାରସୁଗୁଡ଼ା ଉପଜିଲାପାଳ ନିବେଦିତା ପ୍ରଧାନଙ୍କୁ ରାଉରକେଲା ଉପଜିଲାପାଳ (ଏଡିଏମ ଅଫିସ) ଏବଂ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କୁ ଜଳ ସମ୍ପଦ ବିଭାଗକୁ ବଦଳି କରାଯାଇଛି।

# କୋଟିଆ ଆଦର୍ଶ ବିଦ୍ୟାଳୟ ପିଲାଙ୍କ ପାଇଁ ମାଗଣା ବସ୍ ସେବା ଆରମ୍ଭ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରୁ କୋଟିଆ ଗ୍ରାମ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଛି। ଷଷ୍ଠ ଶ୍ରେଣୀରେ ୫୯ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ଶିକ୍ଷାଦାନ ଆରମ୍ଭ ହୋଇଛି। ଏଥିସହ ଶୁକ୍ରବାର ସ୍କୁଲର ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା ଆରମ୍ଭ କରାଯାଇଛି। ବିଦ୍ୟାଳୟଟି କୋଟିଆର ଲୋକଙ୍କ ପାଇଁ ନୂତନ ଆଶା ଏବଂ ଆକାଂକ୍ଷା ଆଣିଛି। କାରଣ ଏହା ସିବିଏସ୍‌ଇ ଢାଞ୍ଚାରେ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବ। ଏଥିପାଇଁ ସାଧାରଣ ଲୋକେ ଓ ସ୍ଥାନୀୟ ବୁଦ୍ଧିଜୀବୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗତ ଏପ୍ରିଲରେ କୋଟିଆ ଗସ୍ତ ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ଅଗ୍ରଗତି ସମୀକ୍ଷା କରିଥିଲେ। ଏହାର କାର୍ଯ୍ୟ ଶେଷ ହେବା ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିଥିଲେ। ଇତିମଧ୍ୟରେ ସ୍କୁଲ୍ ସହ ଗୋଟିଏ ହଷ୍ଟେଲ ବିଲ୍ଡିଂ ନିର୍ମାଣ ସରିଛି।

**PARADIP PORT AUTHORITY**
**e-Tender-cum-e-Auction Notice**
No.AD/EST/LAND-I-44/2021/1896 Date:07.06.2022
An e-Tender-cum-e-Auction Notice invites bids for "Allotment of about 3.8. Acres of Port land for Construction of Mega Modern Shopping Mall at Marine Drive Road in the Port Township for a period of 30 (thirty) years on long term lease basis" is available in the website from 07.06.2022 to 08.08.2022. Interested bidders may log on the website https://eprocure.gov.in/eprocure/app.
Dy. Secretary
Paradip Port Authority
PPA/PR/174/22-23 dtd.15.07.2022

**सी.एस.आइ.आर-खनिज एवं पदार्थ प्रोद्योगिकी संस्थान**
**CSIR - INSTITUTE OF MINERALS & METERIALS TECHNOLOGY**
वैज्ञानिक तथा औद्योगिक अनुसंधान परिषद
Council of Scientific & Industrial Research
भुवनेश्वर - 751013, ओडिशा, भारत, Bhubaneswar - 751013, Odisha, INDIA
सं/No. 16(66)/2021-E-I दिनांक/Dated: 15.07.2022
**अधिसूचना/NOTIFICATION**
Ref.: Advt. No. 02/2021 for recruitment to the 12 Posts of Jr. Secretariat Assistant & 02 Posts of Jr. Stenographer. Recruitment process for two (02) positions of Jr. Stenographer (UR), Post Code - JSTE notified vide above mentioned advertisement number published on IMMT website dated 21.04.2021, Employment news dated 08.05.2021 and Dharitri Newspaper dated 14.05.2021 stands cancelled due to some administrative reasons.
Sd./- प्रशासनिक अधिकारी/ Administrative Officer

**FORM NO. 14**
[See Regulation 33(2)]
**OFFICE OF THE RECOVERY OFFICER - I/II**
**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack - 753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/46/2020 08-06-2022
STATE BANK OF INDIA
Versus
M/S SRI SRI RADHARAMAN CONSTRUCTION
To
(CD-1) **M/s. Sri Sri Radharaman Construction,** At/PO.: Jhimani, Via: Kujanga, Dist: Jagatsinghpur- 754141
(CD-2) **RANJAN KUMAR ROUTRAY,** S/o.: Baikunthanath Routray, Prop. M/s. Sri Radharaman Construction, At/PO.: Jhimani, Via: Kujanga, Dist: Jagatsinghpur, Pin - 754141
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/72/2018** an amount of **Rs.18,46,900.35 (Rupees Eighteen Lakhs Forty Six Thousands Nine Hundred And Paise Thirty Five Only)** along with pendentellite and future interest @ 10.00% Simple Interest Yearly w.e.f. **23/02/2018** till realization and costs of **Rs.21,000/- (Rupees Twenty One Thousands Only)** has become due against you (Jointly and severally/ Fully/ Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **07/09/2022 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **08/06/2022** Sd/- Recovery Officer
DEBTS RECOVERY TRIBUNAL, CUTTACK

**NATIONAL COMMISSION FOR SCH. TRIBES**
**Government of India**
N-1/297, IRC Village, Bhubaneswar - 751015
Ph. No. 0674-2551818/2551616, Mob. No. 8197056363
**OFFICE ACCOMMODATION REQUIRED**
An independent well furnished building having 3000 Sq.ft. Carpet Area, 5-6 rooms with attached toilets and parking space located in prime location of Bhubaneswar preferably with well communication facilities for Air, Rail & Bus services is required immediately for the Office of the NCST, Constitutional Body under Article 338-A. The fair rent to be fixed by CPWD. Interested parties may send their offers with full details within 30 days in the above address.

RDA
**ROURKELA DEVELOPMENT AUTHORITY**
**UDIT NAGAR, ROURKELA-769012**
**No.1169/RDA, dated 14.07.2022**
**PROCLAMATION**
It is hereby informed to the General public that, **Teherun Nisa, W/o. Late Md. Jamil,** has applied for mutation of **House No. L-1, Block No. 7 under Jawahar Nagar Housing Scheme, Nala Road,** in her favour consequent upon death of her husband **Late Md. Jamil.** If anybody has got objection to the proposed mutation, He/ She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
1. **TPWODL/HS/O/SU/ 075 - Supply of Vehicle Mounted Tower Wagon at TPWODL.**
2. **TPWODL/SA/O/SU/067- Rate Contract for Supply of 95 Sq mm LT AB Cable.**
3. **TPWODL/SD/O/SER/076- RC for Supply and Installation of Office Furniture at Various Circles of TPWODL.**
4. **TPWODL/RP/O/ SU/074– Purchase order for supply of CTPT error tester at TPWODL.**
5. **TPWODL/SR/O/SITC/073- SITC of highmast lighting system at TPWODL**

Interested bidders to submit Tender Participation Fee and Authorization Letter through email on or before **19th July 2022** (for Sl. No- 1 & 2), **22nd July 2022** (for Sl. No- 3) & **27th July 2022** (for Sl. No- 4 & 5), **17:00Hrs** respectively, after which link from e-Tender system shall be shared.
For detailed tender documents of all above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
College requires the post of Lecturers on Contractual basis with negotiated salary in **Odia, Pol.Sc., Mathematics, Economics and English**. Desired candidates having minimum 55% Marks at P.G. level may attend Walk-in-Interview with original Certificates on **29.07.22 at 11 A.M.** in college campus.
Sd./- Principal-cum-Secretary, Anchalika Degree Mahavidyalaya
Pragyanvihar, Siminai, Dhenkanal, Ph.No. 06762-241177

**WANTED PERSONAL DRIVER**
For SUV at Patia, Bhubaneshwar.
Accommodation will be provided.
Experience driver will be preferred.
CALL : 9132933333

See Career Appointment on every Wednesday & Saturday

**WANTED**
ଧରିତ୍ରୀ DHARITRI Oriya daily
is looking for
**ACCOUNTS EXECUTIVES**
- Candidates should have at least 3 years+ experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

**BAIF Institute for Sustainable Livelihoods and Development-Odisha**
**ଆବେଦନ ବିଜ୍ଞପ୍ତି**
**Multipurpose Artificial Insemination Technicians for Rural India**
**(MAITRI)**
ଦକ୍ଷତା ଆଧାରିତ ଆତ୍ମନିଯୁକ୍ତି ସୁଯୋଗ ପାଇଁ ସମଗ୍ର ଓଡ଼ିଶାରେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ MAITRI ଭାବରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ୱେବସାଇଟରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁଯାୟୀ ଆବେଦନ କରିପାରିବେ।
Website: www.baifodisha.org / www.baif.org.in
ଅଧିକ ବିବରଣୀ ପାଇଁ ସୋମବାରରୁ ଶୁକ୍ରବାର, ଦିନ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ନିମ୍ନରେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ।
ଫୋନ ନମ୍ବର : 7894418530

**ହଷ୍ଟେଲ ଖାଦ୍ୟ ଖାଇ ୧୫୦ ଛାତ୍ରୀଛାତ୍ର ଅସୁସ୍ଥ**

ହାଇଦ୍ରାବାଦ, ୧୫।୭: ରାଜୀବ ଗାନ୍ଧୀ ୟୁନିଭର୍ସିଟି ଅଫ୍ ନଲେଜ୍ ଟେକ୍ନୋଲୋଜିର ୧୫୦ଜଣ ଛାତ୍ରୀଛାତ୍ର ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ଗୁରୁତର ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ମେଡିକାଲ ଟିମ୍ ହଷ୍ଟେଲକୁ ପଠାଯାଇଥିବା ତେଲଙ୍ଗାନା ସ୍ୱାସ୍ଥ୍ୟମନ୍ତ୍ରୀ ଟି. ହରିଶ ରାଓ କହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅଧିକାଂଶ ପିଲା ସୁସ୍ଥ ହୋଇଯାଇଥିବା ଜଣାପଡ଼ିଛି।

## ପାକ୍ ପ୍ରଧାନମନ୍ତ୍ରୀଙ୍କ ପୁଅ ଅପରାଧୀ ଘୋଷିତ

ଇସ୍‌ଲାମାବାଦ,୧୫।୭: ପାକିସ୍ତାନର ଏକ କୋର୍ଟ ଶୁକ୍ରବାର ମନି ଲଣ୍ଡରିଂ ମାମଲାର ଶୁଣାଣି କରି ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କ ସାନପୁଅ ସୁଲେମାନ ଶେହବାଜଙ୍କୁ ଅପରାଧୀ ଘୋଷଣା କରିଛନ୍ତି। ୨୦୨୦ ନଭେମ୍ବରରେ ପାକିସ୍ତାନର ସଂଘୀୟ ତଦନ୍ତ ସଂସ୍ଥା (ଏଫଆଇଏ) ଦୁର୍ନୀତି ନିର୍ବାରଣ ଆଇନ ଏବଂ ମନି ଲଣ୍ଡରିଂ ନିରୋଧୀ ଆଇନ ବଳରେ ଶେହବାଜ ଓ ତାଙ୍କ ଦୁଇପୁଅଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କୋର୍ଟ ସୁଲେମାନ ଓ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କ ନାମରେ ରହିଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ମାଗିଛନ୍ତି। ଏଫଆଇଏ ଟିମ୍ ଶେହବାଜଙ୍କ ପରିବାର ପକ୍ଷରୁ କାରବାର କରାଯାଇଥିବା ୨୮ଟି ବେନାମୀ ଆକାଉଣ୍ଟ ଚିହ୍ନଟ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ■ ରୁଷିଆ ସହ ଏସ୍-୪୦୦ ମିଶାଇଲ୍ ଡିଲ୍ ହଟିବ ଆମେରିକାର ସିଏଏଟିଏସ୍ଏ କଟକଣା

ୱାଶିଂଟନ,୧୫।୭: ରୁଷିଆଠାରୁ ୫ଟି ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ କିଣିବା ପାଇଁ ଭାରତର ଚୁକ୍ତି ଆଗରେ ଥିବା ପ୍ରତିବନ୍ଧକ ଏକପ୍ରକାର ହଟିଛି। ଆମେରିକାର ପ୍ରତିନିଧି ସଭାରେ ଏ ନେଇ ଧ୍ୱନିମତରେ ଏକ ସଂଶୋଧନ ଗୃହୀତ ହୋଇଛି। ୨୦୧୮ ଅକ୍ଟୋବରରେ ଟ୍ରମ୍ପ୍ ପ୍ରଶାସନର ତାଗିଦ୍ ସତ୍ତ୍ୱେ ଭାରତ ଏହି ପ୍ରତିରକ୍ଷା କ୍ଷେପଣାସ୍ତ୍ର ବ୍ୟବସ୍ଥା କିଣିବା ପାଇଁ ମସ୍କୋ ସହ ଚୁକ୍ତିବଦ୍ଧ ହୋଇଥିଲା। ଏସ୍-୪୦୦ ହେଉଛି ଭୂପୃଷ୍ଠରୁ ଆକାଶରେ ଲକ୍ଷ୍ୟସ୍ଥଳ ଭେଦ କରିପାରୁଥିବା ସବୁଠୁ ଅତ୍ୟାଧୁନିକ ସିଷ୍ଟମ। କାଉଣ୍ଟରିଂ ଆମେରିକାସ୍ ଆଡଭର୍ସରିଜ୍ ଥ୍ରୁ ସାଙ୍କସନ୍ସ ଆକ୍ଟ (ସିଏଏଟିଏସ୍ଏ) ବଳରେ ଆମେରିକାର କୌଣସି ଶତ୍ରୁ ରାଷ୍ଟ୍ରଠାରୁ ପ୍ରତିରକ୍ଷା ସାମଗ୍ରୀ କିଣାକିଣି ଉପରେ ଭାରତ ଉପରେ କଟକଣା ଲାଗିଥିଲା। ଚାଇନାର ବଢ଼ି ଚାଲିଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ ଏହି କଟକଣା ହଟାଯାଉ ବୋଲି ଭାରତୀୟ ବଂଶୋଦ୍ଭବ କଂଗ୍ରେସମ୍ୟାନ୍ ରାଓ ଖାନ୍ନା ଉକ୍ତ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିଥିଲେ।

# ସଂସଦରେ ବିକ୍ଷୋଭ ମନା



**■ କେନ୍ଦ୍ରକୁ ବିରୋଧୀଙ୍କ ଟାର୍ଗେଟ**
**■ ବାଚସ୍ପତି କହିଲେ ନିୟମିତ ପ୍ରକ୍ରିୟା**

ନୂଆଦିଲ୍ଲୀ,୧୫।୭

ଆଗକୁ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ, ଧାରଣା, ଅନଶନ କିମ୍ବା ଧର୍ମୀୟ ଉତ୍ସବ କରାଯାଇପାରିବ ନାହିଁ। ଏନେଇ ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଗୁରୁବାର ଏକ ସର୍କୁଲାର ଜାରି କରାଯାଇଛି। ଉଭୟ ସଦନରେ 'ଅସଂସଦୀୟ ଶବ୍ଦ' ବ୍ୟବହାର ଉପରେ କଟକଣାର ଦିନକ ପରେ ପ୍ରକାଶ ପାଇଥିବା ଏହି ରିପୋର୍ଟକୁ ନେଇ କେନ୍ଦ୍ର ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ପୁଣି ଟାର୍ଗେଟ କରିଛନ୍ତି।

ଜୁଲାଇ ୧୮ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ରାଜ୍ୟ ସଭା ସେକ୍ରେଟାରି ଜେନେରାଲ ପି.ସି. ମୋଦି ନିର୍ଦ୍ଦେଶାବଳୀ ସମ୍ବଳିତ ଏକ ବୁକ୍‌ଲେଟ୍ ଜାରି କରି ବିକ୍ଷୋଭ ନ କରିବା ନିମନ୍ତେ ଏମ୍‌ପିମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଏନେଇ କଂଗ୍ରେସ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭାରେ ଦଳର ମୁଖ୍ୟ ସଚେତକ ଜୟରାମ ରମେଶ ଟୁଇଟ୍ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଜୟରାମ ଏଥିରେ 'ବିଶ୍ୱଗୁରୁର ସଦ୍ୟ ଟାର୍ଗେଟ: ଧାରଣା ମନା' ଉଲ୍ଲେଖ କରି ସର୍କୁଲାରର ଏକ କପି ଶେୟାର କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ'ବ୍ରାଏନ୍ ମଧ୍ୟ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଛନ୍ତି। ବିକ୍ଷୋଭ, ଧାରଣା, ଅନଶନ ଆଦି ହେଉଛି ବିରୋଧ ଜଣାଇବା ପାଇଁ ବୈଧ ସଂସଦୀୟ କୌଶଳ। ଆମକୁ କେହି ଅଟକାଇପାରିବେ ନାହିଁ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏହାର ପ୍ରତିବାଦରେ ଶନିବାର ଦିଲ୍ଲୀରେ ଏକାଠି ହୋଇ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି। ଅତୀତରେ ପାର୍ଲାମେଣ୍ଟ ପରିସର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିରୋଧୀ ସଦସ୍ୟମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଆସିଛନ୍ତି। ତେଣୁ ବିରୋଧୀ ଦଳଗୁଡ଼ିକ ଏହା ଉପରେ ଆପତ୍ତି ଉଠାଇଛନ୍ତି। ପ୍ରକାଶ ଯେ, ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ବୁଧବାର କେତେକ ଶବ୍ଦକୁ ଅସଂସଦୀୟ ଦର୍ଶାଇ ଏକ ସର୍କୁଲାର ଜାରି କରାଯାଇଥିଲା। ଏହାର ଦିନକ ପରେ ରାଜ୍ୟ ସଭା ସେକ୍ରେଟାରିଏଟ୍ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ନ କରିବାକୁ କହିବା ପରେ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଓ ଏହାର ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ କିପରି ଧ୍ୱଂସ କରିଚାଲିଛନ୍ତି, ବିତର୍କ ବେଳେ ତାହା ବର୍ଣ୍ଣନା କରିବାକୁ ଯାଇ ବିରୋଧୀ ସଦସ୍ୟ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିବା ବିରୋଧୀ କହିଛନ୍ତି। ବିବାଦ ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ପାର୍ଲାମେଣ୍ଟରେ କୌଣସି ଶବ୍ଦର ବ୍ୟବହାର ଉପରେ କଟକଣା ଜାରି କରାଯାଇ ନାହିଁ। କିନ୍ତୁ ସଦସ୍ୟମାନେ ଗୃହର ମର୍ଯ୍ୟାଦା ରକ୍ଷା କରିବା ଉଚିତ। ଅସଂସଦୀୟ ଶବ୍ଦାବଳୀ ଜାରି କରିବା ଏକ ନିୟମିତ ପ୍ରକ୍ରିୟା, ଯାହାକି ୨୦୦୯ରୁ ଚାଲିଆସିଛି। ଏହାକୁ ନେଇ କୌଣସି ପ୍ରକାର ରାଜନୀତି ହେବା ଅନୁଚିତ।

## ଯାସିନ୍ ମଲିକଙ୍କୁ କୋର୍ଟରେ ଚିହ୍ନିଲେ ରୁବିୟା ସୟିଦ


ରୁବିୟା ସୟିଦ

**୧୯୮୯ରେ ମୁଖ୍ୟମନ୍ତ୍ରୀଙ୍କ ଝିଅଙ୍କୁ ଅପହରଣ କରିଥିଲା ଜେକେଏଲ୍ଏଫ୍**

ଜମ୍ମୁ,୧୫।୭

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦ୍‌ଙ୍କ ଝିଅ ରୁବିୟା ସୟିଦ୍ ଶୁକ୍ରବାର ସ୍ଥାନୀୟ ଏକ ସିବିଆଇ କୋର୍ଟରେ ତାଙ୍କ ୪ ଅପହରଣକାରୀଙ୍କୁ ଚିହ୍ନିଛନ୍ତି। ୧୯୮୯ର ଏହି ବହୁଚର୍ଚ୍ଚିତ ଅପହରଣର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍ଏଫ୍) ମୁଖ୍ୟ ଯାସିନ୍ ମଲ୍ଲିକ। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ପ୍ରତିଷ୍ଠାତା ମୁଫ୍ତି ମହମ୍ମଦ ସୟିଦ୍‌ଙ୍କ ଦୁଇ ଝିଅ ମେହବୁବା ମୁଫ୍ତି ଏବଂ ରୁବିୟା ସୟିଦ୍। ୧୯୮୯ରେ କେନ୍ଦ୍ରର ଭି. ପି. ସିଂ ସରକାରରେ ସୟିଦ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଥିବାବେଳେ ଡିସେମ୍ବର ୮ରେ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଜେକେଏଲ୍ଏଫ୍‌ର ଆତଙ୍କବାଦୀମାନେ ୨୩ ବର୍ଷୀୟା ମେଡିକାଲ୍ ଛାତ୍ରୀ ରୁବିୟାଙ୍କୁ ନୌଗାମ୍‌ରୁ ବନ୍ଧୁକ ମୁନରେ ଅପହରଣ କରିନେଇଥିଲେ। ରୁବିୟାଙ୍କୁ ମୁକ୍ତ କରିବା ପାଇଁ ସେମାନେ ଜେକେଏଲ୍ଏଫ୍‌ର ୫ ସଦସ୍ୟଙ୍କୁ ଖଲାସ କରିବାକୁ ଦାବି କରିଥିଲେ। ଦିଲ୍ଲୀରୁ ସ୍ୱରାଷ୍ଟ୍ରମନ୍ତ୍ରୀ ସୟିଦ୍ ମୁଫ୍ତି ତତ୍କାଳୀନ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କୁ ଫୋନ କରି ସହାୟତା ମାଗିଥିଲେ। କେନ୍ଦ୍ର ସରକାରଙ୍କ ସହ ବିଭିନ୍ନ ସର୍ତ୍ତକୁ ନେଇ ଚୁକ୍ତିବଦ୍ଧ ହେବା ପରେ ଫାରୁକ୍ ଆତଙ୍କବାଦୀମାନଙ୍କ ଦାବି ପୂରଣ କରିଥିଲେ। ଜେକେଏଲ୍ଏଫ୍ ମଧ୍ୟ ପ୍ରତିଶ୍ରୁତି ରଖି ଅପହୃତା ରୁବିୟା ସୟିଦ୍‌ଙ୍କୁ ମୁକ୍ତ କରିଥିଲେ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଆଜୀବନ ଦୋଷୀ ସାବ୍ୟସ୍ତ ହୋଇ ଯାସିନ୍ ମଲିକ୍ ଜେଲରେ ଅଛନ୍ତି। ରାଜନୀତି ଓ ବାହ୍ୟ ଚାକଚକ୍ୟରୁ ଦୂରେଇ ରହୁଥିବା ୫୬ ବର୍ଷୀୟା ରୁବିୟା ମାଡ୍ରାସରେ ରୁହନ୍ତି। ଯାସିନ୍ ଓ ତାଙ୍କ ୪ ସହଯୋଗୀଙ୍କୁ ଏବେ କୋର୍ଟରେ ହାଜର କରାଯାଇଥିବାବେଳେ ସେମାନଙ୍କୁ ଚିହ୍ନଟ କରିବା ପାଇଁ ରୁବିୟାଙ୍କୁ ପ୍ରଥମ ଥର ପାଇଁ ଡକାଯାଇଥିଲା।


ଯାସିନ୍ ମଲିକ୍

## ଏୟାର ଇଣ୍ଡିଆ ବିସ୍ଫୋରଣ ଅଭିଯୁକ୍ତଙ୍କୁ କାନାଡାରେ ହତ୍ୟା

**ଅଟାୱା,୧୫।୭:** ୧୯୮୫ ଏୟାର ଇଣ୍ଡିଆ ବିସ୍ଫୋରଣ ଅଭିଯୁକ୍ତ ରିପୁଦମନ ସିଂ ମଲିକଙ୍କୁ କାନାଡାର ସରେଠାରେ ହତ୍ୟା କରାଯାଇଛି। ରିପୁଦମନଙ୍କ କାର୍ ଭିତରୁ ତାଙ୍କ ଗୁଳିବିଦ୍ଧ ମୃତଦେହକୁ ବ୍ରିଟିଶ କଲମ୍ବିଆ ପୋଲିସ ଜବତ କରିଛି। ୧୯୮୫ ଜୁନ୍ ୨୩ରେ ଏୟାର ଇଣ୍ଡିଆ ଫ୍ଲାଇଟ୍-୧୮୨ କାନାଡାରୁ ଭାରତ ଆସୁଥିବାବେଳେ ଆୟର୍ଲାଣ୍ଡ ଉପକୂଳରେ ବିସ୍ଫୋରଣ ଘଟିଥିଲା। ଏଥିରେ ୩୨୯ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତ ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ବଂଶୋଦ୍ଭବ ଶିଖ୍ ସମୁଦାୟର ଥିଲେ। ଉକ୍ତ ବିମାନରେ ରିପୁଦମନ ବୋମା ଖଞ୍ଜିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ୨୦୦୫ରେ ରିପୁଦମନ ଦୋଷମୁକ୍ତ ହୋଇଥିଲେ।

## ସ୍ତ୍ରୀକୁ ହତ୍ୟାକରି ସିଝାଇଲେ

**ଇସ୍‌ଲାମାବାଦ,୧୫।୭:** ପାକିସ୍ତାନର ସିନ୍ଧରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀ ନର୍ଗିସଙ୍କୁ ଅନୈତିକ ସମ୍ପର୍କରେ ଲିପ୍ତ ରହିବା ପାଇଁ ସ୍ୱାମୀ ଆଶିକ ବାଧ କରୁଥିଲେ। ନର୍ଗିସ୍ ଏହାର ବିରୋଧ କରିବାରୁ ଆଶିକ ରାଗିଯାଇ ତାଙ୍କୁ ହତ୍ୟା କରିଥିବା ଖବର ପ୍ରକାଶ ପାଇଛି। ଆଶିକ ନର୍ଗିସଙ୍କ ମୁହଁରେ ତକିଆ ଦେଇ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଏକ ବଡ଼ ହଣ୍ଡାରେ ତାଙ୍କ ମୃତଦେହକୁ ସିଝାଇ ଥିବା ସ୍ଥାନୀୟ ପୋଲିସ କହିଛି। ତେବେ ନର୍ଗିସଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା କୁହାଯାଉଛି। ଏହାର ସୂଚନା ନର୍ଗିସଙ୍କ ୧୫ ବର୍ଷୀୟା ଝିଅ ପୋଲିସକୁ ଦେବାପରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଶିକ ତାଙ୍କ ୩ ପିଲାଙ୍କ ସହ ଫେରାର୍ ଅଛନ୍ତି।

## ଲିଭ୍-ଇନ୍‌ରେ ରହିଲେ ବଳାତ୍କାର ମାମଲା କରିପାରିବେନି ମହିଳା

**ସୁପ୍ରିମକୋର୍ଟ ରାୟ**

**ନୂଆଦିଲ୍ଲୀ, ୧୫।୭:** ନିଜ ଇଚ୍ଛାରେ କୌଣସି ପୁରୁଷଙ୍କ ସହ ଲିଭ୍-ଇନ୍‌ରିଲେଶନରେ ରହି ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ ସମ୍ପୃକ୍ତା ମହିଳା ତାଙ୍କ ବିରୋଧରେ ବଳାତ୍କାର ମାମଲା କରିପାରିବେ ନାହିଁ ବୋଲି ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଭିଯୁକ୍ତ ଯୁବକଙ୍କୁ ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ଜଷ୍ଟିସ୍ ବିକ୍ରମ ନାଥଙ୍କ ଖଣ୍ଡପୀଠ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ମାମଲା ଅନୁଯାୟୀ, ଜଣେ ଯୁବତୀ ଅନ୍‌ସାର ମହମ୍ମଦ ନାମକ ଜଣେ ଯୁବକଙ୍କ ସହ ଲିଭ୍-ଇନ୍ ରିଲେଶନଶିପ୍‌ରେ ରହୁଥିଲେ। ସେହି ସମୟରେ ଯୁବତୀଙ୍କୁ ୨୧ ବର୍ଷ ହୋଇଥିଲା। ୪ ବର୍ଷ ଏକାଠି ରହିବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ପରେ ଯୁବତୀ ଜଣକ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଗିରଫଦାରିରୁ ବର୍ତ୍ତିବା ପାଇଁ ଆଗୁଆ ଜାମିନ ନିମନ୍ତେ ଅନ୍‌ସାର ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅନ୍‌ସାର ସୁପ୍ରିମକୋର୍ଟ ଯାଇଥିଲେ।

**ଫୁର୍‌ସତ୍**

# ଏଯାଏ ପିନ୍ଧିନି ମୋଦିଙ୍କ ମୁଦି

ମୁମ୍ବାଇ

ବଲିଉଡ୍‌ର ୱାଣ୍ଡର ଓମ୍ୟାନ୍ ସୁସ୍ମିତା ସେନ୍ ଓ ୫୬ ବର୍ଷୀୟ ଲଳିତ ମୋଦିଙ୍କ ପ୍ରେମ ସମ୍ପର୍କକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପୂର୍ବତନ ଅଧକ୍ଷ ଲଳିତ ମୋଦି ସୁସ୍ମିତାଙ୍କୁ ଡେଟ୍ କରୁଥିବାର ଖବର ପ୍ରକାଶ ପାଇବା ପରେ ସୋସିଆଲ ମିଡିଆରେ ସୁସ୍ମିତା ଦୁଇ ଝିଅଙ୍କ ସହ ଏକ ଫଟୋ ପୋଷ୍ଟ କରିଛନ୍ତି। କିଛିଦିନ ହେବ ଦୁହେଁ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିବାବେଳେ ଆଗାମୀ ଦିନରେ ସେମାନେ ବିବାହ ପାଇଁ ଯୋଜନା ରଖିଥିବା ଲଳିତ କହିଛନ୍ତି। ଲଳିତଙ୍କ ସୋସିଆଲ ମିଡିଆ ପୋଷ୍ଟର ଗୋଟିଏ ଦିନ ପରେ ସୁସ୍ମିତା ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। କ୍ୟାପ୍‌ସନ୍‌ରେ ସେ ଲେଖିଛନ୍ତି ଯେ, ମୁଁ ଖୁସିରେ ଅଛି। 'ବାହା ହୋଇନାହିଁ କି ମୁଦି ନାହିଁ। ନିସର୍ତ୍ତ ପ୍ରେମରେ ଆବଦ୍ଧ। ଏହା ଯଥେଷ୍ଟ ସ୍ପଷ୍ଟୀକରଣ।' ତେବେ ସୁସ୍ମିତା ଯେଉଁ ଫଟୋ ପୋଷ୍ଟ କରିଛନ୍ତି ସେଥିରେ ଲଳିତ ନ ଥିବା ପ୍ରକାଶି ଖବର ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଟୁଇଟରରେ ଲଳିତ ଏକାଧିକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସୁସ୍ମିତା ଲଳିତଙ୍କର ଅତି ନିକଟରେ ବସିଛନ୍ତି। ଫଟୋରେ ସୁସ୍ମିତା ଏକ ମୁଦି ପିନ୍ଧିଥିବାର ଦେଖାଯାଇଥିବାବେଳେ ମୁଦିଟି ଲଳିତ ଗିଫ୍ଟ କରିଥିବା ଏବଂ ଦୁହିଁଙ୍କର ନିର୍ବନ୍ଧ ସରିଯାଇଥିବା ଗୁଜବ ସୃଷ୍ଟି ହୋଇଛି।

### ତାଙ୍କ ଲାଇଫ୍, ତାଙ୍କ ଡିସିଶନ: ଲଳିତଙ୍କ ପୁଅ

ଲଳିତ ସୁସ୍ମିତାଙ୍କୁ ଡେଟ୍ କରିଥିବା ଖବର ଉପରେ ନିଜ ପ୍ରତିକ୍ରିୟା ରଖିଛନ୍ତି ଲଳିତଙ୍କ ପୁଅ ରୁଚିର। ୨୮ ବର୍ଷୀୟ ରୁଚିର ମୋଦି କହିଛନ୍ତି ଯେ, ଦୁହିଁଙ୍କ ସମ୍ପର୍କକୁ ନେଇ ପରିବାର ଆଗରୁ ଅବଗତ ଥିଲେ। କିନ୍ତୁ ଏହା ଉପରେ ପରିବାରର ଅନ୍ୟ ସଦସ୍ୟଙ୍କ ସହ କୌଣସି ଆଲୋଚନା କରାଯାଇ ନାହିଁ। ତାଙ୍କ ଜୀବନର ନିଷ୍ପତ୍ତି ସେ ନେବାର ଅଧିକାର ଅଛି। ଆମ ଫ୍ୟାମିଲି ପଲିସି ଅନୁସାରେ କୌଣସି ବ୍ୟକ୍ତି କାହାରି ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରନ୍ତି ନାହିଁ।


ରୁଚିର ମୋଦି

**ଲଳିତ ମୋଦି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ପୂର୍ବତନ ଅଧକ୍ଷ ଲଳିତ ମୋଦି ୧୯୯୧ରେ ମିନଲଙ୍କୁ ବାହା ହୋଇଥିଲେ। ଦୁହେଁ ପ୍ରେମ ବିବାହ କରିଥିବାବେଳେ ମିନଲ ଲଳିତଙ୍କଠାରୁ ବୟସରେ ୧୦ ବର୍ଷ ବଡ଼ ଥିଲେ। ବିବାହ ପୂର୍ବରୁ ମିନଲଙ୍କର ଜଣେ କନ୍ୟା ସନ୍ତାନ ଥିଲେ। ପୁଅ ରୁଚିର ଓ ଝିଅ ଆଲିଆ ହେଉଛନ୍ତି ଲଳିତଙ୍କ ଦୁଇ ସନ୍ତାନ। କର୍କଟ ରୋଗରେ ପୀଡ଼ିତ ମିନଲଙ୍କର ୨୦୧୮ରେ ପ୍ରାଣହାନି ଘଟିଥିଲା। ଲଳିତଙ୍କ ବିରୋଧରେ ଟିକସ ଠକେଇ ଓ ମନି ଲଣ୍ଡରିଂ ଅଭିଯୋଗ ପରେ ଏନେଇ ତଦନ୍ତ ଆରମ୍ଭ ହୋଇଥିଲା। ୨୦୧୦ରେ ଭାରତ ଛାଡ଼ି ପୁଅ ରୁଚିରଙ୍କ ସହ ଲଣ୍ଡନରେ ଲଳିତ ରହୁଛନ୍ତି।





**ସୁସ୍ମିତା ସେନ:** ଫ୍ୟାଶନ୍ ଆଇକନ୍ କୁହାଯାଉଥିବା ସୁସ୍ମିତା ସେନ୍‌ଙ୍କୁ ଅନେକେ ନିଜ ଆଇଡଲ୍ ଭାବେ ଗ୍ରହଣ କରନ୍ତି। ନିଜର ଷ୍ଟାଇଲ୍ ପାଇଁ ଏହି ନାୟିକା ବେଶ୍ ପରିଚିତ। ତେବେ ଜଣେ ସିଙ୍ଗଲ ମଦର ଭାବେ ସୁସ୍ମିତା ନିଜ କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଉଥିବା ନେଇ ମଧ୍ୟ ତାଙ୍କୁ ବେଶ୍ ପ୍ରଶଂସା କରାଯାଏ। ଫିଲ୍ମ କ୍ୟାରିୟରରେ ସୁସ୍ମିତା ସେତେ ସଫଳ ନୁହନ୍ତି। ୧୯୯୬ରେ ଫିଲ୍ମ 'ଦସ୍ତକ' ଜରିଆରେ ସେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ବିବି ନମ୍ବର ୱାନ,ସିର୍ଫ ତୁମ୍, ମେ ହୁଁ ନା ପରି ଏକାଧିକ ଚଳଚ୍ଚିତ୍ରରେ ସେ କାମ କରିଛନ୍ତି। ୱେବ୍ ସିରିଜ୍ ଆର୍ୟା ଜରିଆରେ ସୁସ୍ମିତା ଓଟିଟି ପ୍ଲାଟଫର୍ମକୁ ଏଣ୍ଟ୍ରି କରିଥିବାବେଳେ ଆର୍ୟାରେ ଅଭିନେତ୍ରୀ ଜଣଙ୍କୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ତେବେ ଏହାର ତୃତୀୟ ସଂସ୍କରଣ ପାଇଁ ଏବେ ସେ ପ୍ରସ୍ତୁତ ହେଉଥିବା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି।

ତେବେ ଦୁହିଁଙ୍କ ସମ୍ପର୍କ ବାବଦରେ ସୁସ୍ମିତାଙ୍କ ବାପା ସୁବୀର ସେନ ଓ ଭାଇ ରାଜୀବ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପଟେ ସୁସ୍ମିତାଙ୍କ ଏକ୍ସ ବୟଫ୍ରେଣ୍ଡ ରୋହମନ ଶାୱଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସୁସ୍ମିତା ଯଦି ଲଳିତଙ୍କୁ ନିଜ ଜୀବନସାଥୀ ଭାବେ ବାଛିଛନ୍ତି ତେବେ ନିହାତିଭାବେ ସେ ଭାବିଚିନ୍ତି ଏହି ନିଷ୍ପତ୍ତି ନେଇଥିବେ। ଲଳିତଙ୍କ ପରିବାର ସହ ସୁସ୍ମିତାଙ୍କ ସମ୍ପର୍କ ଖୁବ୍ ପୁରୁଣା। ତେବେ ସୁସ୍ମିତା ଓ ଲଳିତଙ୍କ ସମ୍ପର୍କ ଖୁବ୍ ପୁରୁଣା। ଏକାଧିକ ପାର୍ଟି, ଫଙ୍କଶନ୍‌ରେ ସୁସ୍ମିତା ଲଳିତ ଓ ସ୍ତ୍ରୀ ମିନଲ ଏକାଠି ନଜରକୁ ଆସିଥିବାବେଳେ ତିନିଜଣ ମିଶି ଆଇପିଏଲ୍ ମ୍ୟାଚ୍ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ପ୍ରେମ ସମ୍ପର୍କକୁ ନେଇ ସୁସ୍ମିତାଙ୍କ ନାମ ଅନେକ ସେଲିବ୍ରିଟି ଏବଂ ନାମୀ ବ୍ୟବସାୟୀଙ୍କ ନାମ ସହ ଯୋଡ଼ା ଯାଇଛି। ସେମାନେ ହେଲେ ଫିଲ୍ମ ନିର୍ଦ୍ଦେଶକ ବିକ୍ରମ ଭଟ୍ଟ, ପାକିସ୍ତାନୀ କ୍ରିକେଟର ୱାସିମ ଆକ୍ରମ, ରଣଦୀପ ହୁଡ୍ଡା, ଟ୍ୟାଲେଣ୍ଟ କମ୍ପାନୀ ମାଲି ବଣ୍ଟି ସଚଦେବ, ଚେନ୍ ହୋଟେଲ ମାଲିକ ସଞ୍ଜୟ ନାରଙ୍ଗ ଓ ମଡେଲ ରୋହମନ ଶାୱଲ। ରୋହମନ ସୁସ୍ମିତାଙ୍କଠାରୁ ୧୫ ବର୍ଷ ସାନ ହୋଇଥିବାବେଳେ ଗତବର୍ଷ ଡିସେମ୍ବରରେ ଦୁହିଁଙ୍କ ବ୍ରେକ୍‌ଅପ୍ ହୋଇଛି।



## ସାପ ଜୈବଶୃଙ୍ଖଳର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ



**ବିଶ୍ୱ ସର୍ପ ଦିବସ**

ପ୍ରତିବର୍ଷ ଜୁଲାଇ ୧୬ରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଥାଏ। ବିଭିନ୍ନ ପ୍ରଜାତିର ସାପ ବିଷୟରେ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ସାପ ପ୍ରତି କେତେକଙ୍କ ମନରେ ଭୟ ରହିଛି। ତେବେ ସାପ ପୃଥିବୀର ଜୈବ ଶୃଙ୍ଖଳ (ଇକୋସିଷ୍ଟମ) ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ସାପ ଦିବସ ଲୋକମାନଙ୍କୁ ଏହି ସରୀସୃପଙ୍କ ବିଷୟରେ ଅଧିକ ଜାଣିବାରେ ସୁଯୋଗ ପ୍ରଦାନ କରିଥାଏ। ବିଶ୍ୱ ସାପ ଦିବସରେ ଏହି ଶୀତଳ ରକ୍ତଧାରୀ ସରୀସୃପମାନେ କିପରି ଜୀବନଯାପନ କରନ୍ତି ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଉତ୍ତର କାନାଡ଼ାର ସେମି ଫ୍ରିଜ ଟୁନ୍ଦ୍ରାଠାରୁ ଆରମ୍ଭ କରି ଆମାଜନର ସବୁଜ ଜଙ୍ଗଲ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ପ୍ରାୟ ୩,୪୫୮ ପ୍ରଜାତିର ସାପ ଦୃଷ୍ଟିଗୋଚର ହୋଇଥାନ୍ତି। ପୃଥିବୀର ମହାସାଗରରେ ମଧ୍ୟ ସାପ ଦେଖାଯାଇଥାନ୍ତି। ସାପ ଦକ୍ଷ ଶିକାରୀ ଏବଂ ଏହା ପ୍ରକୃତିର ସନ୍ତୁଳନ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସରୀସୃପ ଡାଇନୋସରଙ୍କ ବଂଶରୁ ଆସିଛନ୍ତି। ସମଗ୍ର ବିଶ୍ୱରେ ଦେଖାଯାଉଥିବା ବିଭିନ୍ନ ପ୍ରଜାତିର ସାପ ମଧ୍ୟରୁ କେବଳ ୬୦୦ଟି ବିଷାକ୍ତ ପ୍ରଜାତିର ଅଛନ୍ତି।

## ରିଆଲିଟି ଶୋ'ରେ ଆମିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଲାଲ ସିଂ ଚଡ୍ଢା'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ପ୍ରମୋଶନ ପାଇଁ ଆମିର ପ୍ରଥମ ଥର କୌଣସି ରିଆଲିଟି ଶୋ'ରେ ସାମିଲ ହେବାକୁ ଯାଉଛନ୍ତି। ବହୁ ଚର୍ଚ୍ଚିତ ଶୋ' 'କୌନ ବନେଗା କରୋଡପତି' ମଞ୍ଚରେ ଆମିର ଅମିତାଭ ବଚ୍ଚନଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି। ଏହାର ୧୪ତମ ସଂସ୍କରଣ ଅଗଷ୍ଟ ୭ରେ ବ୍ରଡ୍‌କାଷ୍ଟ ହେବ। ତେବେ ପ୍ରଥମ ଏପିସୋଡ଼ର ସ୍ପେଶାଲ ଶୋ'ରେ ଦେଶର ରିୟଲ ହିରୋମାନଙ୍କୁ ସାମିଲ କରାଯିବ। ଏଥିରେ ଆଥଲେଟଙ୍କଠାରୁ ଆରମ୍ଭ କରି ପୋଲିସ ଓ ସେନା ଅଧିକାରୀମାନେ ଯୋଗ ଦେବେ। ତେବେ ଏମାନଙ୍କ ଗ୍ରୁପ୍‌କୁ ଆମିର ଲିଡ୍ କରିବେ ବୋଲି ଖବର ପ୍ରକାଶ ପାଇଛି। ନିକଟରେ ଡ୍ୟାନ୍ସ ରିୟଲିଟି ସୋ 'ଡ୍ୟାନ୍ସ ଦିୱାନା ଜୁନିଅୟର୍ସ' ମଞ୍ଚରେ ଆମିର ନଜରକୁ ଆସିଥିଲେ।

**ଏନ୍ଆର୍ଇ ସୁଧହାର ଘୋଷଣା**

**ଭୁବନେଶ୍ୱର:** ବିଦେଶ ମୁଦ୍ରା ପ୍ରବାହକୁ କୋହଳ କରିବା ଲାଗି ରିଜର୍ଭ ବ୍ୟାଙ୍କ ଗାଇଡ୍‌ଲାଇନ୍ ଜାରି କରିଥିବା ପରିପ୍ରେକ୍ଷୀରେ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନନ୍ ରେସିଡେଣ୍ଟ ଏକ୍ସଟରନାଲ୍ (ଏନ୍ଆର୍ଇ) ବା ପ୍ରବାସୀ ବାହ୍ୟ ଜମା ଉପରେ ସ୍ୱତନ୍ତ୍ର ସୁଧ ହାର ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ଏ ନେଇ ମଧ ନିକଟରେ ବିଧିବଦ୍ଧ ବିଜ୍ଞପ୍ତି ସମ୍ପର୍କରେ ଘୋଷଣା ହୋଇଛି। ବିଶେଷକରି ପ୍ରବାସୀ ଗ୍ରାହକମାନେ ସେମାନଙ୍କ ୧ବର୍ଷରୁ ୩ବର୍ଷିଆ ଅବଧିର ଏନ୍ଆର୍ଇ ଜମା ଉପରେ ଅତିରିକ୍ତ ୫୦% ସୁଧ ପାଇପାରିବେ। ଜମା ଉପରେ ସଂଶୋଧିତ ସୁଧ ୨୦୨୨ ଜୁଲାଇ ୧୪ରୁ ଲାଗୁ କରାଯାଇଛି।

# ନାଲ୍‌କୋ ଦ୍ୱାରା ୩୦୦ ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୫।୭:**




ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ କମ୍ପାନୀ ନାଲ୍‌କୋ ଦ୍ୱାରା ଏମ୍ଆଇଡବ୍ଲ୍ୟୁ ଉତ୍ସବ ଅନ୍ତର୍ଗତ ୧୨୦ ସରକାରୀ ବିଦ୍ୟାଳୟରେ ୩୦୦ ସ୍ମାର୍ଟ କ୍ଲାସ୍‌ରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଅନୁଗୋଳସ୍ଥିତ ସରକାରୀ ହାଇସ୍କୁଲ ଏବଂ ସୁନାବେଡ଼ାସ୍ଥିତ ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୯୧ ବିଦ୍ୟାଳୟର ୨୪୦ ସ୍ମାର୍ଟ କ୍ଲାସ୍‌ରୁମ୍‌କୁ ଭିସି ଜରିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଖଣି ସଚିବ ଆଲୋକ ଟଣ୍ଡନ ନାଲ୍‌କୋର ଅଧକ୍ଷ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ନାଲ୍‌କୋର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ କୋରାପୁଟ ଏବଂ ଅନୁଗୋଳ ଜିଲା ପ୍ରଶାସନିକ ଅଧିକାରୀ, ଶିକ୍ଷା ଅଧିକାରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନ ପ୍ରତିନିଧିମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ନବରଙ୍ଗପୁର ଏବଂ ଖୋର୍ଦ୍ଧା ଜିଲାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଦ୍ୟାଳୟଗୁଡ଼ିକର ସ୍ମାର୍ଟ କ୍ଲାସ୍‌ରୁମ୍ ଗୁଡ଼ିକୁ ମଧ ଉଦ୍‌ଘାଟନ କରାଯାଇଛି। ଅପରପକ୍ଷରେ ଅବଶିଷ୍ଟ ୨୯ଟି ବିଦ୍ୟାଳୟରେ ୬୦ ସ୍ମାର୍ଟ କ୍ଲାସ୍‌ରୁମ୍‌ର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। କମ୍ପାନୀର ଏଭଳି ପଦକ୍ଷେପ ଯୋଗୁ ଆଧୁନିକ ଶିକ୍ଷା ପଦ୍ଧତି ସହ ପ୍ରେଜେଣ୍ଟେଶନ ମାଧମରେ ଶିକ୍ଷାଦାନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଜରିଆରେ ମୁଖ୍ୟତଃ ଆଦିବାସୀ ଅଧୁଷିତ ଆକାଂକ୍ଷୀ ଜିଲାଗୁଡ଼ିକରେ ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତି ଅଣାଯାଇପାରିବ। ନାଲ୍‌କୋର ଏହି ଫ୍ଲାଗଶିପ୍ ଶିକ୍ଷା ପ୍ରକଳ୍ପକୁ କେନ୍ଦ୍ର ସରକାର ଅଧୀନ ଇଡିସିଆଇଏଲ୍ (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଛି।

ଏହି ବିଦ୍ୟାଳୟଗୁଡ଼ିକ ଜିଲା ପ୍ରଶାସନର ସହାୟତାରେ ଚିହ୍ନଟ କରାଯାଇ ସ୍ମାର୍ଟ କ୍ଲାସ୍‌ରୁମ୍‌ର ଉନ୍ନତୀକରଣ ପାଇଁ ଏକୀକୃତ କମ୍ପ୍ୟୁଟର ତଥା ପ୍ରୋଜେକ୍ଟର ସହିତ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି। ଏହି ପ୍ରୋଜେକ୍ଟ ମାଧମରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ପାଇଁ ନିରନ୍ତର ପ୍ରତ୍ୟକ୍ଷ ତାଲିମର ମଧ ବ୍ୟବସ୍ଥା କରାଯାଇଛି। ଏ ବାବଦକୁ ମୋଟ ୭ .୬୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତୃଣମୂଳ ସ୍ତରରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ନାଲ୍‌କୋର ଉଦ୍ୟମକୁ କେନ୍ଦ୍ର ଖଣି ସଚିବ ଆଲୋକ ଟଣ୍ଡନ ଉଚ୍ଚ ପ୍ରଶଂସା କରି କହିଛନ୍ତି, ନାଲ୍‌କୋର ଏହି ଉଦ୍ୟମ ଭବିଷ୍ୟତର ଦକ୍ଷ ନାଗରିକ ଗଢ଼ିବାରେ ସାହାଯ୍ୟ କରିବ।

ସେହିଭଳି ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ ଭାବରେ ଶୁଭାରମ୍ଭ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରି ନାଲ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପାତ୍ର କହିଛନ୍ତି, ଯୁବବର୍ଗଙ୍କ ଗୁଣାତ୍ମକ ଶିକ୍ଷା ହିଁ ଦେଶର ଭବିଷ୍ୟତ ପାଇଁ ପ୍ରକୃତ ସମ୍ପଦ। ନାଲ୍‌କୋର ଏହି ଉଦ୍ୟମର ସଫଳ ରୂପାୟନ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥିବା କେନ୍ଦ୍ର ଖଣି ମନ୍ତ୍ରଣାଳୟ ତଥା ଓଡ଼ିଶା ସରକାରଙ୍କ ଜିଲା ପ୍ରଶାସନକୁ ପାତ୍ର କୃତଜ୍ଞତା ଜଣାଇଛନ୍ତି।

## ସର୍ବନିମ୍ନସ୍ତରରେ ବିଦେଶୀ ମୁଦ୍ରାଭଣ୍ଡାର

**ନୂଆଦିଲ୍ଲୀ,୧୫।୭**

ଭାରତରେ ବିଦେଶୀ ମୁଦ୍ରାଭଣ୍ଡାର କ୍ରମାଗତ ଭାବେ ହ୍ରାସ ଘଟି ଚାଲିଛି। ଫଳରେ ଚଳିତ ବର୍ଷ ଜୁଲାଇ ୮ରେ ଶେଷ ହୋଇଥିବା ସପ୍ତାହ କାରବାରରେ ୮.୦୬୨ ବିଲିୟନ ଡାଲର ହ୍ରାସ ହୋଇ ୫୮୦.୨୫୨ ବିଲିୟନ ଡଲାରରେ ରହିଛି। ଏହା ସହ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ଗତ ୧୫ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଅପରପକ୍ଷରେ ଏପ୍ରିଲ ୧ରେ ଶେଷ ହୋଇଥିବା ସପ୍ତାହ କାରବାରେ ଏହା ସବୁଠୁ ବଡ଼ ସାପ୍ତାହିକ ହ୍ରାସ ବୋଲି କୁହାଯାଉଛି। ଏହି ସପ୍ତାହରେ ୧୧.୧୭ ବିଲିୟନ ଡଲାର ହ୍ରାସ ହୋଇଥିଲା। ଜୁଲାଇ ୨ୟ ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାରରେ ହ୍ରାସ ପଛର ମୁଖ୍ୟ କାରଣ ବିଦେଶୀ ମୁଦ୍ରାଗୁଡ଼ିକର ମୂଲ୍ୟ ହ୍ରାସ, ଯାହା ମୁଦ୍ରାଭଣ୍ଡାରର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଏହାଛଡା ସୁନା ଭଣ୍ଡାର ହ୍ରାସ ପାଇବା ଯୋଗୁ ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଇଛି। ପରିସଂଖ୍ୟାନ ଅନୁସାରେ ଚଳିତ ସପ୍ତାହରେ ଗୋଲ୍ଡ ରିଜର୍ଭର ମୂଲ୍ୟରେ ୧.୨୩୬ ବିଲିୟନ ଡଲାର ହ୍ରାସ ହୋଇ ୩୯.୧୮୬ ବିଲିୟନ ଡଲାର ରହିଛି। ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଜାରି କରିଥିବା ଭାରତର ସାପ୍ତାହିକ ଡାଟା ଅନୁସାରେ ଆଲୋଚ୍ୟ ସପ୍ତାହରେ ବିଦେଶୀ ମୁଦ୍ରା ସମ୍ପତ୍ତି (ଏଫ୍‌ସିଏ) ୬.୬୫୬ ବିଲିୟନ ଡଲାର ହ୍ରାସ ହୋଇ ୫୧୮.୦୮୯ ବିଲିୟନ ଡାଲରରେ ପହଞ୍ଚିଛି।

## ତନିସ୍କର ନୂଆ କ୍ୟାମ୍ପେନ 'ପ୍ରତି ମହିଳା ଜଣେ ହୀରା'




**ଭୁବନେଶ୍ୱର,୧୫।୭:**

ତନିସ୍କ ପକ୍ଷରୁ ନୂଆ କ୍ୟାମ୍ପେନ 'ପ୍ରତି ମହିଳା ଜଣେ ହୀରା' ସମ୍ପର୍କରେ ଘୋଷଣା କରାଯାଇଛି। ଏ ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ମୁଦି, କାନଫୁଲ, ପେଣ୍ଡେଣ୍ଟ, ନେକ୍‌ଲେସ୍, ବ୍ରେସ୍‌ଲେଟ୍, ଚୁଡ଼ି ଏବଂ ଅନ୍ୟାନ୍ୟ ସେଗ୍‌ମେଣ୍ଟରେ ବିସ୍ତୃତ ରେଞ୍ଜ୍ ନୂଆ ଡିଜାଇନ ହୀରା ଗହଣା ଉପଲବ୍ଧ କରାଯାଇଛି। ମହିଳା ଏବଂ ହୀରା ମଧ୍ୟରେ ଏକ ଆନ୍ତରିକ ଭାବ ରହିଛି। ପ୍ରତ୍ୟେକ ମହିଳାଙ୍କ ସ୍ୱତନ୍ତ୍ର କାହାଣୀକୁ ପାଳନ କରିବା ପାଇଁ ତନିସ୍କ ହୀରାଠାରୁ ଉପଯୁକ୍ତ ବିକଳ୍ପ ଆଉ କିଛି ନାହିଁ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ହୀରାର ପ୍ରକୃତ ଚମକ ସେତେବେଳେ ଆସେ, ଯେତେବେଳେ ନାରୀ ଏହାକୁ ପିନ୍ଧିଥାଏ। ମହିଳାଙ୍କୁ ପାଳନ କରିବା ପାଇଁ ବ୍ରାଣ୍ଡ ପକ୍ଷରୁ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଦେଶବ୍ୟାପୀ ଥିବା ସମସ୍ତ ତନିସ୍କ ଷ୍ଟୋରରେ ଏହି ଅଫର ଉପଲବ୍ଧ ଏବଂ ସୀମିତ ସମୟ ପାଇଁ ବୈଧ। ଗ୍ରାହକ ସେମାନଙ୍କ ନିକଟସ୍ଥ ତନିସ୍କ ଷ୍ଟୋରରେ ଉଚିତ ସୁରକ୍ଷା ପ୍ରୋଟୋକଲ ସହ ପରିବର୍ଦ୍ଧିତ ମାନକଯୁକ୍ତ ସୁନାଗହଣା ଆତ୍ମବିଶ୍ୱାସର ସହ କିଣିପାରିବେ କିମ୍ବା ଘରେ ରହି ଅନ୍‌ଲାଇନ୍‌ରେ ମଧ ଗହଣା ଚୟନ କରିପାରିବେ।

# ଜିପ୍ ମେରିଡିଆନର ବଜାର ପ୍ରବେଶ

**ଫୁଲନଖରା, ୧୫।୭(ଡି.ଏନ.ଏ):**




୧୬ ନମ୍ବର ଜାତୀୟ ରାଜପଥ, ପାହାଳସ୍ଥିତ ଶ୍ରୀ ଭାରତ ମୋର୍ଟସ ପରିସରରେ ଶୁକ୍ରବାର ଜିପ୍‌ର ନୂତନ ମଡେଲ 'ମେରିଡିଆନ'ର ବଜାର ପ୍ରବେଶ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଭାରତ ମୋର୍ଟସର ନିର୍ଦ୍ଦେଶକ ଦେବ ପ୍ରକାଶ ଦିୱାନିଆ, କାର୍ଯ୍ୟକାରୀ ନିର୍ଦ୍ଦେଶକ ଏସ୍.କେ. ଓଝା ପ୍ରମୁଖ ଯୋଗଦେଇ ଜିପ୍‌ର ନୂତନ ମଡେଲକୁ ଉନ୍ମୋଚନ କରିଥିଲେ। ଅପରପକ୍ଷରେ କମ୍ପାନୀର ବ୍ୟବସାୟିକ ସାଧାରଣ ପରିଚାଳକ ଦେବୀପ୍ରସାଦ ପଟ୍ଟନାୟକ ଉକ୍ତ ଗାଡ଼ିର ସମସ୍ତ ଫିଚର ଓ ଡିଜାଇନ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଜିପ୍ ମେରିଡିଆନର ସର୍ବନିମ୍ନ ବଜାର ମୂଲ୍ୟ ୨୯ ଲକ୍ଷ ୯୦ ହଜାରରୁ ଆରମ୍ଭ ହୋଇଥିବା ବେଳେ ଜିପ୍ ଇଣ୍ଡିଆ ୱେବ୍‌ସାଇଟରେ ଏହି ଯାନ ସମ୍ପର୍କରେ ବିସ୍ତୃତ ସୂଚନା ଓ ଆବଶ୍ୟକ ଉପାଦାନ ବିଷୟରେ ଗ୍ରାହକମାନେ ଅବଗତ ହେବା ସହ ଅନ୍‌ଲାଇନ ବୁକ୍ ମଧ କରିପାରିବେ ବୋଲି ଦିୱାନିଆ ମତବ୍ୟକ୍ତ କରିଛନ୍ତି।

## ମର୍ସିଡିଜ୍ ବେଞ୍ଜର ନୂଆ ରେକର୍ଡ

**ନୂଆଦିଲ୍ଲୀ,୧୫।୭**

ଦେଶର ପ୍ରମୁଖ ବିଳାସପୂର୍ଣ୍ଣ କାର୍ ଭାବେ ମର୍ସିଡିଜ୍ ବେଞ୍ଜ୍ ଚଳିତ ବର୍ଷର ପ୍ରଥମ ୬ ମାସରେ ୭,୫୭୩ କାର୍ ବିକ୍ରି କରି ରେକର୍ଡ କରିଛି। ୨୦୨୧ର ସମାନ ଅବଧି ମଧ୍ୟରେ ୪୮୫୭ ଗାଡ଼ି ବିକ୍ରି ତୁଳନାରେ କମ୍ପାନୀ ଏଥର ୫୬% ଅଧିକ ଗାଡ଼ି ବିକିଛି। କମ୍ପାନୀ ଉନ୍ମୋଚନ କରିଥିବା ନୂଆ ସି-କ୍ଲାସ୍, ନୂଆ ଇ-କ୍ଲାସ୍, ନୂଆ ଏସ୍-କ୍ଲାସ୍, ଜିଏଲ୍ଏ, ଜିଏଲ୍ଭି ଓ ଜିଏଲ୍ଇ ଏସ୍ୟୁଭି ଯୋଗୁ ଗ୍ରାହକମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ସୃଷ୍ଟି ହୋଇଥିଲା। କମ୍ପାନୀର ଏସ୍ କ୍ଲାସ୍, ମେବ୍ୟାକ୍, ଜିଏଲ୍ଏସ୍ ଓ ଏଏମଜି ପ୍ରତି ଗ୍ରାହକଙ୍କ ଅଧିକ ଚାହିଦା ରହିଥିଲା। କମ୍ପାନୀ ପାଇଁ ଏଲ୍‌ଡବ୍ଲୁବି ଇ-କ୍ଲାସ୍ ସର୍ବାଧିକ ବିକ୍ରି ହୋଇଥିବା ମଡେଲ ଭାବେ ଗଣାହୋଇଛି।

# ଶହୀଦନଗର ମାଲାବାରରେ 'ଚେନ୍ ଫେଷ୍ଟ'

**ଭୁବନେଶ୍ୱର,୧୫।୭:**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱର ଶହୀଦନଗର ଷ୍ଟୋର ପରିସରରେ ଏକ ୧୦ ଦିନିଆ 'ଚେନ୍ ଫେଷ୍ଟ'ର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ଷ୍ଟୋର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ ଷ୍ଟୋରରେ ଉପସ୍ଥିତ ମୂଲ୍ୟବାନ୍ ଗ୍ରାହକଙ୍କ ଉପସ୍ଥିତିରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶହୀଦନଗର ଷ୍ଟୋରରେ ଉପଲବ୍ଧ ସବୁ ବର୍ଗର ଅଳଙ୍କାର ଓ କିଛି ସ୍ୱତନ୍ତ୍ର ଡିଜାଇନ କଲେକ୍ସନଗୁଡିକ ଫେଷ୍ଟ ଜରିଆରେ ପ୍ରଦର୍ଶନୀ କରାଯାଇଛି। ଏପରିକି ଉକ୍ତ ପ୍ରଦର୍ଶନୀରେ ସାମିଲ ସମସ୍ତ ଉତ୍ପାଦ ମଧ ଚଳନ୍ତି ଦର ସହ ସୁଲଭ ମେକିଂ ଚାର୍ଜରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ମାଲାବାରର ୧୦ଫେୟାର ପ୍ରାଇସ ପ୍ରମିଜ ସହ ୧୦୦% ବିଆଇଏସ୍ ହଲ୍ ମାର୍କ ଏବଂ ଗୁଣାତ୍ମକ ସାମଗ୍ରୀ ଗ୍ରାହକଙ୍କୁ ଯୋଗାଇଦେବାର ପ୍ରତିବଦ୍ଧତାକୁ ପାଳନ କରୁଛି।

## ୫ଜି ନେଟ୍‌ୱର୍କର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ,୧୫।୭:** ଭାରତର ପ୍ରଥମ ୫ଜି ପ୍ରାଇଭେଟ୍ ନେଟ୍‌ୱର୍କର ସଫଳ ପରୀକ୍ଷଣ ଭାରତୀୟ ଏୟାରଟେଲ ପକ୍ଷରୁ ବେଙ୍ଗାଲୁରୁସ୍ଥିତ ବୋଶ୍ ଅଟୋମୋଟିଭ୍ ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଫ୍ୟାସିଲିଟିଠାରେ କରାଯାଇଛି। ଏପରିକି ଏୟାରଟେଲ୍‌ର ଅନ୍-ପ୍ରେମିଶ୍ ୫ଜି କ୍ୟାପ୍ଟିଭ୍ ପ୍ରାଇଭେଟ୍ ନେଟ୍‌ୱର୍କକୁ ଦୂରସଞ୍ଚାର ବିଭାଗ (ଡିଓଟି) ପକ୍ଷରୁ ଆବଣ୍ଟନ କରାଯାଇଥିବା ଟ୍ରାଏଲ୍ ୫ଜି ସ୍ପେକ୍ଟ୍ରମ ଉପରେ ନିର୍ମାଣ କରାଯାଇଛି। ଏୟାରଟେଲ୍ ଗୁଣବତ୍ତାରେ ଉନ୍ନତି ଓ ପରିଚାଳନାଗତ ଦକ୍ଷତା ପାଇଁ ଟ୍ରାଏଲ୍ ସ୍ପେକ୍ଟ୍ରମର ବ୍ୟବହାର କରି ବୋଶ୍‌ର ଅତ୍ୟାଧୁନିକ ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟିଠାରେ ଦୁଇଟି ଇଣ୍ଡଷ୍ଟ୍ରି ଗ୍ରେଡ୍ ୟୁଜ୍ କେସ୍‌କୁ କାର୍ଯ୍ୟକାରୀ କରିଛି। ଉଭୟ ମାମଲାରେ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଓ ଅତ୍ୟଧିକ ନିର୍ଭରଶୀଳ ଲୋ ଲାଟେନ୍ସି ଯୋଗାଯୋଗ ଭଳି ୫ଜି ଟେକ୍ନୋଲୋଜି ଅଟୋମେଟେଡ୍ କାର୍ଯ୍ୟକୁ ପରିଚାଳନା କରିଥିଲା।

# ଯାଜପୁର ରୋଡ୍‌ରେ ହିଟାଚିର ନୂଆ ବ୍ରାଣ୍ଡ ଶପ୍

**କଳିଙ୍ଗନଗର,୧୫।୭ (ଡି.ଏନ.ଏ.)**




ଏୟାର କଣ୍ଡିଶନର (ଏସି) କ୍ଷେତ୍ରରେ ଏକ ପରିଚିତ ବ୍ରାଣ୍ଡ ହେଉଛି ହିଟାଚି (ଜନସନ କଣ୍ଟ୍ରୋଲ୍ସ- ହିଟାଚି ଏୟାର କଣ୍ଡିଶନିଂ)। ଥଣ୍ଡା ଓ କମ୍ ବିଦ୍ୟୁତ୍ ଖର୍ଚ୍ଚ କ୍ଷେତ୍ରରେ ଗ୍ରାହକ ସନ୍ତୁଷ୍ଟି ହାସଲ କରିଆସିଥିବା ହିଟାଚି ଏସିଗୁଡ଼ିକ ଅନେକ ଫିଚର ଏବଂ ଟେକ୍ନୋଲୋଜିରେ ଭରପୂର। କମ୍ପାନୀ ଦ୍ୱାରା ଶୁକ୍ରବାର ଯାଜପୁର ରୋଡ୍‌ର ଧବଳଗିରିଠାରେ ଏକ ନୂଆ ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଛି। ପ୍ରମୁଖ ଶୀତତାପ ନିୟନ୍ତ୍ରିତ ବ୍ୟବସାୟିକ ପ୍ରତିନିଧି ଡିୟୁ ପଏଣ୍ଟର ସହଭାଗିତାରେ ପୂର୍ବ ଭାରତର ଗ୍ରାହକମାନଙ୍କୁ ଉନ୍ନତ ଏବଂ ଦ୍ରୁତ ସେବା ଯୋଗାଇଦେବା ନିମନ୍ତେ ଯାଜପୁର ରୋଡ୍‌ଠାରେ ରିଟେଲ ଆଉଟଲେଟ୍‌ର ଶୁଭାରମ୍ଭ ହିଟାଚି କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ହିମାଂଶୁ ପାତ୍ରଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଜଳବାୟୁ ଉପଯୋଗୀ, ପରିବର୍ତ୍ତିତ ପାଣିପାଗ ଏବଂ ଜୀବନଶୈଳୀକୁ ନେଇ ହିଟାଚି ବର୍ତ୍ତମାନ ବିଭିନ୍ନ ପ୍ରକାରର ଏସି ପ୍ରସ୍ତୁତ କରି ବଜାର ପ୍ରବେଶ କରାଇଛି। ଏତଦ୍‌ବ୍ୟତୀତ ସମଗ୍ର ଓଡ଼ିଶାରେ ନିଜ ବ୍ରାଣ୍ଡର ଉତ୍ପାଦ ଉପଲବ୍ଧ କରାଇବା ନିମନ୍ତେ ଆଗାମୀ ଦିନରେ ରାଜ୍ୟରେ ଆଉ ୫ଟି ବ୍ରାଣ୍ଡ ଷ୍ଟୋର ଖୋଲିବା ଯୋଜନା ରହିଛି। ବର୍ତ୍ତମାନ ଯାଜପୁର ଜିଲାର ୨୩% ଏସି ବଜାର ହିଟାଚି ନିୟନ୍ତ୍ରଣ କରୁଥିବା ପାତ୍ର ସୂଚନା ଦେଇଛନ୍ତି। ହିଟାଚି ବର୍ତ୍ତମାନ ଦେଶର ଭରସାଯୋଗ୍ୟ ବ୍ରାଣ୍ଡ ଭାବେ ଅଗ୍ରଗତି କରୁଥିବାବେଳେ ଏହାର ଏକ ସହଯୋଗୀ ଭାବେ ଆମେ ଗର୍ବିତ ବୋଲି ଅଧିକ୍ରେତା ଡିୟୁ ପଏଣ୍ଟର ସ୍ୱତ୍ୱାଧିକାରୀ ଏମ.ଡି. ହୁସେନ କହିଛନ୍ତି। ଏହାସହିତ କମ୍ପାନୀ ବାଣିଜ୍ୟିକ ଏବଂ ଘରୋଇ କ୍ଷେତ୍ରରେ ନିଜର ପ୍ରତିଆରା ବଜାୟ ରଖିବା ନିମନ୍ତେ ୩ଟି ଉନ୍ନତମାନର ପ୍ରଡକ୍ଟ ଯଥା 'ସେଟ୍ ଫ୍ରି ସିଗ୍‌ମା', 'ସାଇଡ୍ ସିଗ୍‌ମା' ଏବଂ 'ସେଟ୍ ଫ୍ରି ମିନି'ର ବଜାର ପ୍ରବେଶ କରାଇଛି। ଆଗାମୀ ୨-୩ ବର୍ଷ ମଧ୍ୟରେ ଓଡ଼ିଶା ଏସି ବ୍ୟବସାୟିକ ବଜାରରେ ହିଟାଚି ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି ପାତ୍ର ଆଶାବାଦୀ ଅଛନ୍ତି।

## ୧୮ରୁ ଲାଗୁହେବ ନୂଆ ଜିଏସ୍‌ଟି ଦର

**ନୂଆଦିଲ୍ଲୀ,୧୫।୭**

ବର୍ତ୍ତମାନ ଦର ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଦେଶବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ଆସନ୍ତା ସପ୍ତାହ (ଜୁଲାଇ ୧୮)ରୁ ସାରା ଦେଶରେ ନୂଆ ଜିଏସ୍‌ଟି ଦର ଲାଗୁହେବ ବୋଲି ସୂଚନା ମିଳିଛି। ଏପରିକି ଗତ ମାସରେ ଚଣ୍ଡିଗଡ଼ ଠାରେ ଅନୁଷ୍ଠିତ ୪୭ତମ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବୈଠକରେ ଜିଏସ୍‌ଟି ହାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଅପରପକ୍ଷରେ ଜିଏସ୍‌ଟିରେ ବିଭିନ୍ନ ସ୍ଲାବ୍ ବୃଦ୍ଧିହେବା ପରେ ଦର ବୃଦ୍ଧି ନେଇ ମଧ ଆଶଙ୍କା କରାଯାଇଥିଲା। ସେହିଭଳି ଜୁଲାଇ ୧୮ରୁ ଅନେକ ପ୍ରକାର ଘରୋଇ ସାମଗ୍ରୀ, ହୋଟେଲ ଏବଂ ବ୍ୟାଙ୍କ ସେବା ସମେତ ବିଭିନ୍ନ ଉତ୍ପାଦ ଏବଂ ସେବା ପାଇଁ ବର୍ଦ୍ଧିତ ହାର ମଧ ମହଙ୍ଗା ହେବ ବୋଲି କୁହାଯାଇଛି। ଜିଏସ୍‌ଟି ପରିଷଦରେ ଅଳ୍ପ କିଛି ଉତ୍ପାଦ ପାଇଁ ଟିକସ ଛାଡ ଏବଂ ଅନ୍ୟମାନଙ୍କ ପାଇଁ ହାର ପରିବର୍ତ୍ତନ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଥିବାବେଳେ ଅନ୍ୟମାନଙ୍କ ପାଇଁ ଛାଡ଼ ହଟାଯାଇଥିଲା।

# ଆଲିଶାନ୍‌ର ସୁପର ଆନୁଆଲ ସେଲ୍

**ଭୁବନେଶ୍ୱର,୧୫।୭**

**ଆକର୍ଷଣୀୟ ଅଫର ସାଙ୍ଗକୁ ୫୦% ପର୍ଯ୍ୟନ୍ତ ରିହାତି**

Alishan

ରାଜ୍ୟର ପ୍ରମୁଖ ପୁରୁଷ ପରିଧାନ ଶୋ'ରୁମ୍ ଆଲିଶାନ ପକ୍ଷରୁ ଆରମ୍ଭ ହୋଇଥିବା ସୁପର ଆନୁଆଲ ସେଲ୍‌ରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ୫,୦୦୦ ବର୍ଗଫୁଟ ବିଶିଷ୍ଟ ଏହି ଶୋ'ରୁମ୍‌ରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ବ୍ରାଣ୍ଡର ପୁରୁଷ ପରିଧାନ ଉପଲବ୍ଧ। ଏହି ଶୋ'ରୁମ୍‌ରେ ସମସ୍ତ ବର୍ଗର ଏବଂ ସମସ୍ତ ଉତ୍ସବ ନିମନ୍ତେ ବିଭିନ୍ନ ଡିଜାଇନର ପରିପାଟୀର ସମ୍ଭାର ରହିଛି। କାଜୁଆଲ ପୋଷାକଠାରୁ ଆରମ୍ଭକରି ପାରମ୍ପରିକ ପରିଧାନ, ଡିଜାଇନର ପୋଷାକ, କୁର୍ତ୍ତା ପାଇଜାମା, ଜିନ୍ସ-ଟି ଶାର୍ଟ, ସୁଟିଂ ଶାର୍ଟିଂ, ରେଡିମେଡ୍ ଗାର୍ମେଣ୍ଟ, ଜ୍ୟାକେଟ, ୱେଷ୍ଟକୋଟ ଶୀତବସ୍ତ୍ର ଏବଂ ବିବାହ ଭଳି ବିଶେଷ ମୁହୂର୍ତ୍ତ ନିମନ୍ତେ ଶେରୱାନି ସହିତ ମ୍ୟାଚ୍ କରୁଥିବା ଟ୍ରେଣ୍ଡି ଆକ୍ସେସୋରିଜ୍ ମଧ ଉପଲବ୍ଧ। ଏହା ଅନ୍ତର୍ଗତ ଆଲିଶାନ ବିଭିନ୍ନ ଲୋକପ୍ରିୟ ବ୍ରାଣ୍ଡ ଯେପରିକି ଆଲେନ୍‌ସୋଲି, ଲୁଇଫିଲିପ୍, ଭାନ୍‌ହୁସେନ୍, କଲରପ୍ଲସ୍, ଲିଭାଇସ, ପାର୍କ ଆଭେନ୍ୟୁ, ରେମଣ୍ଡ, ବ୍ଲାକ୍‌ବେରି, ୟୁଏସ୍ ପୋଲୋ, ଟର୍ଟଲ, ପିଟର ଇଂଲଣ୍ଡ ଭଳି ବ୍ରାଣ୍ଡର ଫର୍ମାଲ, କାଜୁଆଲ୍ ଓ ପାର୍ଟି ପରିଧାନ ଏବଂ ବିଭିନ୍ନ ପାରମ୍ପରିକ ଉତ୍ସବ ପରିଧାନ ଉପରେ ପ୍ରାୟ ୫୦% ପର୍ଯ୍ୟନ୍ତ ରିହାତି ଦେବା ସହ ଗୋଟିଏ କିଣିଲେ ଆଉ ଏକ ମାଗଣା ଅଫର ଦିଆଯାଉଛି। ଏତଦ୍‌ବ୍ୟତୀତ କେତେକ ବଛା ବଛା ବ୍ରାଣ୍ଡ ଉପରେ 'ଗୋଟିଏ କିଣିଲେ ଦୁଇଟି ମାଗଣା' ସହ କେତେକ ବ୍ରାଣ୍ଡ ଉପରେ ୫୦% ରିହାତି ମଧ ପ୍ରଦାନ କରାଯାଉଛି। ଆଲିଶାନର ପ୍ରୋପ୍ରାଇଟର ଯୁଗଳ ଅଗ୍ରୱାଲ ଏହି ସୁପର ଆନୁଆଲ ସେଲ୍ ସମ୍ପର୍କରେ ଖୁସି ବ୍ୟକ୍ତ କରିବା ସହ ଉକ୍ତ ଆକର୍ଷଣୀୟ ଅଫର ଗ୍ରାହକମାନଙ୍କ ମନରେ ବେଶ୍ ଉଲ୍ଲାସ ଆଣିଦେବା ସହ ସମସ୍ତ ବର୍ଗର ପୁରୁଷ ଏଠାରେ ଉପଲବ୍ଧ ଅତ୍ୟାଧୁନିକ ପରିପାଟୀ ପରିଧାନ କରି ଷ୍ଟାଇଲିଶ୍ ଦେଖାଯିବେ ବୋଲି ବିଶ୍ୱାସ ରଖିଛନ୍ତି।

## ଷ୍ଟାର୍ ହେଲ୍‌ଥ ଓ ସିଏସ୍‌ସି ମଧ୍ୟରେ ରାଜିନାମା

**ନୂଆଦିଲ୍ଲୀ,୧୫।୭:** ଦେଶର ପ୍ରମୁଖ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଷ୍ଟାର୍ ହେଲ୍‌ଥ ଆଣ୍ଡ୍ ଆଲାଏଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ସହ କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜନସେବା କେନ୍ଦ୍ର (ସିଏସ୍‌ସି) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି, ଯେଉଁଥିରେ ୫ ଲକ୍ଷରୁ ଅଧିକ ସିଏସ୍‌ସିରେ ସାରା ଦେଶର ଦ୍ୱିତୀୟ, ତୃତୀୟ ଶ୍ରେଣୀ ସହର ଓ ଗ୍ରାମୀଣ ବଜାରରେ ଥିବା ଗ୍ରାମୀଣ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା କମ୍ପାନୀର ନିର୍ଦ୍ଦିଷ୍ଟ ପ୍ରକାର ଉତ୍ପାଦ ଉପଲବ୍ଧ ହେବ। ଗୋଟିଏ ଡେଲିଭରି ପ୍ଲାଟ୍‌ଫର୍ମରେ ଇ-ସେବା, ସ୍ଥାନୀୟ ଭାବେ ସୁହାଉଥିବା ହେଲ୍‌ପ-ଡେସ୍କ୍ ସହାୟତା ଓ ପରିଚାଳନା ପାଇଁ ସର୍ବାଧିକ କମିସନ୍ ଆବଣ୍ଟନ ମଡେଲ୍ ଦ୍ୱାରା ଭିଏଲ୍‌ଇମାନଙ୍କ ନିରନ୍ତତା ଭଳି ସିଏସ୍‌ସିଗୁଡ଼ିକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବେ। ଭିଏଲ୍‌ଇଙ୍କ ଦ୍ୱାରା ପରିଚାଳିତ ଗ୍ରାମ ପଞ୍ଚାୟତରେ ଥିବା ୫ଲକ୍ଷରୁ ଅଧିକ ସିଏସ୍‌ସିର ଆତ୍ମନିର୍ଭରଶୀଳ ନେଟ୍‌ୱର୍କ ଦୂରଦୂରାନ୍ତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ସୁବିଧାରେ ପହଞ୍ଚାଇବ।

# ଏଲ୍‌ଆଇସି ବୋର୍ଡ ଦ୍ୱାରା ଆଇଇଭି ପ୍ରସ୍ତାବ ଅନୁମୋଦିତ

**ଭୁବନେଶ୍ୱର,୧୫।୭:**

ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଆକଳନ କରାଯାଇଥିବା ଇଣ୍ଡିଆନ ଏମ୍ବେଡେଡ୍ ଭାଲ୍ୟୁ (ଆଇଇଭି)ର ରିପୋର୍ଟକୁ ନିକଟରେ ନିଗମର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦନ ମିଳିଛି। ଫଳରେ ନୂତନ ବ୍ୟବସାୟିକ ମୂଲ୍ୟ (ଭିଏନ୍‌ବି) ଗତ ଆର୍ଥିକ ବର୍ଷର ପରିମାଣ ୯.୯% ତୁଳନାରେ ଚଳିତ ବର୍ଷର ପରିମାଣ କିଛି ମାତ୍ରାରେ ବୃଦ୍ଧି ପାଇଁ ୧୫.୧%ରେ ପହଞ୍ଚିଛି। ସେହିଭଳି ଏହାର ଆନୁଆଲାଇଜ୍‌ଡ ପ୍ରିମିୟମ ଇକ୍ୟୁଇଭାଲେଣ୍ଟ (ଏପିଇ)ରେ ୫୦,୩୯୦ କୋଟି ରହିଥିବା ବେଳେ ଗତ ବର୍ଷ ତାହା ୪୫,୫୫୮ କୋଟି ରହିଥିଲା। ସେହିପରି ଅନ୍ତର୍ନିହିତ ମୂଲ୍ୟ ଫେରସ୍ତ (ଆର୍‌ଓଇଭି)ରେ ମଧ ୧୧.୯% ରହିଛି ବୋଲି ଉକ୍ତ ରିପୋର୍ଟରେ ପ୍ରକାଶ କରାଯାଇଛି। ଅପରପକ୍ଷରେ ଏଲ୍‌ଆଇସି ଏମ୍/ଏସ୍ ମିଲିମାନ ଆଡଭାଇଜର୍ସ ଏଲ୍‌ଏଲ୍‌ପିକୁ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ନିଗମର ଆଇଇଭି ନିର୍ଣ୍ଣୟ କରିବା ପାଇଁ ନିୟୋଜିତ କରିଥିଲା। ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଏଲ୍‌ଆଇସି ବୋର୍ଡ ମିଲିମାନ ଆଡଭାଇଜର୍ସ ଏଲ୍‌ଏଲ୍‌ପିର ଆଇଇଭି ସମ୍ବନ୍ଧୀୟ ରିପୋର୍ଟକୁ ଗ୍ରହଣ କରିଥିଲା।

## ସ୍ୱାର୍କ ମିଣ୍ଡାର ନୂତନ ପ୍ରଡକ୍ଟ ଉନ୍ମୋଚନ

**ଭୁବନେଶ୍ୱର,୧୫।୭**

ସ୍ୱାର୍କ ମିଣ୍ଡା ଗ୍ରୁପ୍ ପକ୍ଷରୁ ଭାରତୀୟ ରିଟେଲ ବଜାରରେ ୧୪୫ଟି ଭାରିଆଣ୍ଟ ସହ ୧୭ ହେଲ୍‌ମେଟ୍ ମଡେଲର ଉନ୍ମୋଚନ କରାଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ କମ୍ପାନୀ ୨୦୦ରୁ ଅଧିକ ବିତରକ ଯୋଡ଼ିବା ସହ ସ୍ୱତନ୍ତ୍ର ସ୍ୱାର୍କ ମିଣ୍ଡା ଆଉଟ୍‌ଲେଟ୍ ଖୋଲିବାକୁ ଯୋଜନା ରଖିଛି। କମ୍ପାନି ପକ୍ଷରୁ ନାଇଟ୍ ସିରିଜ୍,ଗାରିସନ୍ ସିରିଜ୍ ଓ ଆରମୋର୍‌ଡ ସିରିଜ୍ ଭଳି ୩ ପ୍ରକାର ଗ୍ରାହକ ବର୍ଗ ପାଇଁ ହେଲ୍‌ମେଟ୍ ଉନ୍ମୋଚନ କରାଯାଇଛି। ସ୍ୱାର୍କ ମିଣ୍ଡା ପକ୍ଷରୁ ୨ଚକିଆ ଯାନ ପାଇଁ ୧୫୦୦ ଫାଇବର ପାର୍ଟସ୍ ମଧ ଉନ୍ମୋଚନ କରାଯାଇଛି। ଆସନ୍ତା ୨ବର୍ଷରେ ଏହି ସଂଖ୍ୟା ୨୪୦୦ରୁ ଅଧିକ ହେବ ବୋଲି ମିଣ୍ଡା କର୍ପୋରେଶନର ଅଧକ୍ଷ ଓ ଗ୍ରୁପ୍ ସିଇଓ ଅଶୋକ ମିଣ୍ଡା କହିଛନ୍ତି।

# ଗ୍ରାମୀଣ ଯୁବକଙ୍କୁ ସଶକ୍ତ କରାଉଛି ବେଦାନ୍ତ

**ଭୁବନେଶ୍ୱର,୧୫।୭**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଯୁବଦକ୍ଷତା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଭାରତର ଗ୍ରାମାଞ୍ଚଳ ଯୁବକମାନଙ୍କର ଦକ୍ଷତା ବିକାଶ ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ପାଇଁ ପ୍ରତିବଦ୍ଧ। ଏପରିକି କମ୍ପାନୀ ବିଭିନ୍ନ ଦକ୍ଷତାବିକାଶ କାର୍ଯ୍ୟକ୍ରମ ଜରିଆରେ ଏ ପର୍ଯ୍ୟନ୍ତ ୧୨,୦୦୦ ଯୁବତୀଯୁବକଙ୍କୁ ସୌର ଶକ୍ତି ଟେକ୍ନୋଲୋଜି, ହାଉସକିପିଂ, ଇଣ୍ଡଷ୍ଟ୍ରିଆଲ ସିଲେଇ ମେଶିନ ପରିଚାଳନା, ଖାଦ୍ୟ ଓ ପାନୀୟ, ସିଲାଇ, ଇଲେକ୍‌ଟ୍ରୋନିକ୍ସ, ଫିଟିଂ ଓ ୱେଲ୍‌ଡିଂ,ଉନ୍ନତ କୃଷି ଉପରେ ତାଲିମ ପ୍ରଦାନ କରିଆସୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ସ୍ଥାନୀୟ ଅଞ୍ଚଳରେ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହ ଜ୍ଞାନକୌଶଳକୁ ପ୍ରସାରିତ କରିବା ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଯୁବକମାନେ ଭବିଷ୍ୟତ ପାଇଁ ନିଜକୁ ଯୋଗ୍ୟ ରୂପେ ଗଢ଼ିପାରିବେ। ଫଳରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ତୃଣମୂଳ ସ୍ତରରେ ସାମାଜିକ ଅର୍ଥନୀତିର ବିକାଶ ଆଣିବା ପାଇଁ କମ୍ପାନୀ ପକ୍ଷରୁ ସବୁ ପ୍ରକାର ପ୍ରୟାସ କରାଯାଉଛି।

# ଚାଇନା ଠକେଇ ର୍ୟାକେଟର ଭାରତୀୟ ମୁଖ୍ୟ ଗିରଫ

ଭୁବନେଶ୍ୱର,୧୫।୭ (ବ୍ୟୁରୋ)

## ଲୋନ୍ ଆପ୍ ଠକେଇ, ନିର୍ଯାତନା ମାମଲା

- ଦିଲ୍ଲୀରୁ ଧରାପଡ଼ିଲେ, ଚାଇନା ନାଗରିକଙ୍କ ପାସ୍‌ପୋର୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ
- ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି, ମୁମ୍ବାଇ ପୋଲିସ ପାଇଁ ୱାଣ୍ଟେଡ ଥିଲେ
- ରାକେଟର ମାଷ୍ଟରମାଇଣ୍ଡ୍ ହେଉଛନ୍ତି ୩ ଚାଇନା ନାଗରିକ


ନୀତିନ ମଲ୍ଲିକ

ଚାଇନା ନାଗରିକଙ୍କ ଦ୍ୱାରା ଭାରତ ସମେତ ବିଭିନ୍ନ ଦେଶରେ ହୋଇଥିବା ବଡ଼ଧରଣର ଲୋନ୍ ଆପ୍ ଠକେଇ ଓ ନିର୍ଯାତନା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ରାଜସ୍ଥାନ ଭରତପୁର ଜିଲାର ନୀତିନ ମଲ୍ଲିକ। ତାଙ୍କ ପାଖରୁ ଲାପ୍‌ଟପ୍, ଚାଇନା ନାଗରିକଙ୍କ ପାସ୍‌ପୋର୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ସେ ର୍ୟାକେଟର ଭାରତୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଗିରଫ ପରେ ଅଭିଯୁକ୍ତ ନୀତିନ୍‌ଙ୍କୁ ନୂଆଦିଲ୍ଲୀ ତିସ୍-ହଜାରି କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନିତିନ୍ ଏମ୍‌ଏସ୍ ଗୁଡ୍ ଷ୍ଟାର୍ଟ ବିଜ୍‌ନେସ୍ ପ୍ରାଇଭେଟ ଲିଃ ଓ ଏମ୍‌ଏସ୍ ରାଇଟ୍ ଷ୍ଟାର୍ଟ ବିଜନେସ୍ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ଅଛନ୍ତି। ଭାରତର ବିଭିନ୍ନ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ମୁମ୍ବାଇ ପୋଲିସ ପାଇଁ ସେ ୱାଣ୍ଟେଡ୍ ଥିଲେ।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଭୁବନେଶ୍ୱରର ଶକ୍ତିପ୍ରସାଦ ଦାସ 'କ୍ରେଡିଟ୍ ଗୋଲ୍ଡ' ଆପ୍‌କୁ ଡାଉନ୍‌ଲୋଡ୍ କରିଥିଲେ। ଏହାପରେ ତାଙ୍କ ପାଖକୁ ସଙ୍ଗେ ସଙ୍ଗେ ୯ ହଜାର ଟଙ୍କାର ଲୋନ୍ ଆସିଥିଲା। ୪ ଦିନ ପରେ ତାଙ୍କୁ ହ୍ୱାଟ୍ସଆପ୍ ଦ୍ୱାରା କଲ୍ କରାଯାଇ ୧୫ ହଜାର ୬୨୭ ଲୋନ୍ ଟଙ୍କା ଭରିବାକୁ କୁହାଯାଇଥିଲା। ସେ ଟଙ୍କା ନ ଦେବାରୁ ତାଙ୍କୁ ବିଭିନ୍ନ ନମ୍ବରରେ କଲ୍ କରାଯାଇ ଗାଳିଗୁଲଜ କରାଯାଇଥିଲା। ଏପରିକି ଅଶ୍ଳୀଳ ଫଟୋ ପଠାଇବା ସହ ମାନସିକ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଅଭିଯୋଗ ପରେ ଇଓଡବ୍ଲ୍ୟୁ ଜୁଲାଇ ୨ରେ ଏକ ମାମଲା (ନଂ.୧୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା, ଏହି ଠକେଇ ରାକେଟ ପଛରେ ୩ ଚାଇନା ନାଗରିକ ମାଷ୍ଟରମାଇଣ୍ଡ୍ ଅଛନ୍ତି। ସେମାନେ ନିୟମିତ ନୀତିନ୍‌ଙ୍କ ସମ୍ପର୍କରେ ରହି 'କ୍ରେଡିଟ୍ ଗୋଲ୍ଡ' ଆପ୍ ସମେତ ୧୦ଟି ବେଆଇନ୍ ଆପ୍‌କୁ ଭାରତରେ ଚଲାଉଛନ୍ତି। 'କ୍ରେଡିଟ୍ ଗୋଲ୍ଡ' ଆପ୍‌କୁ ଭାରତରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଡାଉନ୍‌ଲୋଡ୍ କରିଛନ୍ତି। ତେଣୁ ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ଠକେଇର ଶିକାର ହୋଇଥିବା ଇଓଡବ୍ଲ୍ୟୁ ଅନୁମାନ କରୁଛି। ନୀତିନ ବିଏସ୍‌ଏନ୍‌ଏଲ୍, ଏୟାରଟେଲ ଓ ଭୋଡାଫୋନ ଆଦି ସଂସ୍ଥାରୁ ବହୁ ସିମ୍ ଆଣି ଚାଇନା ମାଷ୍ଟରମାଇଣ୍ଡଙ୍କୁ ଦେଉଥିଲେ। ସେମାନେ ଉକ୍ତ ସିମ୍ ଦେଇ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରିବାକୁ ବିଭିନ୍ନ ଏଜେଣ୍ଟଙ୍କୁ ନିୟୋଜିତ କରୁଥିଲେ। ନୀତିନ୍ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ ଓ ମାଷ୍ଟରମାଇଣ୍ଡଙ୍କୁ ଟଙ୍କା ପଠାଇବା ଦାୟିତ୍ୱରେ ଥିଲେ। ଏଥିପାଇଁ ଚାଇନା ନାଗରିକଙ୍କଠାରୁ ସେ କମିଶନ ଆକାରରେ ବିପୁଳ ଟଙ୍କା ପାଉଥିଲେ।

## ଆଜିଠାରୁ ୪ ଦିନିଆ ରିମାଣ୍ଡରେ ଆସିବେ ନୀତିନ

ନୀତିନ୍‌ଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଅନୁମତି ଦେଇଛନ୍ତି। ଶନିବାରଠାରୁ ନୀତିନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ ତ୍ରିପାଠୀ କହିଛନ୍ତି। ଇଓଡବ୍ଲ୍ୟୁ ନୀତିନଙ୍କୁ ଜେରା କରି ଠକେଇ ପଛରେ ଥିବା ୩ ଚାଇନା ମାଷ୍ଟରମାଇଣ୍ଡଙ୍କ ସମେତ ବିଭିନ୍ନ ଏଜେଣ୍ଟଙ୍କ ବିଷୟରେ ତଥ୍ୟ ହାସଲ କରିବ। ନୀତିନ୍‌ଙ୍କ ସହଯୋଗରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଆଶା ରଖିଛି।




୧୫।୦୭।୨୦୨୨

| | |
|---|---|
| ୩,୧୨, ୭୪୮ ଟଙ୍କା | |
| ସୁନା | ୮.୫୦୦ ଗ୍ରାମ |
| ରୁପା | ୧.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜନିକା ପ୍ରଜାଆନ୍ଦୋଳନ ନେତା ବିପ୍ଲବୀ ଚକ୍ରଧର ବେହେରାଙ୍କ ୧୨୯ତମ ଜୟନ୍ତୀ, ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା। ସାଧାରଣ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ତ୍ରିଧାରା ପକ୍ଷରୁ ଗୁରୁଶ୍ରୀ ଦେବପ୍ରସାଦ ଦାସଙ୍କ ୩୬ତମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ରବୀନ୍ଦ୍ର ମଣ୍ଡପ, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ଗୁରୁ ଦେବ ପ୍ରସାଦ ଦାସଙ୍କ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଲବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଓ ଗୁରୁଦେବ ପ୍ରସାଦ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ହେରିଟେଜ ଆୱାର୍ଡ, ବାର୍ଷିକ ଫ୍ୟାଶନ ଶୋ ଏବଂ ଇଣ୍ଟେରିୟର ଡିଜାଇନ ପ୍ରଦର୍ଶନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ, ଅପରାହ୍ନ ୫ଟା।

କଟକ

- ତେରାପନ୍ତ ମହିଳା ମଣ୍ଡଳ କଟକ ପକ୍ଷରୁ ପାର୍ଚ୍ଚାମ କେଶରିଆ ଶକ୍ତି କର୍ମଶାଳା, ଶହୀଦ ଭବନ, ସକାଳ ୯ଟା ।
- ସିପିଆଇଏମ୍ ନେତା ମଧୁସୂଦନ ପତିଙ୍କ ସ୍ମୃତିସଭା, ସିପିଆଇଏମ୍ କଟକ ଜିଲା ଅଫିସ, ପିଲିଗ୍ରିମ ରୋଡ୍, ପୂର୍ବାହ୍ନ ୧୧ଟା ।

# 'ନେତୃତ୍ୱ ନେଇ ସମାଜ ପାଇଁ କାର୍ଯ୍ୟ କର'



ଛାତ୍ର ପରିଷଦର ବିଭିନ୍ନ ପଦବୀ ପାଇଥିବା ଛାତ୍ରୀଛାତ୍ରଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

## ସାଇ ଇଣ୍ଟରନ୍ୟାଶନାଲର ପଦାଭିଷେକ ସମାରୋହ

ସମସ୍ତ ଛାତ୍ରୀଛାତ୍ରଙ୍କ ଭିତରେ ଲିଡର ହେବାର ଦକ୍ଷତା ରହିଛି। ତେଣୁ ଦକ୍ଷ ଲିଡର ଭାବେ ନେତୃତ୍ୱ ନେଇ ସମାଜ ପାଇଁ କିଛି କରିବାର ପ୍ରୟାସ ରଖିବାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ ପଦାଭିଷେକ ସମାରୋହ ସ୍କୁଲ୍ ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ଏହା କହିବା ସହ ଛାତ୍ରୀଛାତ୍ରମାନେ ବନ୍ଧୁତା ଓ ସାମାଜିକ ସମ୍ପର୍କ ଗଠନ ସହ ସର୍ବଦା କିପରି ଖୁସିରେ ରହିବା ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଛାତ୍ର ପରିଷଦର ନୂତନ ପଦବୀ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ବ୍ୟାଜ୍ ପିନ୍ଧାଇଥିଲେ।

ହେଡ୍ ଗର୍ଲ ଭାବେ ଶ୍ରେୟା ପଟ୍ଟନାୟକ. ହେଡ୍ ବୟ ଭାବେ ଆଦିତ୍ୟ ଶତପଥୀ, ଭାଇସ୍ ହେଡ୍ ଗର୍ଲ ଭାବେ ଫିଓନା ଦେବସ୍ମିତା ଏଲୋନେ ଓ ଭାଇସ୍ ହେଡ୍ ବୟ ଭାବେ ଅରୁସ ଶର୍ମା ମନୋନୀତ ହୋଇଛନ୍ତି। ଏଥିସହ ଅନ୍ୟ କେତେକ ପଦବୀ ପାଇଁ ଛାତ୍ରୀଛତ୍ର ଚୟନ ହୋଇଥିବାବେଳେ ସମସ୍ତେ ଶପଥ ନେଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ୍ ଡ. ଶିଳ୍ପୀ ସାହୁ ସେମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ, ଯେକୌଣସି ପରିସ୍ଥିତି ହେଉ ନା କାହିଁକି ଜଣେ ଉତ୍ତମ ଲିଡର ସବୁବେଳେ ନିଜର ବଳିଷ୍ଠ ନେତୃତ୍ୱ ମାଧ୍ୟମରେ ଦକ୍ଷତାର ଶତ ପ୍ରତିଶତ ଦେଇଥାଏ। ଛାତ୍ରୀଛାତ୍ର ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ ବଳରେ ସ୍କୁଲରେ ଶିକ୍ଷା ସହିତ ନିଜ ଦାୟିତ୍ୱକୁ କିପରି ଠିକ୍ ଭାବେ ନେତୃତ୍ୱ ନେଇ ସମ୍ପାଦିତ କରିପାରିବେ, ତାହା ହେଉଛି ସମାରୋହର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲର ସିନିୟର୍ ପ୍ରିନ୍ସିପାଲ୍ ନିଳକଣ୍ଠ ପାଣିଗ୍ରାହୀ ଛାତ୍ର ନେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ନନ୍ଦନକାନନରେ ପ୍ରଥମଥର ହେବ ଇଣ୍ଟର୍ନଶିପ ପ୍ରୋଗ୍ରାମ

ବାରଙ୍ଗ,୧୫।୭(ଡି.ଏନ୍.ଏ)

ଜୀବଜନ୍ତୁ, ବୃକ୍ଷଲତା, ଆର୍ଦ୍ରଭୂମି ଓ ପରିବେଶ ଉପରେ ଦେଶ-ବିଦେଶର ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓ ପୋଷ୍ଟ ଗ୍ରାଜୁଏଟ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ପୂର୍ବଜ୍ଞାନ ଆହରଣ ପାଇଁ ଓ ପ୍ରାଥମିକ ଶିକ୍ଷା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରଥମଥର ପାଇଁ ତାଲିମ ଦିଆଯିବ। ଏ ନେଇ ଇଚ୍ଛୁକ ଛାତ୍ରୀଛାତ୍ର ଚଳିତ ୧୫ତାରିଖରୁ ନନ୍ଦନକାନନ ୱେବସାଇଟରେ ଆବେଦନ କରିପାରିବେ। ଏଥିରେ ସର୍ବାଧିକ ୧୦ଜଣ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯିବ। ବର୍ଷକୁ ୪ଟି ପର୍ଯ୍ୟାୟରେ ଏପ୍ରିଲରୁ ଜୁନ, ଜୁଲାଇରୁ ସେପ୍ଟେମ୍ବର, ଅକ୍ଟୋବରରୁ ଡିସେମ୍ବର, ଜାନୁଆରୀରୁ ମାର୍ଚ୍ଚରେ ଛାତ୍ରୀଛାତ୍ରଙ୍କୁ ୩ମାସ ଲେଖାଏ ତାଲିମ ଦିଆଯିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର ସୂଚନା ଦେଇଛନ୍ତି।







ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁମୁଦ


@ ଅଭି


@ ସଚିଦାନନ୍ଦ


@ ବାପୁ


@ ମାନସ


@ ଜ୍ଞାନରଞ୍ଜନ

# 'ପୁନଃନିର୍ମାଣ ପାଇଁ ଯୁବଗୋଷ୍ଠୀଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ'

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

## ଦ୍ୱିତୀୟ ସ୍କିଲ ମ୍ୟୁଜିୟମ୍ ଉଦ୍‌ଘାଟନ କଲେ ରାଜ୍ୟପାଳ



ପୁନଃନିର୍ମାଣ ଓ ପୁନର୍ଗଠନ ନିମନ୍ତେ ଯୁବଗୋଷ୍ଠୀଙ୍କୁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଦକ୍ଷତା, ଉପଯୁକ୍ତ କାର୍ଯ୍ୟ ଏବଂ ଉଦ୍ୟମିତା ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଚିହ୍ନଟ କରିବା ସହ ସାମ୍ପ୍ରତିକ ତଥା ଭବିଷ୍ୟତରେ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହେବ। ଏପରି ହେଲେ ବିଶ୍ୱର ପ୍ରମୁଖ ଉଦ୍ୟୋଗୀମାନେ ଓଡ଼ିଶାର ଯୁବଗୋଷ୍ଠୀଙ୍କ ପ୍ରତିଭା ପ୍ରତି ଆକର୍ଷିତ ହୋଇ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଆଗେଇ ଆସିବେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ବିଶ୍ୱ ଯୁବ ଦକ୍ଷତା ଦିବସରେ ଶୁକ୍ରବାର ସରକାରୀ ଆଇଟିଆଇ ଭୁବନେଶ୍ୱରଠାରେ ରାଜ୍ୟର ଦ୍ୱିତୀୟ ସ୍କିଲ ମ୍ୟୁଜିୟମ୍‌କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଛାତ୍ରୀଛାତ୍ରଙ୍କୁ ବିଶ୍ୱ ଯୁବ ଦକ୍ଷତା ଦିବସର ଅଭିନନ୍ଦନ ଜଣାଇବା ସହ ଚଳିତ ବର୍ଷ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାରେ ଓଡ଼ିଶାରୁ ଭାଗ ନେଉଥିବା ୧୨ଜଣ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍କିଲ୍ ମ୍ୟୁଜିୟମ୍‌ରେ ବୈଷୟିକ ଛାତ୍ରୀଛାତ୍ର, ବିଦ୍ୟାର୍ଥୀ ଓ ଜନସାଧାରଣଙ୍କୁ ଶିଳ୍ପ ତାଲିମ ସମ୍ପର୍କିତ ତଥ୍ୟ ପ୍ରଦାନ ସହ ଦକ୍ଷତା ଶିକ୍ଷା ଓ ବୃତ୍ତି ପ୍ରତି ଆକର୍ଷିତ ହେବା ପାଇଁ ପ୍ରେରଣା ଯୋଗାଇବ। ଏଠାରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ପୁନଃପ୍ରସ୍ତୁତ ଆକର୍ଷଣୀୟ ସାମଗ୍ରୀ ସ୍ଥାନ ପାଇଛି। ବିଭିନ୍ନ ବୈଦ୍ୟୁତିକ ଉପକରଣର ପୁରାତନ ଇତିହାସକୁ ମଧ୍ୟ ଏହି ମ୍ୟୁଜିୟମ୍‌ରେ ସ୍ଥାନିତ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ପ୍ରଥମ ସ୍କିଲ ମ୍ୟୁଜିୟମ ସରକାରୀ ଆଇଟିଆଇ କଟକଠାରେ ଅବସ୍ଥାପିତ।

# ଧବଳେଶ୍ୱର ପୀଠକୁ ବାହୁଙ୍ଗୀ ମନା

ଖୁଣ୍ଟୁଣୀ, ୧୫।୭(ଡି.ଏନ୍.ଏ.)

ଏଥର ଶ୍ରାବଣ ମାସରେ ବୋଲ୍‌ବମ୍ ଭକ୍ତମାନେ ଧବଳେଶ୍ୱରଙ୍କ ପୀଠକୁ ବାହୁଙ୍ଗି ନେଇ ଯାଇପାରିବେ ନାହିଁ। ସେମାନେ କେବଳ ମାନସିକ କଳସୀ ଓ ଭୋଗ ନେଇ ଭିତରକୁ ଯାଇପାରିବେ। ଏ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ଧବଳେଶ୍ୱରଙ୍କ ପୀଠରେ ପୂଜକ ସମାଜକୁ ନେଇ ଅନୁଷ୍ଠିତ ଜରୁରୀ ବୈଠକରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ବୋଲ୍‌ବମ୍ ଭକ୍ତମାନେ ଜଳଲାଗି କରିବାକୁ ଉକ୍ତ ପୀଠକୁ ଆସିଥାନ୍ତି। ଚଳିତବର୍ଷ ମଧ୍ୟ ଆସିବେ। ତେବେ ସେମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସେମାନେ ବାହୁଙ୍ଗିକୁ ଝୁଲାପୋଲ ନିକଟରେ ରଖିବେ। ସେଠାରୁ କଳସୀ ଓ ଭୋଗ ଧରି ମନ୍ଦିର ଭିତରକୁ ଯାଇପାରିବେ। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଗୁରୁଡ଼ିଝାଟିଆ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଉପଖଣ୍ଡ ସୂଚନା ଅଧିକାରୀ ଅଲେଖ ଚନ୍ଦ୍ର ଦାସ, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଚୌଦାର ଏସଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡ଼ିଝାଟିଆ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ଭୁବନେଶ୍ୱରସ୍ଥିତ ସୁର୍ ଭାଇବ୍ରେଶନ ଷ୍ଟୁଡିଓଠାରେ ଶୁକ୍ରବାର ଆୟୋଜିତ ଶୁଭ ମହୁରତ ଉତ୍ସବରେ ଅତିଥିମାନେ ସଙ୍ଗୀତ 'ମଲ୍ଲୀ ଜହ୍ନ'ର ଅଡିଓ ଏବଂ ଭିଡିଓକୁ ଉନ୍ମୋଚନ କରୁଛନ୍ତି।



ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ବିଦ୍ୟାର୍ଥୀ ଅଭିନନ୍ଦନ-୨୦୨୨ରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।


ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କସ୍ତୁରବା ନାରୀ ମହଲରେ ଶୁକ୍ରବାର ଅନୁଷ୍ଠିତ କୁମାର ଉତ୍ସବରେ ଝୋଟି, ରଙ୍ଗୋଲି ଆଦି ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

## ସଂକ୍ଷେପରେ

### ମୁକ୍ତେଶ୍ୱର ମନ୍ଦିରରୁ ଚୋରି

**ପୁରୁଣା ଭୁବନେଶ୍ୱର,୧୫।୭(ଡି.ଏନ୍.ଏ.):** ଲିଙ୍ଗରାଜ ଥାନା ଅଧୀନ ମୁକ୍ତେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। କେହି ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରରୁ ପିତ୍ତଳ ଗିନି, ବାସନ ଓ ଆସବାବପତ୍ର ଚୋରି କରି ନେଇଛନ୍ତି। ଶୁକ୍ରବାର ସକାଳେ ଜଣାପଡ଼ିବା ପରେ ଥାନାରେ ଅଭିଯୋଗ ହୋଇଛି। ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି।

### ଦୈନିକ ସଂକ୍ରମଣ ୩୦୦ ଟପିଲା

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି କରୋନା। କିଛିଦିନ ତଳେ ସଂକ୍ରମଣ ନିୟନ୍ତ୍ରଣରେ ରହିଥିବାବେଳେ ଏବେ ଧୀରେ ଧୀରେ ଆୟତ୍ତ ବାହାରକୁ ଯିବାକୁ ଲାଗିଛି। ବିଶେଷକରି ଦୈନିକ ସଂକ୍ରମଣ ହାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ସରକାର ପାଇଁ ଚିନ୍ତା ବଢ଼ାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସଂକ୍ରମଣ ୧ହଜାର ପାର୍ କରିଥିବାବେଳେ ଭୁବନେଶ୍ୱରରେ ୩ଶହ ଟପିଛି। ଗୋଟିଏ ଦିନରେ ସହରରୁ ୩୨୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ସର୍ବାଧିକ ୫୦ଜଣ ଆକ୍ରାନ୍ତ ପଟିଆ ଅଞ୍ଚଳରୁ, ୟୁନିଟ-୪ରୁ ୨୩ଜଣ, ପାତ୍ରପଡାରୁ ୧୯, ନୟାପଲ୍ଲୀରୁ ୨୬, ଖଣ୍ଡଗିରିରୁ ୨୩, ଚନ୍ଦ୍ରଶେଖରପୁରରୁ ୨୦, ଲକ୍ଷ୍ମୀନଗର, ପୁରୁଣା ଭୁବନେଶ୍ୱର, ଝାରପଡାରୁ ୧୨ ଲେଖାଏ, ସହୀଦନଗର, ବରମୁଣ୍ଡାରୁ ୧୧ଜଣ ଲେଖାଏ, ସୁନ୍ଦରପଦା, ରସୁଲଗଡ଼ରୁ ୧୦ଜଣ ଲେଖାଏ, ବିଜେବି ନଗର, ମଞ୍ଚେଶ୍ୱର, ପୋଖରୀପୁଟରୁ ୭ଜଣ ଲେଖାଏ, ବମିଖାଲରୁ ୬ଜଣ, ଡୁମୁଡୁମା, ୟୁନିଟ-୬, ପାଣ୍ଡବନଗର, ୟୁନିଟ-୩ରୁ ୫ଜଣ ଲେଖାଏ ଏବଂ ସହରର ଅନ୍ୟାନ୍ୟ ଅଞ୍ଚଳରୁ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ଲକ୍ଷ ୫୯ହଜାର ୮୧୩କୁ ବୃଦ୍ଧି ପାଇଛି। ଅପରପକ୍ଷେ ୨୪ଘଣ୍ଟାରେ ୨୩୫ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଥିବାରୁ ସୁସ୍ଥଙ୍କ ସଂଖ୍ୟା ୧ଲକ୍ଷ ୫୭ହଜାର ୬୧୯ରେ ପହଞ୍ଚିଛି। ସେହିପରି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୯୮୦କୁ ବୃଦ୍ଧି ପାଇଛି।

# ନନ୍ଦନକାନନର ନିର୍ମାଣାଧୀନ ପାଚେରି ଭୁଶୁଡ଼ିଲା

**ବାରଙ୍ଗ,୧୫।୭ (ଡି.ଏନ୍.ଏ.)**

ଲଘୁଚାପଜନିତ ବର୍ଷା ଯୋଗୁ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହେଉଥିବା ମାଙ୍କଡ଼ ଏନକ୍ଲୋଜରର ନିର୍ମାଣାଧୀନ ପ୍ରାଚୀର ଶୁକ୍ରବାର ଭୁଶୁଡ଼ି ପଡ଼ିଛି। ବର୍ଷାରେ ପ୍ରାୟ ୫୦ଫୁଟରୁ ଅଧିକ ଲମ୍ବ ଓ ୨୦ଫୁଟ ଉଚ୍ଚର ଏହି ପ୍ରାଚୀର ଭାଙ୍ଗିଯିବା ପରେ ଏନକ୍ଲୋଜର ପାଇଁ ହେଉଥିବା ନବନିର୍ମିତ କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ୨୦୨୧-୨୨ରେ ସରକାରୀ ଅନୁଦାନରୁ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦରେ ମାଙ୍କଡ ଏନକ୍ଲୋଜର ନବନିର୍ମାଣ ପାଇଁ ନନ୍ଦନକାନନ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ନନ୍ଦନକାନନ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଜଣେ ସାମଗ୍ରୀ ଯୋଗାଇବା ସହ ଅନ୍ୟ ଜଣେ କାମକରିବା ପାଇଁ କର୍ମଚାରୀ ଯୋଗାଇବା ଉଦ୍ଦେଶ୍ୟରେ ଦୁଇଭାଗରେ ଟେଣ୍ଡର ଡକାଇଯାଇଥିଲା। ବଜାର ମୂଲ୍ୟଠାରୁ କମ୍ ଥିବା ଜଣେ ବ୍ୟକ୍ତିଙ୍କୁ ଏହି ଟେଣ୍ଡର ଦିଆଯାଇ ୩୧ମାର୍ଚ୍ଚ ୨୦୨୨ ସୁଦ୍ଧା କାର୍ଯ୍ୟ ସାରିବାକୁ କୁହାଯାଇଥିଲା। କିନ୍ତୁ ବିନା ଟେଣ୍ଡରରେ ସାଢେ ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜନ୍ତୁ ବିଭାଗ ପକ୍ଷରୁ ପୁରୁଣା ମାଙ୍କଡ ଏନକ୍ଲୋଜର ଭାଙ୍ଗିବା କାମ କରାଯାଇଥିଲା। ଏହାଭିତରେ ଜୁଲାଇ ୧୫ତାରିଖ ହୋଇଯାଇଥିଲେ ମଧ୍ୟ ଅଧା କାମ ହୋଇ ନାହିଁ।

ଏବେ କିଛିଦିନ ଧରି ଲଘୁଚାପ ଜନିତ ବର୍ଷା ଲାଗିରହିଥିବାବେଳେ ମାଙ୍କଡ ଏନ୍‌କ୍ଲୋଜର ପାଇଁ ତିଆରି ହେଉଥିବା ମୋଟ ଅଞ୍ଚଳରେ ହୋଇଥିବା ପ୍ରାଚୀର ମଧ୍ୟରୁ ୫୦ଫୁଟରୁ ଅଧିକ ପ୍ରାଚୀର ଭାଙ୍ଗିଯାଇଛି। କାମ ସରି ନ ଥିବାବେଳେ ପ୍ରାଚୀର ଭାଙ୍ଗିବା ଘଟଣା ହେଉଥିବା କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ନିମ୍ନମାନର ସିମେଣ୍ଟ, ଇଟା ନା ଏହାକୁ କରୁଥିବା କର୍ମଚାରୀଙ୍କର ଭୁଲ ତାହାକୁ ନେଇ ଏବେ ଚର୍ଚ୍ଚା ଧରିଛି। ତେବେ ଭାଙ୍ଗିଯାଇଥିବା ପ୍ରାଚୀରକୁ ଆଉଥରେ ଠିକାଦାର ନିର୍ମାଣ କରିବେ ବୋଲି ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି ।



ଭୁଶୁଡ଼ି ପଡ଼ିଥିବା ନିର୍ମାଣାଧୀନ ପାଚେରି।

# ସହରାଞ୍ଚଳ ବିକାଶ ଲାଗି ଶିକ୍ଷା ନେଲେ କର୍ପୋରେଟର

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳର କର୍ପୋରେଟରମାନଙ୍କୁ ସହରାଞ୍ଚଳ ବିକାଶ ଶାସନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯିବା ପୂର୍ବକ କର୍ମଶାଳା ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ସହରାଞ୍ଚଳ ଶାସନ ଏବଂ ବିକାଶ ଉପରେ ଇଚ୍ଛାକୃତ ଜ୍ଞାନ ପ୍ରଦାନ ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। 'ସିଟି ଲିଡର୍ସ ପ୍ରୋଗ୍ରାମ' ଅଧୀନରେ ବୈଷୟିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭାବେ ଏହା ପ୍ରଥମ। ବିଏମ୍‌ସି, ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ଏବଂ 'ଜନଗ୍ରହ' ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ମେୟର ସୁଲୋଚାନା ଦାସ, ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେଶନର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ବିନୟ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ପେଶାଲ ସେକ୍ରେଟାରୀ କଲ୍ୟାଣ ରଥ ଯୋଗଦେଇ ସହରାଞ୍ଚଳ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବିଭାଗର ଜଏଣ୍ଟ ସେକ୍ରେଟାରୀ ଶାରଦା ପ୍ରସାଦ ପଣ୍ଡା, ଅତିରିକ୍ତ ସେକ୍ରେଟାରୀ ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ବିଏମ୍‌ସି କର୍ପୋରେଟରମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ମେୟର ସୁଲୋଚନା ଦାସ ଉଦ୍‌ବୋଧନ ଦେଉଛନ୍ତି।

### ୩୦୦ ନେଲେ ବୁଷ୍ଟର ଡୋଜ୍

**ବାଲିଅନ୍ତା, ୧୫।୭ (ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକର ପ୍ରଥମଦିନରେ ବାଲକାଟୀ ଓ ଭିଙ୍ଗାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲାଯାଇଥିବା ଟିକାକରଣ କେନ୍ଦ୍ରରେ ୩୦୦ ଲୋକ ବୁଷ୍ଟରଡୋଜ ନେଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ତନ୍ମୟ ତ୍ରିପାଠୀ କହିଛନ୍ତି। ୭୫ ଦିନ ଧରି ହେବାକୁ ଥିବା ଏହି ଟିକାକରଣରେ ୧୮ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ। ଦ୍ୱିତୀୟ ଡୋଜ ନେଇଥିବା ବ୍ୟକ୍ତି ବୁଷ୍ଟର ଡୋଜ ନେବାକୁ ଆସିବା ସମୟରେ ଆଧାର କାର୍ଡ ଓ କୋଭିଡ୍ ଟିକାକରଣ ପଞ୍ଜୀକୃତ ମୋବାଇଲ ଫୋନ ଆଣିବାକୁ ଡା.ତ୍ରିପାଠୀ କହିଛନ୍ତି।

# 'ପରିବର୍ତ୍ତନକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କର'




**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

**ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା**

ସୁଧାଂଶୁ ମିଶ୍ରଙ୍କ ୮୧ତମ ଜୟନ୍ତୀ ଅବସରରେ ସିଓ୍ୱାଇଏସ୍‌ଡିଠାରେ ଶୁକ୍ରବାର ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜଣେ ଆଇଏଏସ୍ ଅଧିକାରୀ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସୁଧାଂଶୁ ମିଶ୍ରଙ୍କ ପରି ଆଇଏଏସ୍ ହୋଇ ଅନ୍ୟକୁ ପ୍ରେରଣା ଯୋଗାଇ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ପରିବର୍ତ୍ତନ ସମାଜର ସ୍ଥାୟୀ ସତ୍ୟ। ତେଣୁ ପରିବର୍ତ୍ତନକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରନ୍ତୁ ବୋଲି ସେ ମତ ଦେଇଥିଲେ। ଅବସରପ୍ରାପ୍ତ ଆଇଏଏସ ଅଫିସର ଅମୂଲ୍ୟ ରତ୍ନ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସୁଧାଂଶୁ ମିଶ୍ରଙ୍କ ଶାରୀରିକ ଉପସ୍ଥିତି ଆମେ ହରାଇଛୁ, କିନ୍ତୁ ସମାଜର ଅଭାବୀଙ୍କ ସେବା କରିବାର ତାଙ୍କର ଆଦର୍ଶ ତାଙ୍କ ଉପସ୍ଥିତିକୁ ଅନୁଭବ କରାଉଛି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିବେକ ପଟ୍ଟନାୟକ ଯୋଗଦେଇ 'ସିଭିଲ ସର୍ଭିସ: ଏହାର ବିବର୍ତ୍ତନ ଏବଂ ଭବିଷ୍ୟତ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିଜୟା ମିଶ୍ର ସ୍ୱାଗତ ଭାଷଣ ଓ ବାର୍ଷିକ ରିପୋର୍ଟକୁ ସଚିବ ଦିଲୀପ ଦ୍ୱିବେଦୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ମହର୍ଷି କଲେଜ ଅଫ ନାଚୁରାଲ ଲ', ଭାରତୀୟ ବିଦ୍ୟା ଭବନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏବଂ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ 'ପୁରୁଷଙ୍କ ଅପେକ୍ଷା ବର୍ଜ୍ୟବସ୍ତୁ ପରିଚାଳନାରେ ମହିଳାମାନେ ଭଲ' ଶୀର୍ଷକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡ. ବିକାଶ ପ୍ରସାଦ, ଲକ୍ଷ୍ମଣ ସ୍ୱାଇଁ ଏବଂ ଅନୁଷ୍ଠାନର ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ସୁଶୀଲ ପଟ୍ଟନାୟକ ଏବଂ ମେଜର ଡ. କଳ୍ପନା ଦାସ ସଂଯୋଜନା କରିଥିଲେ।

# ଭୁବନେଶ୍ୱରରେ ବୁଷ୍ଟର ଡୋଜ୍

**ଭୁବନେଶ୍ୱର,୧୫।୭ (ବ୍ୟୁରୋ)**

## ପ୍ରଥମ ଦିନରେ ଟିକା ନେଲେ ୩,୮୯୦

ରାଜ୍ୟରେ ପୁଣିଥରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ଶୁକ୍ରବାରଠାରୁ ବୁଷ୍ଟର ଡୋଜ୍ ଆରମ୍ଭ ହୋଇଛି। ୧୮ରୁ ୫୯ବର୍ଷ ବର୍ଗର ହିତାଧିକାରୀମାନେ ମାଗଣାରେ ଏହି ପ୍ରିକସନ ଡୋଜ ନେଇପାରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ପ୍ରଥମ ଦିନରେ ରାଜଧାନୀରେ ୩ହଜାର ୮୯୦ଜଣ ହିତାଧିକାରୀ ବୁଷ୍ଟର ଡୋଜ୍ ନେଇଛନ୍ତି। ଏଥିପାଇଁ ବିଏମ୍‌ସି ପକ୍ଷରୁ ଚିହ୍ନଟ ହୋଇଥିବା ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ହୋଇଥିଲା। ୟୁନିଟ-୪ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ରାଜଧାନୀରେ କରୋନା ସଂକ୍ରମଣ ବଢୁଥିବାରୁ ବିଏମ୍‌ସି ପକ୍ଷରୁ ଅଧିକ ଗୁରୁତ୍ୱାରୋପ କରାଯାଉଛି। ରାଜଧାନୀରେ କ୍ୟାମ୍ପେନ ମୋଡ୍‌ରେ ଟିକାକରଣ କରାଯିବ। ଏଥିସହ ଟେଷ୍ଟିଂକୁ ବୃଦ୍ଧି କରାଯିବ। ଏବେ ଦୈନିକ ୩ହଜାର ଟେଷ୍ଟିଂ କରାଯାଉଥିବାବେଳେ ଏହାକୁ ଦ୍ୱିଗୁଣିତ କରିବାକୁ ଚେଷ୍ଟା କରାଯାଉଥିବା ବିଏମ୍‌ସି କମିଶନର କହିଛନ୍ତି। ଏଥିସହିତ ଭୁବନେଶ୍ୱରରେ କୋଭିଡ ନିୟନ୍ତ୍ରଣ ଲାଗି ସଚେତନତା ଓ ଏନଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଉଛି। ୱାର୍ଡ ସ୍ତରରେ କର୍ପୋରେଟର, ୱାର୍ଡ ଅଫିସର ଏବଂ ନାଗରିକଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରି ସ୍ୱତନ୍ତ୍ର ରଣନୀତି ଆପଣାଯାଉଛି। ସେହିପରି ଗହଳି ହେଉଥିବା ସ୍ଥାନ, ହାଟ, ବଜାର, ମଲ ଆଦିରେ ଗହଳି ନ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି।

ବିନା ମାସ୍କରେ କାହାକୁ ପ୍ରବେଶ କରିବା ପାଇଁ ନ ଦେବାକୁ ସବୁ ଶପିଂ ମଲ, ବ୍ୟବସାୟୀଙ୍କୁ କୁହାଯାଇଛି। ଏହାକୁ ଆହୁରି କଡ଼ାକଡ଼ି ଭାବେ ମନିଟରିଂ କରାଯିବ। କରୋନା ପଜିଟିଭ୍ ଚିହ୍ନଟ ହେଲେ ପ୍ରଥମେ ହୋମ ଆଇସୋଲେଶନ ଓ ଆବଶ୍ୟକ ପଡ଼ିଲେ ହସ୍ପିଟାଲାଇଜେଶନ କରାଯିବ। ସମସ୍ତେ ମିଳିମିଶି କୋଭିଡ୍ ସଂକ୍ରମଣକୁ କମାଇପାରିବା ବୋଲି ବିଏମ୍‌ସି କମିଶନର କହିଛନ୍ତି। ୭୫ ଦିନ ଧରି ଏହି ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ ବୋଲି ସୂଚନା ଦିଆଯାଇଛି।

### ଟେଷ୍ଟିଂ, ଟିକାକେନ୍ଦ୍ର ବଢ଼ାଇବ ବିଏମ୍‌ସି

ଅପରପକ୍ଷେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଟିକାକରଣ ପାଇଁ ବିଏମ୍‌ସି ପକ୍ଷରୁ ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ର ଚିହ୍ନଟ କରାଯାଇଥିଲା। ତେବେ ଟିକାକରଣକୁ ଆହୁରି ସୁଗମ କରିବା ପାଇଁ ଟିକାକେନ୍ଦ୍ର ବୃଦ୍ଧି ସହ ଟେଷ୍ଟିଂ ସଂଖ୍ୟା ବଢାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜାରି କରାଯାଇଥିବା ଟୋଲ ଫ୍ରି ନଂ.୧୯୨୯ରେ ଯୋଗାଯୋଗ କରି ଲୋକମାନେ ଯେପରି ଡାକ୍ତରଙ୍କ ପରାମର୍ଶ ପାଇପାରିବେ ସେନେଇ ବ୍ୟବସ୍ଥା କରାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ହେଲେ ତୁରନ୍ତ ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ସ୍ଥିତିର ସମୀକ୍ଷା କରିବା ପାଇଁ ବିଏମ୍‌ସି ଅଧିକାରୀମାନଙ୍କୁ ୱାର୍ଡ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଏମ୍‌ସି ଅଧିକାରୀ, ମେଡିକାଲ ଅଫିସର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ବାଇଶି ପାହାଚରେ ସେଲ୍‌ଫିକୁ ନେଇ ବିବାଦ

**ପୁରୀ ଅଫିସ,୧୫।୭:**

- ପୂର୍ବତନ ନଗରପାଳଙ୍କୁ ମହିଳା ପୋଲିସଙ୍କ ଦୁର୍ବ୍ୟବହାର
- ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ଉଠିଲା ପ୍ରଶ୍ନ

ଶ୍ରୀମନ୍ଦିର ବାଇଶିପାହାଚରେ ସେଲଫି ଉଠାଇବାକୁ ନେଇ ଶୁକ୍ରବାର ହାତାହାତି ପରିସ୍ଥିତି ଉପୁଜିଛି। ଏପରିକି ପୂର୍ବତନ ନଗରପାଳ ତଥା ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଠିକ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଇ ଶ୍ରଦ୍ଧାଳୁ ପ୍ରବେଶ କରିବା ପୋଲିସର ଚରମ ଅବହେଳା ହୋଇଥିବା ବେଳେ ନିଜ ଭୁଲକୁ ସ୍ୱୀକାର କରିବା ପରିବର୍ତ୍ତେ ପୋଲିସ କର୍ମଚାରୀ ପ୍ରତିକ୍ରିୟାଶୀଳ ହୋଇଥିବା ଦେଖିବାକୁ ମିଳିଛି। ରାତ୍ର ପ୍ରାୟ ୧୧ଟା ୩୦ ମିନିଟରେ ଜନୈକ ବ୍ୟକ୍ତି ବାଇଶିପାହାଚରେ ଠିଆ ହୋଇ ସେଲଫି ନେଉଥିଲେ। ସ୍ଥାନୀୟ ଲୋକ ସଂପୃକ୍ତ ବ୍ୟକ୍ତି ସେଲଫି ନେଉଥିବା ଦେଖିବା ପରେ ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ମୋବାଇଲ ଆଣି ଶ୍ରୀମନ୍ଦିର ପରିସରରେ ଉଠାଇଥିବା ଫଟୋକୁ ଡିଲିଟ୍ କରି ମୋବାଇଲ ଫେରାଇ ଦେଇଥିଲେ। ଏହି ସମୟରେ ଜଣେ ମହିଳା ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ପୁଣି ଥରେ ମୋବାଇଲ ଛଡ଼ାଇନେଲେ ଓ ଦୁର୍ବବ୍ୟବହାର କରିଥିଲେ। ଘଟଣାସ୍ଥଳରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଉପସ୍ଥିତ ଥିବାରୁ ମହିଳା କର୍ମଚାରୀଙ୍କ ଏତାଦୃଶ ବ୍ୟବହାରକୁ ବିରୋଧ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ମୋବାଇଲ ଫେରାଇଦେବାକୁ ଅନୁରୋଧ କରିଥିଲେ। ପ୍ରଧାନଙ୍କ କଥା ଶୁଣି ମହିଳା ପୋଲିସ କର୍ମଚାରୀ ଉତ୍‌କ୍ଷିପ୍ତ ହୋଇଉଠିଲେ ଓ ତାଙ୍କୁ ଦୁର୍ବ୍ୟବହାର କରିବାର ସହ ଅସୌଜନ୍ୟ ବ୍ୟବହାର କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପ୍ରଧାନଙ୍କୁ ସଂପୃକ୍ତ ମହିଳା ପୋଲିସ କର୍ମଚାରୀ ଭୁଲ ମାଗି ସେଠାରୁ ଚାଲିଯାଇଥିଲେ। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ବାରଣ ହୋଇଥିବା ବେଳେ ସଂପୃକ୍ତ ଭକ୍ତ କିଭଳି ମୋବାଇଲ ନେଇ ପ୍ରବେଶ କଲେ ଓ ସେଲ୍‌ଫି ଉଠାଇଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖୁଥିବା ସୁରକ୍ଷାକର୍ମୀମାନେ କଣ କରୁଥିଲେ ଓ କାହିଁକି ମୋବାଇଲ ଯାଞ୍ଚ କରାଗଲା ନାହିଁ ତାହା ମୁଖ୍ୟ ପ୍ରସଙ୍ଗ ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି। ସେହିଭଳି ଗୌରହରି ପ୍ରଧାନ କହିଛନ୍ତି ଯେ, ସଂପୃକ୍ତ ମହିଳା ପୋଲିସ କର୍ମଚାରୀ ବିନା କାରଣରେ ଦୁର୍ବ୍ୟବହାର କରିବାରେ ଲାଗିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କୁ ଧମକଚମକ ଦେବା ସହ ମୋବାଇଲ ଛଡ଼ାଇନେବା ଆଦୌ ଉଚିତ ନ ଥିଲା। ଫଟୋ ଡିଲିଟ୍ କରିବା ପରେ କାହିଁକି ମୋବାଇଲ ଛଡ଼ାଗଲା ବୋଲି ପ୍ରଶ୍ନ କରିବାରୁ ସେ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ଶ୍ରୀମନ୍ଦିରକୁ ମୋବାଇଲ କିଭଳି ନଯିବ ସେନେଇ ଉପଯୁକ୍ତ ଯାଞ୍ଚ ଉପରେ ପୋଲିସର ପ୍ରାଥମିକ ନଜର ରହିବା ଦରକାର। ଏହି ପ୍ରସଙ୍ଗରେ ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



# ବିଭିନ୍ନ ଦାବିରେ କୃଷକ ସାଥୀଙ୍କ ଧାରଣା



ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।

**ବାଲିପାଟଣା,୧୫।୭ (ଡି.ଏନ୍.ଏ.)**

ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁ ଯୋଜନା କରୁଛନ୍ତି। ସେହି ଯୋଜନାକୁ ସଫଳ ରୂପାୟନ କରିବାରେ ବ୍ଲକସ୍ତରରେ କୃଷି ବିଭାଗର ଅଧିକାରୀମାନେ ଓ କୃଷକ ସାଥୀମାନେ ଉଦ୍ୟମ କରିଥାନ୍ତି। ତେବେ ବିଭିନ୍ନ ଦାବିରେ ଶୁକ୍ରବାର କୃଷକ ସାଥୀ ସଙ୍ଗଠନ ପକ୍ଷରୁ ବାଲିପାଟଣାସ୍ଥିତ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ସର୍ବନିମ୍ନ ମଜୁରି ସହ ସାମାଜିକ ସୁରକ୍ଷା ପ୍ରଦାନ, ବିଭିନ୍ନ ଯୋଜନା ପାଇଁ ସମସ୍ତଙ୍କୁ ତାଲିମ ସହ ପ୍ରମାଣପତ୍ର ପ୍ରଦାନ, ୨୦୦୬ ମସିହାରୁ କାର୍ଯ୍ୟରତ କୃଷକ ସାଥୀଙ୍କୁ ପରିସଂଖ୍ୟାନ ବିଭାଗରେ ଅମିନ ଭାବେ ଚାକିରି ପ୍ରଦାନ, ୨୦୦୬ ମସିହାରୁ ନିଯୁକ୍ତ କୃଷକ ସାଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ମାଟ୍ରିକ୍ କରାଯାଉ, କୃଷିମିତ୍ରଙ୍କୁ ମାସିକ ୩୬୦୦ ଟଙ୍କା ଦରମା ଦେଉଥିବା ବେଳେ କୃଷକ ସାଥୀଙ୍କୁ କେନ୍ଦ୍ର ସରକାର ୫୦୦ ଟଙ୍କା ଓ ରାଜ୍ୟ ସରକାର ୫୦୦ ଟଙ୍କା ପ୍ରଦାନ କରୁଛନ୍ତି, ଯାହାଫଳରେ ଜଣେ ବି ଠିକ୍‌ରେ ଚଳିପାରିବେନି, କୁଶଳୀ ଶ୍ରମିକ ଭାବେ ସମସ୍ତଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ଦାବି ରହିଛି। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଗଠନ ପକ୍ଷରୁ ବ୍ଲକ ସଭାପତି ବିଜୟ କୁମାର ଶତପଥୀ ଓ ସମ୍ପାଦକ ଦେବାଶିଷ ରାଉତରାୟ କହିଛନ୍ତି।

# ଭାଷା-ସାହିତ୍ୟ ବିନିମୟକୁ ତ୍ୱରାନ୍ୱିତ କରିବାକୁ ସଂକଳ୍ପ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଓଡ଼ିଶା ସାହିତ୍ୟ ଏକାଡେମୀ, କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଓଡ଼ିଆ-କନ୍ନଡ଼ ଜାତୀୟ ଅନୁବାଦ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି କର୍ମଶାଳା ଚାଲିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଏହି ଅନୁବାଦ କର୍ମଶାଳାର ଲକ୍ଷ୍ୟ ହେଉଛି ଭାରତର ଆଞ୍ଚଳିକ ଭାଷାଗୁଡ଼ିକ ମଧ୍ୟରେ ସଂଯୋଗ ଓ ସମନ୍ୱୟ ସ୍ଥାପନ କରିବା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମକୁ ଜାରି ରଖିଲେ ସରକାର ସହାୟତା ଯୋଗାଇ ଦେବେ ବୋଲି ସେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାର୍ଜୁନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ସଭାପତି ବି.ଭି. ବସନ୍ତ କୁମାର, କର୍ମଶାଳା ନିର୍ଦ୍ଦେଶକ ପ୍ରଫେସର ଏଚ.ଏସ୍. ଶିବ ପ୍ରକାଶ, କୁଳସଚିବ ଯୁଗଳେଶ୍ୱରୀ ଦାଶ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ରଘୁନାଥ ମେହେର ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଇଂଲିଶ୍ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା ଓ ଭୀମଭୋଇ ଚେୟାର ପ୍ରଫେସର ଡ. ପ୍ରଦୀପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆଭାସୀ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ସଚିବ ପ୍ରବୋଧ କୁମାର ରାଉତ ଯୋଗଦେଇ କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ରାଜ୍ୟ ରାଜ୍ୟ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିର ବିନିମୟକୁ ତ୍ୱରାନ୍ୱିତ କରିବାକୁ ଉତ୍ସବରେ ତିନି ଅନୁଷ୍ଠାନ ମିଳିତ ସଂକଳନ ଘୋଷଣା କରିଥିଲେ। ଡ. ପି. ମୁରଲୀଧର ଶର୍ମା କର୍ମଶାଳାର ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ବି.ଭି. ବସନ୍ତ କୁମାରଙ୍କ ଆବୃତ୍ତିରେ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଗୀତ ଦର୍ଶକଙ୍କୁ ଅଭିଭୂତ କରିଥିଲା। ସେହିପରି କଣ୍ଠଶିଳ୍ପୀ ଶୈଳେନ୍ ରାଉତରାୟ, ମଧୁରାଣୀ, ଛାୟା ଭଗବତୀ ପ୍ରମୁଖଙ୍କ କଣ୍ଠରୁ କନ୍ନଡ଼ ସନ୍ଥ କବିତା, ଭୀମ ଭୋଇଙ୍କ କବିତା ଏବଂ ଅନ୍ୟାନ୍ୟ ଭଜନ ପରିବେଷଣ କରାଯାଇଥିଲା। ଏହାପରେ ମା' ସମଲେଶ୍ୱରୀଙ୍କ ଭଜନରେ ନୃତ୍ୟାଭିନୟ, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।



ଓଡ଼ିଆ-କନ୍ନଡ଼ ଜାତୀୟ ଅନୁବାଦ କର୍ମଶାଳା ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ କଳାକାରମାନେ।

**ଓଡ଼ିଆ-କନ୍ନଡ଼ ଜାତୀୟ ଅନୁବାଦ କର୍ମଶାଳା ଉଦ୍‌ଯାପିତ**

## ସଂକ୍ଷେପରେ

### ଆଶିଷ ମହାନ୍ତି ଓଡ଼ିଶା ବିଜ୍ଞାନ ଏକାଡେମୀର ନୂଆ ସଚିବ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)- ଓଡ଼ିଶା ବିଜ୍ଞାନ ଏକାଡେମୀର ନୂଆ ସଚିବ ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଆଶିଷ



କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଫେସର ମହାନ୍ତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ ବେସିକ ସାଇନ୍ସ କଲେଜର ପୂର୍ବତନ ନିର୍ଦ୍ଦେଶକ ଥିଲେ। ସେ ଉକ୍ତ ଶିକ୍ଷାନୁଷ୍ଠାନରେ ୩୩ ବର୍ଷ କାର୍ଯ୍ୟ କରିଥିବାବେଳେ ୨୦ ବର୍ଷ ଆସୋସିଏଟ୍ ଏନ୍‌ସିସି ଅଫିସର ଥିଲେ। ଏଥିସହ ଓୟୁଏଟିର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଏବଂ ସାଂସ୍କୃତିକ ପରିଷଦର ସମ୍ପାଦକ ଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ସହ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଡ଼ିତ ଥିଲେ।

### ଏସ୍‌ସିବିରେ ଖୋଲିଲା ଫିଭର କ୍ଲିନିକ



କଟକ ଅଫିସ, ୧୫।୭
ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ଫିଭର କ୍ଲିନିକ୍ ଖୋଲାଯାଇଛି। ସାମାନ୍ୟ ଜ୍ୱର ହେଲେ ଉକ୍ତ କ୍ଲିନିକ୍‌ରେ ପରୀକ୍ଷା କରିବା ପାଇଁ କୁହାଯାଇଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏସ୍‌ସିବି ମେଡିକାଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସାମାନ୍ୟ ଜ୍ୱର ଲକ୍ଷଣ ଥିବା ଲୋକଙ୍କ ପାଇଁ ଫିଭର କ୍ଲିନିକ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି କ୍ଲିନିକ୍‌ରେ ୮ଟି ବେଡ୍ ବ୍ୟବସ୍ଥା କରାଯାଇଛି। ଏଠାରେ ୨୪ ଘଣ୍ଟିଆ ଡାକ୍ତର ଓ ନର୍ସ ଡ୍ୟୁଟି କରୁଛନ୍ତି। ଏହାଛଡା ଏସ୍‌ସିବିରେ ପର୍ଯ୍ୟାପ୍ତ ଟେଷ୍ଟିଂ କରାଯିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ କରୋନା ପାଇଁ ଦୁଇଟି ଉତ୍ସର୍ଗୀକୃତ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ ରଖାଯାଇଛି। ଯେଉଁଥିରେ ୧୩ଟି ଆଇସିୟୁ ବେଡ୍ ସହ ୧୦୦ଟି ସାଧାରଣ ବେଡ୍ ରହିଛି। ତେବେ ଜନସାଧାରଣ ମାସ୍କ ପିନ୍ଧିବା ସହ ସତର୍କ ରହିବା ପାଇଁ ରାଉତ କହିଛନ୍ତି।

### ୫୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୧୫।୭(ବ୍ୟୁରୋ) - ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ବେଳେ ତମାଣ୍ଡୋ ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡର ବିମଳ ମଣ୍ଡଳ (୩୪) ଓ କେନ୍ଦ୍ରାପଡାର ପ୍ରଶାନ୍ତ ସାହୁ (୩୩)। ସେମାନଙ୍କଠାରୁ ୫୦ କେଜି ଗଞ୍ଜେଇ ଜବତ କରିଛି ପୋଲିସ। ଏଥିସହ ଗଞ୍ଜେଇ ବେପାରରେ ବ୍ୟବହୃତ ଏକ କାରକୁ ମଧ ଜବତ କରାଯାଇଛି। ଏନେଇ ପୋଲିସ ଏନଡିପିଏସ୍ ଆକ୍ଟରେ ମାମଲା (ନଂ.୧୭୧/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖି ଏସିଡ୍ ପିଇଦେଲେ ସ୍ୱାମୀ

## ରାଜଧାନୀରେ ବଢୁଛି ଆତ୍ମହତ୍ୟା ପ୍ରବଣତା

- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସର ତଦନ୍ତ ଜାରି

ଭୁବନେଶ୍ୱର,୧୫।୭(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ପାରିବାରିକ କଳହ ହେଉ କି ଅନ୍ୟ କିଛି ସମସ୍ୟାକୁ ନେଇ କିଏ ବେକରେ ରଶି ଲଗାଇ ଝୁଲି ପଡିଲାଣି ତ ପୁଣି କିଏ ରେଳଧାରଣାରେ ଶୋଇ ଆତ୍ମହତ୍ୟା କଲାଣି। ଶୁକ୍ରବାର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଘର ଭିତରେ ଫ୍ୟାନରେ ଝୁଲି ପଡିଥିବା ଦେଖି ସ୍ୱାମୀ ଏସିଡ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଥିରେ ସ୍ତ୍ରୀ ସଞ୍ଜନା ପେରିୱାଲଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ସଞ୍ଜୟ ପେରିୱାଲ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜନାଙ୍କ ମୃତଦେହକୁ ଜବତ କରିବା ସହ ଗୁରୁତର ଥିବା ସ୍ୱାମୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି। ଆତ୍ମହତ୍ୟାର କାରଣ ପୋଲିସ ସ୍ପଷ୍ଟ କରି ନ ଥିଲେ ମଧ୍ୟ ପାରିବାରିକ କଳହ ଯୋଗୁ ଏଭଳି ଦୁଃଖଦ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ସେମାନଙ୍କ ମୋବାଇଲ୍ ଫୋନ୍ ଜବତ କରିବା ସହ ନିଜ ଆଡୁ ଅପମୃତ୍ୟୁ ମାମଲା (ନଂ.୨୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ସଞ୍ଜୟ ଓ ସଞ୍ଜନା ଦୁଇ ପିଲାଙ୍କୁ ନେଇ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ସିଦ୍ଧି ବିନାୟକ ଆପାର୍ଟମେଣ୍ଟରେ ରୁହନ୍ତି। ଏହି ଥାନା ଅଞ୍ଚଳରେ ସଞ୍ଜୟଙ୍କର ଏକ ଲୁଗା ଦୋକାନ ରହିଛି। ପିଲାଙ୍କୁ ସ୍କୁଲ୍‌ରେ ଛାଡ଼ିବା ପରେ ସଞ୍ଜନା ଦୋକାନକୁ ଯାଇ ସ୍ୱାମୀ ସଞ୍ଜୟଙ୍କୁ ବ୍ୟବସାୟରେ ସହଯୋଗ କରିଥାନ୍ତି। ହେଲେ ଶୁକ୍ରବାର ସଞ୍ଜନା ଦୋକାନକୁ ଯାଇ ନ ଥିଲେ। ତେଣୁ ସଞ୍ଜୟ ତାଙ୍କ ପୁତୁରାଙ୍କୁ ଘରକୁ ପଠାଇ ସଞ୍ଜନାଙ୍କୁ ଡାକିଦେବାକୁ କହିଥିଲେ। ପୁତୁରା ଘରକୁ ଯାଇ କବାଟ ବନ୍ଦ ଥିବା ଦେଖି ଡାକିଥିଲେ। କିନ୍ତୁ କୌଣସି ଜବାବ ନ ଆସିବାରୁ ସେ କବାଟ ଖୋଲି ଭିତରକୁ ଯିବା ପରେ ସଞ୍ଜନା ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ପଡିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ଘଟଣା ବିଷୟରେ ସଞ୍ଜୟଙ୍କୁ ଜଣାଇଥିଲେ। ସଞ୍ଜୟ ଘରକୁ ଆସି ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ଘର ବାଥରୁମ୍‌ରେ ଥିବା ଏସିଡ୍ (ଚଟାଣ ସଫେଇ ପାଇଁ ରହିଥିବା କେମିକାଲ) ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା।

ମିଳିଥିବା ସୂଚନାନୁସାରେ, ଉଭୟଙ୍କ ପରିବାର କଟକ ଅଞ୍ଚଳରେ ରୁହନ୍ତି। ଗୁରୁବାର ଉଭୟଙ୍କ ପରିବାର ଓ ସମ୍ପର୍କୀୟଙ୍କର କଟକରେ ଗେଟ୍ ଟୁଗେଦର ପାର୍ଟି ହୋଇଥିଲା। ସଞ୍ଜୟ ଓ ସଞ୍ଜନା ମଧ ପିଲାଙ୍କ ସହ ଉକ୍ତ



ସ୍ତ୍ରୀ ସଞ୍ଜନା ପେରିୱାଲଙ୍କ ସହ ସ୍ୱାମୀ ସଞ୍ଜୟ ପେରିୱାଲ

ପାର୍ଟିରେ ଯୋଗଦେଇ ଫେରିଥିଲେ। ଶୁକ୍ରବାର ପିଲାମାନେ ସ୍କୁଲ୍‌ରୁ ଆସିଲେ ସେମାନେ ପୁରୀ ଯାଇଥାନ୍ତେ। କିନ୍ତୁ ଏହା ପୂର୍ବରୁ କ'ଣ ଘଟିଲା ଯେ, ଯେଉଁଥିପାଇଁ ଆତ୍ମହତ୍ୟା ଭଳି ନିଷ୍ଠୁର ନିଷ୍ପତ୍ତିକୁ ଆପଣାଇବାକୁ ବାଧ ହୋଇଥିଲେ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା କହିଛି। ସଞ୍ଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବା ସୂଚନା ମିଳିଛି।

## ଭୁବନେଶ୍ୱରରେ କିଛି ଆତ୍ମହତ୍ୟା ଘଟଣା...

**୪ ଏପ୍ରିଲ:** ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ଏକ ଦମ୍ପତି ନିଜର ଦେଢ଼ବର୍ଷର ଶିଶୁକନ୍ୟାଙ୍କ ମାରି ଝୁଲାଇବା ସହ ଦୁହେଁ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ କବାଟ ତାଡ଼ି ସ୍କାଏ ଲାଇଟ୍‌ରେ ଝୁଲୁଥିବା ମା'ବାପା ଓ ଶିଶୁକନ୍ୟାଙ୍କ ମୃତଦେହ ଜବତ କରିଥିଲା। ପୈତୃକ ସମ୍ପତ୍ତି ଓ ପାରିବାରିକ ବିବାଦରୁ ମାନସିକ ଭାରସାମ୍ୟ ହରାଇବା ପରେ ସ୍ୱାମୀ ଓ ସ୍ତ୍ରୀ ଏପରି ଘଟଣା ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା।

**୧୯ ଜୁନ୍:** ନୟାପଲ୍ଲୀ ଥାନା ଅଞ୍ଚଳରେ ଟେଲି ଅଭିନେତ୍ରୀ ରଶ୍ମୀରେଖା ନିଜ ଓଢ଼ଣୀ ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାର କିଛିଦିନ ପରେ ତାଙ୍କ ପୁରୁଷ ବନ୍ଧୁ ସନ୍ତୋଷ ପାତ୍ର ରାଉରକେଲାରେ ଆତ୍ମହତ୍ୟା କରିଥିଲେ।

**ଜୁନ ୨୪:** ବରିଷ୍ଠ ଅଭିନେତା ରାଇମୋହନ ପରିଡା ପଳାଶୁଣି ପ୍ରାଚୀ ବିହାରସ୍ଥିତ ନିଜ ଘରେ ବେକରେ ଧୋତି ବାନ୍ଧି ଆତ୍ମହତ୍ୟା କରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଥିଲା। ପାରିବାରିକ ଅଶାନ୍ତିରୁ ଏହି ଘଟଣା ଘଟିଥିବା ଚର୍ଚ୍ଚା ହୋଇଥିଲା।

**୨ ଜୁଲାଇ:** ବିଜେବି ମହାବିଦ୍ୟାଳୟରେ ଯୁକ୍ତ୩ରେ ପଢୁଥିବା କଟକର ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଥିଲେ। କାରୁବାକୀ ଛାତ୍ରୀନିବାସର ୨୦୧ ନମ୍ବର ରୁମ୍‌ରୁ ବେକରେ ରଶି ଲଗାଇ ପଡିଥିବା ଅବସ୍ଥାରେ ପୋଲିସ ମୃତଦେହ ଜବତ କରିଥିଲା। ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣା ପଡି ନ ଥିଲେ ମଧ ୩ ସିନିୟରଙ୍କ ରାଗିଂରୁ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଥିବା ରୁଚିକା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଥିଲେ।

**୫ ଜୁଲାଇ:** ଆଚାର୍ଯ୍ୟ ବିହାରସ୍ଥିତ ଏକ ଭଡ଼ାଘରେ ଜଣେ ଏମ୍‌ସିଏ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଉକ୍ତ ଘରୁ ଏକ ସୁଇସାଇଡାଲ ନୋଟ ଜବତ କରିଥିଲା।

**୧୦ ଜୁଲାଇ:** ବାଣୀବିହାର ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିଲେ। ରେଲ୍‌ୱେ ପୋଲିସ ମୃତଦେହ ସହ ଏକ ସୁଇସାଇଡ ନୋଟ୍ ଜବତ କରିଥିଲା। ସୁଇସାଇଡ୍ ନୋଟରେ ନିର୍ଯାତନା ଓ ମାନସିକ ଭାରସାମ୍ୟ ହରାଇଥିବା ଉଲ୍ଲେଖ ଥିଲା।

# ବିଧାନସଭା ଆଗରେ ମା' ଝିଅଙ୍କ ଆତ୍ମାହୁତି ଉଦ୍ୟମ





ଆତ୍ମାହୂତି ଉଦ୍ୟମ କରୁଥିବା ମିଲନବାଳା ବେହେରା ଓ ତାଙ୍କ ଝିଅ ଶୁଭସ୍ମିତା ଦେଙ୍କୁ ପୋଲିସ ଉଦ୍ଧାର କରି ନେଉଛି।

ଭୁବନେଶ୍ୱର,୧୫।୭(ବ୍ୟୁରୋ)

ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଶୁକ୍ରବାର ମଧ୍ୟାହ୍ନରେ ମା' ଓ ଝିଅ ଆତ୍ମାହୁତି ଉଦ୍ୟମ କରିଛନ୍ତି। କଂଗ୍ରେସ ଭବନ ନିକଟରେ ଉକ୍ତ ମା'-ଝିଅ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିବାବେଳେ କ୍ୟାପିଟାଲ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ସେମାନେ ହେଲେ ବାଲେଶ୍ୱର ଜିଲା ସିଂଲା ଥାନା ରାଜପୁର ଗାଁର ମିଲନବାଳା ବେହେରା ଓ ତାଙ୍କ ଝିଅ ଶୁଭସ୍ମିତା ଦେ। ଯୌତୁକ ନିର୍ଯାତନା ମାମଲାରେ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ଏମିତି ପଦକ୍ଷେପ ନେଇଥିବା ଦୁହେଁ ଗଣମାଧମ ଆଗରେ କହିଛନ୍ତି। ମା, ଝିଅଙ୍କୁ ବୁଝାଶୁଝା କରି ଛାଡ଼ିଦିଆଯାଇଥିବା କ୍ୟାପିଟାଲ ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

### ପୋଲିସଠାରୁ ନ୍ୟାୟ ମିଳୁନି

ସୂଚନା ଅନୁଯାୟୀ, ୨୦୧୨ରେ ଶୁଭସ୍ମିତା ସିଂଲା ଥାନା ନାବରା ଗ୍ରାମର ହରିପଦ ଦେଙ୍କୁ ବିବାହ କରିଥିଲେ। କିଛି ମାସ ପରେ ଶ୍ୱଶୁରଘର ଲୋକେ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କଲେ। ଏନେଇ ଶୁଭସ୍ମିତା ବାଲେଶ୍ୱର ଜିଲା ପରିବାର ଅଦାଲତରେ ଏତଲା ଦେଇଥିଲେ। କୋର୍ଟ ଶୁଭସ୍ମିତା ଓ ତାଙ୍କ ୮ ବର୍ଷର ପୁଅକୁ ଭରଣପୋଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶୁଭସ୍ମିତାଙ୍କୁ କୌଣସି ଭରଣପୋଷଣ ମିଳି ନ ଥିଲା। ତେଣୁ ଶୁଭସ୍ମିତା ତାଙ୍କ ମା ଓ ପୁଅକୁ ଧରି ଶ୍ୱଶୁର ଘର ସାମ୍ନାରେ ୫୦ଦିନ ଧାରଣା ଦେଇଥିଲେ। ଏ ନେଇ ଗତ ମାର୍ଚ୍ଚରେ ଶୁଭସ୍ମିତାଙ୍କ ବାପା ଗୟାପ୍ରସାଦଙ୍କୁ ଆକ୍ରମଣ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଶୁଭସ୍ମିତାଙ୍କ ସ୍ୱାମୀ ଏବଂ ନଣନ୍ଦଙ୍କୁ ଗିରଫ କରିଥିଲା। କିନ୍ତୁ ଯେଉଁମାନେ ଆକ୍ରମଣ କରିଥିଲେ, ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଗତ ସୋମବାର ସେମାନେ ଶୁଭସ୍ମିତାଙ୍କ ଘରକୁ ଆସି ମାରିଦେବାକୁ ଧମକ ଦେଇଥିଲେ ବୋଲି ତାଙ୍କ ମା' କହିଛନ୍ତି। ପରିବାର ଲୋକେ ନ୍ୟାୟ ପାଇଁ ଜିଲାପାଳ, ଏସ୍‌ପି ଏବଂ ଡିଆଇଜିଙ୍କ ଅଫିସ ଧାଇଁ ଥକିଗଲେଣି ବୋଲି ଉଭୟେ ଅଭିଯୋଗ କରିଛନ୍ତି।

### ରାଗିଂ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଶିକ୍ଷାନୁଷ୍ଠାନରେ ରାଗିଂକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଶୁକ୍ରବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛି। ଏଥିରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା, ଆଦିବାସୀ କଲ୍ୟାଣ, ସଂସ୍କୃତି, ପଛୁଆ ବର୍ଗ ବିକାଶ, ସଂଖ୍ୟାଲଘୁ ବିକାଶ ଆଦି ବିଭାଗ ଅଧୀନରେ ଚାଲୁଥିବା ସବୁ ଶିକ୍ଷାନୁଷ୍ଠାନକୁ ପକ୍ଷଭୁକ୍ତ କରାଯାଇଛି। ରାଗିଂ ସଂକ୍ରାନ୍ତରେ ଅଭିଯୋଗ ପାଇଁ ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ସହିତ ତୁରନ୍ତ ଅଭିଯୋଗ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମହାସଂଘ ଫେରାଦ ହୋଇଛି।ରାଜ୍ୟର ଶିକ୍ଷାନୁଷ୍ଠାନରେ ରାଗିଂ ଏବେ ଏକ ଗୁରୁତର ସମସ୍ୟା ଭାବେ ଛିଡ଼ା ହୋଇଛି। ବିଜେବି ଛାତ୍ରୀଙ୍କ ଆତ୍ମହତ୍ୟା ହେଉ କି ବଲାଙ୍ଗୀର ମେଡିକାଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ରାଗିଂ କଥା ଉଠିଛି। ସେହିଭଳି ବିଭିନ୍ନ ସମୟରେ ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନରେ ରାଗିଂ ହେଉଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ରାଗିଂ ବନ୍ଦ ପାଇଁ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସ୍ପଷ୍ଟ ଆଇନ ନାହିଁ। ତୁରନ୍ତ ଅନାୟାସରେ ଅଭିଯୋଗ କରିବାକୁ ଟୋଲ୍ ଫ୍ରି ନମ୍ବର ମଧ ନାହିଁ। ତେଣୁ ସରକାରଙ୍କୁ ବହୁ ଅଭିଯୋଗ ଓ ଦାବି ପରେ ମଧ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଭାବକ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମହାସଂଘ ପକ୍ଷରୁ ଆଡ୍‌ଭୋକେଟ ଅଦିଶା ମହାନ୍ତି ମାମଲା ଦାଏର କରିଛନ୍ତି।

# ଗୁଜରାଟ ଗଲେ ଏନ୍‌ଡିଆର୍‌ଏଫ୍‌ର ୫ ଦଳ

ବାରଙ୍ଗ,୧୫।୭(ଡି.ଏନ୍.ଏ.)

ଗୁଜରାଟରେ ଭୟଙ୍କର ବନ୍ୟା ପରିସ୍ଥିତି ରହିଛି। ଏଭଳି ସମୟରେ ସେଠାକାର କ୍ଷତିଗ୍ରସ୍ତ ଲୋକଙ୍କୁ ସୁରକ୍ଷା ଦେବା ଓ ଉଦ୍ଧାର କରିବା ପାଇଁ ଓଡ଼ିଶାର ଏନ୍‌ଡିଆର୍‌ଏଫ୍ ଦଳ ଗୁଜରାଟ ଯାଇଛି। ଶୁକ୍ରବାର ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍‌ର ବିଶିଷ୍ଟ ୩ୟ ବାଟାଲିୟନର ୫ଦଳ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ରଙ୍କ ନେତୃତ୍ୱରେ ଗୁଜରାଟ ଯାତ୍ରା କରିଛି। ଏହି ଦଳ ମୁଣ୍ଡଳୀ ୩ୟ ବାଟାଲିୟନରୁ ବସ୍ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରକୁ ଯାଇ ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ଗୁଜରାଟର ସୁରଟ ଅଭିମୁଖେ ଗସ୍ତ କରିଛନ୍ତି।



ଗୁଜରାଟ ଗସ୍ତ କରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ, ୫ ଅଟକ

ଖୁଣ୍ଟୁଣୀ, ୧୫।୭(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଏକ ଘରୁ ସୁଭାଗିନୀ ରାଉତ ନାମ୍ନୀ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଯୌତୁକ ଯୋଗୁ ତାଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ତାଙ୍କ ଭାଇ କାର୍ତ୍ତିକ ରାଉତ ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ନବବଧୂଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ଦାଦା ଶ୍ୱଶୁର ଓ ଦିଅରଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

ଅଭିଯୋଗ ଅନୁଯାୟୀ, ଆଠଗଡ଼ ଥାନା ରାଧାପତିପୁର ଗ୍ରାମର ଚନ୍ଦ୍ରମଣି ରାଉତଙ୍କ ଝିଅ ସୁଭାଗିନୀଙ୍କୁ ଅନନ୍ତପୁର ଗ୍ରାମର ବିଶ୍ୱଜିତ୍ ଭକ୍ତା ୮ ମାସ ତଳେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୌତୁକ ଦାବିକରି ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ଅପରପକ୍ଷେ ସୁଭାଗିନୀଙ୍କ ନାମରେ ବ୍ୟାଙ୍କରେ ଥିବା ଜମାଖାତାରୁ ଶାଶୁଘର ଲୋକେ ଟଙ୍କା ଉଠାଇ ନେଇଥିଲେ। ଫଳରେ ଯୌତୁକ ଦେବା ପାଇଁ ବାପଘର ଲୋକଙ୍କ ପକ୍ଷରେ ସମ୍ଭବ ନ ଥିଲା। ଶୁକ୍ରବାର ସକାଳେ ଶାଶୁଘରେ ସୁଭାଗିନୀଙ୍କ ମୃତ୍ୟୁ ଘଟିଥିବା କାର୍ତ୍ତିକ ଖବର ପାଇଥିଲେ। ତୁରନ୍ତ ସେଠାରେ ପହଞ୍ଚି ଭଉଣୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ସୁଭାଗିନୀଙ୍କୁ ହତ୍ୟା କରାଯାଇଥିବା ନେଇ କାର୍ତ୍ତିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୭/୨୨) ରୁଜୁ କରିଛି।

# ଠିକ୍ ସମୟରେ ବିହନ, ସାର ଯୋଗାଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଚଳିତ ଖରିଫ ଋତୁରେ ଜିଲାରେ ଧାନ, ଅଣଧାନ ଚାଷର ସ୍ଥିତି ସମେତ ଉନ୍ନତମାନର ବିହନ ଓ ସାର ଯୋଗାଣ ସମ୍ପର୍କରେ ଶୁକ୍ରବାର ଏକ ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଏହି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ସ୍ୱତନ୍ତ୍ର ସଚିବ ସଞ୍ଜୀବ କୁମାର ଚଢ଼ା, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ପ୍ରମୁଖ ଭିଡିଓ କନ୍‌ଫରେନ୍ସିଂରେ ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ସହିତ ଏନେଇ ଆଲୋଚନା କରିଥିଲେ। ଚଳିତ ଖରିଫରେ ଜିଲାରେ କରାଯାଇଥିବା ଧାନ ଓ ଅଣଧାନ ଫସଲ ଜମିର ପରିମାଣ ସମ୍ପର୍କରେ ଆଲୋଚନା ହେବା ସହ ଚାଷୀମାନେ ଯେପରି ଠିକ୍ ସମୟରେ ବିହନ ଓ ସାର ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ବିହନ), ଯୁଗ୍ମ ନିର୍ଦ୍ଦେଶକ(ସାର), ଯୁଗ୍ମ ନିର୍ଦ୍ଦେଶକ (ପଲ୍‌ସେସ୍)ଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ସମସ୍ତ ଜିଲାର ମୁଖ୍ୟ ଜିଲା କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଏଗ୍ରିକଲ୍‌ଚର ଡିଷ୍ଟ୍ରିକ୍ଟ ଅଫିସର, ଆସିଷ୍ଟାଣ୍ଟ ସିଡ୍ ପ୍ରଡକ୍ସନ୍ ଅଫିସର ଯୋଗଦେଇ ସେମାନଙ୍କ ଅଞ୍ଚଳରେ କୃଷି କାର୍ଯ୍ୟ ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।



କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ମିଥ୍ୟା ହତ୍ୟା ମାମଲାରେ ଫସିଥିବା ବ୍ରହ୍ମପୁର ପାଣିଗ୍ରାହୀ ପେଣ୍ଠ ପିଟିପିଟିଆ ନଗରର ୫ ପରିବାର କେସ୍ ଲଢ଼ିବା ପାଇଁ ଘର ଓ ଜମି ବିକି ତଳିତଳାନ୍ତ ହେବା ପରେ ନ୍ୟାୟ ପାଇଁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପିଲାଛୁଆ ଧରି ଧାରଣା ଦେଇଛନ୍ତି।




ଡିଲାଇଟ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ବଲିଉଡ୍ ଓ ଓଲିଉଡ୍‌ର ଲୋକପ୍ରିୟ ଗୀତକୁ ନେଇ ଭୁବନେଶ୍ୱର ସୂଚନା ଭବନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ।



ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ୧୯ ତାରିଖରେ ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବାକୁ ରୁଚିକାଙ୍କ ମା' ଓ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ କମଳା ନେହେରୁ କଲେଜରେ ଛାତ୍ରୀଙ୍କ ସମର୍ଥନ ଲୋଡୁଛନ୍ତି।

# ଆୟର୍ଲାଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

ଡବଲିନ୍, ୧୫।୭

ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ମୁକାବିଲାକୁ ନ୍ୟୁଜିଲାଣ୍ଡ ମାତ୍ର ୧ ରନରେ ଜିତିବା ସହିତ ସିରିଜ୍ କ୍ଲିନ୍ ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୩୬୦ ରନ୍ କରିଥିବା ବେଳେ ଅନ୍ତିମ ବଲ ଯାଏ ଲଢେଇ କରିଥିଲା ଆୟର୍ଲାଣ୍ଡ। ମାର୍ଟିନ୍ ଗପ୍ଟିଲଙ୍କ ଶତକରେ ନ୍ୟୁଜିଲାଣ୍ଡ ୩୬୦ ରନ୍ କରିଥିଲା।

## ଷ୍ଟର୍ଲିଂ, ଟେକ୍ଟରଙ୍କ ଶତକ ନିଷ୍ଫଳ

ଜବାବରେ ପଲ୍ ଷ୍ଟର୍ଲିଂ ଓ ହ୍ୟାରି ଟେକ୍ଟରଙ୍କ ଶତକ ସତ୍ତ୍ୱେ ଦଳ ୧ ରନ୍ ପଛରେ ରହି ଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଗପ୍ଟିଲ ୧୧୫, ହେନରୀ ନିକୋଲ୍ସ ୭୯ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ଦ୍ରୁତ ୪୭ ରନ ବଳରେ ଦଳ ୫ ଉଇକେଟ ହରାଇ ୩୬୦ ରନ୍ କରିଥିଲା। ଗପ୍ଟିଲ ତାଙ୍କ ଶତକୀୟ ଇନିଂସରେ ୧୨୬ ବଲ୍ ଖେଳି ୧୫ ଚୌକା ଓ ୨ ଛକା ମାରିଥିଲେ। ନିକୋଲ୍ସ ୩୦ ବଲରୁ ୭ ଚୌକା ଓ ୩ ଛକା ସହିତ ୭୯ ରନ୍ କରିଥିବା ବେଳେ ଫିଲିପ୍ସଙ୍କ ଇନିଂସରେ ସାମିଲ ଥିଲା ୫ ଚୌକା ଓ ୨ ଛକା। ଜୋସୁଆ ଲିଟଲ ସଫଳ ବୋଲର ଭାବରେ ୨ଟି ଉଇକେଟ ନେଇଥିଲେ।



୧୭୯ ରନର ଭାଗୀଦାରି ଅବସରରେ ଆୟର୍ଲାଣ୍ଡର ପଲ୍ ଷ୍ଟର୍ଲିଂ ଓ ହ୍ୟାରି ଟେକ୍ଟର।

ଜବାବରେ ପଲ୍ ଷ୍ଟର୍ଲିଂଙ୍କ ୧୨୦ ଏବଂ ଟେକ୍ଟରଙ୍କ ୧୦୮ ରନ୍ ସତ୍ତ୍ୱେ ଅନ୍ୟ ବ୍ୟାଟରଙ୍କ ବିଫଳତା କାରଣରୁ ଆୟର୍ଲାଣ୍ଡ ପରାଜିତ ହୋଇଥିଲା। ଉଭୟ ଚତୁର୍ଥ ଉଇକେଟରେ ୧୭୯ ରନର ଭାଗୀଦାରି କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ଷ୍ଟର୍ଲିଂ ୧୦୩ ବଲର ସାମ୍ନା କରି ୧୪ଟି ଚୌକା ଓ ୫ଟି ଛକା ମାରିଥିଲେ। ସେହିପରି ୧୦୬ ବଲ ଖେଳିଥିବା ଟେକ୍ଟର ମାରିଥିଲେ ୭ ଚୌକା ଓ ୫ ଛକା। ତେବେ ମ୍ୟାଟ ହେନରୀ ୪ଟି, ମିଚେଲ ସାଣ୍ଟନର ୩ଟି ଉଇକେଟ ନେଇ ଆୟର୍ଲାଣ୍ଡ ମୁହଁରୁ ବିଜୟ ଛଡାଇ ଆଣିଥିଲେ। ମାର୍ଟିନ୍ ଗପ୍ଟିଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ମାଇକେଲ୍ ବ୍ରେସୱେଲଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ଇନିଂସ:** ୫୦ ଓଭରରେ ୩୬୦/୬ (ମାର୍ଟିନ ଗପ୍ଟିଲ-୧୧୫, ହେନ୍‌ରୀ ନିକୋଲ୍ସ-୭୯, ଗ୍ଲେନ ଫିଲିପ୍ସ-୪୭ ; ଜୋସୁଆ ଲିଟଲ-୨/୮୪)।

**ଆୟର୍ଲାଣ୍ଡ ଇନିଂସ:** ୫୦ ଓଭରରେ ୩୫୯/୯ (ପଲ୍ ଷ୍ଟର୍ଲିଂ-୧୨୦, ହ୍ୟାରି ଟେକ୍ଟର-୧୦୮, ଆଣ୍ଡି ମ୍ୟାକ୍‌ବ୍ରିନ୍-୨୬ ; ମ୍ୟାଟ୍ ହେନ୍‌ରୀ-୬୮/୪, ମିଚେଲ ସାଣ୍ଟନର-୩/୭୧)।

# ଜିମ୍ବାୱେ, ନେଦରଲାଣ୍ଡ୍ସକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

**ଦୁବାଇ, ୧୫।୭ (ପି.ଟି):** ଟି-୨୦ ବିଶ୍ୱକପରେ ନିଜର ସ୍ଥାନ ସୁରକ୍ଷିତ କରିଛନ୍ତି ଜିମ୍ବାୱେ ଓ ନେଦରଲାଣ୍ଡ୍ସ। ଆମେରିକାକୁ ପରାସ୍ତ କରି ନେଦରଲାଣ୍ଡ୍ସ ଟି୨୦ ବିଶ୍ୱକପରେ ସ୍ଥାନ ସୁରକ୍ଷିତ କରିଥିବା ବେଳେ ଆୟୋଜକ ଜିମ୍ବାୱେ ପପୁଆ ନ୍ୟୁଗିନିକୁ ପରାସ୍ତ କରିଥିଲା। ଆମେରିକା ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ୍ସ ପ୍ରଥମେ ବୋଲିଂ କରିଥିଲା। ଆମେରିକା ୧୯.୪ ଓଭରର ୧୩୮ ରନରେ ଅଲଆଉଟ ହେବା ପରେ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଥିଲା ନେଦରଲାଣ୍ଡ୍ସ।

ଅନ୍ୟ ପକ୍ଷରେ ଘରୋଇ ଜିମ୍ବାୱେ ୨୭ ରନରେ ପପୁଆ ନ୍ୟୁ ଗିନିକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେକୁ ଏକ ଭଲ ଆରମ୍ଭ ଦେଇଥିଲେ ରେଗିସ୍ ଚାକାଭା ଓ କ୍ରେଗ୍ ଏର୍ଭିନ୍। ପ୍ରଥମ ଓଭରର ୪ ବଲରୁ ୪ଟି ଚୌକା ସହିତ ଇନିଂସ ଆରମ୍ଭ କରିଥିଲେ ଚାକଭା। ୧୯ ବଲରୁ ୩୦ ରନ କରି ସେ ଆଉଟ ହୋଇଥିଲେ। କ୍ରେଗ୍ ଏର୍ଭିନ୍ ୩୮ ରନ କରିଥିବା ବେଳେ ମାଧେଭୀର କରିଥିଲେ ସର୍ବାଧିକ ୪୨। ନିର୍ଦ୍ଧାରିତ ଓଭରରେ ଜିମ୍ବାୱେ ୫ ୱିକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ପପୁଆ ନ୍ୟୁ ଗିନି ୧୭୨ରନରେ ସୀମିତ ରହିବା ସହ ଜିମ୍ବାୱେକୁ ମିଳି ଯାଇଥିଲା ଅଷ୍ଟ୍ରେଲିଆ ଟିକେଟ।


ବ୍ରିସବେନରେ ଟି୨୦ ବିଶ୍ୱକପ୍ ଟ୍ରଫି ସହ ଆଡାମ ଜାମ୍ପା ଓ ଶେନ୍ ୱାଟ୍‌ସନ।

# ଭାରତର ଦ୍ୱିତୀୟ ପରାଜୟ

**ଜାକର୍ତ୍ତା, ୧୫।୭ (ପି.ଟି.):** ଫିବା (ଫେଡେରେଶନନ ଅଫ୍ ଇଣ୍ଟରନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ୍ସ) ଏସିଆ କପ୍‌ରେ ଭାରତୀୟ ପୁରୁଷ ବାସ୍କେଟବଲ ଦଳ ୫୯-୧୦୧ ବ୍ୟବଧାନରେ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ଭାରତର ଏହା ଦ୍ୱିତୀୟ ପରାଜୟ। ଦଳ ଏହାର ଓପନିଂ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୪୭-୧୦୦ରେ ହାରିଯାଇଥିଲା।

# ଫାଇନାଲରେ ଐଶ୍ୱର୍ଯ୍ୟ, ଚେନ୍ ସିଂ

ନୂଆଦିଲ୍ଲୀ, ୧୫।୭(ପି.ଟି)

## ଶୁଟିଂ ବିଶ୍ୱକପ୍

ଚାଙ୍ଗଓନରେ ଖେଳା ଯାଉଥିବା ଶୁଟିଂ ବିଶ୍ୱକପରେ ଭାରତୀୟ ଶୁଟରଙ୍କ ଅଭିଯାନ ଜାରି ରହିଛି। ଶୁକ୍ରବାର ୫୦ ମିଟର ରାଇଫଲ ଥ୍ରୀ ପୋଜିଶନ ମୁକାବିଲାରେ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର, ଚେନ୍ ସିଂ ଏବଂ ୨୫ ମିଟର ପିସ୍ତଲ ବର୍ଗରେ ମାନୁ ଭାକର ଫାଇନାଲରେ ପହଞ୍ଚିଛନ୍ତି। ଚେନ୍ ସିଂ ୫୮୮ ଓ ଐଶ୍ୱର୍ଯ୍ୟ ୫୯୩ ର ଫାଇନାଲ ସ୍କୋର ସହିତ ର୍‍ୟାଙ୍କିଙ୍ଗ ରାଉଣ୍ଡ ଅତିକ୍ରମ କରିଥିଲେ । ନିଲିଙ୍ଗ ଏବଂ ପ୍ରୋନରେ ପର୍ଫେକ୍ଟ ସ୍କୋର କରିଥିବା ତୋମାର ଅନ୍ତିମ ରାଉଣ୍ଡରେ ହରାଇଥିଲେ ୭ ପଏଣ୍ଟ। ତେବେ ଭେଟେରାନ ସଞ୍ଜୀବ ରାଜପୁତ ଫାଇନାଲ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ମହିଳା ୨୫ ମିଟର ପିସ୍ତଲ ବର୍ଗରେ ମାନୁ ଭାକର(୨୮୮) ଫାଇନାଲରେ ପ୍ରବେଶ କରିଥିବା ବେଳେ ରିଦିମ ସାଙ୍ଗୱନ(୨୮୫) ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି।

# ମହିଳା ୟୁରୋ କ୍ୱାର୍ଟରରେ ଫ୍ରାନ୍ସ

ରଟରହାମ୍(ଇଂଲଣ୍ଡ), ୧୫।୭(ପି.ଟି)

ମହିଳା ୟୁରୋ କପ୍-୨୦୨୨ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଫ୍ରାନ୍ସ। ପ୍ରଥମ ମ୍ୟାଚରେ ଇଟାଲୀକୁ ୫-୧ରେ ପରାସ୍ତ କରିଥିବା ଫ୍ରାନ୍ସ ଗ୍ରୁପ୍-ଡି'ର ଶୀର୍ଷରେ ରହିବା ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମୁକାବିଲାରେ ୨-୧ରେ ବେଲଜିୟମକୁ ପରାସ୍ତ କରିଥିଲା ଫ୍ରାନ୍ସ। ଫ୍ରାନ୍ସ ଖେଳାଳି ମ୍ୟାଚର ୭୦ ପ୍ରତିଶତ ସମୟ ବଲକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଖେଳର ଷଷ୍ଠ ମିନିଟରେ କାଡିଡିଆଟୋଉ ଡିଆନିଙ୍କ ଗୋଲ୍ ବଳରେ ଅଗ୍ରଣୀ ହାସଲ କରିଥିଲା ଫ୍ରାନ୍ସ। ଏହି ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା ବେଲଜିୟମ୍। ତେବେ ମ୍ୟାଚର ୩୬ ତମ ମିନିଟରେ ଏହି ଗୋଲଟିକୁ ପରିଶୋଧ କରିଥିଲେ ଜାନି କେମ୍ୟାନ୍। ଏକ ଚମତ୍କାର ହେଡର ଜରିଆରେ କେମ୍ୟାନ୍ ଗୋଲ୍ ସ୍କୋର କରିଥିଲେ। ତେବେ ମାତ୍ର ୫ ମିନିଟ ମଧ୍ୟରେ ପୁଣି ଥରେ ଅଗ୍ରଣୀ ହାସଲ କରିଥିଲା ଫ୍ରାନ୍ସ। ୪୧ ତମ ମିନିଟରେ ଗ୍ରିଏଜ୍ ଏମବକ୍ ବାଥି ଗୋଲ୍ ସ୍କୋର କରି ଫ୍ରାନ୍ସକୁ ୨-୧ରେ ଆଗୁଆ କରିଥିଲେ। ହାଫ୍ ଟାଇମ୍ ସୁଦ୍ଧା ୨-୧ରେ ଅଗ୍ରଣୀ ଥିବା ଫ୍ରାନ୍ସ ନିଜର ଅଗ୍ରଣୀ ବଜାୟ ରଖିବା ସହିତ ମ୍ୟାଚକୁ ଜିତି ନେଇଥିଲା। ଗୋଲ ପରିଶୋଧ ପାଇଁ ଉଦ୍ୟମ ସମୟରେ ଫାଉଲ୍ କାରଣରୁ ମ୍ୟାଚର ୮୯ ତମ ମିନିଟରେ ବେଲଜିୟମର ଅମ୍ବର ଟିସାଙ୍କୁ ରେଡକାର୍ଡ ମିଳିଥିଲା। ଗୋଟିଏ ମ୍ୟାଚ୍ ବାକି ରହିଥିବା ବେଳେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଫ୍ରାନ୍ସ।

**ପୌର ପରିଷଦ କାର୍ଯ୍ୟାଳୟ, କୋରାପୁଟ**

ସଂଖ୍ୟା: ୪୧୭୩/୨୦୨୨ ତାରିଖ: ୧୪।୦୭।୨୦୨୨

**ନୋଟିସ**

No. C-787: ରାଜ୍ୟ ସରକାରଙ୍କ ଗୃହ ଓ ପୌର ଉନ୍ନୟନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ପୌରାଞ୍ଚଳରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। Plastic Waste Management Rule (Amendment) 2021 ଅନୁସାରେ ୭୫ ମାଇକ୍ରୋନ୍‌ରୁ କମ୍ ମୋଟେଇ ବିଶିଷ୍ଟ ପଲିଥିନ ଜରି, ପ୍ଲାଷ୍ଟିକ୍ ଇତ୍ୟାଦି ଉତ୍ପାଦନ କରିବା, ଆମଦାନୀ କରିବା, ବିକ୍ରୟ କରିବା କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଗଚ୍ଛିତ ରଖିବା ଏବଂ ଏହାର ବ୍ୟବହାରକୁ ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଅଛି। ଏହି ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13074/11/0024/2223 ପୌର ପରିଷଦ, କୋରାପୁଟ

**CHIEF DISTRICT MEDICAL & PUBLIC HEALTH OFFICER: KEONJHAR**
**(ZILLA SWASTHYA SAMITI (ZSS), KEONJHAR**
Advt.Letter No.10604 Date:14.07.2022

**TENDER CALL NOTICE**

**No.E-308:** Sealed proposals as per the prescribed RFP document are invited from interested eligible bidders for the "Request for Proposal (RFP) for selection of agency for outsourcing of Techno Managerial Manpower at Keonjhar district. "The eligibility criteria and detailed requirements for said RFP and the formats for submission of bid are set forth in the RFP document which can be downloaded from the district NIC website i.e. www.kendujhar.nic.in. Interested bidders fulfilling the eligibility criteria may submit their bid & documents as set forth in this RFP and submit to the undersigned in sealed envelope (s) clearly superscribing "Request for Proposal (RFP) for selection of agency for outsourcing of Techno Managerial Manpower at Keonjhar district". Bid(s) complete in all respect should reach the Office of the CDM & PHO Keonjhar-758001 by Speed Post/ Regd. Post only on or before dt.02.08.2022 till 5.00 PM. The bid (s) shall be opened on at 03.08.2022 at 11.00 AM in Mini Confernece Hall, NHM, Keonjhar. Incomplete applications received in an open envelop/ applications received after the due date will be summarity rejected.
The authority reserves the right cancel or reject the any or all RFP without assigning any reason thereof. No personal query shall be entertained. The decision of the committee will be treated as final.

Sd./- Chief District Medical & Public Health Officer, Keonjhar
OIPR-10033/11/0015/2223

## ରାଜ୍ୟ ଖବର

# ପ୍ରତିବର୍ଷ ୧୦ ହଜାର କୁଶଳୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଲକ୍ଷ୍ୟ

## ୩ ଷ୍ଟାର୍ଟଅପ୍ ସଂସ୍ଥା ମଧ୍ୟରେ ସରକାରୀ ପଲିଟେକ୍ନିକ ମହାବିଦ୍ୟାଳୟର ଚୁକ୍ତିପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ବିଶ୍ୱ ଯୁବ ସଶକ୍ତୀକରଣ ଦିବସ ପାଳନ ଅବସରରେ ରାଜ୍ୟ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ତରଫରୁ ସରକାରୀ ପଲିଟେକ୍ନିକ୍ ମହାବିଦ୍ୟାଳୟ ସହିତ ଷ୍ଟାର୍ଟଅପ୍ ସଂସ୍ଥା ସ୍କାଏ ରାଏଡର, ସ୍କାଏ ରାଇଡର ଇଲେକ୍ଟ୍ରିକ୍ ଏବଂ ଏରୋ ରୋଭର୍ସ ସଂସ୍ଥା ମଧ୍ୟରେ ୩ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଡିଟିଇଟିର ନିର୍ଦ୍ଦେଶକ ରେଘୁ ଜୀଙ୍କ ଉପସ୍ଥିତିରେ ସରକାରୀ ପଲିଟେକ୍ନିକ୍ ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପାତ୍ର, ସ୍କାଏ ରାଇଡର ସଂସ୍ଥାର ମୁଖ୍ୟ ହିମାଂଶୁ ଶେଖର ପଣ୍ଡା ଓ ସ୍କାଏ ରାଇଡର ଇଲେକ୍ଟ୍ରିକ୍ ମୁଖ୍ୟ ନିହାର ରଞ୍ଜନ ପଣ୍ଡା ଓ ଏରୋ ରୋଭର୍ସର ପକ୍ଷରୁ ଅନୁଷ୍ଠାନର ମୁଖ୍ୟ ଯଯାତି ମହାନ୍ତି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରିତ ବୁଝାମଣା ପତ୍ର ଅନୁଯାୟୀ ସ୍କାଏ ରାଏଡର ସଂସ୍ଥା ସହ ସରକାରୀ ପଲିଟେକ୍ନନିକ୍ କଲେଜର ମିଳିତ ଉଦ୍ୟମରେ କୌଶଳ ତାଲିମ କେନ୍ଦ୍ର (ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର) ସ୍ଥାପନ କରାଯିବ। ଏହାଦ୍ୱାରା ରାଜ୍ୟ ତଥା ଦେଶର ଯୁବପିଢ଼ିଙ୍କୁ ଉଚ୍ଚକୋଟୀର ବୈଷୟିକ କୌଶଳ ଶିକ୍ଷା ପ୍ରଦାନ କରାଯାଇପାରିବ। ଏଠାରେ ଅଶୀରୁ ଊର୍ଦ୍ଧ୍ୱ ପାଠ୍ୟକ୍ରମ ଆରମ୍ଭ ହେବ। ଦେଶବ୍ୟାପୀ ଛାତ୍ରୀଛାତ୍ରମାନେ ଆସି ତାଲିମ ଗ୍ରହଣ କରିପାରିବେ। ଏହାଦ୍ୱାରା ବୈଷୟିକ କୌଶଳରେ ପାରଙ୍ଗମ ହୋଇପାରିବେ। ଆଗାମୀ ଦିନରେ ପ୍ରତିବର୍ଷ ୧୦ ହଜାର କୁଶଳୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନର ଲକ୍ଷ୍ୟ ରହିଛି। ରେଘୁ ଜୀ କହିଛନ୍ତି, ଏହି ବୁଝାମଣା ପତ୍ର ସ୍ୱାକ୍ଷର ଷ୍ଟାର୍ଟଅପ୍‌ଗୁଡିକର ବିକାଶରେ ସହାୟତା ପ୍ରଦାନ କରିବା ସହିତ ପିଲାମାନଙ୍କୁ ପ୍ରଶିକ୍ଷଣ ପରେ ନିଯୁକ୍ତି ସହାୟତା ପ୍ରଦାନ କରିବ। ସ୍କାଏ ରାଇଡର ସଂସ୍ଥା ତରଫରୁ ଇଲେକ୍ଟ୍ରିକ୍ ଯାନର ଆଗାମୀ ସମୟର ସମ୍ଭାବନାକୁ ନେଇ ୧୬ ପ୍ରକାର ବୈଦ୍ୟୁତିକ ଯାନ ମଡେଲ ଉତ୍ପାଦନ କରାଯିବ। ଏହି ବିଦ୍ୟୁତ୍ ପରିଚାଳିତ ଯାନ ବିଭିନ୍ନ ଶିଳ୍ପସଂସ୍ଥା, ଡାକ୍ତରଖାନା, ସରକାରୀ ଓ ବେସରକାରୀ ସଂସ୍ଥା ତଥା ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ। ସେହିପରି ଏରୋ ରୋଭର୍ସ ସଂସ୍ଥା ତରଫରୁ ଡ୍ରୋନ୍ କ୍ୟାମେରା ଉତ୍ପାଦନ, ରକ୍ଷଣାବେକ୍ଷଣ ଓ ଉଡାଣ(ପାଇଲଟିଂ) ଆଦି କୌଶଳ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା ରହିଛି। ଏହାଦ୍ୱାରା ଛାତ୍ରୀଛାତ୍ରୀ ବା ଇଚ୍ଛୁକ ଯୁବବର୍ଗ ତାଲିମ ପାଇ ନିଜେ ସ୍ୱାବଲମ୍ବୀ ହେବା ସହିତ ବିଭିନ୍ନ ଶିଳ୍ପସଂସ୍ଥା, କୃଷିକ୍ଷେତ୍ର, ସରକାରୀ କାର୍ଯ୍ୟ ଏବଂ ବିଭିନ୍ନ ଭିଡିଓ ଚିତ୍ର ଉତ୍ତୋଳନକାରୀ ସଂସ୍ଥାରେ ନିଯୁକ୍ତି ପାଇପାରିବେ।

# ମଦ୍ରାସା ବୋର୍ଡ ପାସ୍ ହାର ୯୨.୪୭%

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମୌଲବି, ମାହିର, ଆଲିମ୍ ଓ ଫାଜିଲ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତ ବର୍ଷ ମଦ୍ରାସା ବୋର୍ଡରେ ସର୍ବମୋଟ ପାସ୍ ହାର ୯୨.୪୭ ପ୍ରତିଶତ ରହିଛି। ମୌଲବି(ମାଟ୍ରିକ୍)ରେ ୨୯୩ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୩୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ମାହିର (ଯୁକ୍ତ୨)ରେ ୨୫୮ଜଣଙ୍କ ମଧ୍ୟରୁ ୨୩୩ଜଣ, ଆଲିମ୍ ପ୍ରି-ଡିଗ୍ରୀ (ଯୁକ୍ତ୩)ରେ ୧୧୫ ଜଣଙ୍କ ମଧ୍ୟରୁ ୧୧୧ଜଣ, ଆଲିମ୍ ଫାଇନାଲ୍-ଡିଗ୍ରୀ(ଯୁକ୍ତ୩)ରେ ସମସ୍ତ ୧୦୪ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଫାଜିଲ୍-ଏ ଉର୍ଦ୍ଧୁ(ପିଜି)ରେ ସମସ୍ତ ୭୦ଜଣ ଏବଂ ଫାଜିଲ୍-ଏ-ହଦିଦ୍(ପିଜି)ରେ ସମସ୍ତ ୩୨ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ମୌଲବିରେ ୮୧.୫୭%, ମାହିରରେ ୯୦.୩୧%, ଆଲିମ୍ ପ୍ରି-ଡିଗ୍ରୀରେ ୯୬.୫୨% ଏବଂ ଆଲିମ୍ ଫାଇନାଲ୍-ଡିଗ୍ରୀ, ଫାଜିଲ୍-ଏ ଉର୍ଦ୍ଧୁ ଓ ଫାଜିଲ୍-ଏ-ହଦିଦ୍‌ରେ ଶତ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ମୌଲବି ପରୀକ୍ଷାରେ କେନ୍ଦୁଝରର ମହମ୍ମଦ ଇନାମୁର ରହମାନ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମାହିରରେ ଜଗତ୍‌ସିଂହପୁରର ତଜ୍‌ମୁନ୍ ବିବି, ଆଲିମ୍ ପ୍ରି-ଡିଗ୍ରୀରେ କେନ୍ଦୁଝରର ମହମ୍ମଦ ସାଲିକ୍ ଅସ୍‌ଗର, ଆଲିମ୍ ଫାଇନାଲ୍-ଡିଗ୍ରୀରେ ଖୋର୍ଦ୍ଧାର ମହମ୍ମଦ୍ ତୋସିଫ୍ ରାଜା, ଫାଜିଲ୍-ଏ-ଉର୍ଦ୍ଧୁରେ ଯାଜପୁରର ଏସ୍.କେ. ଅମଜଦ୍ ଅଲ୍ଲୀ ଏବଂ ଫାଜିଲ୍-ଏ-ହଦିଦ୍‌ରେ କଟକର ମିର୍ ମେହଫୁଜ୍ ଅଲ୍ଲୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

**Cuttack Municipal Corporation**
Cuttack Municipal Corporation, Cuttack
Choudhury Bazar, Cuttack - 753001
No.C-790: Tel No. -0671-2308424, Email: mccmc@nic.in
RFP No: VI-H/123/2022/1669/HO Date:15/07/2022

**Request for Proposal**

For "Selection of Agency for Establishment of Comprehensive Call Center at Cuttack Municipal Corporation"

**Brief Description:** Cuttack Municipal Corporation (CMC) invites a proposal from prospective Applicants for the **"Selection of Agency for Establishment of Comprehensive Call Center at Cuttack Municipal Corporation"**

The bidders are requested to make themselves aware of the site conditions and eligibility criteria mentioned in the RFP before participating in the process. The RFP can be downloaded from CMC website i.e. http://cmccuttack.gov.in/ and the bidders can apply by Dt. 19/08/2022 till 17:00 Hrs. CMC Cuttack reserves right to accept or reject any application and to annul the selection process at any time, without incurring any liability and without assigning any reason thereof. For any assistance/ clarification in this regard, the prospective applicants may contact
Deputy Commissioner, (Sanitation), CMC at 8637223554 during office hours.

Sd./- Commissioner, Cuttack Municipal Corporation
OIPR-13031/11/0030/2223

# ଶିକ୍ଷଣ ସ୍ତର: ଓଡ଼ିଶା ପିଲା ଆଗୁଆ

## ମନ୍ତ୍ରୀ ଉନ୍ମୋଚନ କଲେ ରିପୋର୍ଟ କାର୍ଡ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଓଡ଼ିଶାର ପିଲାଙ୍କ ଶିକ୍ଷଣସ୍ତର ଜାତୀୟସ୍ତରଠାରୁ ଅନେକ କ୍ଷେତ୍ରରେ ଆଗୁଆ ଅଛି। ତୃଣମୂଳସ୍ତରରେ ଶିକ୍ଷାର ମାନ ଓ ଶିକ୍ଷଣ ଫଳାଫଳକୁ ତ୍ୱରାନ୍ୱିତ କରିବା ପାଇଁ ସମଗ୍ର ଶିକ୍ଷା ଅଭିଯାନ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଶିକ୍ଷାର ଉନ୍ନତି ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ବାସ୍ତବ ରୂପ ଦେବା ପାଇଁ ଆମେ ଆପ୍ରାଣ ଉଦ୍ୟମ କରିବା ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓ ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଜାତୀୟ ଉପଲବ୍ଧି ସର୍ବେକ୍ଷଣ ରିପୋର୍ଟ କାର୍ଡର ୨ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦାଶ ଯୋଗଦେଇ ଓଡ଼ିଶା ରିପୋର୍ଟ କାର୍ଡ ଉନ୍ମୋଚନ କରିଛନ୍ତି। ଜାତୀୟ ଉପଲବ୍ଧି ସର୍ବେକ୍ଷଣ ସର୍ବଭାରତୀୟ ସ୍ତରରେ ୨୦୨୧ ନଭେମ୍ବର ୧୨ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସର୍ଭେରେ କେନ୍ଦ୍ର ଓ ରାଜ୍ୟର ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ବେସରକାରୀ ବିଦ୍ୟାଳୟର ୩ୟ, ୫ମ, ୮ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ରିପୋର୍ଟ ଅନୁସାରେ ଓଡ଼ିଶାରୁ ୫୪୭୯ ବିଦ୍ୟାଳୟର ୨୫,୧୪୩ ଶିକ୍ଷକ ଓ ୧,୫୮,୬୧୧ ଛାତ୍ରୀଛାତ୍ର ଏନ୍‌ଏଏସ୍-୨୦୨୧ରେ ଭାଗ ନେଇଥିଲେ। ଏହି କର୍ମଶାଳାରେ ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ହୃଷୀକେଶ ସେନାପତି, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ରାଜ୍ୟ ଶିକ୍ଷକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର, ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସନ, ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଲଘୁଚାପଜନିତ ବର୍ଷା ଯୋଗୁ ମାଲକାନଗିରି ଜିଲାର ସିଲେରୁ ଓ ସାବେରୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜିଲାରେ ପୋଲାଭରମରୁ ଆସୁଥିବା ପଛୁଆ ଜଳ ସମସ୍ୟା ବଢ଼ାଇଛି। ଫଳରେ ଏହି ପାଣି ନଦୀ ଭିତରକୁ ନ ଯାଇ ପାରିବାରୁ ମୋଟୁ ଅଞ୍ଚଳର ଅନେକ ଗ୍ରାମ ଜଳମଗ୍ନ ହୋଇଛି।

**DIRECTORATE OF HORTICULTURE**
**KRUSHI BHAWAN, ODISHA, BHUBANESWAR**
**GOVT. OF ODISHA**
No. DHO-SECII-MISC-0028-2022/7303/Dated: 14.07.2022

**EXPRESSION OF INTEREST**

No. L-49: The Director of Horticulture-cum-Ex-Officio Addl. Secretary to Govt. invites Expression of Interest in sealed cover from interested Stakeholders for Oil Palm Cultivation in Odisha. The sealed application along with Bid declaration should be submitted to this Directorate on or before **28.07.2022 by 5 P.M.** The sealed envelope should be superscribed with "Application for Oil Palm Cultivation in Revenue District (Name of the District) of Odisha" and subscribed the contact details with Email Id, Mobile Number etc. The details of EOI is available in the website: **www.odihort.od@nic.in**.

Sd./- Director of Horticulture-cum-
Ex-Officio Addl. Secretary to Govt.,
Odisha, Bhubaneswar
OIPR-01038/11/0003/2223



ବିଭିନ୍ନ ଦାବି ନେଇ ଶୁକ୍ରବାର ଭିନ୍ନକ୍ଷମ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଏନ୍‌ଏଫ୍‌ବିଏସ୍‌ରେ ୧୯ ହଜାର ପରିବାର ଉପକୃତ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ପରିବାର ମଙ୍ଗଳ ଯୋଜନା (ଏନ୍‌ଏଫ୍‌ବିଏସ୍)ରେ ୨୦୨୦-୨୧ରେ ୧୯,୨୨୪ ପରିବାରଙ୍କୁ ୩୯ କୋଟି ୩୯ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଯୋଜନାରେ କୋରାପୁଟର ସର୍ବାଧିକ ୧୪୧୩ ଏବଂ ଝାରସୁଗୁଡ଼ାର ସର୍ବନିମ୍ନ ୨୧୦ ଜଣ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ, ବଲାଙ୍ଗୀର ଓ ଜଗତ୍‌ସିଂହପୁର ଜିଲ୍ଲାରୁ ୧୦୦୦ରୁ ଉର୍ଦ୍ଧ୍ୱ ଲେଖାଏ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇଛନ୍ତି। ଆବେଦନ କରିଥିବା ସମସ୍ତ ହିତାଧିକାରୀଙ୍କୁ ସେହିବର୍ଷ ଉକ୍ତ ଯୋଜନା ଅର୍ଥ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ପ୍ରଶ୍ନକାଳରେ ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଲେ, ପରିବାରର ଆୟକାରୀ ବ୍ୟକ୍ତିଙ୍କ ୧୮ରୁ ୫୯ ବର୍ଷ ମଧ୍ୟରେ ମୃତ୍ୟୁ ହେଲେ ଏନ୍‌ଏଫ୍‌ବିଏସ୍‌ରେ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥାଏ। ଏହା ଏକ କେନ୍ଦ୍ରୀୟ ଯୋଜନା। ଏହାର ସମସ୍ତ ଅର୍ଥ କେନ୍ଦ୍ର ସରକାର ଦେଇଥାଆନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ପଚାରିଲେ, ଏହି ଯୋଜନାରେ ଟଙ୍କା ପାଇବା ପାଇଁ ପୁରୁଣା ବିପିଏଲ୍ କାର୍ଡ ମଗାଯାଉଛି। ଆବେଦନ କରିବାକୁ ବ୍ଲକକୁ ବାରମ୍ବାର ଦୌଡ଼ିବାକୁ ପଡୁଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଏହି ଯୋଜନାରେ ସହାୟତା ଦେବାକୁ ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଲେ, ଏନ୍‌ଏଫ୍‌ବିଏସ୍‌ରେ ୬୦ ହଜାର ଟଙ୍କାରୁ କମ୍ ରୋଜଗାର ଥିବା ଗରିବ ପରିବାରକୁ ଏହି ସହାୟତା ମିଳୁଛି। ଡିବିଟି ମାଧ୍ୟମରେ ଟଙ୍କା ଦିଆଯାଉଛି। କୌଣସି ସ୍ଥାନକୁ ଦୌଡ଼ିବାକୁ ପଡୁନାହିଁ। ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର, ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଅତିରିକ୍ତ ପ୍ରଶ୍ନରେ ଆଦିବାସୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ କେଉଁ ପଦ୍ଧତିରେ ଆବେଦନ କରିବାକୁ ହେବ ପଚାରିଥିଲେ। ମନ୍ତ୍ରୀ କହିଲେ, ଏଥିପାଇଁ ମୋବାଇଲ ଫୋନରେ ମଧ୍ୟ ଆବେଦନ କରିହେବ।

# ୫-ଟି ନାଁରେ ହରିଲୁଟ ଚାଲିଛି: ବିରୋଧୀ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)



**ସ୍କୁଲ ରୂପାନ୍ତରଣ**

- ମୁଲତବୀ ଆଲୋଚନା
- ସ୍କୁଲର ଭିତ୍ତିଭୂମି ପାଇଁ ୩୧୯ କୋଟି ୧୬ ଲକ୍ଷ ୫୮ ହଜାର ମଞ୍ଜୁର: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷ ତ୍ୟାଗ

ପୁରୁଣା ସ୍କୁଲ ଘରେ ରଙ୍ଗ ମାରି ବିଜେଡି ଲୋକ କୋଟି କୋଟି ଟଙ୍କା ହଡ଼ପ କରୁଛନ୍ତି। ସ୍କୁଲ ଶିକ୍ଷାର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। କୌଣସି ଟେଣ୍ଡର କରାଯାଉ ନାହିଁ। ୫-ଟି ନାଁରେ ହରିଲୁଟ ଚାଲିଛି। କାମ ହେବାର ଅଳ୍ପ ଦିନ ମଧ୍ୟରେ ସ୍କୁଲ ଘର, ପାଚେରି ଭୁଶୁଡ଼ି ପଡ଼ିଛି। ଉପର ଚକଚକିଆ ହେଉଥିବା ବେଳେ ଭିତର ଫମ୍ପା। ସ୍କୁଲରେ ଶିକ୍ଷକ ନାହାନ୍ତି। ଗୋଟିଏ ଗୋଟିଏ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। କେବଳ ଯୋଜନା କଲେ ହେବ ନାହିଁ। ଶିକ୍ଷକ ନିଯୁକ୍ତି କରିବା ସହ ଗୁଣାତ୍ମକ ଶିକ୍ଷା ଦେବା ଦରକାର। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ଘେରିଛନ୍ତି।

'ଗୁଣାତ୍ମକମାନ ନାହିଁ...ଭିତ୍ତିଭୂମି ଫମ୍ପା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ସରକାରଙ୍କର କୌଣସି ଶିକ୍ଷାନୀତି ନାହିଁ। ଗୁଣାତ୍ମକ ଶିକ୍ଷା ଆସିବ କେଉଁଠୁ। ସ୍କୁଲରେ ଯେଉଁ ସାମଗ୍ରୀ ଲଗାଯାଇଛି ସେଥିରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରିହେଉଛି। ଗୋଟିଏ ଗୋଟିଏ ସ୍କୁଲରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାକୁ ଟେଣ୍ଡର କରା ନ ଯାଇ ବିଜେଡି ଲୋକଙ୍କୁ ଠିକାଦାରି ଦିଆଯାଉଛି। ଭଲ କଣ୍ଟ୍ରାକ୍ଟରଙ୍କୁ କାମ ନ ଦେଲେ ଗୋଟିଏ କାଳବୈଶାଖୀରେ ସବୁ ଉଡ଼ିଯିବ। ୟୁନେସ୍କୋ ରିପୋର୍ଟ ଅନୁସାରେ ରାଜ୍ୟରେ ୨ ଲକ୍ଷ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୩ ହଜାର ସ୍କୁଲରେ ଜଣେ ଶିକ୍ଷକ ରହିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ସଂଖ୍ୟା ବଢ଼ୁଛି। ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ କହିଲେ, ରାଜ୍ୟର ସଂଖ୍ୟାଧିକ ଲୋକ ମୂର୍ଖ ହୋଇଗଲେ ବିଜେଡିକୁ ଫାଇଦା ହେବ। ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭଶୁଡ଼ି ପଡିଛି। ଗୁଣାତ୍ମକ ଶିକ୍ଷା ଦେବା ସରକାରଙ୍କ ଇଚ୍ଛାଶକ୍ତି ନାହିଁ। ଅନେକ ସ୍କୁଲରେ ପାଚେରି ନାହିଁ। ଶିକ୍ଷକ ନାହାନ୍ତି।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଲେ, ଅନେକ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାନ୍ତି। କୋରାପୁଟ ଜିଲାର ୮୫ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ, ୭୭୦ ସ୍କୁଲରେ ୨ ଜଣ ଲେଖା ଶିକ୍ଷକ ଅଛନ୍ତି। ରଙ୍ଗ ମାରିଦେଲେ ଶିକ୍ଷା ବଢ଼ିବ ନାହିଁ। ରଙ୍ଗଦିଆ ୫-ଟି ଚାଲିଛି। ଲୋକଙ୍କ ଟିକସ ପଇସା କୋଟି କୋଟି ଟଙ୍କା ବିଜେଡି ଲୋକ ହଡପ କରୁଛନ୍ତି। ୬୧,୮୦୦ ଖାଲି ପଦବୀରୁ ୬ ହଜାର ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ବାଣ୍ଟିବା ଇତିହାସରେ କେବେ ନ ଥିଲା। ୫-ଟି ନାଁରେ ହରିଲୁଟ ଚାଲିଛି। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ କହିଲେ, ୯୦୪ ସରକାରୀ ସ୍କୁଲରେ ପ୍ରଧାନ ଶିକ୍ଷକ ନାହାନ୍ତି। ୧୨୮୬୭ ସ୍କୁଲରେ ଶିକ୍ଷକ ନାହାନ୍ତି। ୬୦୩୮ ଅଣଶିକ୍ଷକ ପଦବୀ ଖାଲିପଡ଼ିଛି। ଭୁବନେଶ୍ୱରରେ ଡ୍ରପ୍‌ଆଉଟ ହେଉନାହିଁ। କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁରରେ ଡ୍ରପ୍‌ଆଉଟ ହେଉଛି। ବିଜେଡି ସଭ୍ୟ ଅମର ଶତପଥୀ, ଧ୍ରୁବ ଚରଣ ସାହୁ, ଦେବେଶ ଆଚାର୍ଯ୍ୟ ପ୍ରମୁଖ ମୁଲତବୀ ପ୍ରସ୍ତାବକୁ ବିରୋଧ କରି କହିଲେ ଯେ ସ୍କୁଲ ରୂପାନ୍ତରଣ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ପିଲାଙ୍କ ପାଇଁ ଏକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇଛି। ପିଲାମାନେ କିପରି ଭଲ ପଢ଼ିବେ ସେଥିପାଇଁ ସୁଯୋଗ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଉତ୍ତରରେ କହିଲେ, ସ୍କୁଲ ଭିତ୍ତିଭୂମିର ବିକାଶ ଓ ଉନ୍ନତୀକରଣ କରିବା ପାଇଁ ସରକାରୀ ସ୍କୁଲରେ ୩,୧୨,୪୮୨ ବିଭିନ୍ନ ସଂରଚନା ଭିତ୍ତିଭୂମି ନିମନ୍ତେ ୬୨୬୭ କୋଟି ୩୮ ଲକ୍ଷ ୫୭ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୧୨,୪୬୬ ସ୍କୁଲର ଭିତ୍ତିଭୂମି ନିମନ୍ତେ ୩୧୯ କୋଟି ୧୬ ଲକ୍ଷ ୫୮ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ (ଓମ୍ବାଡସି) ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ସମସ୍ତ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଗୁଣାତ୍ମକ ଶିକ୍ଷା ପାଇଁ ୯୨୫ କୋଟି ୧୫ ଲକ୍ଷ ଟଙ୍କାର ଟେଣ୍ଡର ଅନୁମୋଦନ କରାଯାଇଛି। ରାଜ୍ୟରେ ଏବେ ସୁଦ୍ଧା ୪,୫୩୬ଟି ହାଇସ୍କୁଲକୁ ରୂପାନ୍ତରଣ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି। ସେଥିରୁ ୨୪ଟି ଜିଲାର ୩,୦୫୧ ହାଇସ୍କୁଲକୁ ମୋ ସ୍କୁଲ ଯୋଜନାରେ ୧୪୨୮ କୋଟି ବ୍ୟୟ ବରାଦ କରାଯାଇଛି। ରାଜ୍ୟ ସରକାର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ୧୭ଟି ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲରେ ଡିଜିଟାଲ ଲାଇବ୍ରେରି ସୁବିଧା ପାଇଁ ସ୍କୁଲ ପିଛା ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ୩୩୫ ଶିକ୍ଷକ ପଦବୀ ପୂରଣ ପାଇଁ ଚୟନ ପ୍ରକ୍ରିୟା ଚାଲୁ ରହିଛି। ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ବିଭିନ୍ନ ଉପକରଣ କ୍ରୟ ପାଇଁ ୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ୧ କୋଟି ୪୮ ଲକ୍ଷ ୭୧ ହଜାର ପ୍ରଦାନ କରାଯାଇଛି। ଶିକ୍ଷା ନୀତିର ଆଧାର ହେଉଛି ଆତ୍ମନୋ ମୋକ୍ଷାର୍ଥମ୍ ଜଗତ ହିତାୟ ଚ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷଛାଡ଼ି ଚାଲି ଯାଇଥିଲେ।

## ୨୦୨୩ ସେପ୍ଟେମ୍ବରରେ ଶେଷ ହେବ ଲଖନପୁର ଗ୍ରୀଡ୍ ଷ୍ଟେଶନ କାର୍ଯ୍ୟ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଝାରସୁଗୁଡ଼ା ଜିଲାର ଲଖନପୁରଠାରେ ଓପିଟିସିଏଲ୍ ଦ୍ୱାରା ନିର୍ମିତ ୧୩୨/୩୩ କେ.ଭି. ଗ୍ରୀଡ୍ ଷ୍ଟେଶନ ନିର୍ମାଣ ଆସନ୍ତା ସେପ୍ଟେମ୍ବର ୨୦୨୩ ସୁଦ୍ଧା ଶେଷ ହେବ। ଏଥିସହିତ ସଂଲଗ୍ନ ୧୩୨ କେ.ଭି. ଲାଇନ ନିମନ୍ତେ ଆବଶ୍ୟକ ୭୪ଟି ଟାୱାର ମଧ୍ୟରୁ ୭୦ଟିର କାମ ଶେଷ ହୋଇଛି। ଅବଶିଷ୍ଟ ୪ଟି କାମ ଜଙ୍ଗଲ ମଧ୍ୟରେ ଆସୁଥିବାରୁ ବନ ବିଭାଗର ଅନୁମତି ପାଇଁ ଆବେଦନ କରାଯାଇଛି। ଅନୁମୋଦନ ମିଳିବା ପରେ ଏହାର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ବିଜେଡି ସଭ୍ୟ ଅଳକା ମହାନ୍ତିଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

## ଆଇଓସିଏଲ୍ ପାଇଁ ଧାମନଗର ଟେକ୍ସଟାଇଲ ପାର୍କ ବିଳମ୍ବ ହେଉଛି: ମନ୍ତ୍ରୀ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ହେଉଥିବା ଟେକ୍ସଟାଇଲ ପାର୍କ ପାଇଁ ୨୦୦୦ କୋଟି ବ୍ୟୟ ଅଟକଳ ହୋଇଥିଲା। ତାହା ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ବ୍ୟୟ କରି ସାରିଲେଣି। ଆଇଓସିଏଲ ପାଇଁ ପ୍ରକଳ୍ପ ବିଳମ୍ବ ହେଉଛି। କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଉକ୍ତ ସଂସ୍ଥାର ବୋର୍ଡ ବୈଠକରେ ପ୍ରକଳ୍ପ ନେଇ ମଞ୍ଜୁରୀ ମିଳି ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନାହିଁ। ଶୁକ୍ରବାର ବିଧାନସଭାରେ ଏମଏସଏମଇ ମନ୍ତ୍ରୀ ପ୍ରତାପ ଦେବ ଶୁକ୍ରବାର ପ୍ରଶ୍ନକାଳରେ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନ ଓ ବିରୋଧୀ ଦଳର ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି।

# ପିଏମ୍‌ଏୱାଇକୁ ନେଇ ମୁହାଁମୁହିଁ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)କୁ ନେଇ କଂଗ୍ରେସ, ଭାଜପା ଓ ଶାସକ ସଭ୍ୟ ମୁହାଁମୁହିଁ ହୋଇଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ରାଜ୍ୟରେ ୧୨ ଲକ୍ଷ ଲୋକଙ୍କର ଘର ନାହିଁ। ରାଜ୍ୟ ସରକାର ୧୪ ଲକ୍ଷ ଲୋକଙ୍କୁ ଘର ଯୋଗାଇ ଦେବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଆଉ ଥରେ ସର୍ଭେ କରି ୧୨ ଲକ୍ଷ ଲୋକଙ୍କୁ ଘର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ଲୋକଙ୍କୁ ଘର ମିଳିପାରିଲା ନାହିଁ। ବିଜେଡି-ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଭାଜପା ପ୍ରାର୍ଥୀଙ୍କୁ ବିଜେଡି ରାଜ୍ୟସଭାକୁ ପଠାଇଲା। କେନ୍ଦ୍ରରେ ଉଭୟ ଦଳ କୋଳାକୋଳି। ତେବେ ଘର ନ ଥିବା ଲୋକମାନଙ୍କୁ କେବେ ସୁଦ୍ଧା ଘର ଦିଆଯିବ ସେ ନେଇ ନିର୍ଦ୍ଦେଶ ଦେବାକୁ ତାରା ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ୧୨ ଲକ୍ଷ ଲୋକ ଫନୀରେ ପ୍ରଭାବିତ ହୋଇଥିଲେ। ଏ ପର୍ଯ୍ୟନ୍ତ ସେମାନଙ୍କୁ ଘର ମିଳିଲା ନାହିଁ। ଘର ମୂଲ୍ୟ ବଢ଼ି ଚାଲିଛି। କେବେ ସୁଦ୍ଧା ମିଳିବ। ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ, ରାଜ୍ୟକୁ ଯୋଗାଇ ଦିଆଯାଇଥିବା ଘର ୮ ଲକ୍ଷ ୧୭ ହଜାର ପରିବାର ଏ ପର୍ଯ୍ୟନ୍ତ ପାଇପାରିନାହାନ୍ତି। ରାଜ୍ୟ ସରକାର ଏହାକୁ ବାଣ୍ଟି ପାରୁନାହାନ୍ତି। କେନ୍ଦ୍ର ସରକାର ଯେଉଁ ଘର ଯୋଗାଉଛନ୍ତି, ରାଜ୍ୟ ସରକାର ସେସବୁକୁ ବାଣ୍ଟନ୍ତୁ। କେନ୍ଦ୍ର ସରକାର ଆହୁରି ୧୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଦେଉ ନ ଥିବା କହି ଗୃହକୁ ବିଭ୍ରାନ୍ତ କରା ନ ଯାଉ। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, କେନ୍ଦ୍ର ସରକାର ଗତବର୍ଷ ନିଜ ଅଂଶଧନ ଠିକ୍ ସମୟରେ ନ ଦେବାରୁ ଗୃହ ଆବଣ୍ଟନ ହୋଇପାରି ନ ଥିଲା।

# ନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଗୃହୀତ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ନିର୍ମାଣ ବିଭାଗର ୮୬୭୩୨୧୦୭ ଟଙ୍କା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମୋଟ ୬୯୫୫୧୩୫୪୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାରେ ଶୁକ୍ରବାର ଗୃହୀତ ହୋଇଛି। ଅପରାହ୍ନରେ ଖର୍ଚ୍ଚ ଦାବି ଆଲୋଚନା ବେଳେ ଭାଜପା ସଭ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, ଗଣେଶ ରାମ ଖୁଣ୍ଟିଆ ପ୍ରମୁଖ ରାଜ୍ୟର ରାଜପଥରେ ହେଉଥିବା ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାରେ ସରକାର ବିଫଳ ହେଉଥିବା କହିଛନ୍ତି। ରାଜ୍ୟରେ ରେଲୱେ ବ୍ରିଜ୍ ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବାରୁ ବିପଦ ବଢ଼ୁଛି। ବାରମ୍ବାର ଦାବି ସତ୍ତ୍ୱେ ଆର୍‌ଡି ବିଭାଗରୁ ନିର୍ମାଣ ବିଭାଗକୁ ରାସ୍ତା ହସ୍ତାନ୍ତର ହେଉ ନାହିଁ। ନିର୍ଦ୍ଧାରିତ ସମୟସୀମାରେ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଶେଷ ହେଉ ନାହିଁ ବୋଲି ଅଭିଯୋଗ କରିଥିଲେ। ବଜେଟ ଆଲୋଚନାରେ ବିଧାୟକ ତାରା ବାହିନୀପତି, ରାଜକିଶୋର ଦାସ, ପ୍ରଫୁଲ୍ଲ ସାମଲ, ସନ୍ତୋଷ ସିଂ ସାଲୁଜା , ରାଜେନ୍ଦ୍ର ସାହୁ, ସୁରେଶ କୁମାର ରାଉତରାୟ, ପ୍ରଣବ ବଳବନ୍ତ ରାୟ, ଅଶୋକ କୁମାର ବଳ, ମକରନ୍ଦ ମୁଦୁଲି ପ୍ରମୁଖ ଭାଗ ନେଇଥିଲେ।

# ୧୦ ବର୍ଷରେ ହୋଇଛି ୧୩୨ ବୃହତ୍, ମଧ୍ୟମ ଶିଳ୍ପ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଅନୁମୋଦନ ନେଇ ଅଦ୍ୟାବଧି ଶିଳ୍ପର ବିଭିନ୍ନ କ୍ଷେତ୍ରରେ ୭୭ ବୃହତ୍ ପ୍ରକଳ୍ପ ସ୍ଥାପନ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏହା ମାଧ୍ୟମରେ ୬୮,୯୬୦.୯୫ କୋଟି ଟଙ୍କାର ପୁଞ୍ଜିନିବେଶର ଆକଳନ କରାଯାଇଛି। ସେହିପରି ଗତ ୧୦ ବର୍ଷ ଭିତରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ୫୫ ମଧ୍ୟମ ଶିଳ୍ପାନୁଷ୍ଠାନ ସ୍ଥାପନ ହୋଇ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି।

ବିଧାୟକ ଶଙ୍କର ଓରାମ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦେବ କହିଛନ୍ତି, ଉକ୍ତ ୫୫ ମଧ୍ୟମ ଶିଳ୍ପାନୁଷ୍ଠାନ ମାଧ୍ୟମରେ ୬୬୬.୭୨ କୋଟିଟଙ୍କାର ପୁଞ୍ଜିନିବେଶର ଆକଳନ କରାଯାଇଛି। ଉପରୋକ୍ତ ୭୭ଟି ବୃହତ୍ ଶିଳ୍ପ ପ୍ରକଳ୍ପ ମଧ୍ୟରୁ ସୁନ୍ଦରଗଡ଼ ଜିଲାରେ ରାଉରକେଲା ତଥା ତାହାର ନିକଟବର୍ତ୍ତୀ ଅଞ୍ଚଳରେ ୧୯ ବୃହତ୍ ଶିଳ୍ପ ସ୍ଥାପନ ହୋଇ କାର୍ଯ୍ୟକ୍ଷମ ହୋଇଛି। ଏହି ୧୯ ବୃହତ୍ ଶିଳ୍ପରେ ୧୦,୨୧୮ ଜଣ କର୍ମନିଯୁକ୍ତିର ସମ୍ଭାବନା ରହିଛି। ୫୫ ମଧ୍ୟମ ଶିଳ୍ପାନୁଷ୍ଠାନ ମଧ୍ୟରୁ ସୁନ୍ଦରଗଡ଼ ଜିଲାର ରାଉରକେଲାରେ ୨ଟି ମଧ୍ୟମ ଶିଳ୍ପାନୁଷ୍ଠାନ ସ୍ଥାପନ ହୋଇ ୨୨.୯୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯାଇଛି। ରାଉରକେଲାରେ ସ୍ଥାପିତ ଶିଳ୍ପାନୁଷ୍ଠାନରେ ୧୦୨ ଜଣ ସ୍ଥାନୀୟ ଯୁବତୀଯୁବକ କର୍ମନିଯୁକ୍ତି ପାଇଛନ୍ତି। ରାଉରକେଲା ଇସ୍ପାତ କାରଖାନା ଭାରତ ସରକାରଙ୍କ ଅଧୀନ ଏକ ଉଦ୍ୟୋଗ। ଏହାର ଶ୍ରମିକ ନିଯୁକ୍ତି ପ୍ରକ୍ରିୟା କାରଖାନାର ନିଜସ୍ୱ ପରିଚାଳନାଗତ କାର୍ଯ୍ୟ ହୋଇଥିବାରୁ ଉକ୍ତ କାର୍ଯ୍ୟରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ବ୍ୟୟ ତୁଳନାରେ ଶିଳ୍ପାଞ୍ଚଳରୁ ଆଦାୟ ଭଲ ନାହିଁ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଇଡ୍‌କୋ ମାଧ୍ୟମରେ ୨୮ ଜିଲାରେ ୧୦,୯୯୬.୨୬୮ ଏକର ଜମିରେ ଶିଳ୍ପ ପ୍ରତିଷ୍ଠା ଲାଗି ୧୨୦ ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇଛି। ବିଭିନ୍ନ ଶିଳ୍ପାଞ୍ଚଳରେ ୨୦୧୪-୧୫ରୁ ୨୦୨୦-୨୧ ବର୍ଷ ମଧ୍ୟରେ ଶିଳ୍ପାଞ୍ଚଳ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ କ୍ଷେତ୍ର ଓ ଅଭିବୃଦ୍ଧି ଲାଗି ବହୁ ଅର୍ଥ ବ୍ୟୟ କରାଯାଇଛି। ହେଲେ ସେହି ତୁଳନାରେ ଦେଖିଲେ ୨୦୧୪-୧୫ରୁ ୨୦୨୦-୨୧ ବର୍ଷ ମଧ୍ୟରେ ଶିଳ୍ପାଞ୍ଚଳରେ ସ୍ଥାପନ ହୋଇଥିବା ଶିଳ୍ପସଂସ୍ଥାଠାରୁ ବିଭିନ୍ନ ବାବଦରେ ସେମିତି କିଛି ଆଖିଦୃଶିଆ ଆଦାୟ କରାଯାଇପାରି ନାହିଁ ବୋଲି ମନ୍ତ୍ରୀ ଦେବ କହିଛନ୍ତି। ବିଧାୟକ ନାଉରି ନାଏକ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦେବ କହିଛନ୍ତି, ପ୍ରତିଷ୍ଠିତ ୧୨୦ ଶିଳ୍ପାଞ୍ଚଳରେ ମୋଟ ୬୩୩୩ ଗୋଟି ଶିଳ୍ପସଂସ୍ଥାକୁ ୬୪୯୦.୬୩୮ ଏକର ଜମି ଓ ଶେଡ୍ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୩୦୭୧ ଶିଳ୍ପସଂସ୍ଥା ଚାଲୁଅଛି। ୪୨୦ ବନ୍ଦ ରହିଥିବା ବେଳେ ୫୧୪ ଶିଳ୍ପସଂସ୍ଥାର ଆବଣ୍ଟନ ରଦ୍ଦ କରିଦିଆଯାଇଛି। ଶିଳ୍ପାଞ୍ଚଳରେ ଖାଲିଥିବା ଜାଗାକୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆଶାୟୀ ଶିଳ୍ପୋଦ୍ୟୋଗୀମାନଙ୍କ ପ୍ରସ୍ତାବ ଜିଲା ଶିଳ୍ପ କେନ୍ଦ୍ର ଅନୁମୋଦନ ପରେ ଇଡ୍‌କୋ ତରଫରୁ ଖାଲିଥିବା ଜମି ଆବଣ୍ଟନ ଲାଗି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉଦ୍ୟୋଗ ସଂଖ୍ୟା ଜଣାଅଛି, ହେଲେ ଆର୍ଥିକ ଅବସ୍ଥାର ତଥ୍ୟ ନାହିଁ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

୨୦୨୧-୨୨ ସୁଦ୍ଧା ଏବେ ରାଜ୍ୟରେ ୫,୩୫,୯୧୩ ସୂକ୍ଷ୍ମ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ହୋଇଛି। ଏହାଦ୍ୱାରା ମୋଟ ୧୯,୩୪,୮୯୩ଜଣଙ୍କ ଲାଗି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ଉଦ୍ୟୋଗଗୁଡିକ ମୋଟ ୨୫,୬୫୫୯୦.୨୯ ଲକ୍ଷ ଟଙ୍କା ବିନିଯୋଗ କରିଥିବା ଏମ୍‌ଏସଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି। ହେଲେ ଏହି ସଂସ୍ଥାଗୁଡିକ ଲାଭରେ ଚାଲିଛି ନା କ୍ଷତିରେ ସେକଥା ସରକାର ଜାଣିନାହାନ୍ତି।

ବିଧାୟକ ଧ୍ରୁବଚରଣ ସାହୁ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ଗତ ୫ ବର୍ଷରେ ଉକ୍ତ ଉଦ୍ୟୋଗଗୁଡିକର ବାର୍ଷିକ କାରବାର ସମ୍ପର୍କରେ ସରକାରଙ୍କ ପାଖରେ ହିସାବ ନାହିଁ। ହେଲେ ରାଜ୍ୟ ସରକାର ଏହି ଉଦ୍ୟୋଗ ଗୁଡ଼ିକୁ ୪ ପ୍ରକାର ସୁବିଧା ଯୋଗାଇଦେଉଥିବା କହିଛନ୍ତି। ଶିଳ୍ପ ନୀତି, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ବିକାଶ ନୀତି, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି, ଓଡ଼ିଶା ଷ୍ଟାର୍ଟଅପ୍ ନୀତିରେ ଉଦ୍ୟୋଗଗୁଡିକ ସକାଶେ ବିଭିନ୍ନ ପ୍ରକାର ଅନୁଦାନ ରାଶିର ସୁବିଧା ଉପଲବ୍ଧ ଥିବା ଜଣାଇଛନ୍ତି। ଏହାଛଡା ସରକାରଙ୍କ ତରଫରୁ ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇ ଦେବା ଲାଗି ଶିଳ୍ପ ସଚେତନତା ଶିବିର, ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମ, ଏକକ ବାତାୟନ ମାଧ୍ୟମରେ ପ୍ରୋଜେକ୍ଟ ଅନୁମୋଦନ ଇତ୍ୟାଦି ବ୍ୟବସ୍ଥାଗୁଡିକ ଜିଲାସ୍ତରରେ ନିୟମିତ ଭାବେ କାର୍ଯ୍ୟକାରୀ କରାଯାଉଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟ ନେଇ କୋରାପୁଟରେ ପ୍ରତିକ୍ରିୟା

**କୋଟିଆ ବିବାଦ**

**କୋରାପୁଟ, ୧୫।୭(ସ୍ୱ.ପ୍ର):** କୋରାପୁଟ ଜିଲାର କୋଟିଆ ପ୍ରସଙ୍ଗରେ ଗୁରୁବାର ରାଜ୍ୟ ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଦେଇଥିବା ମନ୍ତବ୍ୟକୁ ନେଇ କୋରାପୁଟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରମିଳା କୋଟିଆରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ, ଖର୍ଚ୍ଚ ଏବଂ ଆନ୍ଧ୍ରର ଅନୁପ୍ରବେଶ ସମ୍ପର୍କରେ ଜାଣି ନ ଥିବା ଓ ସରକାର ବର୍ତ୍ତମାନ ତଥ୍ୟ ସଂଗ୍ରହ କରୁଥିବା କହିବା ପରେ ଏନେଇ କୋରାପୁଟରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ କିଛି ଦିନ ତଳେ ସଞ୍ଜୀବ ପଣ୍ଡାଙ୍କୁ ରାଜ୍ୟ ସରକାର କୋଟିଆ ବିଷୟରେ ଅନୁଧ୍ୟାନ କରିବାକୁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଭାବେ ନିଯୁକ୍ତି କରିଥିଲେ । ଇତି ମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମଧ୍ୟ କୋଟିଆ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ଏଥିସହିତ କୋରାପୁଟ ଜିଲାପାଳ, ଦକ୍ଷିଣାଞ୍ଚଳ ଆରଡିସି ମଧ୍ୟ କୋଟିଆରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଏପରିସ୍ଥଳେ ସରକାରଙ୍କ ପାଖରେ କୋଟିଆର ବିକାଶ ସମ୍ପର୍କରେ ତଥ୍ୟ ନ ଥିବା ୫-ଟି ସରକାରଙ୍କ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କୋରାପୁଟର ବରିଷ୍ଠ ଆଇନଜୀବୀ ଅଜିତ ପାତ୍ର କହିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟ କରି କୋଟିଆକୁ ଆଲୋଚନାର ଶୀର୍ଷରେ ରଖିଥିବା ଗଣମାଧ୍ୟମ ପ୍ରତି ଏହା ଅପମାନ ବୋଲି କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର କହିଛନ୍ତି।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱ ସମ୍ପଦମଣି ନାୟକ
ସ୍ୱାମୀ-ସ୍ୱ ମଧୁସୂଦନ ନାୟକ
ଗ୍ରାମ-ବୁଡ଼ଙ୍ଗ, ପୋ-ଦୋଳସାହି, ଜି-ଭଦ୍ରକ
ଆବିର୍ଭାବ - ୧୮.୧୧.୧୯୩୨
ତିରୋଧାନ - ୧୬.୦୭.୨୦୧୨

ଦେଖୁ ଦେଖୁ ଦଶବର୍ଷ ବିତିଗଲା ଆମକୁ ଛାଡ଼ି ଚାଲିଯିବାର। ସେହି ସ୍ନେହ ଆଉ ସମସ୍ତଙ୍କୁ ଭଲ ପାଇବା ଆଜି ଘର ଭିତରେ ପ୍ରତିଧ୍ୱନିତ ହେଉଛି। ସମ୍ପଦ-ମଧୁ ଭବନ ଝୁରୁଛି, ଝୁରୁଥିବ ସବୁଦିନ ପାଇଁ।

-: ଶୋକସନ୍ତପ୍ତ :-
ଅଜୟ, ଅକ୍ଷୟ, ଅଭୟ, ଅଶୋକ, ଅମୀୟ, ପ୍ରଫୁଲ୍ଲ, ରତ୍ନାକର, କମଳିନୀ, ଶାନ୍ତି, ବାସନ୍ତୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

ଧ-୧୦୧୨

**STATE POLLUTION CONTROL BOARD, ODISHA**
[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit- VIII, Bhubaneswar - 751012, INDIA,
EPABX:2653800/2653800
E-mail:paribesh1@ospcboard.org, Website: www.ospcboard.org
No.12353/ I.Estt.(Misc)/110/2012, Date:15.07.2022

**CORRIGENDUM**

The shortlisted candidates notified vide this office Notice No - 12057 dtd. 11.07.2022 for certificate verification and viva-voce test to determine their eligibility and suitability for the recruitment for the post of Assistant Environmental Engineer.

The shortlisted candidate (SC Women category) bearing ID No. OSPCB0001303 is to be inserted in place of ID No OSPCB0002424 for the date of 18.07.2022 for certificate verfication and viva-voce test.

**PROGRAMME OF DOCUMENT VERIFICATION / VIVA-VOCE TEST FOR THE POST OF ASST. ENV. ENGINEER.**

| Sl. No. | Date | Reporting Time | ID numbers of candidates |
|---|---|---|---|
| 01 | 18.07.2022 | 9.00 AM | OSPCB0001303 |

Others shortlisted datewise ID nos. for certificate verfication and viva- voce test in the aforesaid notice vide No. 12057 dtd. 11.07.2022 will remain unaltered.

**By order of Chairman**
**Sd./- Member Secretary**

**e-Procurment Notice for Road Works Identification No. 03/SERW/BLS/2022-23**

**No. O-661:**1. Name of the Work : Roads. 2. Total No. of Works: 8 Nos. 3. Estimated Cost: Estimated Cost Rs.8.85 Lakh to 39.78 Lakh. 4. Class of Contractor: D', 'C' & 'B' Class. 5. Time of Completion: 1 Month (One Calendar Month). 6. Other details:

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division: Balasore | 03/ SERW/ BLS/2022-23 | 18.07.2022 at 11.00 AM | 26.07.2022 upto 5.00 PM | 26.07.2022 upto 1.00 PM | 27.07.2022 at 11.00 P.M. |

Further details can be seen from the website : www.tendersodisha.gov.in.
**Sd./- Superintending Engineer, R.W.Division, Balasore**
OIPR-25108/11/0004/2223

ଅନୁବାଦ ଗଳ୍ପ

# ମଶାଣି

ମୂଳ ହିନ୍ଦୀ: ମନ୍ନୁ ଭଣ୍ଡାରୀ
ଅନୁବାଦ: କୃଷ୍ଣା ମିଶ୍ର

ସମୟ ରାତି ଦଶଟା। ମଶାଣିର ଗୋଟିଏ ପାଖରେ ଡମ ନିଶ୍ଚିନ୍ତରେ ଖଟ ଉପରେ ଗଡ଼ିଯାଇ କବୀରଙ୍କ ଦୋହା ଗାଇବା ଆରମ୍ଭ କଲା, 'ଯେହି ଘଟ ପ୍ରେମ ନ ସଞ୍ଚରେ ସୋଇ ଘଟ ଜାନ ମଶାନ।'

ମଶାଣିର ହୃଦୟ କୋହରେ ଭରିଗଲା। ଦୀର୍ଘନିଃଶ୍ୱାସ ନେଇ ପାର୍ଶ୍ୱରେ ଦଣ୍ଡାୟିତ ଶୃଙ୍ଗୀକୁ କହିଲା ସେ, ମୁଁ ମନୁଷ୍ୟକୁ ଯେତେ ଭଲପାଏ ସେ ମୋତେ ସେତିକି ଘୃଣା କରେ। ସବୁ ମନୁଷ୍ୟ ଚାହାନ୍ତି ଯେ, ମୋ' ମୁଖ ଦେଖିବାକୁ ନ ପଡୁ। କିନ୍ତୁ ମୁଁ ଏତେ ଖରାପ ନୁହେଁ। ଏଇ ଦୁନିଆରେ ଯେବେ ମଣିଷକୁ ଦିନେ ସ୍ଥାନ ମିଳେ ନାହିଁ, ମୁଁ ମୋ' କୋଳରେ ସ୍ଥାନ ଦିଏ। ସିଏ ଗରିବ ହେଉ କି ଧନୀ, ବୃଦ୍ଧ ହେଉ ଅବା ବାଳକ, ମୁଁ ସଭିଙ୍କୁ ସମାନ ଦୃଷ୍ଟିରେ ଦେଖେ। କିନ୍ତୁ ମୋ' ପାଖରେ ପ୍ରେମ ନାହିଁ, ଯାହା ମନୁଷ୍ୟର ସବୁଠାରୁ ବଡ଼ ସମ୍ପତ୍ତି। ମୋ' ହୃଦୟରେ ଭଲ ପାଇବାର ପ୍ରଦୀପଟି ଜଳେନା। ତେଣୁ ମୁଁ ମନୁଷ୍ୟ ହୃଦୟରେ ମୋ' ପାଇଁ ଛୋଟ ସ୍ଥାନଟିଏ ପ୍ରାପ୍ତ କରିପାରେନା। କେଜାଣି କାହିଁକି ଭଗବାନ ମୋ' ସହିତ ଏପରି ଅନ୍ୟାୟ କଲେ?

ସହର ଆଉ ମଶାଣି ମଝିରେ ଠିଆ ଶୃଙ୍ଗୀ ଟିକିଏ ହସିଲା। ତା'ର ଏଇ ବ୍ୟଙ୍ଗାତ୍ମକ ହସ ମଶାଣିର ହୃଦୟ ଭେଦକଲା। ପଚାରିଲା- ତୁମର ଇଚ୍ଛା ହୁଏନି କି, ତୁମ ପାଖରେ ମନୁଷ୍ୟ ପରି ପ୍ରେମପୂର୍ଣ୍ଣ ହୃଦୟ ଥା'ନ୍ତା, ଯେଉଁଥିରେ ନିଜ ପ୍ରିୟଜନଙ୍କ ପାଇଁ ଜୀବନ ଦେବାର ଇଚ୍ଛାରେ ମନ ଚହଲି ଯାଆନ୍ତା! ଅନେକ ସମୟରେ ପବନ ବହିଯାଇ ଲୈଲା-ମଜନୁ, ଶୀରୀ-ଫରହାଦଙ୍କ ପ୍ରେମ କାହାଣୀ ମୋତେ ଶୁଣେଇଯାଏ ଆଉ ମୋ' ମନ ଛଟପଟ ହୋଇଉଠେ। ଯଦି ମୁଁ ମଜନୁ ହୁଅନ୍ତି, ଲୈଲାର ବିୟୋଗରେ ନିଜ ଜୀବନ ତ୍ୟାଗ କରନ୍ତି। ପ୍ରିୟାର ପ୍ରତୀକ୍ଷାରେ ପଥ ଚାହିଁ ବସି ରହନ୍ତି। ଶ୍ରାବଣର ବର୍ଷା ମୋ' ଅନ୍ତରରେ ଆବେଗ ସୃଷ୍ଟି କରନ୍ତା। ଆଉ ବସନ୍ତର ସୌମ୍ୟ ସନ୍ଧ୍ୟାରେ ମନ ମୋ' ଛଟପଟ ହୋଇଥା'ନ୍ତା। ପ୍ରିୟାର ଜୀବନରେ ମୋ' ଜୀବନ, ମୃତ୍ୟୁରେ ମୋ' ମୃତ୍ୟୁ ହୁଅନ୍ତା। କିନ୍ତୁ ମୋ' ଦୁର୍ଭାଗ୍ୟ। ଭଗବାନ ମୋତେ ମଶାଣି କଲେ, ଯାହା ହୃଦୟରେ ପ୍ରେମ ନାହିଁ, ସରସତା ନାହିଁ, କେବଳ ଧୁ ଧୁ ଉଠୁଥିବା ନିଆଁ।

ଥରେ ମଶାଣି ଆଉ ଥରେ ସହରକୁ ଦୃଷ୍ଟି ନିକ୍ଷେପ କରି ଶୃଙ୍ଗୀ କହିଲା- ବହୁତ ଇଚ୍ଛା ହେଉଛି ତୋ'ର ମନୁଷ୍ୟ ଜନ୍ମ ନେବାକୁ? ଶ୍ମଶାନ ଉତ୍ତର ଦେଲା, ଇଚ୍ଛା! ମନୁଷ୍ୟ ପରି ପ୍ରେମମୟ ଜୀବନ ପାଇବାକୁ, ମୁଁ ଏଇଭଳି ଶହେ ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ।

ଶୃଙ୍ଗୀ ସ୍ମିତହାସ୍ୟ କଲା।

ଏହି ସମୟରେ କୌଣସି ମନୁଷ୍ୟର କରୁଣ ରୋଦନ, ମଶାଣିର ଶୁଷ୍କ ହୃଦୟକୁ ବିଦାରିତ କଲା। ଛୋଟ ଭିଡ଼ଟିଏ ଏକ ଶବକୁ ନେଇ ଆସୁଥିଲା। ସେମାନଙ୍କ ମଧ୍ୟରୁ ଏକ ସୁନ୍ଦର ଯୁବକ ବାହୁନି କାନ୍ଦୁଥାଏ। ଶବଟି ଯୁବକର ପତ୍ନୀ। ସମସ୍ତ କ୍ରିୟା ଶେଷରେ ଲୋକେ ଅନେକ ବୁଝେଇ ଯୁବକଟିକୁ ନେଇଗଲେ।

ମଶାଣି ଭାବିଲା, କେତେ ଭଲ ପାଉଥିବ ସେ ତା' ପତ୍ନୀକୁ! ମୁଁ ଯଦି କାହାକୁ ଏମିତି ଭଲପାଆନ୍ତି! ତା' ପରଦିନ ଗୋଧୂଳି ସନ୍ଧ୍ୟାରେ ମଶାଣି ଦେଖିଲା- ସେଇ ଯୁବକଟି ଆସିଲା। ଗୋଟିଏ ରାତିରେ ଯେମିତି ସେ ବୁଢ଼ା ପାଲଟିଯାଇଛି। ତା' ଚେହେରାରୁ ଦିବ୍ୟ ସ୍ୱରୂପ ଯେମିତି ଉଭେଇ ଯାଇଛି। ସେ ପାଗଳ ପରି ପଡ଼ିଉଠି ପହଞ୍ଚିଲା, ପତ୍ନୀର ଅସ୍ଥି ସାଉଁଟିଲା। ଚକ୍ଷୁରୁ ତା' ନିରନ୍ତର ଅଶ୍ରୁ ବହି ଯାଉଥାଏ। ସେ ମୁଣ୍ଡ ବାଡ଼େଇ କାନ୍ଦିବାକୁ ଲାଗିଲା- ତୁମେ ମୋତେ ଛାଡ଼ି କୁଆଡ଼େ ଚାଲିଗଲ ସୁକେଶୀ? ତୁମେ କେତେ ଥର ରାଣ ନିୟମ କରି କହିଥିଲ, ଜୀବନସାରା ମୋ' ସାଥେ ସାଥେ ରହିବ। ମାତ୍ର ଦୁଇଟି ବର୍ଷ ନ ପୂରୁଣୁ ମୋତେ ଏକା କରି ଚାଲିଗଲ! ମୁଁ କେମିତି ବଞ୍ଚିବି ପ୍ରିୟେ! ତୁମେ ମୋତେ ନିଜ ପାଖକୁ ଡାକିନିଅ, ନ ହେଲେ ମୁଁ ନିଜେ ତୁମ ପାଖକୁ ଯିବାର ଉପାୟ କରିବି। ତୁମ ବିନା ମୋ' ଜୀବନ ଅସମ୍ଭବ। ଏହିପରି ବିଳାପ କରୁଥାଏ ଯୁବକ। ମଶାଣି ଭାବୁଥାଏ, ମୁଁ ମଧ୍ୟ କାହାକୁ ଜୀବନ ଦେଇ ଭଲପାଆନ୍ତି!

ପାର୍ଶ୍ୱରେ ଥାଇ ଶୃଙ୍ଗୀ ସ୍ମିତହାସ୍ୟ ଦେଉଥାଏ। ଯୁବକଟି ତ ଚାଲିଗଲା, କିନ୍ତୁ ତା' ଆଖିର ଲୁହ, ମଶାଣି ହୃଦୟକୁ ଜ୍ୱଳନ୍ତ ଅଂଗାର ପରି ଦଗ୍ଧିଭୂତ କଲା। ସେ ଶୃଙ୍ଗୀକୁ କହିଲା- ପ୍ରତ୍ୟହ ଅନେକ ବ୍ୟକ୍ତି ଶବ ଧରି ଆସନ୍ତି। କିନ୍ତୁ ଏଇ ଯୁବକଟିର ଦୁଃଖ ମୁଁ କେବେ ଭୁଲିପାରିବିନି। ସେ ଆଉ ବଞ୍ଚିବନି। ନିଶ୍ଚୟ ସେ ନିଜ ଜୀବନର ଆହୁତି ଦେଇଥିବ, ଆଉ ମୁଁ ମଧ ଚାହେଁ, ସେ ମୋ' କୋଳକୁ ଆସିଲେ ମୁଁ ଜନ୍ମ ଜନ୍ମ ପାଇଁ ଦୁହିଁଙ୍କ ମିଳନ କରାଇ ଦେବି।

ଦିନସାରା ସେ ଯୁବକର ଶବର ପ୍ରତୀକ୍ଷା କରିଥାଏ, କିନ୍ତୁ ଶବ ଆସିଲା ନାହିଁ। ଏହିଭଳି ଅନେକ ଦିନ ବିତିଗଲା। ମଶାଣି ଶୃଙ୍ଗୀକୁ ପଚାରିଲା, ତୁମକୁ ତ ସହରର କୋଣ ଅନୁକୋଣ ଦିଶୁଥିବ।



ସେ ଯୁବକଟି ସମ୍ବନ୍ଧରେ କହିପାରିବ କି?

ଶୃଙ୍ଗୀ ମୃଦୁ ହସି କହିଲା-ନା।

ମଶାଣି କହିଲା-ମୋ' ଅନ୍ତର କହୁଛି, ସେ ଯୁବକଟି ନିଶ୍ଚୟ ଆତ୍ମହତ୍ୟା କରିଥିବ। ଏମିତି କୌଣସି ଉପାୟରେ ନିଜକୁ ଶେଷ କରିଥିବ ଯେ, ତା' ଶବ କାହାକୁ ପ୍ରାପ୍ତ ହୋଇନାହିଁ।

ଶୃଙ୍ଗୀ ପଚାରିଲା- ତୁମକୁ ବିଶ୍ୱାସ ହେଉଛି କି ସେ ମୃତ୍ୟୁ ପ୍ରାପ୍ତ କରିଛି?

ମଶାଣି ଚିଡ଼ିଗଲା, ତୁମେ ତ ସମ୍ପୂର୍ଣ୍ଣ ପଥର ବୁଝିବ କିପରି? ଯାହା ହୃଦୟ ପ୍ରେମବାଣ ବିଦ୍ଧ, ସେ ବଞ୍ଚିବ କିପରି?

ଶୃଙ୍ଗୀ କେବଳ ହସିଲା। ଦିନ ପରେ ରାତି ବିତିଲା। ମଶାଣି କୋଳରେ ମନୁଷ୍ୟ ତା' ପ୍ରିୟଜନଙ୍କ ପାଇଁ ଲୁହ ବୁହାଇବା ଦେଖି ତା' ମନରେ ମନୁଷ୍ୟ ପ୍ରତି ଅଧିକ ଶ୍ରଦ୍ଧା ଜାତ ହେଲା। ଏହିଭଳି ତିନି ବର୍ଷ ଅତିକ୍ରମ ହେଲା। ଏତେ ଲମ୍ବା ସମୟରେ ମଧ୍ୟ ସେଇ ସୁନ୍ଦର ଯୁବକର ବ୍ୟଥା ଶ୍ମଶାନ ମନରୁ ପୋଛି ହୋଇଯାଇ ନାହିଁ। ସେଇ କରୁଣ ରୋଦନ, ଆଜି ବି ତା' କର୍ଣ୍ଣରେ ପ୍ରତିଧ୍ୱନିତ ହୁଏ।

ହଠାତ୍ କୌଣସି ଏକ ପରିଚିତ ସ୍ୱରର କରୁଣ କ୍ରନ୍ଦନରେ ମଶାଣିର ହୃଦୟ ଦୋହଲି ଉଠିଲା। ସେଇ ସୁନ୍ଦର ଯୁବକ, ଏକ ଛୋଟ ଭିଡ଼ ସହିତ ଗୋଟିଏ ଶବ ନେଇ ଆସୁଥାଏ। ତେବେ ଯୁବକଟି ଜୀବିତ! ଏ ଅଭାଗାଟିକୁ ପୁଣି କି ଦୁଃଖ ଦେଲେ ଭଗବାନ କେଜାଣି! ମଶାଣି ଭାବିଲା।

କିଛି ସମୟ ମଧ୍ୟରେ ଜଣାଗଲା ଯେ, ଶବଟି ତା'ର ପତ୍ନୀ। ଉପସ୍ଥିତ ଲୋକେ କହି ଚାଲିଥିଲେ, ବିଚରା ଭାଗ୍ୟରେ ପତ୍ନୀ ସୁଖ ନାହିଁ। ତେଣୁ ପାଞ୍ଚ ବର୍ଷ ମଧ୍ୟରେ ଦୁଇଟି ପତ୍ନୀ ତାକୁ ଏକାକରି ଚାଲିଗଲେ। ବର୍ତ୍ତମାନ ତା' ବୟସ ବା କେତେ?

ଏଥର ମଧ ଯୁବକର କ୍ରନ୍ଦନ ଅତ୍ୟନ୍ତ କରୁଣ ଥିଲା। ଗରମ ଅଙ୍ଗାର ପରି ତା' ଆଖିର ଲୁହ ହୃଦୟକୁ ଦଗ୍ଧ କରୁଥିଲା। ପ୍ରଥମ ଦିନର ରୂପ ଆଉ ଆଜିର ରୂପରେ ବିଶେଷ କିଛି ତଫାତ୍ ନ ଥିଲା।

ବର୍ଷବର୍ଷ ଧରି ମଶାଣି ମନରେ ମନୁଷ୍ୟର ଅଲୌକିକ ପ୍ରେମ ସମ୍ବନ୍ଧୀୟ ଧାରଣାକୁ ପ୍ରଥମ ଥର ଧକ୍କା ଲାଗିଲା। ସନ୍ଧ୍ୟା ସମୟରେ ଯୁବକଟି ପୁଣି ଆସିଲା। ପତ୍ନୀ ଶବର ଅଙ୍ଗାର ଉପରେ ଲୋଟି ବିଳାପ କରିବାକୁ ଲାଗିଲା- ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି କି ତୁମେ ମୋତେ ଏମିତି ମଝିନଈରେ ଛାଡ଼ି ଚାଲିଯିବ। ତୁମର ସେ ମଧୁର ହସ ଗୋଟିଏ ଦିନରେ ମୋ' ମନରୁ ସୁକେଶୀର ବିୟୋଗଜନିତ ଦୁଃଖ ପୋଛି ଦେଇଥିଲା। ମୁଁ ମନପ୍ରାଣରେ ତୁମର ହୋଇଗଲି। ଏବେ ଏଇ ପ୍ରାଣହୀନ ଶରୀରକୁ ନେଇ କେମିତି ବଞ୍ଚିବି? ମୋତେ ତୁମ ପାଖକୁ ଡାକିନିଅ। ମୁଁ ଆଉ ଏ ଦୁନିଆରେ ବଞ୍ଚି ରହି ପାରିବିନି। ସୁକେଶୀ ତ ମୋର ଅନୁଗାମିନୀ ଥିଲା। ସେଥିପାଇଁ ବୋଧହୁଏ, ତା' ବିୟୋଗ ମୋତେ ଏତେ କଷ୍ଟ ଦେଇ ନ ଥିଲା। କିନ୍ତୁ ତୁମେ ତ ମୋର ସହଗାମିନୀ ଥିଲ। ଆମ୍ଭେ ଦୁଇଟି ଶରୀର, ଗୋଟିଏ ପ୍ରାଣ ଥିଲୁ। ଯେବେ ପ୍ରାଣ ହିଁ ନାହିଁ ଶରୀର ରହି କ'ଣ କରିବ?

ଏଇଭଳି କିଛିଦିନ ପର୍ଯ୍ୟନ୍ତ ସେଇ ଯୁବକଟି ମଶାଣିକୁ ଆସୁଥିଲା, ପ୍ରଳାପ କରୁଥିଲା ଆଉ ଚାଲିଯାଉଥିଲା। ତା'ର କରୁଣ ରୋଦନରେ ଏଭଳି ସତ୍ୟତା ଓ ଶକ୍ତିଥିଲା ଯେ, ମଶାଣି ମନରେ ଯେଉଁ ଟିକିଏ ସନ୍ଦେହ ଜାତ ହୋଇଥିଲା ତାହା ଦୂରିଭୂତ ହେଲା। ଏହା ପରେ ମଶାଣି ଯୁବକଟିର ପ୍ରତୀକ୍ଷାରେ ରହିଲା। ତା'ର ବିଶ୍ୱାସ ଏଇଥର ଯୁବକ ନିଶ୍ଚିତ ଭାବରେ ଜୀବନ ହାରିବ। ମଶାଣି ମନରେ ଆଶା ଦୃଢ଼ୀଭୂତ। କେବେ ସେ ଦିନ ଆସିବ, ସେ ଦୁହିଁଙ୍କୁ ନିଜ କୋଳରେ ଧରି ମିଳନ କରାଇବ।

ପ୍ରତିଦିନ ଅନେକ ଶବ ଆସେ, ଜଳେ, ପ୍ରିୟଜନମାନେ କାନ୍ଦନ୍ତି ଆଉ ଚାଲିଯାଆନ୍ତି। ମଶାଣି ଏସବୁ ଦେଖି ମନୁଷ୍ୟର ଅଲୌକିକ ପ୍ରେମର ଗୁଣ ଗାନକରେ ଆଉ ଶୃଙ୍ଗୀ, କଟାକ୍ଷରେ ମୃଦୁ ହସେ।

ଦୁଇ ବର୍ଷ ହୋଇ ନ ଥାଏ। ହଠାତ୍ ମଶାଣି କାନରେ ସେଇ ପରିଚିତ ସ୍ୱର ଶୁଣାଗଲା। ସେ ଆଶ୍ଚର୍ଯ୍ୟାନ୍ୱିତ ହେଲା, ଯେତେବେଳେ ସେ ଯୁବକଟିକୁ ତା'ର ତୃତୀୟ ପତ୍ନୀର ଶବ ସହ ଦେଖିଲା। ଆଜି ମଧ୍ୟ ତା' କରୁଣ କ୍ରନ୍ଦନ ହୃଦୟ ବିଦାରକ ଥିଲା। ଆଖିର ଲୁହ ଗରମ ଅଙ୍ଗାର ଦଗ୍ଧ କଲାପରି ଥିଲା। ଯୁବକଟିର ପ୍ରଥମ ରୂପ ଓ ଆଜିର ରୂପରେ କୌଣସି ଭିନ୍ନତା ନ ଥିଲା। ତା'ର ବିଳାପ ମଧ୍ୟ ପୂର୍ବବତ୍ ଥିଲା। କେବଳ ଗୋଟିଏ କଥା ଭିନ୍ନ ଯେ, ଆଜି ତା'ର ତୃତୀୟ ପତ୍ନୀ ସବୁଠାରୁ ଗୁଣବତୀ ଲାଗୁଥିଲା। ଯୁବକର ମତରେ ପ୍ରଥମ ଦୁଇଟି ପତ୍ନୀଙ୍କୁ ଭଲ ପାଇବା ତା'ର ବାଲ୍ୟପଣ ଥିଲା, ଚଞ୍ଚଳତା ଥିଲା। ପ୍ରଥମଟି ତା'ର ଅନୁଗାମିନୀ, ଦ୍ୱିତୀୟଟି ସହଗାମିନୀ ଓ ତୃତୀୟଟି ଅଗ୍ରଗାମିନୀ ଥିଲା। ସେ ପଥପ୍ରଦର୍ଶିକା ଥିଲା। ତା' ବିନା ସେ ପାଦେ ଆଗେଇ ପାରିବନି। ତେଣୁ ମୃତ୍ୟୁ ହିଁ ପ୍ରାପ୍ୟ। ସେଇ ପୁରୁଣା ବିଳାପ, ସତେକି କଣ୍ଠସ୍ଥ ପାଠ। ହୃଦୟରେ କୌଣସି ଭାବନା ନାହିଁ।

ମନୁଷ୍ୟର ପ୍ରେମଭାବନାକୁ ମଶାଣି ତା' ଯେଉଁ ହୃଦୟରେ ସାଇତିଥିଲା, ସେଇ ହୃଦୟ ଏ ଦୃଶ୍ୟ ଦେଖିଲା ପରେ ପଥର ପାଲଟିଲା। ତା' ଦୃଷ୍ଟି ପ୍ରଶ୍ନବାଚୀ ହୋଇଉଠିଲା। ମଶାଣିର ଏଭଳି ଅବସ୍ଥା ଦେଖି ଶୃଙ୍ଗୀ କହିଲା- ସତରେ ତୁମେ ମୂର୍ଖ! ଏତିକି ବୁଝିପାରୁନ ଯେ, ମନୁଷ୍ୟ ଅନ୍ୟକୁ ଯେତିକି ଭଲପାଏ, ନିଜ ଜୀବନକୁ ମଧ ସେତିକି ଭଲପାଏ। ମନୁଷ୍ୟ କେବଳ ପ୍ରେମର ସ୍ମୃତି, କଳ୍ପନା ଆଉ ଆଧାତ୍ମିକ ଭାବନା ଉପରେ ବଞ୍ଚିପାରେନା। ଜୀବନକୁ ସମ୍ପୂର୍ଣ୍ଣ କରିବାକୁ ସେ ପୁଣି ଥରେ ଭଲପାଏ। ବଞ୍ଚି ରହିବାର ଲାଳସା ଯୋଗୁଁ, ସେ ସମସ୍ତ ଦୁଃଖ, ବ୍ୟଥା, ବିୟୋଗ ସହିଯାଏ। ମନୁଷ୍ୟ ସବୁଠାରୁ ଅଧିକ ନିଜକୁ ପ୍ରେମ କରେ।

ମୋ: ୯୩୦୧୦୧୨୩୩୩

# କବିତା

## ରାସ୍ତା-୬

ହରେକୃଷ୍ଣ ଦାସ

ରାସ୍ତାକୁ ଫିଟି ଆସିଚି ମାନେ
କୁଆଡ଼େ ହେଲେ ତ ଯିବି।
ପାଦମାନେ ଯୁଆଡ଼େ ବି ଟାଣିନେବେ
ଯିବି କିମ୍ବା
ଆଦୌ କୁଆଡ଼େ ବି
ଯାଇ ନ ପାରେ ହୁଏତ।
ଚାଲିବା ଚେଷ୍ଟାରେ ରାସ୍ତା ହରେଇ ବସି
ହୁଏତ ସ୍ଥାଣୁ ପାଲଟି ଯାଇପାରେ ବି।
ତେବେ
ପାଦମାନେ ମୋର ଅଧୀନ ନା
ସେମାନଙ୍କର ଦାସ ମୁଁ?

ମୂଳରୁ ହିଁ ଲକ୍ଷ୍ୟ ସ୍ଥିର ନ କଲେ
ବାଟବଣା ହେଇଯିବାକୁ ହୁଏ କାଳେ।
ସମର୍ପି ଦେଲେ ନିଜକୁ
ରାସ୍ତା ବି କେବେକେବେ
ବାଟ କଢ଼େଇନିଏ।
ହେଲେ, ମୁଁ କୋଉ ଗୋଟେ
ସିଦ୍ଧାର୍ଥ ହେଇଚି ଯେ
ମାର୍ଗ କି ଲକ୍ଷ୍ୟକୁ ନେଇ
ଏତେ ଭାଳି ହେବି?

ରାଜପ୍ରାସାଦର ଐଶ୍ୱର୍ଯ୍ୟ ନ ଥିଲେ ବି
କିଛି କମ୍ ବନ୍ଧନରେ ବନ୍ଧା ହେଇନି ମୁଁ।
ନିଜକୁ ମନ୍ଦର ପର୍ବତ ବନେଇ
ଅଦେଖା ରତ୍ନ ସାଉଁଟିବାକୁ
ଜୀବନଟା ମନ୍ଥି ଚାଲିଚି ମୁଁ।
ଏକାଠି ପାଣି ପିଏଇବାକୁ
ବାଘ ଛେଳିଙ୍କୁ ଶଙ୍ଖୋଳି
ତୁଠର ଜଗୁଆଳ ବନିଯାଇଚି ମୁଁ।
ଏବେ ରାସ୍ତା ହେଉ କି ପାଦ-
ଯିଏ ଚାହିଁଲେ ବି
ମୋର ଘୁଞ୍ଚିବା ଅସମ୍ଭବ।

ଜାକିଜୁକି ହେଇ ମୁଣ୍ଡ ଉପରେ
ସଜେଇ ହେଇଯାଉଥିବା
ବୋଝମାନଙ୍କୁ, ଦୁଃଖମାନଙ୍କୁ
ଓହ୍ଲାଇଦେବା ସହଜ ନୁହଁ।
ସୁତରାଂ
ସଂକ୍ରମିତ ଭାଗ୍ୟ ପଞ୍ଜୁରୀରୁ ନ
ବର୍ତ୍ତିବାଯାଏ
ରାସ୍ତା ଏବଂ ପାଦଯୋଡ଼ିକୁ
ରାଣ ଦେଇ ରୋକି ଦେବାକୁ ହେବ।

ମୋ: ୯୮୬୧୩୪୫୬୫୮

## ଅଦେଶ

କୃଷ୍ଣ କୁମାର ମହାନ୍ତି

ଶହୀଦ୍‌ର ଏ ଦେଶକୁ ତୁମେ
ପକେଟ୍‌ରେ ନେଇ ବୁଲୁଛ।
ବଳିଦାନର ସେ ରକ୍ତକୁ ତୁମେ
ମ୍ୟାଚିଂ ବ୍ଲାଉଜ୍‌ର ରଙ୍ଗ କରି ପିନ୍ଧୁଛ
ତୁମେ ଲେଖିଥିବା ଅସଂଖ୍ୟ କବିତାର ଧାଡ଼ିରୁ
ପୂର୍ଣ୍ଣଚ୍ଛେଦମାନେ ବାହାରି ଆସିଲେଣି ଦେଖ
ଦେଶଭକ୍ତର ଖଦଡ଼ ପିନ୍ଧି।

ଯେଉଁ ନଦୀରେ ଦିନେ ମିଶିଯାଇଥିଲା
ଅହିଂସାର ଚନ୍ଦ୍ରବନ୍ଧନୀ
ଯା'ର ପାଣିରେ ଦିନେ ଫୁଟିଥିଲେ
ସଭ୍ୟତାର ସୂର୍ଯ୍ୟୋଦୟ ସବୁ
ସେଇ ନଦୀରେ ତୁମେ କେଳି କରୁଛ
ଗୋଟିଏ ମାତ୍ର ଦାନ ମାଛିକୁ ଧରି!

ଦାଦନିଆ ଢଙ୍ଗରେ କେନ୍ଦରା ବଜେଇ
ତୁମେ ସେଇ ସମାଧିରେ ପିକ୍‌ନିକ୍ କରୁଛ
କେତୋଟି ମାତ୍ର ଶୁଣାଶିଖା ଶବ୍ଦଙ୍କୁ ଧରି।

ଯେଉଁଠି କେବେ ଦିନେ
ପିତୃପୁରୁଷଙ୍କୁ ଠେକି ଯାଚିଥିଲ
ଯେଉଁଠି ଆଣ୍ଠୁ ଅଲୁଚା ଖୋର୍ଦ୍ଧା ଗାମୁଛା ପିନ୍ଧି
ତୁମେ ବୁଡ଼ ପକେଇଥିଲ
ଦେଶକୁ ନିଜ ଘରେ
ଚାବି ପକେଇ ରଖନା ଆଉ
ନିଜେ ହୁଅ ଦେଶ।
ନିଜ ରକ୍ତରେ ଧୋଇ ପକାଅ ଧୂଳିମାଟି
ନିଜ ହାଡ଼ରେ ଖଞ୍ଜିଦିଅ ଦେଶଭକ୍ତିର ଶସ।

ଝୁଣ୍ଟିପଡ଼ି ଲହୁଲୁହାଣ ହୋଇଥିବା ଲୋକଙ୍କୁ
ବୃଥାଟାରେ ଶିଖାଅନା ଭାଗଭାଗ ହେବାର ସୂତ୍ର
ପ୍ରେମଟୀକା ପିନ୍ଧେଇ ଦେଶପ୍ରେମୀକୁ କେବେ
ମିଛଟାରେ ପଢ଼ାଅନା ମିଳନର ମନ୍ତ୍ର।
ପାଦରେ କଣ୍ଟା ଫୁଟିଛି ତ ରକ୍ତ ଏ ଦେଶର।
ଛାତିରେ ଗୁଳି ବାଜିଛି ତ ରକ୍ତ ଭାରତବର୍ଷର।
ଶହୀଦ୍‌ର ଏ ଦେଶରେ
ତୁମେ ଶହୀଦ୍ ହେବା ଶିଖ।

ମୋ: ୭୦୦୮୮୪୫୯୨୦

ଗୀତି-କବିତା

## ଜୀବନ ନଈ

ହଂସନାଥ ମୁଦୁଲି

ଜୀବନ ନଈ
ଏ ମନର ଯେତେସବୁ କାମନା ନେଇ
ବହିଯାଏ କୁଳୁକୁଳୁ ସଙ୍ଗୀତ ଗାଇ ।୦।

ସେ ନଈରେ ଭାସେ ଯେତେ ସପନମାନ
କିଛି ସତ ହୁଏ କିଛି ହୁଏ ତ ଆନ
ସେ ସପନ କେତେବେଳେ କୂଳକୁ ଛୁଇଁ
କେତେବେଳେ ମଝିଧାରେ ଯାଏ ତ ଧାଇଁ ।୧।
ଜୀବନ ନଈ...

କେତେବେଳେ ଜଳ ତା'ର ସ୍ଫଟିକ ପରି
କେତେବେଳେ ହୋଇଯାଏ ଗୋଳିଆ ଭାରି
ଖୋଲା ମନ ହେଲେ ଚାଲେ ସ୍ୱଚ୍ଛତା ନେଇ
କପଟେ ସଭିଙ୍କୁ ଲାଗେ କାଳିମା ଛାଇ ।୨।

ମୋ: ୯୭୭୭୯୬୮୭୧୯

# ପୁସ୍ତକ ପରିଚୟ

## ଗାନ୍ଧିଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ

**ଗାଳ୍ପିକ:** ସୁନୀଲ ବୋଷ
**ପ୍ରକାଶକ:** କାହାଣୀ, କଲ୍ୟାଣୀ ନଗର, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୦୦/-




ସୁନୀଲ ବୋଷଙ୍କୁ କେତେ ପାଠକ ପଢ଼ିଛନ୍ତି ବା ପଢ଼ନ୍ତି, କହିବା କଷ୍ଟ। କିନ୍ତୁ କହିବା କଷ୍ଟକର ନୁହେଁ ଯେ, ବର୍ତ୍ତମାନର ଓଡ଼ିଆ ସାନ ଗଳ୍ପରେ ସେ ଅବଧାରିତ ଭାବେ ଏକ ବିସ୍ମୟ। ଆଲୋଚ୍ୟ ଗପ ବହିଟି ସେହି ବିସ୍ମୟରୁ ଝଲକାଏ। 'ଉତ୍ସର୍ଗ'ଠୁଁ ଗପପୂର୍ବର ଛୋଟ 'ଗଦ୍ୟଲେଖ' ଏବଂ ସର୍ବୋପରି ବହିରେ ସ୍ଥାନିତ ୧୬ଟିଯାକ ଗଳ୍ପରେ ଗଳ୍ପର ପ୍ଲଟ୍ ଓ ପରିଭାଷା ଖୁବ୍ ନିଖୁଣ, ଏପରିକି ଈର୍ଷଣୀୟ ବି! 'ଉତ୍ସର୍ଗ'ରେ ଲେଖିଛନ୍ତି ସୁନୀଲ: ''ସେଇସବୁ ସ୍ମୃତି ଆଉ ସ୍ୱପ୍ନମାନଙ୍କୁ, ଯେଉଁମାନେ ମୋ' ବଞ୍ଚିବାକୁ ଉପଭୋଗ୍ୟ କରାଇଛନ୍ତି ଆଉ ମୋ'ଠୁଁ ଗଳ୍ପ ଲେଖେଇ ନେଇଛନ୍ତି।'' ''ଗାନ୍ଧିଙ୍କ ଅଦେଖା ସ୍ୱପ୍ନ ଏବେ ଗପର ପ୍ଲଟ୍'' ଶୀର୍ଷକ ଗଦ୍ୟରେ କହିଛନ୍ତି: ''ଗାନ୍ଧିଙ୍କ ସ୍ୱପ୍ନ ସାକାର ହୋଇନି ବୋଲି ତ ଗପ ପାଇଁ ଆଜି ପ୍ଲଟ୍‌ର ଅଭାବ ନାହିଁ'', ପୁଣି ''ଏ ବହିର ଅନେକ ଗଳ୍ପ ଗାନ୍ଧୀ ଦେଖି ନ ଥିବା ସ୍ୱପ୍ନର କଞ୍ଚାମାଲରେ ଗଢ଼ା।'' ସୁନୀଲଙ୍କ ଗପଗୁଡ଼ିକର ସବୁଠୁଁ ବଡ଼ ବିଶେଷତ୍ୱ ହେଉଛି ଏଗୁଡ଼ିକ ପଢ଼ିଲେ ସତ ଭଳି ଲାଗେ। ପାଠକ ତା' ନିଜର ଅନୁଭବ ବୋଲି ମନେ କରେ। ଅନ୍ୟ ଭାବରେ କହିଲେ ସୁନୀଲଙ୍କର ପ୍ରାୟ ଗପରୁ ପାଠକ ନିଜକୁ ମନ ପୂରେଇ ପାଏ। ବହିର ଶେଷ ଗଳ୍ପ 'ଶେଷ କାଗଜ ଡଙ୍ଗା'ରେ ଲେଖକ ନୁହନ୍ତି କି ଚରିତ୍ର ନୁହନ୍ତି, ଖୋଦ୍ ପ୍ରେମ ଯେପରି ତା' ନିଜ ଗପ କହିଛି- ଏମିତି ମନେହୁଏ। ଗପରେ ଚୋରାଚୋରା ଉତ୍କଣ୍ଠା ଥାଏ। ଆପତ୍ତି ଉଠିବ କମ୍ ଯଦି ସୁନୀଲଙ୍କୁ କେହି କହେ ଓଡ଼ିଆ ଗପର ସେ 'ଓ ହେନ୍‌ରି'।

## ତମେ ଚାଲିଗଲା ପରେ

**ଗାଳ୍ପିକା:** ସରସ୍ୱତୀ ବେହେରା
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୫/-




ମୋଟ ୧୫ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ପ୍ରତ୍ୟେକଟି ଗଳ୍ପ ଜୀବନ ତଥା ଜଗତର ନୂଆ କାହାଣୀ କହେ। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି: ''ମାନବୀୟ ଆଦର୍ଶ ଓ ଅସଙ୍ଗତିକୁ ଆପଣା ଗଳ୍ପରେ ଉପସ୍ଥାପନ କଲାବେଳେ ସେ ପାରମ୍ପରିକତା ପ୍ରତି ଥାଆନ୍ତି ଖୁବ୍ ସମ୍ବେଦନଶୀଳ। ସାମାଜିକ ସ୍ଥିତି, ଦୁଃସ୍ଥିତି ତାଙ୍କ ଗଳ୍ପରେ କଳାତ୍ମକ ଭାବେ ରୂପ ପାଇଥାଏ।'' ସରସ୍ୱତୀଙ୍କର ଏହା ହେଉଛି ସପ୍ତମ ଗଳ୍ପ ସଂକଳନ। ଏଥିରେ ଥିବା ପ୍ରତ୍ୟେକଟି ଗଳ୍ପରେ, କାନଡେରି ଶୁଣିଲେ ଶୁଭେ ନିଃସଙ୍ଗ ନାରୀର କାନ୍ଦ ଓ ଦୀର୍ଘଶ୍ୱାସ। 'ତମେ ଚାଲିଗଲା ପରେ', 'ଶିଉଳି ଆସିଥିଲା', 'କ୍ଲାନ୍ତ କପୋତୀ', 'ଡରିବୁନି ଝିଅ', 'କୁଳବଧୂ', 'ରାଜଧାନୀର ରୂପସୀ ରାତି', 'କମଳା ଅପାର ବର', 'ହାତମୁଠାରେ ସଇତାନ' ଓ 'ଭାଇ ବୋଲି ଡାକିଦେଲେ ଥରେ' ଭଳି ଗଳ୍ପକୁ ପଢ଼ିବସିଲେ ପାଠକର ମନ ଲାଖିଯାଏ। ପ୍ରତ୍ୟେକଟି ଚରିତ୍ର ନିଜ ନିଜର ଦୁଃଖସୁଖ ବାଢ଼ିବସନ୍ତି- ସେସବୁ ନ ଶୁଣି, ଆଶ୍ୱାସନା ନ ଦେଇ ପାଠକ ବିଚରା ଯାଏ କୁଆଡ଼େ! ସରସ୍ୱତୀ ଗଳ୍ପରେ ଯେଉଁ ଭାଷା ବ୍ୟବହାର କରନ୍ତି, ତାହା ଆଶ୍ୱିନ ମାସରେ କ୍ଷୀର ଢୋକିଥିବା ଧାନ ପରି ଅର୍ଥବୋଧରେ ଟିଣ୍ଟିଣ୍। ଯଥା: ୧. ''ସୁଶୀଳା କହିଲେ, ଢିଙ୍କି ମୁଣ୍ଡରେ ଚାଉଳ। ମଝିରେ ମାତ୍ର ତିନିଟା ଦିନ। ବ୍ରାହ୍ମଣ ଭୋଜନ, ଭାଇଭାତ, ଶୁଦ୍ଧିକର୍ମ ଏସବୁ ପାଇଁ ଯୋଗାଡ଼ କରିବାକୁ ହେବ। x x କିଏ କେତେ ଦେଇପାରିବ? ଚୂନା ଦେଖି ପିଠା।'' (ତମେ ଚାଲିଗଲା ପରେ, ପୃ: ୧୨)। ୨. ''ଏ ହେଉଛନ୍ତି ଆମ ପାରାଦୀପର କମ୍ରେଡ୍ ଗୌରାଙ୍ଗ ଆଉ ଏ ତାଙ୍କର ସ୍ତ୍ରୀ ଶେଫାଳି। ଭେରି ଡ୍ୟାସିଙ୍ଗ୍ ଲେଡି। ହାଡ଼ ମାଜିଦେଲେ ନିଆଁ। ନୂଆନୂଆ ପାର୍ଟି ମେମ୍ବରଶିପ୍ ନେଇଛନ୍ତି।'' (ଭାଇ ବୋଲି ଡାକିଦେଲେ ଥରେ, ପୃ: ୧୪୬)। ଇଂଲିଶ୍‌କୁ ଓଡ଼ିଆ ଭାଷାର ଗୋଠରେ ଯେପରି ମଣେଇ ନିଅନ୍ତି ଗାଳ୍ପିକା, କ୍ୱଚିତ୍ ଏହାର ନଜିର ମିଳେ।

# କାଳକାଳକୁ

## ''କେବଳ ଲେଖିବା ପାଇଁ ମୁଁ କେବେ ବି ଲେଖେ ନାହିଁ''
### - ଏମା ଲାଜାରସ୍



**ଏମା ଲାଜାରସ୍‌ଙ୍କ** ଜନ୍ମ ୨୨ ଜୁଲାଇ ୧୮୪୯ରେ ଓ ପରଲୋକ ୧୯ ନଭେମ୍ବର ୧୮୮୭ରେ, ନ୍ୟୁୟର୍କରେ; ଯେତେବେଳେ ତାଙ୍କୁ ବୟସ ମାତ୍ର ୩୮ ବର୍ଷ। କବିତା, ଗଦ୍ୟ ଓ ଅନୁବାଦରେ ଧୁରୀଣା ଏହି ଲେଖିକା ତାଙ୍କର ସନେଟ୍ 'The New Colossus' ପାଇଁ ବିଶ୍ୱ ପ୍ରସିଦ୍ଧ, ଯାହାର କାଳଜୟୀ ଧାଡ଼ି ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ପେଡେଷ୍ଟାଲ୍‌ରେ ଖୋଦିତ ହୋଇଛି। ୧୮୮୩ରେ ଏମା ତାଙ୍କର ଏହି ସନେଟ୍‌ଟି ଲେଖିଥିଲେ। ସେ କହନ୍ତି: ''ଯଦି ଗୋଟିଏ ମାତ୍ର ଛୋଟ ଝରକା ମୋ' ପାଇଁ ମଂଜୁର୍, ତେବେ ସେଇ ଝରକାଟି କେବଳ ଜୀବନ ଆଡ଼କୁ ଖୋଲାଥିବା ଚାହି।''

ଗଳ୍ପ

# ବର୍ଷାର ଗଜଲ

ଝରଣା ପଟ୍ଟନାୟକ

ପ୍ରକାଶଙ୍କ ସହିତ ଯୁକ୍ତି କରିବାକୁ ଚାହିଁଲାନି ସ୍ୱପ୍ନା। ଝିଅଟା ଘରେ ଚଞ୍ଚଳା ପାଖରେ। ମା'ର ଛୁଟିବେଳ ତାକୁ ଜଣା। ବ୍ୟତିବ୍ୟସ୍ତ ହେଉଥିବ ସେ। ପ୍ରକାଶଙ୍କ କଥାକୁ ଶୁଣି ଚୁପ୍ ରହିଲା ସେ। ଇଆଡ଼େ ନିଜ ଅସୁବିଧା ମାଡ଼ି ବସିଲାଣି। ଯିବ ଓଡ଼ିଆ ଅନର୍ସ ପିଲାଙ୍କୁ ନେଇ ବର୍ଷା ଆସରରେ ଯୋଗଦେବାକୁ। ହୋଇପାରିବନି। ସତରେ ପଡ଼ିଲା ବେଳୁ ପ୍ରକାଶ ଜିଦି କରି ପାଗଳାମି ଦେଖାନ୍ତି।

ବାହାରେ ପ୍ରବଳ ବର୍ଷା। ଗଙ୍ଗାଧର ମେହେର କଲେଜ କମନରୁମ୍ ଓ କଲେଜ ଗେଟ୍ ଭିତରେ ପାଖାପାଖି ଦୁଇଶହ ମିଟରର ବ୍ୟବଧାନ। କିଛି ଯାନବାହନ କଲେଜ କ୍ୟାମ୍ପସକୁ ଆସୁନି। କମନରୁମ୍ ଭିତରେ ଏକୁଟିଆ ସ୍ୱପ୍ନା ସାମଲ।

ଅଧଘଣ୍ଟେ ହେଲାଣି ତା'ର ସହକର୍ମୀ ପ୍ରକାଶ କମନରୁମ୍ ଛାଡ଼ିଲେଣି। ଅଧଘଣ୍ଟେ ଝଗଡ଼ିଲେ ସ୍ୱପ୍ନା ସାଙ୍ଗରେ। କହୁଥିଲେ ସ୍ୱପ୍ନପ୍ରବଣ କବିମାନଙ୍କ ପାଇଁ କୁଆଡ଼େ ବର୍ଷା ଋତୁଟା ଭାବବିନିମୟ କରିବାର ଋତୁ। କବିତା ଆସର, ସେ ପୁଣି ବର୍ଷା ଉପରେ। ଆଃ, ମଜାଦାର। ତାଙ୍କ କଥାରେ କୌଣସି ପ୍ରତିକ୍ରିୟା ଦେଖେଇଲାନି ସ୍ୱପ୍ନା। କଲେଜ ଖୋଲୁଖୋଲୁ ପିଲାଙ୍କୁ ନେଇ ଦୌଡ଼ିବ କିଏ ଯେ?

ଝର୍କା ଖୋଲା ଥିଲା। ଝଡ଼ବର୍ଷାର ଛିଞ୍ଚଡ଼ା ସ୍ୱପ୍ନାକୁ ଓଦା କରୁଥିଲା। ପିଲାବେଳେ ବର୍ଷାରେ ଭିଜିବାର ଯୋଉ କୋମଳ ଆଗ୍ରହ ତାକୁ କିଏ ବା ମନରୁ ଲିଭେଇ ପାରିବ।

ଆଦ୍ୟ ଶ୍ରାବଣର ବର୍ଷା ସାତ ପୁଅର ମା' ପରି ରୋବ୍ ଦେଖେଇ ଚାଲିଛି। ଆଣ୍ଠୁଆଣି କଲାଣି କଲେଜ ହତାକୁ। କିଛି ପୁଅ ଝିଅ ଏପାଖ ସେପାଖ ହେଉଛନ୍ତି କଲେଜ ହତାରେ। ଆଣ୍ଠୁଯାଏ ପାଣିରେ ବୁଡ଼ି ବି ସେମାନେ ହସୁଛନ୍ତି। ଦେହ ଓଦା, ମନ ଓଦା। ଘରେ ସାତବର୍ଷର ଝିଅ ଲୁସ୍‌ନା। ତା' ମାମା ଜଲ୍‌ଦି ଘରକୁ ନ ଫେରିଲେ ଖାଇବା ଫିଙ୍ଗାଫୋପଡ଼ା କରେ। ତାକୁ ଛାଡ଼ି ଛୁଟିଦିନରେ କୋଉ ଆସରକୁ ଯିବ ସ୍ୱପ୍ନା?

କରୋନା ମାଡ଼ରେ ଦେଢ଼ବର୍ଷ ହେଲାଣି ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। କଲେଜ ଖୋଲୁଖୋଲୁ ପିଲା ଚାହିଁଲେଣି ଆମୋଦପ୍ରମୋଦ। ପାଣିରେ ଖେଳୁଛନ୍ତି। ବହୁଦିନ ଆକଟ ଭିତରେ ରହିବା ପରେ ଖୁଆଡ଼ରୁ ବାହାରି ବେପରୁଆ ହୋଇଯାଇଛନ୍ତି। କଲେଜ ଖୋଲିବାକୁ ଅନୁମତି ଦେଇଥିବାରୁ ସରକାରଙ୍କୁ କେତେ ଥ୍ୟାଙ୍କ୍ ଇୟୁ, ଧନ୍ୟବାଦ, ସଲାମ କହୁଛନ୍ତି।

ଆସ୍ତେଆସ୍ତେ କଲେଜ ହତା ଖାଲି ହେବାକୁ ବସିଲାଣି। ଅରବିନ୍ଦ ଥିଲାବେଳର କଥା ଅଲଗା ଥିଲା। ଝିଅ ଘରେ ମା' ବିନା ରହୁଛି ବୋଲି ଡ୍ରାଇଭର ଗାଡ଼ି ସହିତ କଲେଜ ହତାରେ ଅଟକିଥାଏ ସ୍ୱପ୍ନାକୁ ଘରେ ନେଇ ଛାଡ଼ିବ ବୋଲି। ସ୍ୱାମୀଙ୍କର କରୋନାରେ ଚାଲିଯିବା ଓ ଏକା ରହିବାର ଅସହାୟତା ତାକୁ ଖିନ୍‌ଭିନ୍ କରୁଛି ପ୍ରତି ମୁହୂର୍ତ୍ତରେ।

ସ୍ୱପ୍ନାର ଐକାନ୍ତିକ ଇଚ୍ଛାରେ ଏବେ ଭଟ୍ଟା ପଡ଼ିଯାଇଛି। କୁଆଡ଼େ ଯିବ କୁଆଡ଼େ ନ ଯିବ ସେ ନିଜେ ବୁଝିପାରୁନି। ଗତ ସେପ୍ଟେମ୍ବରରେ ଅରବିନ୍ଦ ସରକାରୀ ଡ୍ୟୁଟି କରୁକରୁ ଜୀବନ ହରେଇଲେ କରୋନାରେ।

ବାପର ଅଭାବ ମାତ୍ର ସାତବର୍ଷର ଝିଅ ଲୁସ୍‌ନା ବୁଝିଛି। ତା' ମଥା ଉପରୁ ମହାକାଳ ଛାଉଣି ହଟେଇ ଦେଇଛି ଏକଥା ବି ସେ ବୁଝିଛି। ମା'ର କଲେଜ ଯିବା ଦରକାର ଏକଥା ବି ସେ ବୁଝିଛି। ମନ ଉଣା କରି ସ୍ୱପ୍ନା ବାଟକୁ ଚାହିଁ ବସିଥିବ ଝିଅ।

ବର୍ଷା ଛାଡ଼ୁନି। ଥଳକୂଳ ମାନୁନି ପାଣି। ବନ୍ଧୁ ପ୍ରକାଶ କେତେ ଉପଦେଶ ଦେଲେ? ମଣିଷଟା ଅଜବ ଚିନ୍ତାରେ ପହଁରୁଥାଏ। ପାଟିରେ ବାଟୁଳି ବାଜେନି କଥା କହିଲାବେଳେ। କହୁଥିଲେ,

ଜଣେ ଚାଲିଗଲେ କ'ଣ ଆଉଜଣେ ସ୍ଥାଣୁ ହୋଇଯାଏ? ତମେ ଅଧାପିକା। ସାହିତ୍ୟ ସାଧିକା। ପରିସ୍ଥିତିକୁ କୋଳେଇ ନେଇ ଜୀବନ ଜିଇବାକୁ ହେବ। ଆସର ବନ୍ଦ କରିବନି ସ୍ୱପ୍ନା! ପିଲାମାନେ ଯିବାଲାଗି ଖୁସିରେ ପାଗଳ ହେଲେଣି।

ସ୍ୱପ୍ନା କହିଲା, ''ଏତେ ତରତର କାହିଁକି ପ୍ରକାଶ! ଏ ବର୍ଷ ନ ହେଲେ ଆସନ୍ତା ବର୍ଷ ଦେବଗଡ଼ ଯିବା। ବର୍ଷା ଟୋପାର ମାଟି ସହିତ କୋଳାକୋଳି କ'ଣ ଗୋଟିଏ ମେଘରେ



ସରିଯାଏ? ଇଏ ତ ଋତୁର ଋତୁସ୍ରାବ! ଆସି ଚାଲିଯାଏନି। ଚାଲିଥାଏ ତା'ର ପ୍ରକ୍ରିୟା।''

ପ୍ରକାଶ ଅନେକବେଳୁ କମନରୁମ୍ ଛାଡ଼ିଲେଣି। ତାଙ୍କର ମନୋଇ ନବବିବାହିତା ସ୍ତ୍ରୀ ଚା' ନ ପିଇ ବସିଥିବ। ପ୍ରକାଶ ଜୋସ୍‌ରେ ଥାଆନ୍ତି। ସମସ୍ତଙ୍କୁ ଖୁସି କରିବାରେ ତାଙ୍କର ଆନନ୍ଦ। ଜୀବନକୁ ଉପଭୋଗ କରିବାର ବାଟ ଲୋକଟିକୁ ଜଣା।

ବର୍ଷା ଛାଡ଼ୁନି। ଆକାଶର ଛାତିକୁ ଭାଗଭାଗ କରିଦେଉଛି ବିଜୁଳି, ଘଡ଼ଘଡ଼ି। ଘରେ ଚଞ୍ଚଳାର ଜୀବନ ଖାଉଥିବ ଲୁସ୍‌ନା। ଚଞ୍ଚଳା ବି ବ୍ୟସ୍ତ ହେଉଥିବ ଘରକୁ ଫେରିବାକୁ। ଛଅ ମାସର ଛୁଆକୁ ତା' ଶାଶୁଙ୍କ ପାଖେ ଛାଡ଼ିଆସିଛି। କେତେଥର ଏମିତି ଡେରି ହେଲାଣି। ତା'ର ଓଜରଆପତ୍ତି ବି ବଢ଼ିଲାଣି ଦିନକୁ ଦିନ। କେତେଥର କହିଲାଣି, କ୍ଷୀର ପାଉନି ଛୁଆଟା। ମା' ଛାତି ବିନ୍ଧିଲାଣି, ଟେକା ପାଣିରେ ଛୁଆଟା ଏତେବେଳଯାଏଁ କ'ଣ ରହିବା କଥା? ସ୍ୱପ୍ନା ଶୁଣେ। ବୁଝେ। ଉତ୍ତର ଦିଏନି।

ଏଯାଏଁ ଫେରିପାରିନି ସ୍ୱପ୍ନା। ମେଘର ବେଗ କମିବାକୁ ଆରମ୍ଭ କଲାଣି। ଆକାଶ ଛାତିରେ ବର୍ଷାର କ୍ରୀଡ଼ା ଧୀରେଧୀରେ ବନ୍ଦ ହୋଇଯିବ। ମେଘ ତା'ର ପତିଆରା ଦେଖେଇ ଧରିତ୍ରୀକୁ ବୁଡ଼େଇ ଉଠେଇ ହାଲିଆ ହୋଇଯିବ। କିଏ ସୁଖ ପାଇବ ତ କିଏ ଦୁଃଖ ପାଇବ। ମେଘ କ'ଣ ସବୁବେଳେ ଡୁବେଇବାକୁ ଆସେକି? ମେଘର ମିଠାମିଠା ଟୋପା ନାକ, ଓଠ ପାର୍ ହୋଇ ଛାତି ଛୁଇଁଲେ ଯୋଉ ଶିହରଣ! ପ୍ରକାଶ କିଛି ଭୁଲ୍ କହିନାହାନ୍ତି। ଋତୁର ଆପଣାପଣ ଆଉ ବର୍ଷା ଟୋପାର ଲୀଳାଖେଳା ସାଧାରଣ ଲୋକଟିକୁ ବି କବି କରିଦିଏ।

ସ୍ୱପ୍ନାର ଭାବନାର ଖିଅ ଛିଣ୍ଡିଗଲା ପ୍ରକାଶଙ୍କ ଡାକରେ। ତାକୁ ଚକିତ କରି କମନରୁମ୍ ଭିତରକୁ ପଶିଆସିଲା ଲୁସ୍‌ନା। ବର୍ଷା ପାଗ ଖେଳେଇ ଦେଲାଣି ରୁଂଜୁ ରୁଂଜୁ ଅନ୍ଧାର। ପ୍ରକାଶ କହିଲେ, ''ଲୁସ୍‌ନା ବ୍ୟସ୍ତ ହୋଇ ମୋତେ ଫୋନ୍ କଲା। ଆମେ ଆସିଲୁ। ଅନେକ ଡେରି ହେଲାଣି। ଚାଲ କୋଉଠି ଗୋଟେ ଖାଇଦେବା।''

ପଛ ଡୋର୍ ଖୋଲି ସ୍ୱପ୍ନା ଗାଡ଼ିକୁ ପାଦ ବଢ଼େଇଲା ବେଳକୁ ଲୁସ୍‌ନା କହିଲା, ନାଇଁ ମାମା! ତମେ ଆଗ ସିଟ୍‌ରେ ବସ। କାହିଁକି? ତୁ' ବସ୍। ତମେ ବସ ତ ମାମା। ମାଡାମ୍‌ମାନେ ଆଗରେ ବସିବା କଥା ପରା?

ଋତୁମ୍ବରା ମେଘର ରାଜକୀୟ ଯାତ୍ରାରେ ଆତ୍ମୀୟତାର ସାମଗାନ। ସ୍ୱପ୍ନାର ମୁହଁରୁ ଖସି ପଡ଼ିଲେ କିଛି ଶବ୍ଦ।

''ସତରେ ଏ ବର୍ଷାଟା ଯୋଡ଼ିବା ପଣରେ ମାହିର୍।''

ମୋ: ୯୪୩୭୫୪୪୦୪୫




୪୪ତମ ଫିଡେ ଚେସ୍ ଅଲିମ୍ପିଆଡ୍ ପୂର୍ବରୁ ଓଡ଼ିଆ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଭିନିଲ କ୍ରିଷ୍ଣା, କମିଶନର ଓ ସଚିବ କ୍ରୀଡା ଓ ଯୁବ ବ୍ୟାପାର, ସୁରେଶ ଚନ୍ଦ୍ର ସାହୁ, ଅପରାଜିତା ଗୋଚ୍ଛିକାର, ପଦ୍ମିନୀ ରାଉତ, କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତ, ରଞ୍ଜନ ମହାନ୍ତି, ଜି.ସି. ମହାପାତ୍ର ଏବଂ ଦେବବ୍ରତ ଭଞ୍ଜ ।




ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଚେସ୍ ଅଲିମ୍ପିଆଡ୍ ମଶାଲକୁ ସ୍ୱାଗତ କରାଯାଉଛି ।

# ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆଜିଠାରୁ

**ଭୁବନେଶ୍ୱର, ୧୫।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୪୮ ତମ ଜାତୀୟ ଜୁନିୟର ଆକ୍ୱାଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଜୁ ପଟ୍ଟନାୟକ ସୁଇମିଂପୁଲ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଥିବା ଏହି ୫ ଦିନିଆ ପ୍ରତିଯୋଗିତା ଲାଗି ବିଭାଗ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଖେଳାଳି ଓ ଅଫିସିଆଲ ମାନଙ୍କ ରହିବା, ଖାଦ୍ୟପେୟ ଓ ପ୍ରତିଯୋଗିତାର ସୁପରିଚାଳନା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିଯୋଗିତା ଲାଗି ବିଭିନ୍ନ ରାଜ୍ୟରୁ ଖେଳାଳି ଓ ଅଫିସିଆଲମାନେ ବିମାନ ଓ ରେଳ ଯୋଗେ ଆସି ରାଜଧାନୀରେ ପହଞ୍ଚିଛନ୍ତି । ସେମାନଙ୍କ ଲାଗି ବିଭିନ୍ନ ହୋଟେଲ, କିଟ୍ ବିଶ୍ୱବିଦ୍ୟାଳୟର ଅତିଥିଶାଳା ଓ ହଷ୍ଟେଲରେ ରହିବା ବ୍ୟବସ୍ଥା ହୋଇଛି । ଏହି ପ୍ରତିଯୋଗିତାରେ ୩୦ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୮୫୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ସୁଇମିଂରେ ୨୫୪ ଜଣ ମହିଳା ସମେତ ମୋଟ ୫୨୮ ଜଣ ପ୍ରତିଯୋଗୀ ରହିଥିବା ବେଳେ ୱାଟର ପୋଲୋରେ ୧୦୫ ଜଣ ମହିଳା ସମେତ ମୋଟ ୩୨୫ ଜଣ ପ୍ରତିଯୋଗୀ ରହିଛନ୍ତି । ପ୍ରତିଯୋଗିତା ନିମନ୍ତେ ୭୫ଜଣ ଟେକ୍ନିକାଲ ଅଧିକାରୀ ଏବଂ ୫୦ ଜଣ ସହାୟକ କର୍ମଚାରୀ ରହିଛନ୍ତି। ଓଡିଶାରୁ ୧୨ ଜଣ ବାଳକ ଓ ୮ ଜଣ ବାଳିକା ସମେତ ମୋଟ ୨୦ ଜଣ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଶନିବାର ପୂର୍ବାହ୍ନରୁ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଅପରାହ୍ନରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଚାମ୍ପିୟନଶିପ ଅବସରରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ କଳାହାଣ୍ଡିରୁ ଆସିଥିବା କଳାକାରଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯିବ ।



ଓଡ଼ିଶା ସୁଇମିଂ ଦଳ ।

# ପ୍ରଥମ ସିଜନ ଚିଠାରେ ୧୪୩ ଖେଳାଳି

**ପୁଣେ, ୧୫।୭ (ପି.ଟି.)**

ସ୍ଥାନୀୟ ବାଲେୱାଡିଠାରେ ଅଗଷ୍ଟ ୧୪ରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ହେବାକୁଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍ ପ୍ରଥମ ସିଜନ ପାଇଁ ଚିଠାରେ ୧୪୩ ଜଣ ଖେଳାଳିଙ୍କ ନାମ ସ୍ଥାନ ପାଇଛି, ଯେଉଁମାନଙ୍କୁ ୬ଟି ଫ୍ରାଞ୍ଚାଇଜ୍ ବାଛିଛନ୍ତି । ଚିଠାରେ ସାଉଥ ଏସିଆନ ଗେମ୍ସ ପଦକ ବିଜେତା ପ୍ରତୀକ ୱାଇକାର ଓ ଷ୍ଟାର ପୋଲ୍ ଡାଇଭର ପୋଥିରେଡ୍ଡି ଶିବାରେଡ୍ଡିଙ୍କ ଭଳି ଖେଳାଳି ରହିଛନ୍ତି ।

**ଅଲ୍‌ଟିମେଟ ଖୋ ଖୋ ଲିଗ୍**

ପ୍ରଥମେ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଦର୍ଶନକୁ ଭିତ୍ତି କରି ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୪୦ ଖେଳାଳି ବଛାଯାଇ ପ୍ରଦର୍ଶନୀଭିତ୍ତିରେ ଏ, ବି, ସି ଓ ଡି ଚାରୋଟି କାଟେଗୋରିରେ ବିଭକ୍ତ କରାଯାଇଥିଲା । ଫ୍ରାଞ୍ଚାଇଜ୍‌ଗୁଡ଼ିକ ସେଥିରୁ ଖେଳାଳି ଚୟନ କରିଥିଲେ । ୧୪୩ ଟପ୍ ଖେଳାଳିଙ୍କ ମଧ୍ୟରୁ ୭୭ ଜଣ କାଟେଗୋରି ଏ'ରେ ସ୍ଥାନ ପାଇଛନ୍ତି । ସେମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅଫର ଦିଆଯାଇଛି। ୱାଇକର, ଆନ୍ଧ୍ରପ୍ରଦେଶର ପୋଥିରେଡ୍ଡି ଶିବାରେଡ୍ଡି, ତାମିଲନାଡୁର ଏମ୍. ବିଘ୍ନେଶ ଓ କର୍ନାଟକର ଗୌତମ ଏମ୍‌କେଙ୍କ ଭଳି ଖେଳାଳି ରହିଛନ୍ତି । ଟିମ୍ ୱାଇକର ଓ ଡିଫେଣ୍ଡର ଗୌତମଙ୍କୁ ଯଥାକ୍ରମେ ତେଲୁଗୁ ଯୋଦ୍ଧା ଓ ଓଡ଼ିଶା ଜୁଗରନଟ୍ସ ସେମାନଙ୍କ ପ୍ରଥମ ପସନ୍ଦ ଖେଳାଳି ଭାବେ ଦଳରେ ନେଇଥିବା ବେଳେ ସ୍ଥାନୀୟ ବାଳକ ବିଘ୍ନେଶଙ୍କୁ ଚେନ୍ନାଇ କୁଇକ୍ ଗନ୍ସ ଦଳରେ ସାମିଲ କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ପୋଲ୍ ଡ୍ରାଇଭର୍ସ ତଥା ଅଲରାଉଣ୍ଡର ୨୬ ବର୍ଷୀୟ ଶିବାରେଡ୍ଡି ଗୁଜରାଟ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରିବେ । ଐତିହାସିକ ଖେଳାଳି ଚିଠାରେ ପ୍ରଥମ ଖେଳାଳି ଭାବେ ମହାରାଷ୍ଟ୍ରର ମହେଶ ଶିନ୍ଦେ (ଚେନ୍ନାଇ କୁଇକ୍ ଗନ୍ସ) ସ୍ଥାନ ପାଇଥିଲେ । ବର୍ତ୍ତମାନ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସେମାନଙ୍କୁ ନେଇ କ୍ୟାମ୍ପ ଓ କୋଚିଂ କ୍ୟାମ୍ପ ଅଗଷ୍ଟ ୧ ପର୍ଯ୍ୟନ୍ତ କରିପାରିବେ । ଅଲ୍‌ଟିମେଟ୍ ଖୋଖୋର ସିଇଓ ତେନ୍ଜିଂ ନିୟୋଗି ଲିଗ୍‌ର ସଫଳତା କାମନା କରିଛନ୍ତି ।

## ଭାଗନେବେ ଓଡ଼ିଶାରୁ ୨

**ଭୁବନେଶ୍ୱର, ୧୫।୭ (ସ୍ପୋର୍ଟସ ବ୍ୟୁରୋ):** ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ପାଇଁ ଖେଳାଳିଙ୍କ ନିଲାମୀ ହୋଇଥିବା ବେଳେ ଓଡ଼ିଶାରୁ ଦୁଇ ଜଣ ଖେଳାଳି ସାମିଲ ହୋଇଛନ୍ତି । ଅର୍ଜ୍ଜୁନ ସିଂ ଏବଂ ଅଜୟ କୁମାର ମାନ୍ଦ୍ରା ଏହି କ୍ରୀଡ ଟୁର୍ନାମେଣ୍ଟରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । କିସ୍ ଏବଂ କିଟ୍ ପକ୍ଷରୁ ଖୋ ଖୋ ଖେଳୁଥିବା ଏହି ଦୁଇ ଖେଳାଳିଙ୍କୁ ନିଲାମରେ କିଣିଛନ୍ତି ଓଡ଼ିଶା ଜଗରନଟସ ଏବଂ ଗୁଜରାଟ ଜିଆଣ୍ଟସ । ଅର୍ଜ୍ଜୁନ ସିଂଙ୍କୁ ଓଡ଼ିଶା ଜଗରନଟ୍‌ସ ୫ ଲକ୍ଷ ଟଙ୍କାରେ କିଣିଥିବା ବେଳେ ଅଜୟଙ୍କୁ ୧.୧୫ ଲକ୍ଷ ଟଙ୍କାରେ କିଣିଛି ଗୁଜରାଟ ଜିଆଣ୍ଟସ । କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ମଧ୍ୟ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଭାରତୀୟ ଆଥ୍‌ଲେଟ ୫ ଭିଲେଜରେ ରହିବେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବାକୁ ଥିବା ଭାରତୀୟ ଆଥଲେଟ ଓ ଅଫିସିଆଲମାନେ ୫ଟି ପୃଥକ୍ ପୃଥକ୍ 'ଭିଲେଜ'ରେ ଅବସ୍ଥାନ କରିବେ । ମହିଳା କ୍ରିକେଟ ଦଳ ପାଇଁ ବର୍ମିଂହାମ୍ ସିଟି ସେଣ୍ଟରରେ ସ୍ୱତନ୍ତ୍ର ସୁବିଧା କରାଯାଇଛି । ଜୁଲାଇ ୨୮ରୁ ଆରମ୍ଭ ହେବାକୁଥିବା ଗେମ୍ସରେ ଭାରତ ୧୬ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବ । ଏଥିପାଇଁ ଭାରତ ୨୧୫ ଜଣିଆ ଆଥଲେଟ ଦଳ ପଠାଇଛି । ମୋଟ ଉପରେ ଆଥ୍‌ଲେଟ ଓ ଅଫିସିଆଲଙ୍କ ସଂଖ୍ୟା ୩୨୫ ରହିଛି । କୌଣସି ବଡ଼ କ୍ରୀଡ଼ା ଇଭେଣ୍ଟରେ ସାଧାରଣତଃ ସମସ୍ତ ଆଥ୍‌ଲେଟ ସେମାନଙ୍କ ଲାଗି ଉଦ୍ଦିଷ୍ଟ ଗେମ୍ ଭିଲେଜରେ ଅବସ୍ଥାନ କରିଥାନ୍ତି । ବର୍ମିଂହାମ୍ ୨୦୨୨ର ଆୟୋଜକଗଣ ଆଥଲେଟମାନଙ୍କ ଲାଗି ୫ଟି ଅଲଗା ଅଲଗା ରହଣି ସ୍ଥାନ କରିଛନ୍ତି । ଏହି କ୍ରୀଡ଼ା ମହୋତ୍ସବରେ ୫,୦୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ ଭାଗ ନେବେ । ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ କୋଭିଡ୍ ପାଇଁ ଭାରତୀୟ ଦଳର ସଦସ୍ୟମାନଙ୍କର ଆରଟି-ପିସିଆର୍ ଟେଷ୍ଟ ହେବ । ସୁଇମିଂ, ଆଥ୍‌ଲେଟିକ୍ସ, ଜିମ୍ନାଷ୍ଟିକ୍ସ, ସ୍କ୍ୱାଶ, ହକିରେ ଭାଗ ନେବାକୁ ଥିବା ଆଥଲେଟମାନେ କମନୱେଲ୍‌ଥ ଭିଲେଜ ବର୍ମିଂହାମ୍ (ସିଜିବି)ରେ ଅବସ୍ଥାନ କରିବେ । ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ଟେବୁଲ ଟେନିସ, ୱେଟଲିଫ୍ଟିଂ ଓ ଟ୍ରାଇଥଲନରେ ଭାଗ ନେବାକୁ ଥିବା ଖେଳାଳିମାନେ କମନୱେଲ୍‌ଥ ଭିଲେଜ ଏନ୍‌ଇସି (ସିଜିଏନ୍)ରେ ରହଣି କରିବେ । ସେହିପରି ରେସ୍‌ଲିଂ, ଜୁଡୋ ଓ ଲନ୍ ବୋଲ୍ସ ପ୍ରତିଯୋଗୀମାନେ କମନୱେଲ୍‌ଥ ଭିଲେଜ ୱାର୍‌ୱିକ୍ (ସିଜିଡବ୍ଲ୍ୟୁ)ଠାରେ ଏବଂ କ୍ରିକେଟରମାନେ କମନୱେଲ୍‌ଥ ଗେମ୍ସ ଭିଲେଜ ସିଟି ସେଣ୍ଟର (ସିଜିସି)ରେ ରହିବେ । କ୍ରିକେଟ ପ୍ରତିଯୋଗିତାର ସମସ୍ତ ମ୍ୟାଚ ପ୍ରସିଦ୍ଧ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ହେବ । ସାଇକ୍ଲିଂ ଇଭେଣ୍ଟ ଲଣ୍ଡନରେ ହେବ । ଟ୍ରାକ୍ ଟିମ୍ ସାଟେଲାଇଟ୍ ଭିଲେଜ୍‌ରେ ଅବସ୍ଥାନ କରିବ । ସିଡବ୍ଲ୍ୟୁଜି ପାଇଁ ପ୍ରସ୍ତୁତ କୋଡ୍ ଅଫ୍ କଣ୍ଡକ୍ଟ (ସିଓସି) ଆଥ୍‌ଲେଟ ଓ ଅଫିସିଆଲମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ।

## ଲିଜେଣ୍ଡ ଲିଗ୍ କ୍ରିକେଟ ଖେଳିବେ ପାର୍ଥିବ

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ପୂର୍ବତନ ଭାରତୀୟ ଉଇକେଟକିପର ପାର୍ଥିବ ପଟେଲ ଆକ୍ସନକୁ ଫେରିବେ । ସେପ୍ଟେମ୍ବରରେ ହେବାକୁଥିବା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି)ର ଦ୍ୱିତୀୟ ସିଜନରେ ସେ ଭାଗ ନେବେ । ଭାରତର ଅନ୍ୟ ୩ ପୂର୍ବତନ ଖେଳାଳି ସ୍ପିନର ପାର୍ଥିବ ପଟେଲ, ଅଲରାଉଣ୍ଡର ରୀତିନ୍ଦର ସୋଧି ଓ ପେସର ଅଶୋକ ଦିଣ୍ଡା ଲିଗ୍‌ର ଚିଠା ପ୍ରକ୍ରିୟାରେ ସାମିଲ ହେବେ ବୋଲି ସ୍ପଷ୍ଟ କରିଛନ୍ତି ।

# ଆମେରିକା-କାନାଡା ଫାଇନାଲ

**ମଣ୍ଟେରେ (ମେକ୍ସିକୋ), ୧୫।୭ (ପି.ଟି):** କୋନ୍‌କାକାଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଆମେରିକା ଏବଂ କାନାଡା ମହିଳା ଦଳ ମଧ୍ୟରେ ହେବ ଫାଇନାଲ ଲଢେଇ । ୨୦୨୪ ଅଲିମ୍ପିକ୍ସରେ ନିଜର ସ୍ଥାନ ସୁରକ୍ଷିତ ରଖିବା ପାଇଁ ଉଭୟ ଟିମ୍ ମଧ୍ୟରେ ହେବ ଲଢେଇ । ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କୋଷ୍ଟାରିକାକୁ ୩-୦ରେ ପରାସ୍ତ କରିଥିଲା ଆମେରିକା । ଏମିଲି ସୋନେଟ୍, ମ୍ୟାଲୋରୀ ପଗ୍ ଏବଂ ଆସଲେ ସାଞ୍ଚେଜ୍ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ । ଅନ୍ୟପକ୍ଷରେ କାନାଡା ୩-୦ରେ ଜାମାଇକାକୁ ପରାସ୍ତ କରି ଫାଇନାଲ ବର୍ଥରେ ଜାଗା ସୁରକ୍ଷିତ କରିଛି ।

# ୧୧୦ ବର୍ଷ ପରେ ମିଳିଲା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ

**ଲାଉସାନେ, ୧୫।୭ (ପି.ଟି)**

ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୧୦ ବର୍ଷ ପରେ ମିଳିଲା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ । ୧୯୧୨ ଷ୍ଟକ୍‌ହୋମ୍ ଅଲିମ୍ପିକ୍ସରେ ପେଣ୍ଟାଥଲନ ଏବଂ ଡେକାଥଲନରେ ସ୍ୱର୍ଣ୍ଣ ବିଜେତା ଜିମ୍ ଥୋର୍ପେଙ୍କୁ ଶେଷରେ ତାଙ୍କ ପଦକ ସହିତ ମାନ୍ୟତା ଫେରସ୍ତ ଦିଆଯାଇଛି । ଆମେଚର ନିୟମ ଭଙ୍ଗ କାରଣରୁ ଥ୍ରୋପଙ୍କ ପଦକ ପ୍ରତ୍ୟାହାର କରାଯିବା ସହିତ ତାଙ୍କ ନାମ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଥିଲା । ତେବେ ଶୁକ୍ରବାର ଥୋର୍ପେଙ୍କ ପଦକ ବିଜୟକୁ ୧୧୦ ବର୍ଷ ପୂରିବାକୁ ଯାଉଥିବା ବେଳେ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସ୍ୱିଡେନର ରାଜା ଗୁସ୍ତାଭ-୫ଙ୍କ ପକ୍ଷରୁ ଥୋର୍ପେଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟ ଭାବରେ ମଧ୍ୟ ଘୋଷଣା କରାଯାଇଥିଲା ।

ଆମେରିକୀୟ ବାସିନ୍ଦା ଥୋର୍ପେ ଏକ ଟିକର୍ ଟେପ୍ ପରେଡରେ ଅଂଶଗ୍ରହଣ କରିବା ପାଇଁ ନ୍ୟୁୟର୍କ ଆସିଥିଲେ । ତେବେ ଏହି ଗସ୍ତର କିଛି ମାସ ପରେ ଏକ ତଥ୍ୟ ସାମ୍ନାକୁ ଆସିଲା । ଏହି ତଥ୍ୟ ଅନୁସାରେ ଏକ ବେସବଲ୍ ଲିଗ୍ ଖେଳିବା ପାଇଁ ଥୋର୍ପେ ପଇସା ନେଇଥିଲେ । ଅଲିମ୍ପିକ୍ସର ଆମେଚର ନିୟମ ଉଲ୍ଲଂଘନ ପାଇଁ ତାଙ୍କର ଅଲିମ୍ପିକ୍ସ ପଦକ ଫେରସ୍ତ ନିଆଗଲା । ଏହାକୁ ବିଶ୍ୱର ପ୍ରଥମ ସ୍ପୋର୍ଟିଂ ସ୍କାଣ୍ଡାଲ ଭାବରେ ଅଭିହିତ ମଧ୍ୟ କରାଯାଇଥିଲା । ଏସବୁ ଅଭିଯୋଗ ସତ୍ତ୍ୱେ ଥୋର୍ପେଙ୍କୁ ଜଣେ ଶ୍ରେଷ୍ଠ ଆଥଲେଟର ମାନ୍ୟତା ମିଳିଥିଲା । ଏହା ସହିତ ୧୯୫୦ରେ ଥୋର୍ପେଙ୍କୁ ଅର୍ଦ୍ଧଶତାବ୍ଦୀର ଆସୋସିଏଟେଡ୍ ପ୍ରେସ୍ ଆଥଲେଟ୍‌ର ମାନ୍ୟତା ମଧ୍ୟ ମିଳିଥିଲା । ଥୋର୍ପେଙ୍କ ମୃତ୍ୟୁର ୨୯ ବର୍ଷ ପରେ ଅର୍ଥାତ୍ ୧୯୮୨ରେ ତାଙ୍କ ପରିବାରକୁ ଡୁପ୍ଲିକେଟ୍ ପଦକ ପ୍ରଦାନ କରାଯାଇଥିଲା । ମାତ୍ର ଦୁଇ ବର୍ଷ ପୂର୍ବରୁ ଥୋର୍ପେଙ୍କ ରେକର୍ଡକୁ ପୁନଃଅବସ୍ଥାପିତ କରିବା ପାଇଁ ଏକ ପିଟିଶନ୍ ଦାଖଲ କରାଯାଇଥିଲା ।

ଏହି ପିଟଶନ୍ ଆଧାରରେ ଆଇଓସି ପକ୍ଷରୁ ଥୋର୍ପେଙ୍କ ରେକର୍ଡକୁ ପୁନଃଅବସ୍ଥାପିତ କରାଯାଇଛି । ଆଇଓସି ଅଧ୍ୟକ୍ଷ ଥୋମାସ୍ ବାକ୍ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଏପରିକି ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଆସୋସିଏଶନ୍ ମଧ୍ୟ ଏହାକୁ ରେକର୍ଡ ବୁକ୍‌ରେ ସାମିଲ କରିବାକୁ ସହମତି ପ୍ରକାଶ କରିଛି । ଥୋର୍ପେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩ ଗୁଣ ଅଧିକ ସ୍କୋର କରିଥିବା ବେଳେ ସ୍ୱିଡେନର ରାଜା ଗୁସ୍ତାଭ-୫ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟ କହିଥିଲେ ।



ଜିମ୍ ଥୋର୍ପେ

## ରୁଷୀୟ ଫୁଟ୍‌ବଲ ଟିମ୍ ଉପରେ ବାସନ୍ଦ ଦଣ୍ଡ କାଏମ

**ଲାଉସାନେ (ସୁଇଜରଲାଣ୍ଡ), ୧୫।୭ (ଏପି):** କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ରୁଷିଆର ଫୁଟ୍‌ବଲ ଟିମ୍ ଉପରେ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡ କାଏମ ରଖିଛନ୍ତି । ଫଳରେ ଚାମ୍ପିୟନ୍ସ ଲିଗ୍ ସମେତ ୟୁରୋପର ଅଗ୍ରଣୀ ଫୁଟ୍‌ବଲ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣରୁ ରୁଷିଆ ବଞ୍ଚିତ ହେବ । ଜାତୀୟ ମହାସଂଘ ଓ ୪ଟି କ୍ଲବ ରେ କରାଯାଇଥିବା ଆବେଦନକୁ କାସ୍ ଅଗ୍ରାହ୍ୟ କରିଛି । ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ) ଓ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ) ରୁଷିଆର ଜାତୀୟ ଦଳ ଓ କ୍ଲବଗୁଡ଼ିକୁ ସେମାନଙ୍କ ଦ୍ୱାରା ପରିଚାଳିତ ଟୁର୍ନାମେଣ୍ଟରୁ ବାରଣ କରିଥିଲେ । ରୁଷିଆ ଇତିମଧ୍ୟରେ ପୁରୁଷ ବିଶ୍ୱକପ୍ କ୍ୱାଲିଫାଇଂ ଏବଂ ମହିଳା ୟୁରୋପିଆନ ଚାମ୍ପିୟନଶିପ୍‌ରୁ ବାଦ୍ ପଡ଼ିସାରିଛି ।

# ସାଇନା, ପ୍ରଣୟ ପରାସ୍ତ: ସିନ୍ଧୁ ସେମିରେ

**ସିଙ୍ଗାପୁର, ୧୫।୭(ପି.ଟି.)**

ଡବଲ ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜୟିନୀ ପି. ଭି. ସିନ୍ଧୁ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ଟିମ୍‌ମେଟ୍ ସାଇନା ନେହ୍ୱାଲ ଓ ଏଚ୍.ଏସ୍. ପ୍ରଣୟଙ୍କୁ କିନ୍ତୁ ପରାଜୟ ସ୍ୱୀକାର କରିବାକୁ ହୋଇଛି । ମହିଳା ସିଙ୍ଗଲ୍ସରେ ତୃତୀୟ ସିଡ୍ ସିନ୍ଧୁ ଚାଇନାର ହାନ୍ ୟୁଇଙ୍କଠାରୁ ଦୃଢ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ମ୍ୟାଚକୁ ୧୭-୨୧, ୨୧-୧୧, ୨୧-୧୯ରେ ଜିତିନେଇଥିଲେ । ଗତ ମେ'ରେ ଥାଇଲାଣ୍ଡ ଓପନ ପରେ ସେ ପ୍ରଥମଥର ଏକ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଫାଇନାଲରେ ପ୍ରବେଶ କରିବାକୁ ହେଲେ ସିନ୍ଧୁଙ୍କୁ ବର୍ତ୍ତମାନ ଜାପାନର ତଥା ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ ଅଣସିଡ୍ ସାଇନା କ୍ୱାୱାକାମିଙ୍କୁ ଭେଟିବାକୁ ପଡ଼ିବ । କ୍ୱାୱାକାମି କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧-୧୭, ୨୧-୧୯ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ପୂର୍ବ ମ୍ୟାଚରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନାର ହି ବିଙ୍ଗ୍ ଜିଆଓଙ୍କୁ ହରାଇ ଦେବା ପରେ ସେ ଫର୍ମ ଫେରିପାଇଛନ୍ତି ବୋଲି ଅନୁମାନ କରାଯାଉଥିଲା । ମାତ୍ର କ୍ୱାର୍ଟରଫାଇନାଲରେ ଜାପାନର ବାମହାତି ଆୟା ଓହୋରୀଙ୍କଠାରୁ ସେ ୧୩-୨୧, ୨୧-୧୫, ୨୦-୨୧ ଗେମ୍‌ରେ ହାରିଯାଇଥିଲେ । ୩୨ବର୍ଷୀୟା ଭେଟେରାନ ଦୁଇଥର ତାଙ୍କ ମ୍ୟାଚ ପଏଣ୍ଟ ରୂପାନ୍ତର କରି ନ ପାରି ଜାପାନିଜ ପ୍ରତିପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଦେଇଥିଲେ । ଅନ୍ୟପକ୍ଷରେ ପ୍ରଣୟ ପ୍ରଥମ ଗେମ୍ ୯ ପଏଣ୍ଟରେ ଜିତିଥିଲେ । ତେବେ କୋଡାଇ ନାରାଓକା ଦ୍ୱିତୀୟ ଗେମ୍ ଜିତି ସମାନ ସ୍ତରକୁ ଆଣିବା ପରେ ମ୍ୟାଚକୁ ୧୨-୨୧, ୨୧-୧୪, ୨୧-୧୮ରେ ଜିତିନେଇଥିଲେ । ଭାରତୀୟ ଡବଲ୍ସ ଯୋଡ଼ି ଏମ୍‌ଆର୍ ଅର୍ଜ୍ଜୁନ ଓ ଧ୍ରୁବ କାପିଲା ଦ୍ୱିତୀୟ ସିଡ୍ ଯୋଡ଼ି ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସେଟିୱାନଙ୍କ ବିପକ୍ଷ ପ୍ରଥମ ଗେମ୍ ଜିତିବା ପରେ ୧୦-୨୧, ୨୧-୧୮, ୨୧-୧୭ରେ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି । ଫଳରେ ଟୁର୍ନାମେଣ୍ଟରେ ସିନ୍ଧୁ ବର୍ତ୍ତମାନ ଏକମାତ୍ର ଭାରତୀୟ ଖେଳାଳି ଭାବେ ତିଷ୍ଠି ରହିଛନ୍ତି ।



ପି. ଭି. ସିନ୍ଧୁ



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଆଜ୍‌ବେଷ୍ଟସରୁ ଖସି ଶ୍ରମିକଙ୍କ ଜୀବନ ଗଲା

**ଟାଙ୍ଗୀ(ଖୋର୍ଦ୍ଧା),୧୫।୭(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱରସ୍ଥିତ ଏକ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିବା ବେଳେ ଆଜ୍‌ବେଷ୍ଟସରୁ ଖସିପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଗ୍ରାମ ପଣସପୁର ସାହିର ଅଜିତ୍ ମହାରଣା। ସୂଚନା ମୁତାବକ, ଗତ ୧୨ ତାରିଖରେ ଅଜିତ୍ ଆଜ୍‌ବେଷ୍ଟସ ଉପରେ କାମ କରୁଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖଣ୍ଡଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ କୌଣସି ଅଭିଯୋଗ ହୋଇ ନ ଥିବା ବାଲୁଗାଁ ସହ ଶ୍ରମଅଧିକାରୀ ଚନ୍ଦନ ମାଝୀ କହିଛନ୍ତି।

### କୋର୍ଟ କାର୍ଯ୍ୟ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫।୭:** ଖୋର୍ଦ୍ଧା ବାର୍ ଆସୋସିଏଶନର ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ରଥଙ୍କ ବିୟୋଗରେ ଶୁକ୍ରବାର ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଂଘ ସଭାପତି ବିଜୟ ସାମନ୍ତସିଂହାର, ସମ୍ପାଦକ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ଆଇନଜୀବୀମାନେ ରଥଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବାଇଶି ପାହାଚରେ ସେଲଫି ଉଠାକୁ ନେଇ ବିବାଦ

**ପୁରୀ ଅଫିସ,୧୬।୦୭:** ଶ୍ରୀମନ୍ଦିର ବାଇଶିପାହାଚରେ ସେଲଫି ଉଠାଇବାକୁ ନେଇ ହାତାହାତି ପରିସ୍ଥିତି ଉପୁଜିଛି। ଏପରିକି ପୂର୍ବତନ ନଗରପାଳ ତଥା ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଠିକ୍ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେଇ ଶ୍ରଦ୍ଧାଳୁ ପ୍ରବେଶ କରିବା ପୋଲିସର ଅବହେଳା ହୋଇଥିବା ବେଳେ ନିଜ ଭୁଲକୁ ସ୍ୱୀକାର କରିବା ପରିବର୍ତ୍ତେ ପୋଲିସ କର୍ମଚାରୀମାନେ ପ୍ରତିକ୍ରିୟାଶୀଳ ହୋଇଥିବା ଦେଖିବାକୁ ମିଳିଛି। ରାତ୍ର ୧୧ଟାରେ ଜଣେ ବ୍ୟକ୍ତି ବାଇଶିପାହଚରେ ସେଲଫି ନେଉଥିଲେ। ସ୍ଥାନୀୟ ଲୋକେ ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ମୋବାଇଲ ଆଣି ଫଟୋକୁ ଡିଲିଟ୍ କରି ମୋବାଇଲ ଫେରାଇ ଦେଇଥିଲେ। ଏହି ସମୟରେ ଜଣେ ମହିଳା ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ପୁଣି ଥରେ ମୋବାଇଲ ଛଡ଼ାଇନେଲେ ଓ ଦୁର୍ବ୍ୟବହାର କରିଥିଲେ। ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଉପସ୍ଥିତ ଥିବା ହେତୁ ମହିଳା କର୍ମଚାରୀଙ୍କ ଏତାଦୃଶ୍ୟ ବ୍ୟବହାରକୁ ବିରୋଧ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ମୋବାଇଲ ଫେରାଇଦେବାକୁ ଅନୁରୋଧ କରିଥିଲେ। ଶ୍ରୀପ୍ରଧାନଙ୍କ କଥା ଶୁଣି ମହିଳା ପୋଲିସ କର୍ମଚାରୀ ଉତକ୍ଷିପ୍ତ ହୋଇଉଠିଲେ ଓ ତାଙ୍କୁ ଦୁର୍ବ୍ୟବହାର କରିବାର ସହ ଅସୌଜନ୍ୟପୂର୍ଣ୍ଣ ବ୍ୟବହାର କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସଂପୃକ୍ତ ମହିଳା ପୋଲିସ ଗୌରହରି ପ୍ରଧାନଙ୍କୁ ଭୁଲ ମାଗି ପଳାଇଥିଲେ।

# ଶରଧାପୁର ଖଣିରେ ଚଢ଼ାଉ, ୩ ଅଟକ

**ଖୋର୍ଦ୍ଧା ଅଫିସ,୧୫।୭**


ଜବତ ହୋଇଥିବା ଟ୍ରକ, ଟ୍ରାକ୍ଟର ଓ ପାୱାରଟିଲର।

- ୨ ଜେସିବି ମେଶିନ, ୫ ଟ୍ରାକ୍ଟର, ପାୱାରଟିଲର ଜବତ
- ଆକ୍ସନ ମୁଡ୍‌ରେ ପ୍ରଶାସନ, ମାଫିଆ ଛାନିଆ

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ପ୍ରଦୂଷଣ ବିଭାଗର ବିନା ଅନୁମତିରେ ଚାଲିଛି ଶତାଧିକ କ୍ରଶର ୟୁନିଟ୍। ଚୋରା ଚାଲାଣକୁ ରୋକିବା ଲାଗି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ, ଜଙ୍ଗଲ ଓ ପୋଲିସ ପ୍ରଶାସନକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ପଥର ଖଣିରେ ଚଢ଼ାଉ ଜାରି ରଖିଛି। ଶୁକ୍ରବାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଶରଧାପୁର ତରଜୁଆସ୍ଥିତ କାଜୁ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଖଣିରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ୨ଟି ଜେସିବି ମେଶିନ, ୫ ଟ୍ରାକ୍ଟର, ଗୋଟିଏ ମିନିଟ୍ରକ୍, ୨ଟି ପାୱାରଟିଲର ଜବତ ହୋଇଛି। ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇଛି। ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ ନେତୃତ୍ୱରେ ତହସିଲଦାର ଇପ୍ସିତ୍ ସାହୁଙ୍କ ସମେତ ରାଜସ୍ୱ ଓ ପୋଲିସ ଟିମ୍ ସାମିଲ ଥିଲେ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଚଢ଼ାଉକୁ ନେଇ ଖଣି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନିଜଗଡ଼ ତାପଙ୍ଗ, ଦଧିମାଛଗାଡ଼ିଆ, କାଇପଦର, ଛତ୍ରମା ଆଦି ମୌଜାରେ ସପ୍ତାହକ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ କ୍ରଶର ଶିଳ୍ପକୁ ସିଲ୍ କରାଯାଇଛି। ଆଗକୁ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି। ଜିଲାରେ ବେଆଇନ ଭାବେ ହଜାରରୁ ଊର୍ଦ୍ଧ୍ୱ କ୍ରଶର ଶିଳ୍ପ ଦୀର୍ଘବର୍ଷ ଧରି ଚାଲୁଛି। ଜନବସତି ଓ ଜାତୀୟ ରାଜପଥ, ଶିକ୍ଷାନୁଷ୍ଠାନଠାରୁ କେତେଦୂରରେ ରହିଛି, ସରକାରୀ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଜମିରେ ରହିଛି କି, କ୍ରଶର ଶିଳ୍ପରେ ଗଛ ରୋପଣ କରାଯାଉଛି କି ତାହାର ଟିକିନିଖି ଯାଞ୍ଚ କରୁଛି ପ୍ରଶାସନ। ପରିବେଶ ମଞ୍ଜୁର ନ ଥିବା ଏବଂ ଡକ୍ୟୁମେଣ୍ଟ ଅପ୍‌ଡେଟ୍ ନ ଥିବା କ୍ରଶର ୟୁନିଟକୁ ସିଲ୍ କରାଯିବ। ବିନା ୱାଇ-ଫର୍ମରେ ବାଲି, ମୋରମ ଚାଲାଣ ହେଉଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଖଣି ମାଫିଆଙ୍କ ଉପରେ ରୋକ୍ ଲଗା ନ ଗଲେ ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବା ସହ ଚାରିଆଡ଼େ ମରୁଭୂମି ପାଲଟିବ ବୋଲି ପରିବେଶବିତ୍ ମାନେ ମତପ୍ରକାଶ କରିଛନ୍ତି।

#### ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

ଦୈନିକ ଜିଲାର ବିଭିନ୍ନ ସ୍ଥାନରୁ ଏକାଧିକ ଗ୍ରାମବାସୀ ଜିଲା ପ୍ରଶାସନର କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି। ବେଆଇନ ପଥର ଖନନ, ବ୍ଲାଷ୍ଟିଙ୍ଗ୍, ପଥର ଚାଲାଣ, ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଜମିକୁ ସୁରକ୍ଷା ଦିଆଯାଉ ବୋଲି ଦାବି କରୁଛନ୍ତି। ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି ଯେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏଥିରେ କୌଣସି ଫରକ ପଡୁନାହିଁ।

#### ଖସୁଛନ୍ତି ନା ଖସାଇ ଦିଆଯାଉଛି

ଖଣିରେ ପ୍ରଶାସନିକ ଅଧିକାରୀଙ୍କ ଚଢ଼ାଉ ପୂର୍ବରୁ ମାଫିଆଙ୍କ ପାଖରେ ଖବର ପହଞ୍ଚି ଯାଉଛି। ଫଳରେ ସମସ୍ତେ ଚମ୍ପଟ ମାରୁଛନ୍ତି। ତେବେ ମାଫିଆ ଓ କର୍ମଚାରୀମାନେ ଖସିଯାଉଛନ୍ତି ନା ଖସାଇ ଦିଆଯାଉଛି, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ପ୍ରଶାସନକୁ ଯେପରି ନିରାଶ ହେବାକୁ ପଡ଼ିବନି ସେପରି ବ୍ୟବସ୍ଥା କରାଯାଉଛି। ବିନା ନମ୍ବର ଓ ଫିଟ୍‌ନେସ୍ ନ ଥିବା ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରୁଛନ୍ତି। ଖଣି ମାଫିଆଙ୍କ ଯୋଗୁ ଧୀରେ ଧୀରେ ଜିଲାର ଭୌଗୋଳିକ ସ୍ଥିତି ନଷ୍ଟ ହେବାକୁ ବସିଛି।

### ବିଭିନ୍ନ ଦାବିରେ କୃଷକ ସାଥୀଙ୍କ ଧାରଣା

**ବାଲିପାଟଣା,୧୫।୭(ଡି.ଏନ୍.ଏ.)**

ସରକାର କୃଷି ଓ କୃଷକଙ୍କ ଉନ୍ନତୀ ପାଇଁ ବହୁ ଯୋଜନା କରୁଛନ୍ତି। ଉକ୍ତ ଯୋଜନାକୁ ସଫଳ ରୂପାୟନ କରିବାରେ ବ୍ଲକ ସ୍ତରରେ କୃଷି ବିଭାଗର ଅଧିକାରୀମାନେ ଓ କୃଷକ ସାଥିମାନେ ଉଦ୍ୟମ କରିଥାନ୍ତି। ତେବେ ବିଭିନ୍ନ ଦାବିରେ ଶୁକ୍ରବାର କୃଷକ ସାଥୀ ସଙ୍ଗଠନ ପକ୍ଷରୁ ବାଲିପାଟଣାସ୍ଥିତ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ସର୍ବନିମ୍ନ ମଜୁରୀ ସହ ସାମାଜିକ ସୁରକ୍ଷା ପ୍ରଦାନ, ବିଭିନ୍ନ ଯୋଜନା ପାଇଁ ସମସ୍ତଙ୍କୁ ତାଲିମ ସହ ପ୍ରମାଣପତ୍ର ପ୍ରଦାନ, କୃଷକ ସାଥୀଙ୍କୁ ପରିସଂଖ୍ୟାନ ବିଭାଗରେ ଅମିନ ଭାବେ ଚାକିରି, ୨୦୦୬ ମସିହାରୁ ନିଯୁକ୍ତ କୃଷକ ସାଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ମାଟ୍ରିକ କରାଯାଉ, କୃଷିମିତ୍ରଙ୍କୁ ମାସିକ ୩୬୦୦ ଟଙ୍କା ଦରମା ଦେଉଥିବା ବେଳେ କୃଷକ ସାଥୀଙ୍କୁ କେନ୍ଦ୍ର ସରକାର ୫୦୦ ଟଙ୍କା ଓ ରାଜ୍ୟ ସରକାର ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଯାହାକି ଜଣେ ବି ଠିକେରେ ଚଳି ପାରିବନି, କୁଶଳୀ ଶ୍ରମିକ ଭାବେ ସମସ୍ତଙ୍କୁ ସର୍ବନିମ୍ନ ମଜୁରୀ ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବ୍ଲକ ସଭାପତି ବିଜୟ ଶତପଥୀ, ସମ୍ପାଦକ ଦେବାଶିଷ ରାଉତରାୟ କହିଛନ୍ତି।

## ପ୍ରଥମ ଦିନରେ ବୁଷ୍ଟର ଡୋଜ୍ ନେଲେ ୨୯୩୩

**ଖୋର୍ଦ୍ଧା ଅଫିସ,୧୫।୭**


ସ୍ୱାସ୍ଥ୍ୟକର୍ମୀ ଜଣଙ୍କୁ ବୁଷ୍ଟର ଡୋଜ୍ ଦେଉଛନ୍ତି।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆନୁକୂଲ୍ୟରେ ୧୮ରୁ ୫୯ ବର୍ଷର ଲୋକଙ୍କୁ ମାଗଣା ବୁଷ୍ଟର ଡୋଜ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଏଡିଏମ୍‌ଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟିକାକରଣ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ଜିଲାରେ ୨୯୩୩ ଜଣଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି ବୋଲି ଡା. ନାୟକ କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୭୫, ବାଲିପାଟଣା ୧୨୪, ବାଲିଅନ୍ତା (ବାଲକାଟୀ ସିଏଚ୍‌ସି) ୩୫୫, ଜଟଣୀ ୧୩୨, ଭୁବନେଶ୍ୱର ବ୍ଲକ (ମେଣ୍ଢାଶାଳ) ୩୨୪, ବେଗୁନିଆ(ବୋତଲମା)୪୦୩, ବୋଲଗଡ଼(ବାଙ୍କୋଇ)୨୨୭, ଖୋର୍ଦ୍ଧା ବ୍ଲକ(ହଳଦିଆ)୧୮୫, ଟାଙ୍ଗୀ ୪୨୧, ଚିଲିକା(ବାଲୁଗାଁ) ୨୦୫ ଏବଂ ବାଣପୁର ୩୮୨। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଗାମୀ ଦିନରେ କଲେଜ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରଙ୍କ ଟିକାକରଣ ସହ ସହରାଞ୍ଚଳରେ ବ୍ୟାପକ ଟିକାକରଣ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବର୍ଷାରେ ନନ୍ଦନକାନନ ପାଚେରି ଭୁଶୁଡ଼ିଲା

**ବାରଙ୍ଗ,୧୫।୭(ଡି.ଏନ୍.ଏ.)**

ବର୍ଷା ଯୋଗୁ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହେଉଥିବା ମାଙ୍କଡ଼ ଏନକ୍ଲୋଜରର ପ୍ରାଚୀର ଶୁକ୍ରବାର ଭୁଶୁଡି ପଡିଛି। ବର୍ଷାରେ ପ୍ରାୟ ୫୦ଫୁଟରୁ ଅଧିକ ଲମ୍ବ ଓ ୨୦ଫୁଟ ଉଚ୍ଚର ଏହି ପ୍ରାଚୀର ଭାଙ୍ଗିଯିବା ପରେ ମାଙ୍କଡ ଏନକ୍ଲୋଜର ପାଇଁ ହେଉଥିବା ନବନିର୍ମିତ କାମର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ୨୦୨୧-୨୨ରେ ସରକାରୀ ଅନୁଦାନରୁ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦରେ ମାଙ୍କଡ ଏନକ୍ଲୋଜର ନବନିର୍ମାଣ ପାଇଁ ନନ୍ଦନକାନନ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ନନ୍ଦନକାନନ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଜଣେ ସାମଗ୍ରୀ ଯୋଗାଇବା ସହ ଅନ୍ୟ ଜଣେ କାମକରିବା ପାଇଁ କର୍ମଚାରୀ ଯୋଗାଇବା ଉଦ୍ଦେଶ୍ୟରେ ଦୁଇଭାଗରେ ଟେଣ୍ଡର ଡକାଇଯାଇଥିଲା। ବଜାର ମୂଲ୍ୟଠାରୁ କମ୍ ଥିବା ବ୍ୟକ୍ତିଙ୍କୁ ଏହି ଟେଣ୍ଡର ଦିଆଯାଇ ୩୧ମାର୍ଚ୍ଚ ୨୦୨୨ ସୁଦ୍ଧା କାର୍ଯ୍ୟ ସାରିବାକୁ ଚୁକ୍ତି ମଧ୍ୟ କରାଯାଇଥିଲା। କିନ୍ତୁ ବିନା ଟେଣ୍ଡରରେ ସାଢେ଼୧୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜନ୍ତୁ ବିଭାଗ ପକ୍ଷରୁ ପୁରୁଣା ମାଙ୍କଡ ଏନକ୍ଲୋଜର ଭାଙ୍ଗିବା କାମ କରାଯାଇଥିଲା। ଏହାଭିତରେ ଜୁଲାଇ ୧୫ତାରିଖ ହୋଇଯାଇଥିଲେ ମଧ୍ୟ ଅଧା କାମ ହୋଇ ନାହିଁ।ଏବେ କିଛିଦିନ ଧରି ଲଘୁଚାପ ଜନିତ ବର୍ଷା ଲାଗିରହିଥିବାବେଳେ ମାଙ୍କଡ ଏନ୍‌କ୍ଲୋଜର ପାଇଁ ତିଆରି ହେଉଥିବା ମୋଟ ଅଞ୍ଚଳରେ ହୋଇଥିବା ପ୍ରାଚୀର ମଧ୍ୟରୁ ୫୦ଫୁଟରୁ ଅଧିକ ପ୍ରାଚୀର ଭାଙ୍ଗିଯାଇଛି।ଫଳରେ କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଭାଙ୍ଗିଯାଇଥିବା ପାଚେରିକୁ ଆଉଥରେ ଠିକାଦାର ନିର୍ମାଣ କରିବେ ବୋଲି ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ନିରାକାରପୁର,୧୫।୭(ଡି.ଏନ୍.ଏ.)**

ହାତୀ ଆକ୍ରମଣରେ ଶୁକ୍ରବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜଙ୍କିଆ ଥାନା ଅଧୀନ ଗୋଳବାଇ ପଞ୍ଚାୟତ ଚନ୍ଦ୍ରମା ପାଟପୁର ଗ୍ରାମର ରଙ୍କନାଥ ଜେନା(୨୮)। ଚିକିତ୍ସା ଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୯ଟାରେ ରଙ୍କନାଥ ଗ୍ରାମ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ଖବର ପାଇ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହୋହଲ୍ଲା କରିବା ପରେ ହାତୀଟି ପଳାଇ ଯାଇଥିଲା। ପରେ ରଙ୍କନାଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଅବଗତ ଅଛୁ ବୋଲି ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି।

## ‘ଚାରା ଲଗାଅ ଜୀବନ ବଞ୍ଚାଅ’

**ଜଟଣୀ,୧୫।୭(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜଟଣୀ ପୌର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବନ ମହୋତ୍ସବ-୨୦୨୨ ପାଳିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ସମ୍ପାଦକ ଅନନ୍ତ ଶତପଥୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ତହସିଲଦାର ରୁମାନି ଜାଫ୍ରି, ନଗରପାଳ ଅନନ୍ତ ବେହେରା, ପୌର ଉପାଧକ୍ଷା ଆରତି ରାଉତ ଯୋଗଦେଇଥିଲେ। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଷଣ୍ଢପୁର ଆଦର୍ଶ କଲୋନୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଉପସ୍ଥିତ ଥିଲେ। ପୌର କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ସ୍ୱଚ୍ଛ ସାଥୀ, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନିର୍ବାହୀ ଅଧିକାରୀ ଚାରା ବଣ୍ଟନ କରିଥିଲେ। ସତ୍ୟବ୍ରତ ତ୍ରିପାଠୀ, ସୂର୍ଯ୍ୟମୋହନ ଦାସ, ଜ୍ୟୋତିରଞ୍ଜନ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ଡକା ନ ଯିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଡାବରଧୁଆ ସମବାୟ ସମିତି ସଭାପତି ଯୋଗେନ୍ଦ୍ର



**ବୋଲଗଡ଼,୧୫।୭(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ଶାଖାର ୨୨ଟି କୃଷି ସେବା ସମବାୟ ସମିତିର ପରିଚାଳନା ପରିଷଦ ପାଇଁ ଚାଲିଥିବା ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବରୁ ୨୦ଟି ସମିତିର ସଭାପତିଙ୍କ ମଧ୍ୟରୁ ୧୪ଜଣ ନିର୍ଦ୍ୱନ୍ଦ୍ୱରେ ଓ ୬ଜଣ ନିର୍ବାଚନ ମାଧ୍ୟମରେ ବିଜୟୀ ହୋଇଥିଲେ। ତେବେ ଅନ୍ୟ ଦୁଇଟି ସମିତି ମଧ୍ୟରୁ ଡାବରଧୁଆ ପାଟଣା ସମବାୟ ସମିତି ପରିଚାଳନା ପରିଷଦର ସଭାପତି ପଦ ପାଇଁ ଶୁକ୍ରବାର କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯୋଗେନ୍ଦ୍ର ଶ୍ରୀଚନ୍ଦନଙ୍କ ସପକ୍ଷରେ ୧୦ଖଣ୍ଡ ଭୋଟ୍ ଓ ପ୍ରସନ୍ନ ପ୍ରଧାନଙ୍କୁ ୫ଖଣ୍ଡ ଭୋଟ୍ ମିଳିଥିଲା। ଫଳରେ ଯୋଗେନ୍ଦ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବୋଲଗଡ଼ ପିଇଓ ଧିରେନ୍ଦ୍ର ବେହେରା କହିଛନ୍ତି। ପ୍ରିଜାଇଡିଂ ଅଫିସର ଭାବେ ଅରଖପଲ୍ଲୀ ସେବା ସମବାୟ ସମିତିର ସମ୍ପାଦିକା ମୈତ୍ରୀ ମହାପାତ୍ର, ଡାବରଧୁଆ ସମିତି ସମ୍ପାଦକ ଯଜ୍ଞଦତ୍ତ ସାହୁ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଯୋଗେନ୍ଦ୍ରଙ୍କୁ ପୂର୍ବତନ ସଭାପତି ଗୁଲାମ ନବି ତରଫଦାର, ସରପଞ୍ଚ ବିଜୟ କୁମାର ସେଠୀ, ସମବାୟବିତ୍ ଗୟାଧର ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୨୫ ତାରିଖରେ ଶ୍ରୀଚନ୍ଦନପୁର ପାଟଣା ସମବାୟ ସମିତି ପାଇଁ ଭୋଟ୍ ଗ୍ରହଣ ହେବ।

## ସାନପଦର ପାସେଞ୍ଜର ହଲ୍ଟ ଦାବି ତେଜିଲା



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୋଲଗଡ଼,୧୫।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଦେଇ ଯାଇଥିବା ପୂର୍ବତଟ ରେଲ୍‌ୱେର ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସାନପଦରଠାରେ ଏକ ପାସେଞ୍ଜର ହଲ୍ଟ ପାଇଁ ଦୀର୍ଘଦିନରୁ ଦାବିହୋଇ ଆସୁଛି। ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏନେଇ ୧୫ ଦିନ ପୂର୍ବେ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଭାଜପା ମୁଖପାତ୍ର ଯତୀନ ମହାନ୍ତିଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଳମନ୍ତ୍ରୀ ମଧ୍ୟ ଏଠାରେ ଶୀଘ୍ର ଏକ ପାସେଞ୍ଜର୍ ହଲ୍ଟ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଦାବିରେ ଶୁକ୍ରବାର ରେଳ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଅମ୍ବିକା ମହାନ୍ତି, ବିଜୟ ଗୁମାନସିଂ, ଅର୍ଜୁନ ପଟ୍ଟନାୟକ, ସୁରେଶ ମହାପାତ୍ର, ରୁଦ୍ର ନାରାୟଣ ବାହିନୀପତି, ମନୋରଞ୍ଜନ ସାହୁ, ଶିବୁ ଦାସ, ଦିଲୀପ ମହାପାତ୍ର ପ୍ରମୁଖ ଡ. ଯତୀନ ମହାନ୍ତିଙ୍କ ନେତୃତ୍ୱରେ ଖୋର୍ଦ୍ଧାରୋଡ଼ସ୍ଥିତ ଡିଆରଏମ୍ କାର୍ଯ୍ୟାଳୟରେ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଥାଉ କି, ସାନପଦର, ଗୋପାଳପୁର, ଅସରଳା, ପିଚୁକୁଳି, ମାଣିବନ୍ଧ ଆଦି ପଞ୍ଚାୟତର ମୁଖ୍ୟ ସଂଯୋଗସ୍ଥଳୀ ସାନପଦର ହୋଇଥିବାରୁ ଏଠାରେ ପାସେଞ୍ଜର ହଲ୍ଟ ହେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ।

## ତଦନ୍ତ ନ ହେଲେ ଇଓଡବ୍ଲ୍ୟୁ ଅଫିସ ଘେରାଉ

**ଖୋର୍ଦ୍ଧା ଅଫିସ,୧୫।୭**

### ରାଉତପଡ଼ା ସମବାୟ ବ୍ୟାଙ୍କରୁ ୧.୫୦ କୋଟି ଟଙ୍କା ଆତ୍ମସାତ୍ ଘଟଣା

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ୧କୋଟି ୫୦ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ଅଭିଯୋଗ ଆଣିଥିଲେ ଜମାକାରୀ। ଅଭିଯୋଗକୁ ଭିତ୍ତିକରି ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ତଦନ୍ତ ଲାଗି ମେ’ ୪ ତାରିଖରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)କୁ ସୁପାରିସ କରିଥିଲେ। କେସିସିବି ପକ୍ଷରୁ ଏହି ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବେଗୁନିଆ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଘଟଣାର ୬ ମାସ ପରେ ବି ଇଓଡବ୍ଲ୍ୟୁ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରି କି ମାମଲା ରୁଜୁକରି ଚୁପ୍ ବସିଛି ସ୍ଥାନୀୟ ପୋଲିସ। ଅନ୍ୟପଟେ ଟଙ୍କା ଫେରିପାଇବା ନେଇ ଜମାକାରୀ ଆଶଙ୍କାରେ ରହିଛନ୍ତି। ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁଛି, କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ଏହି ଘଟଣାର ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଇଓଡବ୍ଲ୍ୟୁ ଅଫିସ ଘେରାଉ କରାଯିବ ବୋଲି କେତେଜଣ ଜମାକାରୀ ଚେତାବନୀ ଦେଇଛନ୍ତି।

ସୂଚନାଥାଉ କି, ରାଉତପଡ଼ା ଶାଖାରେ କାର୍ଯ୍ୟରତ ଜଣେ କର୍ମଚାରୀ ଦୁଇବର୍ଷ ପୂର୍ବେ ଏହି ବ୍ୟାଙ୍କରୁ ଅବସର ପରେ ମଧ୍ୟ କାର୍ଯ୍ୟ କରୁଥିଲେ। ଫଳରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ହସ୍ତତନ୍ତ କାରିଗର। ବ୍ୟାଙ୍କ କାର୍ଯ୍ୟରେ ଗ୍ରାମବାସୀଙ୍କ ଅନଭିଜ୍ଞତା କାରଣରୁ ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀ ସହଯୋଗ କରୁଥିଲେ। ଜମାକାରୀଙ୍କ ସରଳତାର ସୁଯୋଗ ନେଇ କର୍ମଚାରୀ ଜଣଙ୍କ ସ୍ଥାୟୀ ଜମା ଓ ସଞ୍ଚୟ ଜମା ପ୍ରମାଣପତ୍ର ଆଦି ନବୀକରଣ ଆଳରେ ବ୍ୟାଙ୍କର ଜାଲ୍ ପ୍ରମାଣପତ୍ର ଓ ସ୍ୱାକ୍ଷର କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିଲେ। ପରେ କେତେଜଣ ଗ୍ରାମବାସୀ ଜମାପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇଥିବା ବେଳେ କୌଣସି ବିବରଣୀ ପାଇ ନ ଥିଲେ। ଏନେଇ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଜମାକାରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାରବାର ପଛରେ ସମ୍ପୃକ୍ତ କର୍ମଚାରୀଙ୍କ ସମେତ କେତେଜଣ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଏହାପରେ ଜମାକାରୀ ଘଟଣାର ନିରପେକ୍ଷ ତଦନ୍ତ ସହ ଟଙ୍କା ଫେରସ୍ତ ଲାଗି ଜିଲାପାଳଙ୍କ ନିକଟରେ ଦାବି କରିଥିଲେ।

### ଏମାନେ ଯାହା କୁହନ୍ତି...

“ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଥାନା ଏବଂ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ଲିଖିତ ଅଭିଯୋଗ କରାଯାଇଛି। ଇଓଡବ୍ଲ୍ୟୁର ତଦନ୍ତକୁ ଅପେକ୍ଷା କରାଯାଉଛି।
**- ଅନନ୍ତ ସାମଲ, ସିଇଓ, କେସିସିବି**

“ ଜମାକାରୀ କିପରି ଟଙ୍କା ଫେରିପାଇବେ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଗୁରୁତ୍ୱ ଦେଉନାହାନ୍ତି। ସଞ୍ଚିତ ଅର୍ଥ ନ ମିଳିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ।
**- ଗଦାଧର ସାହୁ, ଜମାକାରୀ**

“ ଆର୍ଥିକ ଅନିୟମିତତା ଅଭିଯୋଗ ପରେ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ବ୍ୟାଙ୍କ ପରିଦର୍ଶନ କରି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଛନ୍ତି। ସିଇଓଙ୍କ ପ୍ରାଥମିକ ରିପୋର୍ଟକୁ ଆଧାର କରି ଜିଲାପାଳ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ତଦନ୍ତରେ ବିଳମ୍ବ କରାଯାଉଛି।
**- ଭିକାରୀ ସାହୁ, ଜମାକାରୀ**

“ ବହୁ କଷ୍ଟରେ ଦେଢ଼ଲକ୍ଷ ଟଙ୍କା ଜମା କରିଥିଲି। ତେବେ ଦେଖିଲା ବେଳକୁ ଖାତାରେ ଟଙ୍କାଟିଏ ବି ନାହିଁ। ପିଲାଙ୍କ ଭବିଷ୍ୟତ ପାଇଁ ଟଙ୍କା ଜମା କରିଥିଲି। କେବେ ଟଙ୍କା ମିଳିବ ଜଣାନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।
**ପୁଷ୍ପଲତା ପାତ୍ର, ଜମାକାରୀ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ଜୁଲାଇ, ୨୦୨୨



## ସଂକ୍ଷେପରେ

### ବାଲିପୁଟ ସମବାୟ ସମିତି ସଭାପତି ପୀତବାସ ଫାରଙ୍କ

ପୁରୀ ଅଫିସ, ୧୫।୭: ପୁରୀ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଲିପୁଟ ସମବାୟ ସମିତି ସଭାପତି ନିର୍ବାଚନ ଗତ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାର୍ଥୀ ହୋଇଥିବା ସମିତିର ପୂର୍ବତନ ସଭାପତି ଦାଶରଥି ପରିଡ଼ା ଓ ବାଲିପୁଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୀତବାସ ଫାରଙ୍କଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ପୀତବାସ ୮ଖଣ୍ଡ ଭୋଟ ପାଇ ଜିତିଛନ୍ତି। ଅନ୍ୟପଟେ ଦାଶରଥି ୫ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ବିଜୟ ଲାଭ ପରେ ନବନିର୍ବାଚିତ ସଭାପତି ପୀତବାସ ଏକ ଶୋଭାଯାତ୍ରା କରିଥିଲେ। ତାଙ୍କ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ବଧାଇ ଜଣାଇବା ସହ ମିଠା ବାଣ୍ଟି ଖୁସି ମନାଇଥିଲେ।

### ଚାରିନଳା ସେବା ସମବାୟ ସମିତିର ସଭାପତି ପ୍ରଭାକର ସାମର୍ଥ୍ୟା

ପୁରୀ ଅଫିସ, ୧୫।୭: ପୁରୀ ସଦର ବ୍ଲକ୍ ଗୋପୀନାଥ ପଞ୍ଚାୟତ ଅନ୍ତର୍ଗତ ଚାରିନଳା ସେବା ସମବାୟ ସମିତିର ସଭାପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପୀନାଥପୁର ପଞ୍ଚାୟତ ଖଣ୍ଡିଆବନ୍ଧର ପ୍ରଭାକର ସାମର୍ଥ୍ୟା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଗୋପୀନାଥପୁର ପଞ୍ଚାୟତ ଅଧୀନ ସିରେଇକଣାପାଟଣାର ଲତା ମହାରଣା ନିର୍ବାଚିତ ହୋଇଛନ୍ତି। ବୁଧବାର ଚାରିନଳା ସେବା ସମବାୟ ସମିତିର ୧୫ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରଭାକର ୫ ନଂ. ଜୋନରୁ ଜିତିଛନ୍ତି। ୧୫ଟି ଜୋନ୍‌ରୁ ୧୨ଟିରେ ପ୍ରଭାକରଙ୍କ ସହଯୋଗୀମାନେ ଜିତିଥିଲେ। ବିଜୟୀ ପ୍ରତିଯୋଗୀଙ୍କ ନାମ ଗୁରୁବାର ନିର୍ବାଚନ ଅଧିକାରୀ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛନ୍ତି। ସମବାୟ ସମିତିର ଉନ୍ନତି ନିମନ୍ତେ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି ପ୍ରଭାକର କହିଛନ୍ତି।

### ଘରେ ପଶି ଚୋରି, ମହିଳାଙ୍କୁ ଅସଦାଚରଣ

ନିମାପଡ଼ା,୧୫।୭(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଶ୍ରୀମୁଖ ଗ୍ରାମର ଏକ ପରିବାର ଗୁରୁବାର ରାତିରେ ଶୋଇଥିବା ବେଳେ ଘରର ବାରିପଟ ଝରକା ଖୋଲା ରହିଥିଲା। ଏହାର ସୁଯୋଗ ନେଇ ରାତିରେ ଜଣେ ଦୁର୍ବୃତ୍ତ ଘରେ ପଶି ଏକ ମୋବାଇଲ ଫୋନ, ୨୦ହଜାର ଟଙ୍କାର ସୁନା ମଙ୍ଗଳସୂତ୍ର ନେଇଯିବା ସହ ଘରେ ଶୋଇଥିବା ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଉଠିଯିବାରୁ ଦୁର୍ବୃତ୍ତ ଦୌଡ଼ି ଚାଲିଯାଇଥିଲେ। ଏ ନେଇ ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୪୦/୨୨) ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି।

### ସୁଚାରୁ ରୂପେ ମୌଳିକ କର୍ତ୍ତବ୍ୟ ପାଳନ ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୫।୭:ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ବିଶ୍ୱମ୍ଭର ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ 'ମୌଳିକ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମ୍ବିଧାନ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ଏବଂ ଅଧିକାର ସମ୍ପର୍କରେ ସେ ଆଲୋଚନା କରିଥିଲେ। ଭାରତୀୟ ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା ସହ ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ବଜାୟ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ୍ ଯୋଗଦେଇ ସୁଚାରୁରୂପେ ମୌଳିକ କର୍ତ୍ତବ୍ୟ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ସମ୍ପର୍କରେ ବୁଝାଇଥିଲେ। ରାଜ୍ୟସ୍ତରୀୟ ଇ-ଆଇନ ସାକ୍ଷରତା ଉତ୍ସବ-୨୦୨୧ରେ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଛାତ୍ରୀଛାତ୍ର ମନିଶିଖା ସାହୁ, ସ୍ନେହସ୍ମିତା ସାହୁ, ଆକାଶ ପ୍ରସାଦ ଦାଶ ଓ ଶାନ୍ତନୁ ପାତ୍ରଙ୍କ ସମେତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଶିବରାମ ମିଶ୍ର, ଦିବାକର ପଲାଇ, ଜିଲା ଆଇନସେବା ପ୍ରାଧିକରଣ ଓ ସ୍ଥାୟୀ ଲୋକ ଅଦାଲତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ବାଇଶି ପାହାଚରେ ସେଲ୍‌ଫିକୁ ନେଇ ବିବାଦ

**■ ପୂର୍ବତନ ନଗରପାଳଙ୍କୁ ମହିଳା ପୋଲିସଙ୍କ ଦୁର୍ବ୍ୟବହାର**
**■ ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ଉଠିଲା ପ୍ରଶ୍ନ**

ପୁରୀ ଅଫିସ,୧୫।୭:

ଶ୍ରୀମନ୍ଦିର ବାଇଶିପାହାଚରେ ସେଲଫି ଉଠାଇବାକୁ ନେଇ ଶୁକ୍ରବାର ହାତାହାତି ପରିସ୍ଥିତି ଉପୁଜିଛି। ଏପରିକି ପୂର୍ବତନ ନଗରପାଳ ତଥା ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଠିକ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଇ ଶ୍ରଦ୍ଧାଳୁ ପ୍ରବେଶ କରିବା ପୋଲିସର ଚରମ ଅବହେଳା ହୋଇଥିବା ବେଳେ ନିଜ ଭୁଲକୁ ସ୍ୱୀକାର କରିବା ପରିବର୍ତ୍ତେ ପୋଲିସ କର୍ମଚାରୀ ପ୍ରତିକ୍ରିୟାଶୀଳ ହୋଇଥିବା ଦେଖିବାକୁ ମିଳିଛି। ରାତ୍ର ପ୍ରାୟ ୧୧ଟା ୩୦ ମିନିଟରେ ଜନୈକ ବ୍ୟକ୍ତି ବାଇଶିପାହାଚରେ ଠିଆ ହୋଇ ସେଲଫି ନେଉଥିଲେ। ସ୍ଥାନୀୟ ଲୋକ ସଂପୃକ୍ତ ବ୍ୟକ୍ତି ସେଲଫି ନେଉଥିବା ଦେଖିବା ପରେ ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ମୋବାଇଲ ଆଣି ଶ୍ରୀମନ୍ଦିର ପରିସରରେ ଉଠାଇଥିବା ଫଟୋକୁ ଡିଲିଟ୍ କରି ମୋବାଇଲ ଫେରାଇ ଦେଇଥିଲେ।



ଏହି ସମୟରେ ଜଣେ ମହିଳା ପୋଲିସ କର୍ମଚାରୀ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ପୁଣି ଥରେ ମୋବାଇଲ ଛଡ଼ାଇନେଲେ ଓ ଦୁର୍ବ୍ୟବହାର କରିଥିଲେ। ଘଟଣାସ୍ଥଳରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଉପସ୍ଥିତ ଥିବାରୁ ମହିଳା କର୍ମଚାରୀଙ୍କ ଏତାଦୃଶ ବ୍ୟବହାରକୁ ବିରୋଧ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ମୋବାଇଲ ଫେରାଇଦେବାକୁ ଅନୁରୋଧ କରିଥିଲେ। ପ୍ରଧାନଙ୍କ କଥା ଶୁଣି ମହିଳା ପୋଲିସ କର୍ମଚାରୀ ଉତ୍‌କ୍ଷିପ୍ତ ହୋଇଉଠିଲେ ଓ ତାଙ୍କୁ ଦୁର୍ବ୍ୟବହାର କରିବାର ସହ ଅସୌଜନ୍ୟ ବ୍ୟବହାର କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପ୍ରଧାନଙ୍କୁ ସଂପୃକ୍ତ ମହିଳା ପୋଲିସ କର୍ମଚାରୀ ଭୁଲ ମାଗି ସେଠାରୁ ଚାଲିଯାଇଥିଲେ। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ବାରଣ ହୋଇଥିବା ବେଳେ ସଂପୃକ୍ତ ଭକ୍ତ କିଭଳି ମୋବାଇଲ ନେଇ ପ୍ରବେଶ କଲେ ଓ ସେଲ୍‌ଫି ଉଠାଇଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖୁଥିବା ସୁରକ୍ଷାକର୍ମୀମାନେ କଣ କରୁଥିଲେ ଓ କାହିଁକି ମୋବାଇଲ ଯାଞ୍ଚ କରାଗଲା ନାହିଁ ତାହା ମୁଖ୍ୟ ପ୍ରସଙ୍ଗ ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି। ସେହିଭଳି ଗୌରହରି ପ୍ରଧାନ କହିଛନ୍ତି ଯେ, ସଂପୃକ୍ତ ମହିଳା ପୋଲିସ କର୍ମଚାରୀ ବିନା କାରଣରେ ଦୁର୍ବ୍ୟବହାର କରିବାରେ ଲାଗିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କୁ ଧମକଚମକ ଦେବା ସହ ମୋବାଇଲ ଛଡ଼ାଇନେବା ଆଦୌ ଉଚିତ ନ ଥିଲା। ଫଟୋ ଡିଲିଟ୍ କରିବା ପରେ କାହିଁକି ମୋବାଇଲ ଛଡ଼ାଗଲା ବୋଲି ପ୍ରଶ୍ନ କରିବାରୁ ସେ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ଶ୍ରୀମନ୍ଦିରକୁ ମୋବାଇଲ କିଭଳି ନଯିବ ସେନେଇ ଉପଯୁକ୍ତ ଯାଞ୍ଚ ଉପରେ ପୋଲିସର ପ୍ରାଥମିକ ନଜର ରହିବା ଦରକାର। ଏହି ପ୍ରସଙ୍ଗରେ ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ବୁଷ୍ଟର ଡୋଜ୍ ନେଲେ ୪,୪୧୧



କମଳାଦେବୀ ମାତୃମଙ୍ଗଳ କେନ୍ଦ୍ରରେ ଟିକାକରଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରୁଛନ୍ତି ।

ପୁରୀ ଅଫିସ,୧୫।୭:

ପୁରୀ ଜିଲାରେ ୧୮ରୁ ୫୯ ବର୍ଷ ବୟସର ଲୋକଙ୍କୁ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏହି ଟିକାକରଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ବୁଷ୍ଟର ଡୋଜ୍ ନେବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ୭୫ଦିନ ପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ରାଜ୍ୟ ତଥା ଦେଶରେ ବର୍ଦ୍ଧିତ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି। ପୁରୀ ସହରରେ କମଳାଦେବୀ ମାତୃମଙ୍ଗଳ କେନ୍ଦ୍ର ସମେତ ଚନ୍ଦନ ହଜୁରୀ, ସ୍ୱର୍ଗଦ୍ୱାର, ଦୋଳବେଦି କୋଣ ଓ ପେଣ୍ଟକଟାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯାଉଛି। ସେହିପରି ପ୍ରତି ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯାଉଛି। ପ୍ରଥମ ଦିନରେ ପୁରୀ ଜିଲାରେ ୪ହଜାର ୪୧୧ ଜଣ ବୁଷ୍ଟର ଡୋଜ୍ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସତ୍ୟବାଦୀରେ ୧୫୩, ଅସ୍ତରଙ୍ଗରେ ୧୧୧, କାକଟପୁରରେ ୨୯୦, ସଦରରେ ୨୧୭, ନିମାପଡ଼ାରେ ୫୧୨, କୃଷ୍ଣପ୍ରସାଦରେ ୧୪୩, ଡେଲାଙ୍ଗରେ ୯୮, ଗୋପରେ ୭୬୪, କଣାସରେ ୨୬୬, ପିପିଲିରେ ୭୬୭, ବ୍ରହ୍ମଗିରିରେ ୧୮୯ ଓ ପୁରୀ ପୌରାଞ୍ଚଳରେ ୯୦୧ ଜଣ ରହିଛନ୍ତି। ଜିଲାରେ ସମୁଦାୟ ୧୧ ଲକ୍ଷ ୪୩ ହଜାର ୬୪୪ ଜଣଙ୍କୁ ବୁଷ୍ଟର ଡୋଜ୍ ଦେବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଥିବା ବେଳେ ପ୍ରଥମ ଦିନରେ ୦.୪ ପ୍ରତିଶତ ବ୍ୟକ୍ତି ଟିକା ନେଇଛନ୍ତି। ତେବେ ଟିକାକରଣକୁ ନେଇ ଜିଲାବାସୀଙ୍କଠାରେ ବିଶେଷ ଆଗ୍ରହ ଦେଖିବାକୁ ମିଳିନାହିଁ। ସିଡିଏମ୍‌ଓ କହିଛନ୍ତି, ସ୍ୱତଃ ଭାବେ ଲୋକେ ଟିକା ନେବାକୁ ନ ଆସିଲେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ସମ୍ଭବ ହୋଇପାରିବ ନାହିଁ। ଏଣୁ ଜିଲାବାସୀ ଟିକାକରଣ କାର୍ଯ୍ୟକ୍ରମରେ ଯୋଡ଼ିହେବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଜିଲାରେ ସଂକ୍ରମଣର ଗ୍ରାଫ୍ ବଢ଼ିବାରେ ଲାଗିଛି। ଜିଲାରେ ୧୮୪ ଜଣ ସକ୍ରିୟ ସଂକ୍ରମିତ ଚିହ୍ନଟ ହେଲେଣି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ୬୩ ଜଣ ରହିଛନ୍ତି। ସବୁ ସ୍ଥାନରେ ସଂକ୍ରମଣ ବଢ଼ୁଛି। ଲୋକେ ଏହାକୁ ହେୟ ଜ୍ଞାନ କରିବା ଉଚିତ୍ ନୁହେଁ। ସମସ୍ତେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜିଲାପାଳ ସମର୍ଥ ବର୍ମା ଅପିଲ୍ କରିଛନ୍ତି।

# 'ଭାରତ ଭଲ ପ୍ରଦର୍ଶନ କରିବ'



ପୁରୀଠାରେ ଚେସ୍ ଅଲିମ୍ପିଆଡ୍ ମଶାଲକୁ ସ୍ୱାଗତ କରାଯାଉଛି ।



କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି ।

ପୁରୀ ଅଫିସ/ କୋଣାର୍କ, (ଡି.ଏନ୍.ଏ.)୧୫।୭:

ଚେନ୍ନାଇଠାରେ ଚଳିତମାସ ୨୮ ତାରିଖରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ୪୪ତମ ଚେସ୍ ଅଲମ୍ପିଆଡ୍ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜନ ସଚେତନତା ସୃଷ୍ଟି ପାଇଁ ଏକ ଟର୍ଚ୍ଚ ରିଲେ ବା ମଶାଲ ଶୋଭାଯାତ୍ରା ଭୁବନେଶ୍ୱରଠାରୁ ବାହାରି ପୁରୀ ଓ କୋଣାର୍କ ପରିଭ୍ରମଣ କରିଛି। ଅପରାହ୍ନ ୩ଟାରେ ଏହି ଟର୍ଚ୍ଚ ରିଲେ ପୁରୀ ଡାକ୍ତରଖାନା ଛକ ନିକଟରେ ପହଞ୍ଚିଥିଲା। ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଏହାକୁ ସ୍ୱାଗତ କରିଥିଲେ। ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପାରମ୍ପରିକ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ପରେ ଟର୍ଚ୍ଚକୁ ଆନ୍ତର୍ଜାତିକ ଚେସ୍ ଖେଳାଳି ଗ୍ରାଣ୍ଡ ମାଷ୍ଟର ପଦ୍ମିନୀ ରାଉତ ଅତିରିକ୍ତ ଜିଲାପାଳଙ୍କୁ ହସ୍ତାନ୍ତର କରିଥିଲେ। ପଦ୍ମିନୀ କହିଛନ୍ତି, ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଅଛୁ। ମୁଁ ବ୍ୟକ୍ତିଗତ ଭାବେ ୪ର୍ଥ ଥର ପାଇଁ ଦେଶରୁ ପ୍ରତିନିଧିତ୍ୱ କରୁଛି। ପ୍ରଥମ ଥର ମୋତେ ପଦକ ମିଳିଥିଲା। ପ୍ରଦର୍ଶନକୁ ଦୋହରାଇବାକୁ ଚେଷ୍ଟା ରହିବ। ଟିମ୍‌ରେ ଅନେକ ଅନ୍ତର୍ଜାତୀୟ ଖେଳାଳି ସାମିଲ ଅଛନ୍ତି, ଯେଉଁମାନେ ଦକ୍ଷତାରେ ପରିପୂର୍ଣ୍ଣ। ଏଣୁ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା ଅଛି। କୋଭିଡ୍‌ରେ ଟୁର୍ଣ୍ଣାମେଣ୍ଟ ହୋଇପାରିନାହିଁ। କୋଭିଡ୍ ପରେ ଦେଶକୁ ପ୍ରତିନିଧିତ୍ୱର ଏକ ବଡ଼ ସୁଯୋଗ ଆମ ହାତରେ ରହିଛି। ଏଣୁ ଏଭଳି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଶତପ୍ରତିଶତ ଚେଷ୍ଟା କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ଓଡ଼ିଶା ଚେସ୍ ଆସୋସିଏଶନ୍‌ର ସମ୍ପାଦକ ଦେବଦତ୍ତ ଭଞ୍ଜ କହିଛନ୍ତି, ଓଡ଼ିଶା ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟକ। ଓଡ଼ିଶାରେ ଚେସ୍ ଖେଳାଳିମାନେ ଆହୁରି ଭଲ ପ୍ରଦର୍ଶନ କରିବେ। ରାଜ୍ୟ ସରକାରଙ୍କ ସହଯୋଗ ମଧ୍ୟ ଚେସ୍ ଖେଳାଳିଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ଟର୍ଚ୍ଚ ପ୍ରଦର୍ଶନ ପରେ ଅତିରିକ୍ତ ଜିଲାପାଳ ଏହାକୁ ଅନ୍ୟତମ ଆନ୍ତର୍ଜାତିକ ଚେସ୍ ଖେଳାଳି ଗ୍ରାଣ୍ଡ ମାଷ୍ଟର ସ୍ୱୟଂଶ୍ରୁ ସତ୍ୟପ୍ରଜ୍ଞଙ୍କୁ ହସ୍ତାନ୍ତର କରିଥିଲେ। ପରେ ରିଲେ ଦଳ ବ୍ଲୁଫ୍ଲାଗ୍ ବିଚ୍ ପରିଭ୍ରମଣ ସହ ସେଠାରେ ଆୟୋଜିତ ଚେସ୍ କାର୍ଯ୍ୟକ୍ରମକୁ ଦେଖିଥିଲେ। ଏହାପରେ ରିଲେ କୋଣାର୍କ ଅଭିମୁଖେ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଚେସ୍ ଫେଡେରେଶନ୍‌ର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଓଡ଼ିଶା ଚେସ୍ ଆସୋସିଏସନ୍‌ର ସମ୍ପାଦକ ଦେବଦତ୍ତ ଭଞ୍ଜ, ପୁରୀ ଜିଲା ଚେସ୍ ଆସୋସିଏଶନ୍‌ର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ସାମିଲ ଥିଲେ। ପୁରୀଠାରେ ରିଲେକୁ ସ୍ୱାଗତ ବେଳେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ପୁରୀ, କୋଣାର୍କରେ ଚେସ୍ ଅଲିମ୍ପିଆଡ୍ ମଶାଲକୁ ସ୍ୱାଗତ**

ସେହିପରି ଅଲିମ୍ପିଆଡ ରିଲେ ଦଳକୁ କୋଣାର୍କ ସୂର୍ଯ୍ୟ ମନ୍ଦିରଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ଗୋପ ତହସିଲଦାର ଏସ୍.କେ. ସାଗିର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ସମେତ କୋଣାର୍କ ଏନ୍‌ଏସି ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସୂର୍ଯ୍ୟ ମନ୍ଦିର ପରିସରରେ ୪୪ତମ ଅଲିମ୍ପିଆଡ ଟ୍ରଫିରେ ଭାଗ ନେଉଥିବା ଓଡ଼ିଶାର ଚେସ୍ ଖେଳାଳି ଓ ଚେସ୍ ଅଲିମ୍ପିଆଡ ରିଲେ ଦଳକୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ରିଲେ ମଶାଲକୁ ଶୁଭାରମ୍ଭ କରିବା ସହ ଖେଳାଳିମାନଙ୍କ ସଫଳତା କାମନା କରିଥିଲେ।

# ଓଡ଼ିଶାର ୩ ପ୍ରତିଯୋଗୀଙ୍କ ମଧ୍ୟରେ ପୁରୀରୁ ୨

**ଆଜିଠୁ ମିଷ୍ଟର ୟୁନିଭର୍ସ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ପୁରୀ ଅଫିସ, ୧୫।୭:

ୱାର୍ଲଡ ଫିଟ୍‌ନେସ୍ ଫେଡେରେଶନ ଆନୁକୂଲ୍ୟରେ ଥାଇଲାଣ୍ଡରେ ୧୬ ଓ ୧୭ ତାରିଖ ଦୁଇଦିନ ଧରି ମିଷ୍ଟର ୟୁନିଭର୍ସ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେବ। ଏଥିରେ ୧୭୨ଟି ଦେଶରୁ ୩୦୦ ଜଣ ପ୍ରତିଯୋଗୀ ଭାଗନେବେ। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୩ଜଣ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ପୁରୀର ରଞ୍ଜନ ମହାନ୍ତି, ସତୀଶ ହୁଦା ଏବଂ କଟକର ବିକ୍ରମ କୁଅଁର। କଳିଙ୍ଗ ବଡି ବିଲଡିଂ ଫିଟ୍‌ନେସ୍ ଫେଡେରେଶନର ସଭାପତି ଗୌରୀ ଶଙ୍କର ସିଂହାରୀ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା ଏବଂ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ସହଯୋଗରେ ଏହି ୩ ପ୍ରତିଯୋଗୀ ଥାଇଲାଣ୍ଡ ଗସ୍ତରେ ଯାଇଥିବା ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବ ଦକ୍ଷତା ସମ୍ପର୍କରେ ଆଲୋକପାତ




କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ପୁରୀ ଅଫିସ,୧୫।୭:

ସୁରଜମଲ ଶାହା ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ପୁରୀ ଜିଲା ନିୟୋଜନ କାର୍ଯ୍ୟାଳୟ ସହଯୋଗରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ସନ୍ଧ୍ୟାରାଣୀ ମହାପାତ୍ର ଅଧକ୍ଷତା କରି ଯୁବ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ନିୟୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ ସରକାରଙ୍କ ବିଭିନ୍ନ ଦକ୍ଷତା ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ନାକ୍ ସଂଯୋଜକ ତଥା ଅଧ୍ୟାପକ ଡ. ଦୀପ୍ତି ପ୍ରସାଦ ମହାନ୍ତି ଯୋଗଦେଇ ଜୀବନରେ ଦକ୍ଷତାର ପ୍ରାଧାନ୍ୟ ଓ ସେମାନେ କିପରି ଆତ୍ମନିର୍ଭର ହୋଇପାରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେହିପରି କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ସୁଜାତା ବେହେରା ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ରଞ୍ଜନ ଦାଶ ଓ ପ୍ରାଧ୍ୟାପକ ବ୍ରହ୍ମାନନ୍ଦ ସାହୁ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଷ୍ଟର୍ଲିଙ୍ଗ୍ ରିସୋର୍ଟର ମୋବିଲାଇଜର ଏବଂ ଜଣେ ରୋଲ ମଡେଲ ନିଜ ସଫଳତାର କାହାଣୀ ବଖାଣିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ପ୍ରଧାନ, ସଦାଶିବ ନନ୍ଦ, ହରିହର କର ଏବଂ ରିତେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# 'ସ୍କୁଲରେ ସମୟାନୁବର୍ତ୍ତୀ ନ ହେଲେ କାର୍ଯ୍ୟାନୁଷ୍ଠାନ'

**ବିଭିନ୍ନ ସ୍କୁଲ ଯାଇ ସ୍ଥିତି ପରଖିଲେ ବିଇଓ**

ଗୋପ,୧୫।୭(ଡି.ଏନ୍.ଏ.)

ସ୍କୁଲରେ ସମୟ ଅନୁସାରେ ନ ପହଞ୍ଚିଲେ, ପାଠପଢା ପ୍ରତି ଗୁରୁତ୍ୱ ନ ଦେଲେ, ସରକାରୀ କାର୍ଯ୍ୟରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋପ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୁଶୀଲ କୁମାର ବ୍ରହ୍ମା ବିଭିନ୍ନ ସ୍କୁଲ ତଦାରଖ କରିବା ସମୟରେ ଉପସ୍ଥିତ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କହିଛନ୍ତି । ପ୍ରକାଶ ଯେ, ଗୋପ ବ୍ଲକରେ ୨୩୫ଟି ସ୍କୁଲ ରହିଛି । ୧୫ ହଜାର ୧୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଓ ୬୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ମାତ୍ର ବିଭିନ୍ନ ସ୍କୁଲରେ ପାଠପଢ଼ା ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ସ୍କୁଲ ବିଳମ୍ବରେ ଆସିବା ନେଇ ଅଭିଯୋଗ ରହିଛି। ଏପରି ଅଭିଯୋଗକୁ ନେଇ ସରକାରୀ ସ୍ତରରେ ପ୍ରତ୍ୟେକ ମାସରେ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀମାନେ ସ୍କୁଲଗୁଡ଼ିକ ମନିଟରିଂ କରିବାର ନିୟମ ଥିଲେ ମଧ୍ୟ ତାହା ହେଉ ନ ଥିବା ଭଳି ଅଭିଯୋଗ ହେଉଥିଲା। ହେଲେ ବିଇଓ ସୁଶୀଲ କୁମାର ବ୍ରହ୍ମା, ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ ବେହେରା ଗୁରୁବାର ଅଚାନକ ଭାବେ ସିଙ୍ଗପାନିଆ ପ୍ରାଥମିକ ବିଦ୍ୟାଳୟ, ଶୋହଣା ଶାସନ ପ୍ରାଥମିକ ବିଦ୍ୟାଳୟ, ପାଣିଛତ୍ର ପ୍ରାଥମିକ ବିଦ୍ୟାଳୟ ସହିତ ଅରେଇ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଶିକ୍ଷା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ତଦାରଖ କରିଥିଲେ। କିନ୍ତୁ କେତୋଟି ସ୍କୁଲରେ କାଗଜପତ୍ର ସହିତ କାର୍ଯ୍ୟଗୁଡ଼ିକ ଠିକ ଭାବେ କରାଯାଇ ନ ଥିବା ଦେଖିଥିଲେ। ଏଥିପାଇଁ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସେହି କାର୍ଯ୍ୟକୁ ଶେଷ କରିବାକୁ ବିଇଓ ନିର୍ଦ୍ଦେଶ ଦେଇଥିବା ବେଳେ ସମୟ ପୂର୍ବରୁ ସ୍କୁଲ ଆସିବା ସହିତ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ କହିଥିଲେ।

# ପବିତ୍ର ବଡ଼ଦାଣ୍ଡକୁ ଛେପମୁକ୍ତ କରାଯିବା ଉଚିତ

**ଇନର ହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମ ଜିଲା ୩୨୬ର ୨୧ତମ ପଦାଭିଷିକ୍ତ କରଣ ଉତ୍ସବ**

ପୁରୀ ଅଫିସ, ୧୫।୭:

ହଲିଡେ ରିସର୍ଟର ହ୍ୱାଇଟ ହାଉସ୍‌ରେ ଶୁକ୍ରବାର ଇନର ହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମ ଜିଲା ୩୨୬ ପୁରୀର ୨୦୨୨ –୨୩ ବର୍ଷର ପଦାଭିଷିକ୍ତକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଗଭର୍ନର ରୋଟାରିଆନ୍ ପ୍ରଭୁଦତ୍ତ ସୁବୁଦ୍ଧି ମଞ୍ଚାସୀନ ଥିବାବେଳେ ଜିଲା ସମ୍ପାଦିକା ମଧୁସ୍ମିତା ତ୍ରିପାଠୀ ପଦାଭିଷିକ୍ତ ଅଧିକାରୀ ଭାବେ ଯୋଗଦେଇଥିଲେ। ଇନରହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ସର୍ବାଙ୍ଗୀନ ବିକାଶ, ସ୍ୱାର୍ଥବିହୀନ ସେବାରେ ହାତ ବଢାଇବା, ଦଳିତ ଓ ନିଷ୍ପେସିତ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାରେ ଇନରହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ଭୂମିକା ପ୍ରସଂଶନୀୟ ବୋଲି ସୁବୁଦ୍ଧି କହିଥିଲେ। ଏହି ଅବସରରେ ପବିତ୍ର ବଡ଼ଦାଣ୍ଡକୁ ଛେପମୁକ୍ତ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଲବ୍‌ର ପୂର୍ବତନ ସଭାପତି ବନ୍ଦିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାକ୍ତନ ସମ୍ପାଦିକା ନିରୁପମା ଷଡ଼ଙ୍ଗୀ ୨୦୨୧–୨୨ ବର୍ଷର କାର୍ଯ୍ୟବଳୀ ଉପସ୍ଥାପନ କରିଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ଓ ନୂତନ ସଭାପତି ଏବଂ ପୂର୍ବତନ ସମ୍ପାଦିକା ଓ ନୂତନ ସମ୍ପାଦିକାଙ୍କ ମଧ୍ୟରେ ଲାପେଲ୍ –ପିନ୍ ଓ କଲର ବଦଳ କରାଯାଇଥିଲା। ୨୦୨୨–୨୩ ବର୍ଷର ଆକ୍ସନ ପ୍ଲାନ୍ ସମ୍ପର୍କରେ ନୂତନ ସମ୍ପାଦିକା ମୁନମୁନ୍ ଦାସଗୁପ୍ତା ପ୍ରସ୍ତାବ ରଖିଥିଲେ। ନୂତନ ସଭ୍ୟାଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଝିମିଲି ପଟ୍ଟନାୟକ, ଇଷ୍ଟଲିଙ୍ଗ୍ ଅଫିସର ମଧୁସ୍ମିତା ତ୍ରିପାଠୀ, କୁସୁମ ଅଗ୍ରୱାଲ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଚାର୍ଟର ସଭାପତି ବିଜୟଲକ୍ଷ୍ମୀ ଖୁଣ୍ଟିଆ ଅତିଥିମାନଙ୍କୁ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାକ୍ତନ ସଭାପତି ଝିମିଲି ପଟ୍ଟନାୟକ ପରିଚାଳନା କରିଥିଲେ। ଦୀପ୍ତିମୟୀ ଦାସ, କଲ୍ୟାଣୀ ମଲ୍ଲିକ୍, କୁସୁମ ଅଗ୍ରୱାଲ, ଅଞ୍ଜନା ବାନାର୍ଜୀ, ଜ୍ୟୋତ୍ସ୍ନାରାଣୀ ସାହୁ, ଭାଗ୍ୟଲକ୍ଷ୍ମୀ ସୁବୁଦ୍ଧି, ପୁଷ୍ପା ପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ଜ୍ୟୋତିର୍ମୟୀ ମହାନ୍ତି, ଅର୍ଚ୍ଚନା ମହାପାତ୍ର, ବିଜୟଲକ୍ଷ୍ମୀ ମିଶ୍ର, ନୂତନ ସଭାପତି ଦୀପ୍ତିମୟୀ ଦାସ, ଝରଣା ନାୟକ, ଚାରୁଶ୍ରୀ ମହାନ୍ତି ଏବଂ ସ୍ୱାଧୀନା ଦାଶ ପ୍ରମୁଖ ସହଯୋଗ କରିଥିଲେ। ନୂତନ ସମ୍ପାଦିକା ମୁନମୁନ ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ଜୁଲାଇ, ୨୦୨୨

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୋମନାଥ ବିଶାଳ ଅତିଥି ପରିଚୟ ଓ ସମ୍ପାଦକ ନବଘନ ରାଉତ ବିଦ୍ୟାମନ୍ଦିରର ସଫଳତା ସମ୍ପର୍କରେ କହିଥିଲେ।



## ସଂକ୍ଷେପରେ

### ଡ୍ରିମ୍ସ ପଲିଟେକ୍ନିକ୍ର ୪୮୪ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

କଟକ ଅଫିସ,୧୫।୭: କ୍ୟାମ୍ପସ ଚୟନରେ ଡ୍ରିମ୍ସ ପଲିଟେକ୍ନିକ୍ ୨୦୨୨ ବ୍ୟାଚ୍ର ୪୮୪ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ୨୬୭ ଜଣ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ହୋଇଥିଲାବେଳେ ୧୦୭ ଇଲେକ୍ଟ୍ରିକାଲ, ୫୧ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଟେଲିକମ୍ୟୁନିକେସନ୍, ୩୮ ସିଭିଲ୍ ଏବଂ ୨୧ ଜଣ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂର ଛାତ୍ରୀଛାତ୍ର ରହିଛନ୍ତି। ନିଯୁକ୍ତିଦାତା କମ୍ପାନୀ ମଧ୍ୟରେ ଏଲ୍ ଆଣ୍ଡ୍ ଟି, ଟାଟା ପାୱାର, ଭୋଲଟାସ୍, ହିଟାଚି ଅଟୋମୋଟିଭ୍ ସିଷ୍ଟମ, ସିଆଟ ଟାୟାର, ଫୋର୍ସ ମୋଟର୍ସ, ରୟାଲ ଏନ୍ଫିଲ୍ଡ, ଜେଏସ୍ ଡବ୍ଲ୍ୟୁ ଷ୍ଟିଲସ୍, ଟେକ୍ ମହିନ୍ଦ୍ରା, ଡିଏକ୍ସସି ଟେକ୍ନୋଲୋଜି, ବଜାଜ୍ ଅଟୋ, ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନ୍ଫ୍ରାଷ୍ଟ୍ରକଚର୍, କୁମିନ୍ସ ଇଣ୍ଡିଆ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଏବଂ ରାମ୍ଟେକ୍ ପ୍ରଭୃତି ଉଦ୍ୟୋଗ ରହିଛନ୍ତି। ଏହି ଅବସରରେ ଡ୍ରିମ୍ସର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ୍ ଆମ୍ବାସାଡର' ଭାବେ ବର୍ଣ୍ଣନା କରିଛନ୍ତି। ସେହିପରି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧକ୍ଷା ତପସ୍ୱିନୀ ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଦୀନଦ୍ୟାଲ ଗ୍ରାମୀଣ କୌଶଳ ଶିବିର

ଆଠଗଡ,୧୫।୭(ସ୍ୱ.ପ୍ର.): ଆଠଗଡ ପଞ୍ଚାୟତ ସମିତି ଆନୁକୁଲ୍ୟରେ ବ୍ଲକସ୍ତରୀୟ ଦୀନ୍ଦୟାଲ ଗ୍ରାମୀଣ କୌଶଳ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଏନ୍ଏସି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ୨୪୦ ଯୁବତୀଯୁବକ ନାମ ପଞ୍ଜୀକୃତ କରିଥିଲେ। ଶିବିରରେ ୯ଟି ସଂସ୍ଥା ଅଂଶ ଗ୍ରହଣ କରି ଆଶାୟୀମାନଙ୍କୁ ନିଯୁକ୍ତି ଓ ତାଲିମ ସମ୍ବନ୍ଧରେ ଅବଗତ କରାଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ପ୍ରଧାନ ଏଥିରେ ସଂଯୋଜନା କରିଥିଲେ। ଶିବିରରେ ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ସମେତ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

# କୃଷ୍ଣପଲ୍ଲୀ ବାହ୍ୟ ଜଗତରୁ ବିଚ୍ଛିନ୍ନ

- ମୁଖ୍ୟ ରାସ୍ତାରେ ୩ ଫୁଟ ଉଚ୍ଚର ବର୍ଷାଜଳ
- ଡେଙ୍ଗୁ, କରୋନା ବ୍ୟାପିବା ଆଶଙ୍କା
- ପ୍ରଶାସନ ନେଉନି ପଦକ୍ଷେପ

ବାଙ୍କୀ,୧୫।୭(ସ୍ୱ.ପ୍ର.)

କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ବାଙ୍କୀ ବ୍ଲକର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ପାଣି ନିଷ୍କାସନ ହେଉ ନ ଥିବାରୁ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତର ଲେମ୍ବେରି ଗ୍ରାମର କୃଷ୍ଣପଲ୍ଲୀ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ଗ୍ରାମର ମୁଖ୍ୟରାସ୍ତାରେ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ କୃଷ୍ଣପଲ୍ଲୀ ଅଞ୍ଚଳର ଅନେକ ଘର ଜଳବନ୍ଦୀ ହୋଇଯାଇଛି। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଜମା ହୋଇ ରହିଥିବାରୁ ମଶା, ମାଛି ବଂଶ ବିସ୍ତାର କରିବାରେ ଲାଗିଛନ୍ତି। ଫଳରେ ଡେଙ୍ଗୁ, ହଇଜା ଓ କରୋନା ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏନେଇ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ବର୍ଷା ଜଳ ନିଷ୍କାସନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଲେମ୍ବେରି ସମେତ ୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଏହି ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ସହ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



କୃଷ୍ଣପଲ୍ଲୀ ଅଞ୍ଚଳ ରାସ୍ତାରେ ବର୍ଷାପାଣିର ସୁଅ।

# ବିଦ୍ୟୁତ୍ ବିଲ୍ ପଇଠ ପାଇଁ ନୋଟିସ

କଟକ ସଦର,୧୫।୭(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ୍ ଆଲୋକ ଲଗାଯାଇଛି। ହେଲେ ଏଥିପାଇଁ କୌଣସି ବିଭାଗ ବିଲ୍ ପଇଠ କରୁନାହାନ୍ତି। ତେଣୁ ଟାଟା ପାୱାର ପକ୍ଷରୁ ଏହି ବ୍ଲକର ୨୩ଟି ପଞ୍ଚାୟତକୁ ତାଗିଦା ନୋଟିସ୍ ପଠାଯାଇଛି। ଏହି ନୋଟିସ୍ରେ ପିଛିଲା ଭାବେ ୧ ବର୍ଷର ବିଲ୍ ଦେବା ପାଇଁ ଉଲ୍ଲେଖ କରାଯାଇଛି। ନଚେତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଭଳି ପଦକ୍ଷେପ ନିଆଯାଇ ପାରେ ବୋଲି ପରୋକ୍ଷରେ ଜଣାଇ ଦିଆଯାଇଛି। ଲାଇଟ୍ ପଏଣ୍ଟ ଗଣତି କରିବା ପାଇଁ ମଧ୍ୟ ସହଯୋଗ କାମନା କରାଯାଇଛି। କାରଣ ଅନେକ ସ୍ଥାନରେ ବେସରକାରୀ ଭାବେ ଲାଇଟ୍ ଲଗାଯାଇଛି। ଏହାକୁ ନେଇ ସରପଞ୍ଚମାନେ ଅଡୁଆରେ ପଡିଯାଇଛନ୍ତି। କାରଣ ୨୦୨୨-୨୩ ବର୍ଷର ପଞ୍ଚାୟତ ବଜେଟ୍ରେ ରାସ୍ତା ଆଲୋକ ବିଲ୍ ପଇଠ ପାଇଁ ଅର୍ଥର ବରାଦ କରାଯାଇନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ, ବିଧାୟକ ଏବଂ ଏମ୍ପି ପାଣ୍ଠିରେ ଗ୍ରାମଗୁଡିକରେ ବିଦ୍ୟୁତ୍ ଖୁଣ୍ଟ ଓ ଲାଇଟ୍ ଲାଇଟ୍ ଲଗାଯାଇଛି। ୩ବର୍ଷ ହେବ ଅଧିକାଂଶ ସ୍ଥାନରେ ଏଲ୍ଇଡି ଲାଇଟ୍ ଲାଗିଛି। ତେଣୁ ଟାଟା ପାୱାର କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ଲାଇନ୍ କଟାଗଲେ ଗାଁ ଦାଣ୍ଡ ଅନ୍ଧକାର ହୋଇଯିବ। ଏବେ ପଞ୍ଚାୟତ ଅର୍ଥର ୪୦ ପ୍ରତିଶତ ପାଣି ପାଇଁ ଖର୍ଚ୍ଚ ହେଉଛି। ଲାଇଟ୍ ପାଇଁ ଅଧିକ ଅର୍ଥ ଖର୍ଚ୍ଚ ହେଲେ ଉନ୍ନୟନମୂଳକ କାମ ଆଉ ହୋଇପାରିବ ନାହିଁ ବୋଲି କଟକ ସଦର ବ୍ଲକର ଅଧିକାଂଶ ସରପଞ୍ଚ ମତବ୍ୟକ୍ତ କରିଛନ୍ତି।

# 'ଉତ୍ତମ ଚରିତ୍ର ଗଠନ କରନ୍ତୁ ଛାତ୍ରୀଛାତ୍ର'



ସଭାରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

କଟକ ଅଫିସ, ୧୫।୭

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମେଧାବୀ ଅଭିନନ୍ଦନ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୫୬ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଭାରତ ମସଲାର ପରିଚାଳିକା ନନ୍ଦିତା ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ନୂଆବଜାର ସଙ୍କୁଳ ପ୍ରମୁଖ ଅକ୍ଷୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢ଼ୀ ଓ ସଦସ୍ୟା ଲକ୍ଷ୍ମୀପ୍ରିୟା ଦାସ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ସ୍ୱାଗତ ଭାଷଣ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଅତିଥି ପରିଚୟ ଓ ବରିଷ୍ଠ ଆଚାର୍ଯ୍ୟ ନିମାଇଁ ଚରଣ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାହାଙ୍ଗା,୧୫।୭(ସ୍ୱ.ପ୍ର.)

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡେଶ୍ୱରପୁର ଗ୍ରାମର ମହେଶ୍ୱର ସାହୁଙ୍କ ପୁତ୍ର ଅଜିତ କୁମାର ସାହୁ(୨୧)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଶୋଇବା ଘରୁ ପୋଲିସ ଜବତ କରିଛି। ଗୁରୁବାର ରାତିରେ ସେ ଖାଇସାରି ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଜିତଙ୍କୁ ଶୋଇବା ଘର ପଙ୍ଖାରେ ଝୁଲୁଥିବା ଦେଖି ବାପା ଗ୍ରାମବାସୀଙ୍କୁ ଜଣାଇଥିଲେ। ମୃତ୍ୟୁ କାରଣ ସ୍ପଷ୍ଟ ହୋଇ ନାହିଁ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୫/୨୨) ରୁଜୁ ହୋଇଛି।

# ଦିବ୍ୟାଙ୍ଗ ଯୁବକଙ୍କୁ ଛୁରାମାଡ଼, ୨ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୧୫।୭(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ଅନ୍ତର୍ଗତ ବାହାରବଣ୍ଟ ଗ୍ରାମର ଦିବ୍ୟାଙ୍ଗ ଯୁବକ ମହିମା ଅଲେଖ ସାମଲଙ୍କୁ ବୁଧବାର ଛୁରାମାଡ ଘଟଣାରେ ନେମାଳ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜେଶ ପଣ୍ଡା ଓ ରାକେଶ ପଣ୍ଡା। ଏନେଇ ମହିମାଙ୍କ ମା' ନେମାଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ମହିମା ସହ ସ୍ଥାନୀୟ ଗ୍ରାମର ରାକେଶ ପଣ୍ଡାଙ୍କ ପୂର୍ବଶତ୍ରୁତା ଲାଗି ରହିଥିଲା। ବୁଧବାର ଅପରାହ୍ନରେ ମହିମା ସ୍ଥାନୀୟ ଗ୍ରାମରେ ଏକ ଭୋଜି ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ ରାଜେଶ ତାଙ୍କୁ ଯୋଜନାବଦ୍ଧଭାବେ ବାହାରବଣ୍ଟ ପ୍ରାଥମିକ ବିଦ୍ୟାଳୟ ନିକଟକୁ ଡାକିଆଣିଥିଲା। ସେଠାରେ ପୂର୍ବରୁ ରାକେଶ ଠିଆହୋଇଥିଲେ। ମହିମା ସ୍କୁଲ ନିକଟରେ ପହଞ୍ଚିବା ପରେ ରାକେଶ ତାଙ୍କୁ ଛୁରିରେ ଆକ୍ରମଣ କରି ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ମହିମାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନାରେ ମାମଲା (ନଂ.୧୨୨/୨୨)ରୁଜୁ କରାଯାଇଥିଲା।

# କ୍ରିକେଟ୍ ବେଟିଂ, ୪ ଗିରଫ



ଗିରଫ ଅଭିଯୁକ୍ତ। ଜବତ ଟଙ୍କା, ମୋବାଇଲ ଓ ଅନ୍ୟ ସାମଗ୍ରୀ।

କଟକ ଅଫିସ, ୧୫।୭

କ୍ରିକେଟ୍ ବେଟିଂ ଘଟଣାରେ ଲାଲବାଗ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୌମେନ ସାଙ୍ଗମେରିଆ, ରୋହିତ ପଟୱାରୀ, ବଣ୍ଟି କାମିଲୟ ଓ ସୁନୀଲ ସାହା। ସେମାନଙ୍କଠାରୁ ୧.୭୫ ଲକ୍ଷ ଟଙ୍କା, ଏକ ଡାଏରି, ୭ଟି ମୋବାଇଲ, ଏକ କ୍ଲିପ୍ବୋର୍ଡ ଓ କାଲ୍କୁଲେଟର ଜବତ କରାଯାଇଛି। ଲାଲବାଗ ଥାନା ଅଧୀନ କାଳିଗଳିର ଏକ ଭଡାଘରେ ଗୁରୁବାର ଭାରତ-ଇଂଲଣ୍ଡ କ୍ରିକେଟ୍ ମ୍ୟାଚ୍କୁ ନେଇ ବେଟିଂ ଚାଲିଥିବାବେଳେ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୬୩/୨୨) ରୁଜୁ ହୋଇଛି।

# ନୂତନ ଛାତ୍ରାବାସର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

### ରେଭେନ୍ସା ବିଶ୍ୱବିଦ୍ୟାଳୟ

କଟକ ଅଫିସ, ୧୫।୭

ଆସନ୍ତା ଡିସେମ୍ବରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରାବାସର ହୀରକ ଜୟନ୍ତୀ ପାଳନ କରାଯିବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଛାତ୍ରାବାସ ପୁରାତନ ଅନ୍ତେବାସୀ ସଂଘର କାର୍ଯ୍ୟକର୍ତ୍ତାମାନେ ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ନାୟକଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ବାଣିଜ୍ୟକର କମିଶନର ବିଧୁଭୂଷଣ ମହାନ୍ତି, କବି ଅଜୟ ମହାନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ ଓ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ବିଭୁଦତ୍ତ ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ ହୀରକ ଜୟନ୍ତୀ ପାଳନ ପୂର୍ବରୁ ଛାତ୍ରାବାସ କୋଠାର ପୁନରୁଦ୍ଧାର, ନୂତନ ପାର୍କିଂ ସ୍ଥାନ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ଉଦ୍ୟାନର ପୁନଃନିର୍ମାଣ, ଉନ୍ନତ ପାଠାଗାର କାର୍ଯ୍ୟକ୍ଷମ କରାଇବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଶ୍ୱବିଦ୍ୟାଳୟ କୁଳସଚିବ ଭକ୍ତଚରଣ ପ୍ରଧାନ, ବିତ୍ତ ନିୟନ୍ତ୍ରକ ଜାହାଙ୍ଗିର ଖାନ୍ ଛାତ୍ରାବାସ ୱାର୍ଡେନ ଡ. ଖଗେନ୍ଦ୍ର ସେଠୀ, ପ୍ରାଧ୍ୟାପକ ବୈରାଗୀ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ୪୪ ସମବାୟ ସମିତିରେ ସଭାପତି ନିର୍ବାଚନ

ନିଶ୍ଚିନ୍ତକୋଇଲି/ବଡ଼ମ୍ବା, ୧୫।୭(ସ୍ୱ.ପ୍ର./ଡି.ଏନ୍.ଏ.)

କଟକ ଜିଲା ଅଧୀନ ବିଭିନ୍ନ ସମବାୟ ସମିତିରେ ନିର୍ବାଚନ ଶେଷ ହୋଇଛି। ଏହି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନ ୨୨ଟି ସମବାୟ ସମିତିରେ ନିର୍ବାଚନ ହୋଇଥିଲା। ବନ୍ଧକାଟିଆରେ ଦିଲୀପ କୁମାର ବିଶ୍ୱାଳ, ବାଲିଆପଦାରେ ଦିବାକର ସ୍ୱାଇଁ, ଅସୁରେଶ୍ୱରରେ ମନୋରଞ୍ଜନ ଭୂୟାଁ, ବଳଦେବଜୀଉରେ ଧୀରେନ୍ଦ୍ରନାଥ ବେହେରା, କେନ୍ଦୁପାଟଣାରେ ସାରଦା ନାୟକ, ନରେନ୍ଦ୍ରପୁରରେ ମିର୍ଜା ଅବଦୁଲ ବେଗ, ନଗସପୁରରେ ଅନିଲ କୁମାର ଭୂୟାଁ, ନିଶ୍ଚିନ୍ତକୋଇଲିରେ ଯତୀନ୍ଦ୍ର ନାଥ ସ୍ୱାଇଁ, ଓରତିରେ ସୁଦାମ ଚରଣ ବଳ, ପଲିଶ୍ରୀରେ ଅଭିରାମ ମଲ୍ଲ, ସୁକରପଡାରେ ସେକ ସଲାଉଦ୍ଦିନ, ସମସରପୁରରେ ପ୍ରଭାତ ଚନ୍ଦ୍ର କାନୁନଗୋ, ନାହାଙ୍ଗରେ ସନ୍ତୋଷ କୁମାର ମହାପାତ୍ର, ମାହାଙ୍ଗାରେ ରଜନୀକାନ୍ତ ପଣ୍ଡା, ରାହାଣିଆରେ ଶରତ ମହାପାତ୍ର, ପଲ୍ଲୀସାହିରେ ଦୀପ୍ତିରଞ୍ଜନ ନାୟକ, କୁଣ୍ଡିରେ ଅଖିଳେଶପଦ ମହାନ୍ତି, ଗୋପାଳପୁରରେ ବିବେକାନନ୍ଦ ପାଣି, ମୂଳବସନ୍ତରେ ଦିପକ ରଞ୍ଜନ ଦାସ, କୁସୁପୁରରେ ପ୍ରଶାନ୍ତ କୁମାର ରାଉତରାୟ, ମଉଦାରେ ସୂର୍ଯ୍ୟକୁମାର ଦ୍ୱିବେଦୀ ଓ ହଳଦିଆରେ ସୁଧୀର କୁମାର ଶତପଥୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସମସ୍ତଙ୍କୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବଡ଼ମ୍ବା ସମବାୟ ବ୍ୟାଙ୍କର ସମୁଦାୟ ୧୦ ସମିତି ଓ ମାଣିଆବନ୍ଧ ସମବାୟ ବ୍ୟାଙ୍କର ସମୁଦାୟ ୧୧ ସମିତି ମଧ୍ୟରୁ ୧୦ଟିରେ ସଭାପତି ନିର୍ବାଚନ ଶେଷ ହୋଇଛି। ମାତ୍ର କୌଣସି କାରଣବଶତଃ ଯୋଡମୁ ସମିତିରେ ନିର୍ବାଚନ ହୋଇ ପାରି ନ ଥିଲା। ଅପରପକ୍ଷେ ଅମାନ୍ତିଆ ସମିତି ପାଇଁ ବଟକୃଷ୍ଣ ଅତବୁଦ୍ଧି, ଶଙ୍ଖାମେରୀ ସମିତି ପାଇଁ ଭିକାରି ପାଣି, ବଡ଼ମ୍ବା ଗଡ଼ରେ ଜ୍ଞାନ ରଞ୍ଜନ ପରିଡା, ଗୋପମଥୁରାରେ ଆଇନଜୀବୀ ପ୍ରଭାତ ରଞ୍ଜନ ବଳିୟାରସିଂ, ବଡକମ୍ବିଲରେ ରାଜକିଶୋଇ ପୁହାଣ, ଗୋପପୁରରେ କାର୍ତ୍ତିକ ପଣ୍ଡା, ଗୋପୀନାଥପୁରରେ ଦୁଃଶାସନ ବେହେରା, ଖାରୋଡ଼ରେ ରଘୁପତି ମହାନ୍ତି, ରାତାପାଟରେ ସୁରସୁନ୍ଦର ପଲେଇ, ସୁନାପାଳରେ ସନ୍ତୋଷ କୁମାର ମିଶ୍ର, ମୁଗଗହୀରରେ ହରିହର ସିଂ, ରାଗଡ଼ିପଡ଼ାରେ ବିପିନ ବିହାରୀ ସାହୁ, ବଡ଼ବାରସିଂହରେ ସଦାନନ୍ଦ ସ୍ୱାଇଁ, ଖୁଣ୍ଟକଟାରେ ବିରଞ୍ଚି କୁମାର ପ୍ରଧାନ,ମୁକ୍ତା ନଗରରେ ସୁବାସ ଦେବନାଥ, କଣ୍ଠିକିଆରିରେ ମନୋଜ ବିଶ୍ୱାଳ,ମାଣିଆବନ୍ଧରେ ଦାଶରଥି ପ୍ରଧାନ, କଙ୍କରେ ସାରଙ୍ଗଧର ପ୍ରଧାନ, ବଙ୍ଗେସିଙ୍ଗାରେ ସଞ୍ଜୟ କୁମାର ସ୍ୱାଇଁ, ଟିଗିରିଆ, ମାନପୁର, ହରିଠାରେ ଅଜୟ କୁମାର ଶତପଥୀ ପ୍ରମୁଖ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# 'ଦିବ୍ୟାଙ୍ଗ ଭଗବାନଙ୍କ ଅନ୍ୟରୂପ'

କଣ୍ଟାପଡା, ୧୫।୭(ଡି.ଏନ୍.ଏ.)

ଦିବ୍ୟାଙ୍ଗ ହେଉଛି ଭଗବାନଙ୍କ ଅନ୍ୟରୂପ। କଳିଯୁଗରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ହୋଇ ମଧ୍ୟ ମଣିଷ ସମାଜକୁ ସୁରକ୍ଷା ଦେଇ ଚାଲିଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ଜିଲା କଣ୍ଟାପଡା ବ୍ଲକ ଓଲଟପୁରସ୍ଥିତ ଏସ୍ଭି ନିର୍ତାର ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା ଅନୁଷ୍ଠାନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ କଟକ ଏସ୍ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଡିନ୍ ଡା. ପ୍ରସେନଜିତ୍ ମହାନ୍ତି ଯୋଗଦେଇ ଏସ୍ଭି ନିର୍ତାର ଦିବ୍ୟାଙ୍ଗମାନଙ୍କୁ କର୍ମଠ କରାଇବାରେ ଅଦ୍ୱିତୀୟ ବୋଲି କହିଥିଲେ। ନିର୍ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଅନୁଷ୍ଠାନରେ ଚାଲିଥିବା ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ର ସଂସଦର ମୁଖପତ୍ର 'ନିରନ୍ତର' ଉନ୍ମୋଚିତ ହୋଇଥିଲା। ଏଥିସହ ଶେଭନା ମଣ୍ଡଳ, ଫରୀନ ଫୟାଜ, ରିୟା ମଣ୍ଡଳ, ନିହାର ରଞ୍ଜନ ମଲ୍ଲିକ ଓ ସଂଘମିତ୍ରା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ଶାଶ୍ୱତୀ ଶୁଚିସ୍ମିତା ବିବରଣୀ ପାଠ କରିଥିବାବେଳେ ଏସ୍. ସୁଲ୍ତାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ଙ୍କ ସହ ଅନ୍ୟ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# 'ଦକ୍ଷତା ବିକାଶରେ ଜ୍ଞାନକୌଶଳର ଭୂମିକା ବଳିଷ୍ଠ'

### ବୋସ୍ରେ ଟେକ୍ନୋ ଏକ୍ସପୋ ପ୍ରଦର୍ଶନୀ

- ପ୍ରଦର୍ଶିତ ହେଲା ୬୦ ପ୍ରକଳ୍ପ

କଟକ ଅଫିସ, ୧୫।୭

ଦକ୍ଷତା ବିକାଶ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଏକ ବଳିଷ୍ଠ ଭୂମିକା ରହିଛି। ନୂତନ ଆବିଷ୍କାର ଓ ଉଦ୍ଭାବନର ସୁଫଳକୁ ଦୈନିକ ଜୀବନରେ ଉପଯୋଗ କରିବା ନିମନ୍ତେ ଏହା ଏକ ପ୍ରକୃଷ୍ଟ କ୍ଷେତ୍ର। ପିଲାମାନଙ୍କ ଦକ୍ଷତା ବିକାଶର ଅଭିବୃଦ୍ଧିକୁ ଏହା ପ୍ରୋତ୍ସାହନ ଯୋଗାଇଥାଏ। ଛାତ୍ରୀଛାତ୍ରମାନଙ୍କ ଜିଜ୍ଞାସାକୁ ପରିପୁଷ୍ଟ କରିବା ପାଇଁ ଏହି ପ୍ରଦର୍ଶନୀ ଏକ ଅନନ୍ୟ ମାଧ୍ୟମ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ (ବୋସ୍)ରେ ବିଶ୍ୱ ଦକ୍ଷତା ଦିବସ ପାଳନ ଅବସରରେ ପ୍ରଥମ ଟେକ୍ନୋ ଏକ୍ସପୋ ବୈଷୟିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ଚୟନୀ ଉଦ୍ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସୂଚନାଯୋଗ୍ୟ, ଏହି ପ୍ରଦର୍ଶନୀରେ ୯ଟି ଉପବିଭାଗ ଅଟୋମୋବାଇଲ, ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ, ମେକାନିକାଲ, ସିଭିଲ, କମ୍ପ୍ୟୁଟର ସାଇନ୍ସ, ଆଇଟି ଏବଂ ଗଣିତ ଓ ବିଜ୍ଞାନର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏଥିସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଯାନ୍ତ୍ରିକ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଟିଇଟି ଉପନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ରାୟ, ସମ୍ମାନିତ ଅତିଥି ଭାବେ ଚୌଦ୍ୱାରସ୍ଥିତ ଇମ୍ଫା ଗ୍ରୁପ ଅଫ କମ୍ପାନୀର ଡିଜିଏମ୍ ଜି. ଏସ୍. ପ୍ରସାଦ ରାଓ, ଅନ୍ୟତମ ଅତିଥି ଭାବେ ଡିଟିଇଟି ଉପନିର୍ଦ୍ଦେଶକ ଶିବପ୍ରସାଦ ମଲ୍ଲିକ ଯୋଗ ଦେଇଥିଲେ। ଭୁବନାନନ୍ଦ ଯାନ୍ତ୍ରିକ ବିଦ୍ୟାଳୟର ଅଧକ୍ଷ ଜ୍ଞାନରଞ୍ଜନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ବିଶ୍ୱ ଯୁବ ଦକ୍ଷତା ଦିବସ -୨୦୨୨ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରବନ୍ଧ, ବିତର୍କ, ପେଣ୍ଟିଂ, ବ୍ୟାଡମିଣ୍ଟନ୍, ଚେସ୍, କ୍ୟାରମ୍, ମେହେନ୍ଦି, କୁଇଜ୍ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏମ୍ସି ଅଧକ୍ଷ ଡ. ପ୍ରଭାକର ସ୍ୱାଇଁ, ଆଇଏସିଏସ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରଜେଶ କୁମାର ପୋଦାର, ଏ.କେ. ପଣ୍ଡା, ଏନ୍. ପଟେଲ ଓ ସଲ୍ମାନ ଖୁର୍ସିଦ ଉପସ୍ଥିତ ଥିଲେ।



ବୋସ୍ରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଟେକ୍ନୋ ଏକ୍ସପୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।